RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-58 ◆SATURDAY ◆22 AUGUST 2026 ◆PAGE-12 ◆₹ 7.00
BHUBANESWAR
◆ବର୍ଷ-୪୪ ◆ସଂଖ୍ୟା-୫୮ ◆ଶନିବାର ◆୨୨ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ସୈଫ୍‌ଙ୍କ ନାୟିକା ହେବେ କିଆରା

▶ପୃଷ୍ଠା ୧୧ ଦେଖନ୍ତୁ...

**ମହାନଦୀ ଜଳବିବାଦ ଶୁଣାଣି**

# ମିଳିଳା ଆଉ ଏକ ତାରିଖ


### ଆସନ୍ତା ୧୭ ତାରିଖକୁ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କଲେ ଟ୍ରିବ୍ୟୁନାଲ

■ ଭୁବନେଶ୍ୱର, ୨୧।୮ (ସମିସ): ମହାନଦୀ ଜଳବିବାଦରେ ଓଡ଼ିଶାକୁ ଆଉ ଏକ ତାରିଖ ପ୍ରଦାନ କରିଛନ୍ତି ଟ୍ରିବ୍ୟୁନାଲ। ଶୁକ୍ରବାର ନୂଆଦିଲ୍ଲୀରେ ଶୁଣାଣି ସମ୍ପନ୍ନ ହୋଇଥିବା ବେଳେ କେବଳ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଉଦ୍ୟମକୁ ପ୍ରଶଂସା କରି ଟ୍ରିବ୍ୟୁନାଲ ଶୁଣାଣି ସାରିଛନ୍ତି। ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୭ ତାରିଖକୁ ଧାର୍ଯ୍ୟ ହୋଇଥିବା ବେଳେ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଜଳ ବିଶେଷଜ୍ଞ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଦୀପାବଳି ସୁଦ୍ଧା ମହାନଦୀ ଜଳ ବିବାଦର ନିଶ୍ଚିତ ସମାଧାନ ହେବ ବୋଲି ନିକଟରେ ଦୃଢ଼ୋକ୍ତି ପ୍ରକାଶ କରି ସାରିଛନ୍ତି। ଯାହାକୁ ନେଇ ରାଜ୍ୟବାସୀଙ୍କ ମନରେ ବିବାଦର ସମାଧାନ ନେଇ ଆଶା ସଞ୍ଚାର ହୋଇଥିବା ବେଳେ ଟ୍ରିବ୍ୟୁନାଲ ଆଉ ଏକ ତାରିଖ ପ୍ରଦାନ କରିବା ମୁଖ୍ୟମନ୍ତ୍ରୀଙ୍କ ଦାବି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଉଭୟ ରାଜ୍ୟ ସରକାରଙ୍କ ସହ କେନ୍ଦ୍ର ସରକାର ସକରାତ୍ମକତାର ସହ ବିବାଦର ସମାଧାନ ପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

ଆଜିର ଶୁଣାଣି ସମ୍ପର୍କରେ ପ୍ରତିକ୍ରିୟା ଦେଇ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ଆଜିର ଶୁଣାଣିରେ ଟ୍ରିବ୍ୟୁନାଲ ସନ୍ତୋଷ ପ୍ରକଟ କରିଛନ୍ତି। ଦୁଇରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି। ଇତିମଧ୍ୟରେ ସିଡବ୍ଲ୍ୟୁସି ନିଜର ସଦସ୍ୟ ତଥା ଉଭୟ ରାଜ୍ୟର ଇଞ୍ଜିନିୟରମାନଙ୍କୁ ନେଇ ବୈଷୟିକ ଟିମ ଗଠନ କରିସାରିଛନ୍ତି। ସେମାନେ ବିଭିନ୍ନ ଦିଗକୁ ତର୍ଜମା କରି ଏକ ସୁଚିନ୍ତିତ ପରାମର୍ଶ ଜରିଆରେ ଏହି ଦୀର୍ଘ ବର୍ଷର ▶ପୃଷ୍ଠା-୭

**'ଜୀବନ ନାଟକ'ରୁ ବିଦାୟ ନେଲେ କଳାକାର**

## ନୀରବିଗଲେ ପ୍ରଣବ



▶'ସକାଳ'ର ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି- ପୃଷ୍ଠା-୨

### ଶୋକ ପ୍ରକାଶ କଲେ ମୋହନ, ନବୀନ

■ ଭୁବନେଶ୍ୱର, ୨୧।୮ (ସମିସ): ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଙ୍ଗୀତଜ୍ଞ ପ୍ରଣବ ପଟ୍ଟନାୟକଙ୍କ ୮୮ ବର୍ଷ ବୟସରେ ଶୁକ୍ରବାର ଭୁବନେଶ୍ୱର ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ଓଡ଼ିଆ ସଙ୍ଗୀତ ଓ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ପ୍ରଣବ କେବଳ ଜଣେ ପ୍ଲେବ୍ୟାକ୍ ସିଙ୍ଗର ନ ଥିଲେ; ବରଂ ଓଡ଼ିଶୀ, ଲୋକଗୀତ, ଭଜନ, ସେମି-କ୍ଲାସିକାଲ, ପାରମ୍ପରିକ ସଙ୍ଗୀତ, ହିନ୍ଦୀ ଗୀତ ଓ ଗଜଲ ଭଳି ବିଭିନ୍ନ ଧାରାରେ ସେ ନିଜ କଣ୍ଠର ପ୍ରତିଭା ପ୍ରଦର୍ଶନ କରିଥିଲେ। ▶ପୃଷ୍ଠା-୭

## ୨୫ ବେଳକୁ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ

■ ଭୁବନେଶ୍ୱର, ୨୧।୮ (ସମିସ): ଆସନ୍ତା ୨୫ ଅଗଷ୍ଟ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଏହା ପ୍ରଭାବରେ ୨୬ କିମ୍ବା ୨୭ ମଧ୍ୟରେ ଓଡ଼ିଶା ପଶ୍ଚିମବଙ୍ଗ ଉପକୂଳ ନିକଟସ୍ଥ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ। ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ମାସ ଶେଷ ବେଳକୁ ପୁଣି ବର୍ଷା ଆଶଙ୍କା କରାଯାଇଛି। ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ୨୪ ତାରିଖରୁ ରାଜ୍ୟର କିଛି ଅଞ୍ଚଳରେ ବର୍ଷା ବୃଦ୍ଧି ହେବା ନେଇ ଆକଳନ କରାଯାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ସମ୍ଭାବ୍ୟ ଲଘୁଚାପଟି ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର-କେନ୍ଦ୍ରୀୟ ଓଡ଼ିଶା ଦେଇ ଛତିଶଗଡ଼ ଆଡ଼କୁ ଗତି କରିବ। ଏହା ପ୍ରଭାବରେ ରାଜ୍ୟରେ ୨୫ ଅଗଷ୍ଟରୁ ୨୮ ଅଗଷ୍ଟ ମଧ୍ୟରେ ବ୍ୟାପକ ବର୍ଷା ହେବ। ଏବେ ମୌସୁମୀ ପ୍ରବାହ କମ୍ ରହିଥିବା ହେତୁ ୨୪ ଅଗଷ୍ଟ ପର୍ଯ୍ୟନ୍ତ ପ୍ରବଳ ଖରା ଓ ଆର୍ଦ୍ରତା ଯୋଗୁଁ ଅପରାହ୍ଣ/ସଞ୍ଜ ସମୟରେ କେତେକ ସ୍ଥାନରେ କାଳବୈଶାଖୀ ଭଳି ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ୨୨ ରୁ ୨୪ ଅଗଷ୍ଟ ମଧ୍ୟରେ ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ସ୍ଥାନୀୟ ଭାବେ ବଡ଼ ବର୍ଷାର ବିପଦ ରହିଛି। ଏହାପରେ ୨୫ ଅଗଷ୍ଟ ସଞ୍ଜରୁ ୨୮ ଅଗଷ୍ଟ ପର୍ଯ୍ୟନ୍ତ ପୁନର୍ବାର ବ୍ୟାପକ ବର୍ଷା ଆରମ୍ଭ ହେବ, ଏହି ସମୟରେ ଉତ୍ତର ଉପକୂଳ ଓ ନଦୀ ଅବବାହିକା ଜିଲ୍ଲା ଯଥା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଏବଂ ଯାଜପୁରରେ ୭୦ ରୁ ୧୫୦ ମିମି ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ଏବଂ ମୟୂରଭଞ୍ଜ ଜିଲ୍ଲାର ଚାଷୀମାନେ ୨୪ ଅଗଷ୍ଟ ▶ପୃଷ୍ଠା-୭

## ଛେନା ନାମରେ ବିଷାକ୍ତ ଖାଦ୍ୟର ପସରା



### ମୃତ୍ୟୁର ସୌଦାଗର ସାଜିଛନ୍ତି ଅସାଧୁ ବ୍ୟବସାୟୀ

### ବ୍ୟବହାର ହେଉଛି ବିଷାକ୍ତ କେମିକାଲ, ଡିଟର୍‌ଜେଣ୍ଟ, ୟୁରିଆ, ରିଫାଇନ୍ ତେଲ, ଷ୍ଟାର୍ଚ୍, ପାଉଡର ଓ ନିମ୍ନମାନର ସିନ୍ଥେଟିକ୍ ଦ୍ରବ୍ୟ

■ କଟକ, ୨୧।୮ (ସମିସ): କଟକ ସହରରେ ଏବେ ଖାଦ୍ୟ ନୁହେଁ, ସ୍ଲୋ-ପଏଜନ୍ ବା ଧିମା ବିଷ ବିକ୍ରି ହେଉଛି। ପ୍ରସିଦ୍ଧ ମିଠା ଓ ଖାଦ୍ୟ ପାଇଁ ସାରା ଓଡ଼ିଶାରେ ନାଁ କମାଇଥିବା ଏହି ଐତିହାସିକ ସହରରେ ଏବେ ନକଲି, ଅସୁରକ୍ଷିତ ଓ ବିଷାକ୍ତ ଛେନାର କାରବାର ଚରମ ସୀମାରେ ପହଞ୍ଚିଛି। ପ୍ରତିଦିନ କ୍ୱିଣ୍ଟାଲ୍ କ୍ୱିଣ୍ଟାଲ୍ କେମିକାଲଯୁକ୍ତ ଛେନା ସହରର ବିଭିନ୍ନ ଗଳିକନ୍ଦି, ହୋଟେଲ, ମିଠା ଦୋକାନ ଏବଂ ସାଧାରଣ ବଜାରକୁ ଚାଲାଣ ହେଉଛି। କିଛି ଅସାଧୁ ବ୍ୟବସାୟୀ କେବଳ ମାତ୍ର ଅଧିକ ଲାଭ ଅର୍ଜନ କରିବା ଆଶାରେ ନିରୀହ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳ ଖେଳୁଛନ୍ତି। ଘଟଣାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ କଟକ ସହର ଓ ଏହାର ଆଖପାଖ ଅଞ୍ଚଳରେ ପ୍ରତିଦିନ ହଜାର ହଜାର କିଲୋଗ୍ରାମ ଛେନାର ଚାହିଦା ରହିଛି। ବିଶେଷ କରି ମିଠା ତିଆରି, ହୋଟେଲ ଏବଂ ଘରୋଇ ବ୍ୟବହାର ପାଇଁ ଏହି ଛେନା ବହୁ ପରିମାଣରେ ବ୍ୟବହୃତ ହୁଏ। ମାତ୍ର ପ୍ରାକୃତିକ କ୍ଷୀରରୁ ପ୍ରସ୍ତୁତ ଛେନାର ଅଭାବ ଏବଂ ଅଧିକ ରୋଜଗାରର ଜାଲରେ ପଡ଼ି ଅସାଧୁ ବ୍ୟବସାୟୀମାନେ ଏକ ବିପଜ୍ଜନକ ନକଲି ▶ପୃଷ୍ଠା-୭

**ଏମ୍ଏମ୍ଡିଆର୍ ସଂଶୋଧନ ବିଲ୍ ପ୍ରସଙ୍ଗ**

## ସରକାରଙ୍କୁ ଖୋଲା ବିତର୍କ ପାଇଁ ବିଜେଡିର ଆହ୍ୱାନ


### ରାଜ୍ୟ ବିରୋଧୀ ବିଲ୍‌କୁ ଓଡ଼ିଶାର ୨୫ ବିଜେପି ସାଂସଦଙ୍କ ସମର୍ଥନ

### ଏମ୍ଏମ୍ଡିଆର୍ ଆଇନ ବିରୋଧରେ କରାଯିବ ତୀବ୍ର ଲଢେଇ

■ ଭୁବନେଶ୍ୱର, ୨୧।୮ (ସମିସ): ଏମଏମଡିଆର ସଂଶୋଧନ ବିଲ୍ ସଂସଦରେ ପାସ୍ ହେବା ପରେ ଓଡ଼ିଶାର ବ୍ୟାପକ କ୍ଷତି ହେବା ସର୍ବଜନ ବିଦିତ। ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏହା ବିରୋଧରେ ଲଢ଼େଇ ଆହ୍ୱାନ ଦେଇଛନ୍ତି। ଦେଶର ଅନ୍ୟ ରାଜନୈତିକ ଦଳର ନେତାମାନେ ମଧ୍ୟ ଖଣି ଆଇନର ସଂଶୋଧନ ରାଜ୍ୟଗୁଡ଼ିକର ଆର୍ଥିକ ସ୍ୱାୟତ୍ତତା ଉପରେ ଆଘାତ ବୋଲି ଅଭିଯୋଗ କରିଛନ୍ତି । ଏହି ସମୟରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଖଣିମନ୍ତ୍ରୀ ବିଭୁତି ଜେନା ଏମଏମଡିଆର ସଂଶୋଧନ ବିଲ ଯୋଗୁଁ ଓଡ଼ିଶାର କୌଣସି କ୍ଷତି ହେବନାହିଁ ବୋଲି ଯୁକ୍ତି ବାଢ଼ିଛନ୍ତି। ବିଜେପିର ଦୁଇ ନେତାଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛି ବିଜେଡି। ସଂଶୋଧିତ ଖଣି ଆଇନକୁ ନେଇ ନବୀନ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛି ବୋଲି ଧର୍ମେନ୍ଦ୍ର ଦେଇଥିବା ମନ୍ତବ୍ୟକୁ ବିଜେଡି ସମାଲୋଚନା କରିବା ସହ ଖୋଲା ବିତର୍କ ପାଇଁ ଆହ୍ୱାନ ଦେଇଛି। ଏହି ବିଲ୍ ଓଡ଼ିଶା ସମେତ ଦେଶର ସମସ୍ତ ଖଣିଜ ସମ୍ପଦ ଥିବା ରାଜ୍ୟର ବ୍ୟାପକ କ୍ଷତି ହେବ ବୋଲି ବିଜେଡି କହିଛି।

ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡ. ଅରୁଣ ସାହୁ କହିଛନ୍ତି ଯେ ଖଣି ଖାଦାନ ଉପରେ ପ୍ରତ୍ୟେକ ରାଜ୍ୟର ଆଇନଗତ ଓ ସାମ୍ବିଧାନିକ ଅଧିକାର ରହିଛି। ଜୁଲାଇ ୨୦୨୪ରେ ମାନ୍ୟବର ସର୍ବୋଚ୍ଚ ▶ପୃଷ୍ଠା-୭





# ସ୍ମୃତିରେ...



# ଜୀବନ ଏକ ନାଟକ...

## ଅଫେରା ରାଇଜରେ ପ୍ରଣବ

### ୧୯୩୮ -୨୦୨୬

ଓଡ଼ିଆ ସଙ୍ଗୀତ ଆକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର ନିଷ୍ପ୍ରଭ ହୋଇଯାଇଛି । ପରଲୋକରେ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ । ତାଙ୍କ ବିୟୋଗ ଓଡ଼ିଶାର କଳା ଓ ସଂସ୍କୃତି ଜଗତ ପାଇଁ ଏକ ଅପୂରଣୀୟ କ୍ଷତି । ପ୍ରଣବଙ୍କ ସଙ୍ଗୀତର ଭାବ, ଭାଷା ଅତ୍ୟନ୍ତ ଲାଳିତ୍ୟପୂର୍ଣ୍ଣ ଓ ମଧୁର । ତେଣୁ ତାଙ୍କ ସ୍ୱର ଶୁଣି ଆତ୍ମବିଭୋର ହୁଅନ୍ତି ଶ୍ରୋତାମାନେ । ୧୯୫୮ରେ ଭୁବନେଶ୍ୱରୀ ମିଶ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ନିର୍ମିତ ଚଳଚ୍ଚିତ୍ର 'ମା'ରେ ସେ ପ୍ରଥମ ଥର ପାଇଁ କଣ୍ଠଦାନ କରିଥିଲେ । 'ଶ୍ରୀ ଲୋକନାଥ', 'ସୂର୍ଯ୍ୟମୁଖୀ', 'ସିନ୍ଦୂର ବିନ୍ଦୁ', 'ଶେଷ ଶ୍ରାବଣ', 'ଚିହ୍ନା ଅଚିହ୍ନା', 'ବତୀଘର' ଆଦି ଚଳଚ୍ଚିତ୍ର ତାଙ୍କୁ ଲୋକପ୍ରିୟତାର ଶିଖରରେ ପହଞ୍ଚାଇଥିଲା । ପାଞ୍ଚ ଦଶନ୍ଧିରୁ ଅଧିକ ସମୟର ସଙ୍ଗୀତ ସାଧନା ଭିତରେ ସେ ୨୦୦ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିଲେ । ସିନେମା ଗୀତ, ଓଡ଼ିଶୀ, ଭଜନ, ଜଣାଣ, ପଲ୍ଲୀଗୀତ, ଗଜଲ୍ ଆଦି ଗାଇ ସେ କୋଟି କୋଟି ଓଡ଼ିଆଙ୍କ ହୃଦୟକୁ ଜୟ କରିପାରିଥିଲେ । ଓଡ଼ିଆ ଗୀତରେ ପ୍ରଥମ ଥର ପାଇଁ ଗଜଲ ଶୈଳୀର ସଫଳ ପରୀକ୍ଷଣ କରିଥିଲେ । ମଣିଷ ଚାଲିଯାଏ, ସ୍ୱର ରହିଯାଏ । ତାଙ୍କ କଣ୍ଠରେ ରେକର୍ଡ ହୋଇଥିବା ଗୀତ, ତାଙ୍କ ସଙ୍ଗୀତ ସାଧନା ଏବଂ ଓଡ଼ିଆ ସଙ୍ଗୀତ ପ୍ରତି ତାଙ୍କ ଅବଦାନ ତାଙ୍କୁ ସବୁଦିନ ପାଇଁ ଅମର କରି ରଖିବ । ମହାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଆମର ଏହି ସ୍ୱତନ୍ତ୍ର ଉପସ୍ଥାପନା ।

## ପ୍ରଣବଙ୍କ ସଙ୍ଗୀତ ସମ୍ଭାର

ପାଞ୍ଚ ଦଶନ୍ଧିର ସଙ୍ଗୀତ ଯାତ୍ରାରେ ପ୍ରଣବ ପଟ୍ଟନାୟକ ଅନେକ ଲୋକପ୍ରିୟ ଓ ହିଟ୍ ଓଡ଼ିଆ ଗୀତ ଗାଇ ଶ୍ରୋତାଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ତାଙ୍କ କଣ୍ଠରେ ଗାଇଥିବା ଅସଂଖ୍ୟ ଗୀତ ଆଜି ବି ସଙ୍ଗୀତପ୍ରେମୀଙ୍କ ମନରେ ଗୁଞ୍ଜରିତ ହେଉଛି । 'ମାଝିରେ ଠୁ' ଠାରୁ ଆରମ୍ଭ କରି 'ନିଝୁମ ରାତି' ପର୍ଯ୍ୟନ୍ତ ଏମିତି ଅନେକ କାଳଜୟୀ ଗୀତକୁ ସେ ନିଜ କଣ୍ଠରେ ଜୀବନ୍ତ କରିଥିଲେ । ଓଡ଼ିଆ ଆଧୁନିକ, ଭକ୍ତିମୂଳକ ଓ ଚଳଚ୍ଚିତ୍ର ସଙ୍ଗୀତରେ ତାଙ୍କ ଅବଦାନ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା । ଓଡ଼ିଆ ଚଳଚ୍ଚିତ୍ରରେ ସେ ପ୍ରାୟ ୨୦୦ରୁ ଅଧିକ ଗୀତରେ କଣ୍ଠଦାନ କରିଛନ୍ତି । ତାଙ୍କ କଣ୍ଠରେ ଗାଇଥିବା ଗୀତଗୁଡ଼ିକ ଓଡ଼ିଆ ସିନେମା ସଙ୍ଗୀତର ଏକ ସ୍ୱର୍ଣ୍ଣିମ ଅଧ୍ୟାୟର ସାକ୍ଷୀ ହୋଇ ରହିଛି । ପ୍ରଣବଙ୍କ ଗାୟନରେ ପ୍ରେମ, ବିରହ, ପ୍ରକୃତି, ଭକ୍ତି ଓ ମାନବୀୟ ଭାବନାର ନିଆରା ପ୍ରକାଶ ଦେଖିବାକୁ ମିଳୁଥିଲା । ତାଙ୍କର ଦରଦୀ ସ୍ୱର ଗୀତର ଭାବକୁ ଶ୍ରୋତାଙ୍କ ନିକଟରେ ପହଞ୍ଚାଇବାରେ ସକ୍ଷମ ହୋଇଥିଲା । ସେଥିପାଇଁ ତାଙ୍କ ଗୀତ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ପିଢ଼ି ମଧ୍ୟରେ ସୀମିତ ହୋଇ ରହିନଥିଲା; ପିଢ଼ି ପରେ ପିଢ଼ି ଶ୍ରୋତାଙ୍କ ହୃଦୟକୁ ଛୁଇଁଥିଲା ।

## ଦେଶ ବିଦେଶରେ ସଂଗୀତ ପରିବେଷଣ

ପ୍ରଣବ ବାଳକୃଷ୍ଣ ଦାସ, ଅକ୍ଷୟ ମହାନ୍ତି, ପ୍ରଫୁଲ୍ଲ କର, ଶାନ୍ତନୁ ମହାନ୍ତି, ବାସୁଦେବ ରଥ, ଭୁବନେଶ୍ୱର ମିଶ୍ର, ଉପେନ୍ଦ୍ର କୁମାର, ସ୍ୱରୂପ ନାୟକଙ୍କ ଭଳି ସଂଗୀତ ନିର୍ଦ୍ଦେଶକଙ୍କ ସ୍ୱର ସଂଯୋଜନାରେ ଏକାଧିକ ଗୀତ ଗାଇଛନ୍ତି । ଏହାବାଦ୍ ସଂଗୀତ ସାଧନା କ୍ଷେତ୍ରରେ ପ୍ରଣବ ଜାତୀୟ ସ୍ତରରେ ବହୁ ବ୍ୟକ୍ତିବିଶେଷଙ୍କ ସହ କାମ କରିବାର ସୁଯୋଗ ଲାଭ କରିଛନ୍ତି । ହେମଲତା, ବାଣୀ ଜୟରାମ, ଭୂପିନ୍ଦର ସିଂହ, ନିର୍ମଳା ମିଶ୍ର, ଉଷା ମଙ୍ଗେସର, ଏସ୍. ଜାନକୀଙ୍କ ସହିତ ପ୍ରଣବ କାମ କରିଛନ୍ତି । ଅଣଚଳଚ୍ଚିତ୍ର ସଂଗୀତରେ ବି ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ବେତାର, ଦୂରଦର୍ଶନରେ ବି ସେ କଣ୍ଠଦାନ କରିଛନ୍ତି । କେବଳ ସେତିକି ନୁହେଁ, ଦେଶ ବିଦେଶରେ ବି ସେ ସଂଗୀତ ପରିବେଷଣ କରି ସୁନାମ ଅର୍ଜନ କରିଛନ୍ତି ।

## ପୁରସ୍କାର ଓ ସମ୍ମାନ

- ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀ ଆୱାର୍ଡ (୧୯୯୭-୯୮)
- ୬ ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମ୍ମାନ
- ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ ( ୨୦୨୩)
- ଜୟଦେବ ପୁରସ୍କାର( ୨୦୧୬)
- ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ( ୨୦୧୭)
- ପ୍ରଫୁଲ କର ସମ୍ମାନ(୨୦୧୧)
- ବିଗ୍ ଓଡ଼ିଆ ଏଣ୍ଟରଟେନ୍‌ମେଣ୍ଟ ଆୱାର୍ଡ(୨୦୧୦)

## ପ୍ରବଣଙ୍କ କଣ୍ଠରେ ଲୋକପ୍ରିୟ ଗୀତ

- ତୁମ ଗାଁ ମହୁମାଛି
- ସ୍ମୃତି ତୋର ଫେରେ
- ପୁଣି ସେଇ ଶ୍ରାବଣରେ
- ମାଝିରେ
- ମୋନାଲିସା
- ପ୍ରେମ ତିନି ଜାତି
- ମୁଁ ଯେ ନିସଙ୍ଗ ଆକାଶେ
- ତୁମେ ଅଗୋ ପାହାନ୍ତି ତାରା
- ଏଇ ଜୀବନଟା ଏକ ନାଟକ
- ହାଏ ସେ ହରିଣୀ ଆଖି
- ଚନ୍ଦ୍ରମଲ୍ଲିକା

## ଭଜନ ଓ ଜଣାଣ

- କଳା କଳେବର କହ୍ନାଇ
- କୋଇଲି ଲୋ କେଶବ ଯେ ମଥୁରା ଗଲେ
- ମଣିମା ଶୁଣିମା ହେଉ

## ୬ଥର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ

ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତ ଜଗତକୁ ପ୍ରଣବ ପଟ୍ଟନାୟକଙ୍କ ଅବଦାନ ସ୍ମରଣୀୟ । ତାଙ୍କ କଣ୍ଠରେ ରେକର୍ଡ ହୋଇଥିବା ଅନେକ ଗୀତ ଆଜି ବି ଶ୍ରୋତାଙ୍କ ମନରେ ତାଜା ହୋଇ ରହିଛି । ତାଙ୍କ ସ୍ୱରରେ ଥିବା ଭାବ, ମାଧୁର୍ଯ୍ୟ ଓ ଶବ୍ଦର ସ୍ୱଷ୍ଟତା ତାଙ୍କୁ ଅନ୍ୟମାନଙ୍କଠାରୁ ଏକ ନିଆରା ପରିଚୟ ଦେଇଥିଲା । ପ୍ରଣବ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିବାରେ ଏକ ସ୍ୱତନ୍ତ୍ର ରେକର୍ଡ଼ ସୃଷ୍ଟି କରିଛନ୍ତି । ସେ ଓଡ଼ିଶାର ଏକମାତ୍ର ପ୍ରଚ୍ଛଦପଟ ଗାୟକ ଯିଏ ସର୍ବାଧିକ ୬ ଥର ଶ୍ରେଷ୍ଠ ପୁରୁଷ କଣ୍ଠଶିଳ୍ପୀ ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛନ୍ତି ।

- ୧୯୭୬ – ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ – (ସିନ୍ଦୂର ବିନ୍ଦୁ)
- ୧୯୮୨ – ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ – (ଅସ୍ତରାଗ)
- ୧୯୮୩ – ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ – (ଝିଅଟି ସୀତା ପରି)
- ୧୯୮୮ - ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (କନ୍ୟାଦାନ)
- ୧୯୮୯ - ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ପ୍ରତିଶୋଧ ଅପରାଧ ନୁହେଁ)
- ୧୯୯୩ -ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ (ଆଶା)



## ମା' ଚଳଚ୍ଚିତ୍ରରୁ ଆରମ୍ଭ 'ଆଶା'ରେ ଶେଷ

ପ୍ରଣବଙ୍କ ସଂଗୀତ ଯାତ୍ରା ସୁଦୀର୍ଘ । ୧୯୫୮ ମସିହାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ମା' । ଏହି ସିନେମାରେ ପ୍ରଥମେ ତାଙ୍କୁ ଗୀତ ଗାଇବାର ସୁଯୋଗ ମିଳିଥିଲା । ଭୁବନେଶ୍ୱର ମିଶ୍ରଙ୍କ ସଂଗୀତ ନିର୍ଦ୍ଦେଶନାରେ ସେ ଏଥିରେ 'ବେଦନା ସାଗରେ ତୀରେ...' ଗୀତଟିରେ କଣ୍ଠଦାନ କରିଥିଲେ । ଏହାପରେ ସେ ଆଉ ପଛକୁ ଫେରି ନାହାନ୍ତି । 'ସିନ୍ଦୂର ବିନ୍ଦୁ', 'ଶ୍ରୀଲୋକନାଥ', 'ଶେଷ ଶ୍ରାବଣ', 'ଚିହ୍ନା ଅଚିହ୍ନା', 'ବତୀଘର' ଭଳି ଏକାଧିକ ସିନେମାରେ କଣ୍ଠଦାନ କରି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଥିଲେ । ସେ ପ୍ରାୟ ୨୦୦ ସିନେମାରେ କଣ୍ଠଦାନ କରିଛନ୍ତି । ଅନ୍ୟପଟେ 'ଆଶା' ହେଉଛି ପ୍ରଣବଙ୍କ ଶେଷ ସିନେମା । ୧୯୯୩ ମସିହାରେ ଏହି ସିନେମା ପାଇଁ ସେ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟକ ଭାବେ ପ୍ରାଦେଶିକ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଥିଲେ ।

## ବ୍ୟକ୍ତିଗତ ଜୀବନ

ପ୍ରଣବ ଓଡ଼ିଆ ସଂଗୀତ ଜଗତରେ 'କୁନି' ନାମରେ ଥିଲେ ବେଶ୍ ପରିଚିତ । ତାଙ୍କ ଜୀବନରେ ପତ୍ନୀ କସ୍ତୁରିକା ପଟ୍ଟନାୟକଙ୍କ ବହୁ ଅବଦାନ ଅଛି । କସ୍ତୁରିକାଙ୍କ ପ୍ରତି ତାଙ୍କର ସମ୍ମାନ, ସ୍ନେହ, ଭଲପାଇବା ରହିଥିଲା । ତେବେ କସ୍ତୁରିକାଙ୍କୁ ସେ ନିଜ ସଂଗୀତର ବଡ଼ ସମୀକ୍ଷକ ବୋଲି କହୁଥିଲେ । ତାଙ୍କ ପରାମର୍ଶ ହିଁ ତାଙ୍କୁ ଜୀବନରେ ଆଗକୁ ଯିବାରେ ପ୍ରୋତ୍ସାହିତ କରିଥିଲା ।

## ଈଶ୍ୱର ବିଶ୍ୱାସୀ

ପ୍ରଣବ ଥିଲେ ଈଶ୍ୱରବିଶ୍ୱାସୀ । ସେହିପରି ସେ ଗୀତରେ ବହୁତ ପରୀକ୍ଷା ନିରୀକ୍ଷା କରିବାକୁ ଭଲପାଉଥିଲେ । ଅନେକ ଗୀତ ଏମିତି ଅଛି, ଯେଉଁଥିରେ ପ୍ରଣବଙ୍କ ନିଆରା ଗାୟନଶୈଳୀ ଦେଖିବାକୁ ମିଳେ । ଯାହାକି ଦର୍ଶକଙ୍କ ହୃଦୟକୁ ଛୁଇଁବାରେ ସଫଳ ହୋଇଥାଏ । ତେବେ ବୟସାଧିକ୍ୟ ସତ୍ତ୍ୱେ ବି ସେ ମଞ୍ଚରେ ଗୀତ ପରିବେଷଣ କରିଛନ୍ତି । ଏପରିକି ଆଜିର ପିଢ଼ି ସହିତ ମଧ୍ୟ ସେ ଗୀତ ଗାଇଛନ୍ତି । ସେ ସବୁବେଳେ ନିଜକୁ ଛାତ୍ର ବୋଲି ଭାବୁଥିଲେ ଏବଂ ଛାତ୍ର ଭାବେ ତାଙ୍କର ଶିଖିବା ଜାରି ରହିଥିବା କହୁଥିଲେ ।

## ପିଲାବେଳୁ ସଂଗୀତ ପ୍ରତି ଆଗ୍ରହ

୧୯୩୮ ମସିହା ଜାନୁଆରୀ ୨୦ ତାରିଖରେ ପ୍ରଣବ କିଶୋର ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ । ପିଲାବେଳୁ ହିଁ ତାଙ୍କର ସଂଗୀତ ପ୍ରତି ରୁଚି ଥିଲା । ସେ ତାଙ୍କ ବାପା ଲାଲ ମୋହନ ପଟ୍ଟନାୟକଙ୍କଠାରୁ ପ୍ରେରଣା ପାଇ ପିଲାବେଳୁ ସଂଗୀତ ପ୍ରତି ଆକୃଷ୍ଟ ହୋଇଥିଲେ । ସେ ଗୁରୁ କୁନାଳ ଆଦିନାରାୟଣଙ୍କଠାରୁ ସଂଗୀତ ଶିକ୍ଷା ଗ୍ରହଣ କରିଥିଲେ । ପିଲାବେଳେ ସେ ମହାନ ଗାୟକଙ୍କ ଗୀତ ଶୁଣୁଥିଲେ । ବିଶେଷକରି ମହମ୍ମଦ ରଫିଙ୍କ ଗୀତକୁ ଅଧିକ ପ୍ରାଧାନ୍ୟ ଦେଉଥିଲେ । ପ୍ରଥମେ ସେ କଟକ ଆକାଶବାଣୀର ସ୍ୱୀକୃତୀପ୍ରାପ୍ତ କଣ୍ଠଶିଳ୍ପୀ ହେବାର ସୌଭାଗ୍ୟ ଲାଭ କରିଥିଲେ ।



## ଗଜଲପ୍ରେମୀ

ପ୍ରଣବ ଏକାଧିକ କାଳଜୟୀ ଗୀତ ଶ୍ରୋତାଙ୍କୁ ଭେଟି ଦେଇଛନ୍ତି । ଭକ୍ତିଗୀତଠାରୁ ଆରମ୍ଭ କରି ରୋମାଣ୍ଟିକ୍, ଜୀବନଧର୍ମୀ ଗୀତ ସେ ଗାଇଛନ୍ତି । କେବଳ ସେତିକି ନୁହେଁ, ସେ ଲୋକଗୀତ, ସେମି କ୍ଲାସିକାଲ, ପାରମ୍ପରିକ ସଂଗୀତ, ହିନ୍ଦୀ ଗୀତ ଭଳି ବିଭିନ୍ନ ଧାରାର ଗୀତ ଗାଇଛନ୍ତି । ତେବେ ଗଜଲ୍ ପାଇଁ ସେ ଥିଲେ ଲୋକପ୍ରିୟ । କାରଣ ପ୍ରଣବ ଥିଲେ ଗଜଲପ୍ରେମୀ । ସେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଗଜଲ ପରମ୍ପରା ଆରମ୍ଭ କରିଥିଲେ । ତା'ସହ ସେ ଉର୍ଦ୍ଦୁ ଭାଷାର ଖୁବ୍ ସମ୍ମାନ କରୁଥିଲେ । ୧୯୯୨ ମସିହାରେ ତାଙ୍କର ପ୍ରଥମ ଗଜଲ ଆଲବମ୍ 'ଶବ୍ ଏ- ଗଜଲ' ମୁକ୍ତିଲାଭ କରିଥିଲା । 'ଏକ୍ ଖଜାନା ହମ୍ ବି ଛୁପାକର ରଖତେ ହେଁ...' ଗଜଲ୍‌ରେ ପଣ୍ଡିତ ହରିପ୍ରସାଦ ଚୌରାସିଆ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ । ଏଥିରେ ତାଙ୍କ ସହିତ ଦେବୀ ପଣ୍ଡିତ କଣ୍ଠଦାନ କରିଥିଲେ । ଏହିପରି ସେ ବିଭିନ୍ନ ଗୀତ ଗାଇ ଦର୍ଶକଙ୍କୁ ନିଜ କଣ୍ଠସ୍ୱରରେ ବାନ୍ଧି ରଖିବାରେ ସଫଳ ହୋଇଥିଲେ । ପ୍ରଣବଙ୍କ ଅନ୍ୟତମ ଏକ ବିଶେଷତ୍ୱ ଥିଲା ଶବ୍ଦର ସ୍ୱଷ୍ଟତା । ତାଙ୍କ ପାଇଁ ସ୍ୱରରେ ଭାବ, ମାଧୁର୍ଯ୍ୟ ଯେତିକି ଗୁରୁତ୍ୱ ବହନ କରୁଥିଲା , ତା'ଠୁ ବେଶି ଶବ୍ଦର ସ୍ୱଷ୍ଟତା ଉପରେ ପ୍ରାଧାନ୍ୟ ଦେଉଥିଲେ ।

### ବନ୍ୟା ପରିଚାଳନା ପ୍ରସଙ୍ଗରେ ସରକାରଙ୍କୁ ବିଜେଡି ନେତ୍ରୀ ସୁଜାତାଙ୍କ ସମାଲୋଚନା

# ୨ ବର୍ଷରେ ଭୁଶୁଡ଼ିଯାଇଛି ୨ ଦଶନ୍ଧିର ବ୍ୟବସ୍ଥା

- ଦୁର୍ବଳ ହୋଇ ପଡ଼ିଛି ତୃଣମୂଳସ୍ତରର ପରିଚାଳନା
- ବିଦ୍ରୂପ ବଦଳରେ ଆତ୍ମସମୀକ୍ଷା କରନ୍ତୁ ସରକାର



ଭୁବନେଶ୍ୱର ୨୧।୮ (ସମିସ): ରାଜ୍ୟରେ ଚାଲିଥିବା ବନ୍ୟା ପରିସ୍ଥିତି ଓ ବନ୍ୟା ପରିଚାଳନାକୁ ନେଇ ରାଜ୍ୟ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି କରିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ। ପୂର୍ବ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ମଡ଼େଲ ପ୍ରସଙ୍ଗ ବର୍ତ୍ତମାନ ସରକାରଙ୍କୁ ସ୍ମରଣ କରାଇ କରାଇଦେବା ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ 'ଇନ୍ଦ୍ରଙ୍କ ଫୋନ୍ ନମ୍ବର' ସଂକ୍ରାନ୍ତ ଟିପ୍ପଣୀ ବନ୍ୟା ପରିଚାଳନାରେ ସରକାରଙ୍କ ଦ୍ୱନ୍ଦ୍ୱ, ଅସହାୟତା ଓ ପ୍ରଶାସନିକ ବିଫଳତାକୁ ପ୍ରତିଫଳିତ କରିଛି ବୋଲି ସୁଜାତା କହିଛନ୍ତି ।

ଏକ ସମ୍ବାଦପତ୍ରର ସ୍ତମ୍ଭରେ ସୁଜାତା କହିଛନ୍ତି ଯେ ଅତୀତରେ ଓଡ଼ିଶା ଅନେକ ମହାବନ୍ୟାକୁ ସଫଳତାର ସହ ମୁକାବିଲା କରିଛି। ୨୦୦୮ରେ ମୁଣ୍ଡଳିରେ ୧୫.୮୧ ଲକ୍ଷ କ୍ୟୁସେକ, ୨୦୦୧ରେ ୧୪.୫୧ ଲକ୍ଷ କ୍ୟୁସେକ ଏବଂ ୨୦୧୧ରେ ୧୩.୬୬ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହୋଇଥିଲା। ୨୦୦୬ ଓ ୨୦୨୨ରେ ମଧ୍ୟ ୧୨ ଲକ୍ଷ କ୍ୟୁସେକରୁ ଅଧିକ ଜଳପ୍ରବାହ ରେକର୍ଡ ହୋଇଥିଲା। ଏହା ତୁଳନାରେ ଚଳିତ ବର୍ଷର ୯ ଲକ୍ଷ କ୍ୟୁସେକ୍‌ରୁ କମ୍ ଜଳ ପ୍ରବାହିତ ହୋଇଛି ଓ ଜଳସମ୍ପଦ ବିଭାଗ ଏହାକୁ ମଧ୍ୟମ ଧରଣର ବନ୍ୟା ବୋଲି ସ୍ୱୀକାର କରିଛି। ଏହା ସତ୍ତ୍ୱେ ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, କେନ୍ଦୁଝର ସମେତ ଅନେକ ଜିଲ୍ଲାର ଲକ୍ଷଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି । ଅନେକ ଲୋକଙ୍କର ମୃତ୍ୟୁ ଘଟିଛି, ଶହଶହ ପଶୁସମ୍ପଦ ନଷ୍ଟ ହୋଇଛନ୍ତି, ହଜାର ହଜାର ହେକ୍ଟର ଜମିର ଫସଲ ନଷ୍ଟ ହୋଇଛି । ଲୋକମାନେ ଏବେ ବି ଖୋଲା ଛାତ ତଳେ ଜୀବନ ବିତାଉଛନ୍ତି । ସେମାନେ ଖାଦ୍ୟ, ବିଶୁଦ୍ଧ ପାଣି, ପରିମଳ ଓ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି । ନଦୀ ପ୍ରଣାଳୀ, ପ୍ରଶାସନିକ କଳ, ବିପର୍ଯ୍ୟୟ ପରିଚାଳନା ଢ଼ାଞ୍ଚା ସମାନ ଥିବା ସତ୍ତ୍ୱେ ମାତ୍ର ଦୁଇ ବର୍ଷରେ ୨ ଦଶନ୍ଧିର ବ୍ୟବସ୍ଥା ଧ୍ୱଂସ ହୋଇ ଯାଇଛି ।

୧୯୯୯ର ମହାବାତ୍ୟା ପରେ ରାଜ୍ୟରେ ଶାସନ ଭାର ଗ୍ରହଣ କରିଥିବା ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨ ଦଶନ୍ଧି ମଧ୍ୟରେ ଓଡ଼ିଶାକୁ ବିପର୍ଯ୍ୟୟ ଯୋଦ୍ଧା ଭାବରେ ଗଢ଼ି ତୋଳିଥିଲେ। ପ୍ରାକ୍ ସତର୍କତା, ସମୟୋଚିତ ସ୍ଥାନାନ୍ତରଣ, ତୃଣମୂଳସ୍ତରରେ ପ୍ରସ୍ତୁତି ଏବଂ ପ୍ରଶାସନ ଓ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ଥିଲା ଏହି ମଡେଲର ମୂଳ ଶକ୍ତି। ଏକ ସ୍ପଷ୍ଟ ନିର୍ଦ୍ଦେଶ ଶୃଙ୍ଖଳ ମଧ୍ୟରେ ଜିଲ୍ଲାପାଳଙ୍କଠାରୁ ପଞ୍ଚାୟତର ୱାଡର୍‌ମେମ୍ବରଙ୍କ ପର୍ଯ୍ୟନ୍ତ ସମସ୍ତେ ଏକ କାର୍ଯ୍ୟ କରୁଥିଲେ। ମାତ୍ର ଗତ ଦୁଇ ବର୍ଷ ମଧ୍ୟରେ ପୂର୍ବରୁ ଗଢ଼ି ଉଠିଥିବା ତୃଣମୂଳସ୍ତରୀୟ ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିଛି । ବିଶେଷକରି ମିଶନ ଶକ୍ତି ମହିଳା ଗୋଷ୍ଠୀ, ପଞ୍ଚାୟତିରାଜ ପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଥିବା ସମନ୍ୱୟ ଭାଙ୍ଗିବାରୁ ପୂର୍ବ ସତର୍କତା, ସ୍ଥାନାନ୍ତରଣ ଓ ରିଲିଫ୍ ବ୍ୟବସ୍ଥା ପ୍ରଭାବିତ ହୋଇଛି। ବିଡ଼ମ୍ବନା ହେଉଛି ବିପର୍ଯ୍ୟୟ ସମୟରେ ଦଳୀୟ ହସ୍ତକ୍ଷେପ, ଠିକାଦାରୀ ରାଜନୀତି ଏବଂ ରିଲିଫ୍ ବଣ୍ଟନରେ ଦଳୀୟ ପ୍ରିୟାପ୍ରୀତି ଭଳି ଅଭିଯୋଗ ଅତ୍ୟନ୍ତ ଉଦ୍‌ବେଗଜନକ। ବିପର୍ଯ୍ୟୟ ସମୟରେ ଲୋକଙ୍କ ଜୀବନର ସୁରକ୍ଷା, ରିଲିଫ୍ ଓ ଥଇଥାନ ପ୍ରାଥମିକତା ନ ହୋଇ ଦଳୀୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରାଯିବା ସବୁ କ୍ଷେତ୍ରରେ ବିଭ୍ରାଟ ସୃଷ୍ଟି କରିଛି ବୋଲି ସେ କହିଛନ୍ତି ।

ନବୀନ ପଟ୍ଟନାୟକଙ୍କ ସମୟର 'ସମଗ୍ର ସରକାର ଦୃଷ୍ଟିକୋଣ'କୁ ଉଲ୍ଲେଖ କରି ସୁଜାତା କହିଛନ୍ତି ଯେ, ସେତେବେଳେ ମନ୍ତ୍ରୀ, ସଚିବ, ଅଧିକାରୀ, ପିଆରଆଇ ପ୍ରତିନିଧି ଓ ସାମାଜିକ ସଂଗଠନ ଏକାଠି ହୋଇ ବିପର୍ଯ୍ୟୟର ମୁକାବିଲା କରୁଥିଲେ। ଆଜି କିନ୍ତୁ କେଉଁ ବିଭାଗ କେଉଁ କାର୍ଯ୍ୟପାଇଁ ଉତ୍ତରଦାୟୀ, ତାହାକୁ ନେଇ ଦ୍ୱନ୍ଦ୍ୱ ତୁଟୁନାହିଁ। ଦୁଇ ଦଶନ୍ଧି ଧରି ଗଢ଼ି ଉଠିଥିବା ଏକ ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା କିପରି ଦୁଇ ବର୍ଷରେ ଦୁର୍ବଳ ହୋଇଗଲା, ତାହାର ଉତ୍ତର ସରକାର ଖୋଜିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଛନ୍ତି । ତେଣୁ ବନ୍ୟାକୁ କେବଳ ପ୍ରାକୃତିକ ବିପର୍ଯ୍ୟୟ ଭାବେ ଦେଖି ଦାୟିତ୍ୱ ଏଡ଼ାଇ ହେବ ନାହିଁ; ସରକାରଙ୍କ ପ୍ରସ୍ତୁତି, ସମନ୍ୱୟ ଓ ତ୍ୱରିତ ପ୍ରତିକ୍ରିୟା ହିଁ ଲୋକଙ୍କ ଜୀବନ ରକ୍ଷା କରିପାରିବ ବୋଲି ସୁଜାତା ମତ ପ୍ରକାଶ କରିଛନ୍ତି।

# ଶିକ୍ଷକ ନିଯୁକ୍ତି ଆଶାୟୀଙ୍କ ଧାରଣା ପଞ୍ଚମ ଦିନରେ

- ବିଦ୍ୟାଳୟରେ ଖାଲିଥିବା ଶିକ୍ଷକ ପଦର ତଥ୍ୟ ମାଗିଲା ଗଣଶିକ୍ଷା ବିଭାଗ
- ଆଶାୟୀଙ୍କୁ ଭୁତାଇବାକୁ ପ୍ରୟାସ; ବିଜ୍ଞପ୍ତି ନ ବାହାରିବା ଯାଏଁ ଆନ୍ଦୋଳନ

ଭୁବନେଶ୍ୱର, ୨୧।୮ (ସମିସ): ଶିକ୍ଷକ ନିଯୁକ୍ତି ଦାବିରେ ଦୀର୍ଘ ୫ ଦିନ ହେଲା ଆଶାୟୀମାନେ ବିଧାନସଭା ସମ୍ମୁଖ ଗାନ୍ଧୀମାର୍ଗରେ ଧାରଣା ଜାରି ରଖିଛନ୍ତି। ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବାରୁ ଅସନ୍ତୋଷ ଝାଡୁଛନ୍ତି। ଗୀତ ଓ କବିତା ମାଧ୍ୟମରେ ସରକାରଙ୍କ ଶିକ୍ଷା ମାରଣ ନୀତିକୁ ସମାଲୋଚନା କରୁଛନ୍ତି। ସୋସିଆଲ୍ ମିଡିଆରେ କ୍ୟାମ୍ପେନ୍ ଆରମ୍ଭ କରିବା ସହ ଦିଲ୍ଲୀ ଓ ଝାଡ଼ଖଣ୍ଡ ଛାତ୍ର ଆନ୍ଦୋଳନ ପରି ଆନ୍ଦୋଳନକୁ ବଢ଼ାଇବା ପାଇଁ ରିଲସ୍ କରୁଛନ୍ତି। ଏହାରି ମଧ୍ୟରେ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଖାଲି ପଡ଼ିଥିବା ଶିକ୍ଷକ ପଦର ସବିଶେଷ ତଥ୍ୟ ମାଗିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଜାରି ହୋଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଗତ ୧ ତାରିଖ ସୁଦ୍ଧା ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ଖାଲି ଥିବା ଟିଜିଟି ଶିକ୍ଷକ ପଦର ବିବରଣୀ ଯଥାଶୀଘ୍ର ଦାଖଲ କରିବେ। ଖାଲି ଥିବା ପିସିଏମ୍, ସିବିଜେଡ୍, କଳା, ଓଡ଼ିଆ, ସଂସ୍କୃତ, ହିନ୍ଦୀ, ତେଲୁଗୁ, ଉର୍ଦ୍ଦୁ ଏବଂ ପିଇଟି ଶିକ୍ଷକଙ୍କ ତଥ୍ୟ ଦାଖଲ ପାଇଁ ଏକ ଫର୍ମାଟ୍ ଦିଆଯାଇଛି। ତଦନୁସାରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

ଅପରପକ୍ଷରେ ଏହି ଚିଠିକୁ ନେଇ ଧାରଣାରତ ଆଶାୟୀମାନେ ପ୍ରତିକ୍ରିୟା ରଖିଛନ୍ତି। ନିଯୁକ୍ତି ଦାବି କଲେ ଏପରି କିଛି ଚିଠି ଜାରି କରି ତାଙ୍କୁ ଭୂତେଇବାକୁ ଯୋଜନା ହୋଇଥାଏ। ଚଳିତ ଥର ମଧ୍ୟ ସରକାର ସମାନ ଉପାୟ ଅବଲମ୍ବନ କରିଛନ୍ତି; ମାତ୍ର ଏଥର ଆଉ ନୁହେଁ। ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ନ କରିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ। ସରକାର ସେମାନଙ୍କ ଦାବି ପୂରଣ ନକଲେ ଆନ୍ଦୋଳନକୁ ବ୍ୟାପକ କରାଯିବ। ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରରେ ବହୁ ସଂଖ୍ୟାରେ ଆଶାୟୀ ଆନ୍ଦୋଳନ କରିବେ। ସରକାର ପ୍ରତାରଣା ନୁହେଁ; ମେଧାବୀ ପିଲାଙ୍କୁ ବିଶ୍ୱାସକୁ ନେଇ ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ଦୃଷ୍ଟିରୁ ତ୍ୱରିତ ନିଯୁକ୍ତି ବିଜ୍ଞପ୍ତି ଜାରି କରନ୍ତୁ ବୋଲି ଆଶାୟୀମାନେ ଦାବି କରିଛନ୍ତି।

### ■ ଜନ୍ମସ୍ଥାନରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ

# 'ଗୁରୁଜାଙ୍ଗ ହେବ ଐତିହ୍ୟ ଗ୍ରାମ ଓ ଆଦର୍ଶ ପଞ୍ଚାୟତ'



ଅନୁଗୋଳ,୨୧।୮ (ସମିସ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ଶୁକ୍ରବାର ତାଙ୍କ ଜନ୍ମସ୍ଥାନ ଅନୁଗୋଳ ଜିଲ୍ଲା ତାଳଚେର ଗୁରୁଜାଙ୍ଗଠାରେ ଆୟୋଜିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ସ୍ୱାମୀଜୀଙ୍କ ଗୁରୁଜାଙ୍ଗ ଗ୍ରାମକୁ ଐତିହ୍ୟ ଗ୍ରାମ ଏବଂ ଗୁରୁଜାଙ୍ଗ ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ବିକଶିତ କରାଯିବ ବୋଲି ଘୋଷଣା କରିଛନ୍ତି।

ସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମାଝୀ ସ୍ୱାମୀଜୀଙ୍କୁ ସମାଜର 'ଗୁରୁ, ଗ୍ରନ୍ଥ ଏବଂ ଗରିମା' ଭାବେ ଅଭିହିତ କରିଥିଲେ। ସେ କହିଥିଲେ ଯେ ସ୍ୱାମୀଜୀ କନ୍ଧମାଳର ଦୁର୍ଗମ ଅଞ୍ଚଳ ଚକାପାଦ ଓ ଜଲେଶପଟାରେ ଆଶ୍ରମ ପ୍ରତିଷ୍ଠା କରି ବନବାସୀ ଝିଅମାନଙ୍କୁ ସଂସ୍କୃତ ଶିକ୍ଷା ଓ ସଂସ୍କାରରେ ସ୍ୱାବଲମ୍ବୀ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ "ସବ୍‌କା ସାଥ୍, ସବ୍‌କା ବିକାଶ' ଆଦର୍ଶ ମଧ୍ୟରେ ସ୍ୱାମୀଜୀଙ୍କ ଅନ୍ତ୍ୟୋଦୟ ବିଚାରଧାରା ନିହିତ ରହିଛି ବୋଲି ସେ କହିଥିଲେ। ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସ୍ୱାମୀଜୀଙ୍କ ଆଧ୍ୟାତ୍ମିକ ଓ ସାମାଜିକ ଅବଦାନର ସ୍ମୃତିଚାରଣ କରିବା ସହ ତାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ସ୍ୱାମୀଜୀଙ୍କ ଅବଦାନ ଦ୍ୱାରା ଅଞ୍ଚଳର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବ ଆହୁରି ବୃଦ୍ଧି ପାଇବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ଅନୁଗୋଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ, ଅନୁଗୋଳ ଜିଲ୍ଲାପାଳ ଅବଦଲ୍ ମହମ୍ମଦ୍ ଅଖତର, ଏସ୍‌ପି ରାହୁଲ ଜୈନଙ୍କ ସମେତ ବହୁ ସାଧୁସନ୍ଥ, ମାନ୍ୟଗଣ୍ୟ ବ୍ୟକ୍ତି, ଜିଲ୍ଲାସ୍ତରୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ହଜାର ହଜାର ଜନସାଧାରଣ ଉପସ୍ଥିତ ଥିଲେ।

### ୬ ବରିଷ୍ଠ ଆଇପିଏସ୍‌ଙ୍କ ବଦଳି

# ହିମାଂଶୁଲାଲ ଇଓଡବ୍ଲ୍ୟୁ ଓ ସତ୍ୟବ୍ରତ ଭୋଇ ଗୁଇନ୍ଦା ଆଇଜି

ଭୁବନେଶ୍ୱର ୨୧।୮ (ସମିସ): ରାଜ୍ୟ ବରିଷ୍ଠ ଆଇପିଏସ୍‌ସ୍ତରରେ ଅଦଳବଦଳ ହୋଇଛି। ୬ ଜଣ ଆଇପିଏସ୍ ଅଧିକାରୀଙ୍କୁ ବିଭିନ୍ନ ସ୍ଥାନକୁ ବଦଳି କରାଯାଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲଙ୍କୁ ଇଓଡବ୍ଲ୍ୟୁ ଓ ଏସ୍‌ଟିଏଫ୍‌ର ଆଇଜି ଭାବେ ନିଯୁକ୍ତି ମିଳିଛି। ପିଟିସି ଅନୁଗୋଳର ପ୍ରିନ୍ସିପାଲ ତଥା ତାଳଚେରର ଉତ୍ତର-ମଧ୍ୟାଞ୍ଚଳ ରେଞ୍ଜ୍ ଆଇଜି ସତ୍ୟବ୍ରତ ଭୋଇଙ୍କୁ ଆଇଜି ଇଣ୍ଟେଲିଜେନ୍ସ ଭାବେ ବଦଳି କରାଯାଇଛି। ଇଣ୍ଟେଲିଜେନ୍ସ ଆଇଜି ଜୟନାରାୟଣ ପଙ୍କଜଙ୍କୁ ଦକ୍ଷିଣାଞ୍ଚଳ ଆଇଜି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖରଙ୍କୁ ପୁଲିସ ମୁଖ୍ୟାଳୟ ସ୍ଥିତ ଆଇଜି (ପ୍ରୋଭିଜନାଲ) ଭାବେ ଦାୟିତ୍ୱ ଦିଆଯାଇଛି। ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମୀନାଙ୍କୁ ଉତ୍ତରାଞ୍ଚଳ ଡିଆଇଜି (ସମ୍ବଲପୁର) ଭାବେ ବଦଳି କରାଯାଇଛି। ନିକଟରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ଡିଆଇଜି ଆଶିଷ କୁମାର ସିଂହଙ୍କୁ ଉତ୍ତର-ମଧ୍ୟାଞ୍ଚଳ ରେଞ୍ଜ୍ (ତାଳଚେର) ସହ ଅନୁଗୋଳ ପୁଲିସ ଟ୍ରେନିଂ କଲେଜ ପ୍ରିନ୍ସିପାଲ୍ ଦାୟିତ୍ୱ ଦିଆଯାଇଛି। ଶୁକ୍ରବାର ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

### ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

# ୨୭୮୦ କୋଟିର ପୁଞ୍ଜିନିବେଶକୁ ଅନୁମୋଦନ

ଭୁବନେଶ୍ୱର,୨୧।୮ (ସମିସ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୧୪୯ତମ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ମୋଟ ୨,୭୮୦.୧୦ କୋଟି ଟଙ୍କାର ପୁଞ୍ଜିନିବେଶ ସହ ୧୪ଟି ଶିଳ୍ପ ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ହଲଦୀରାମ ସ୍ନାକ୍ସ ଫୁଡ୍ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧା/କଟକ ଜିଲ୍ଲାରେ ୫୦୦ କୋଟି ଟଙ୍କାର ପୁଞ୍ଜିନିବେଶରେ ସ୍ନାକ୍ସ ଏବଂ ବେକ୍ଡ ପ୍ରଡକ୍ଟସ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ତିୱାନା ନ୍ୟୁଟ୍ରିସନ୍ ଗ୍ଲୋବାଲ ପ୍ରାଇଭେଟ୍ ଲିମିଟେଡ୍ ୧୪୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଏକ ଗୋ-ଖାଦ୍ୟ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ସେହିପରି ପ୍ରିମିୟମ୍ ଚିକ୍ ଫିଡ୍ସ ପ୍ରାଇଭେଟ୍ ଲିମିଟେଡ୍ ଖୋର୍ଦ୍ଧା, କଟକ ଓ ନୟାଗଡ଼ ଜିଲ୍ଲାରେ ୧୦୫.୩୮ କୋଟି ଟଙ୍କାର ପୁଞ୍ଜିନିବେଶରେ ଚିକ୍ ଫିଡ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ସାହାନା କ୍ଲୋଦିଂ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ ଢେଙ୍କାନାଳରେ ଶିଶୁ ଓ ପିଲାମାନଙ୍କ ପାଇଁ ନିଟେଡ୍ ରେଡିମେଡ୍ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ । ଏହି ପ୍ରକଳ୍ପରେ ୨୫୧.୪୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ । ପ୍ରତିମା ଏଗ୍ରୋ ସ୍ପିନିଂ ମିଲ୍ ପ୍ରାଇଭେଟ୍ ଲିମିଟେଡ୍ ବଲାଙ୍ଗିରରେ କଟନ୍ ୟାର୍ନ, କମ୍ବର୍ ନଏଲ୍, ଲିକରିନ୍ ୱେଷ୍ଟ, 'ଫ୍ଲାପ୍ ଷ୍ଟ୍ରିପ୍ ଏବଂ ହାର୍ଡ ୱେଷ୍ଟ ଉତ୍ପାଦନ ପାଇଁ ଏକ ବୟନ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ କରିବ ।

ଏହି ପ୍ରକଳ୍ପରେ ୧୨୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ । ପ୍ରାସୋଲ୍ କେମିକାଲ୍ସ ଲିମିଟେଡ୍ ଗଞ୍ଜାମରେ ୪୫୦ କୋଟି ଟଙ୍କାର ପୁଞ୍ଜିନିବେଶରେ ଡେରିଭେଟିଭ୍ସ ଉତ୍ପାଦନ କାରଖାନା ସ୍ଥାପନ କରିବ; ନ୍ୟୁ ଜେନେରେସନ୍ ମାନୁଫ୍ୟାକ୍‌ଚରିଂ ପ୍ରାଇଭେଟ୍ ଲିମିଟେଡ୍ ସୁନ୍ଦରଗଡ଼ରେ ୮୦ କୋଟି ଟଙ୍କାର ପୁଞ୍ଜିନିବେଶରେ କୋଲ୍ ଟାର୍ ଡିଷ୍ଟିଲେସନ୍ ଏବଂ ଉପ-ଉତ୍ପାଦ ଉତ୍ପାଦନ କାରଖାନା ସ୍ଥାପନ କରିବ। ଇଏସଡିଏମ୍ କ୍ଷେତ୍ରରେ ସିର୍ମା ଏସଜିଏସ୍ ଟେକ୍ନୋଲୋଜି ଲିମିଟେଡ୍ ଖୋର୍ଦ୍ଧାରେ ପ୍ରିଣ୍ଟେଡ୍ ସର୍କିଟ୍ ବୋର୍ଡ ଆସେମ୍ବଲି ଏବଂ ବକ୍ସ ବିଲ୍ଡ ଉତ୍ପାଦନ ପାଇଁ ଏକ ମାନୁ'ୟାକ୍‌ଚରିଂ ୟୁନିଟ୍ ସ୍ଥାପନ କରିବ ଓ ମହାତ୍ରିପୁରାସୁନ୍ଦରୀ ମିନେରାଲ୍ସ ଆଣ୍ଡ ମେଟାଲ୍ସ ପ୍ରାଇଭେଟ୍ ଲିମିଟେଡ୍ କେନ୍ଦୁଝରରେ ଫେରୋ ଆଲଏଜ୍, କ୍ରୋମ୍ ଡେରିଭେଟିଭ୍ସ, ଧାତୁ ପୁନରୁଦ୍ଧାର ଏବଂ କ୍ରୋମ୍ ଓର୍ ବେନିଫିସିଏସନ୍ ପାଇଁ ଏକ ସମନ୍ୱିତ କମ୍ପ୍ଲେକ୍ସ ସ୍ଥାପନ କରିବ। ଏହି ପ୍ରକଳ୍ପରେ ୧୬୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବ । ଏନକେଏସ୍ ଆର୍ଥବିଲ୍ଡ ଲିମିଟେଡ୍ ଢେଙ୍କାନାଳରେ ଷ୍ଟ୍ରକ୍‌ଚରାଲ୍ ଷ୍ଟିଲ୍ ଉତ୍ପାଦନ ପାଇଁ ଏକ ୟୁନିଟ୍ ସ୍ଥାପନ କରିବ। ଏହି ପ୍ରକଳ୍ପରେ ୬୦.୯୮ କୋଟି ଟଙ୍କାର ପୁଞ୍ଜିନିବେଶ ହେବ ଏବଂ ଏହା ମାଧ୍ୟମରେ ୧୪୮ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଭିତ୍ତିଭୂମି କ୍ଷେତ୍ରରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଅନୁଗୋଳ ଜିଲ୍ଲାରେ ସୁଭଦ୍ରା କୋଲ୍ ମାଇନ୍ସ ପାଇଁ ଏକ ପ୍ରାଇଭେଟ୍ ରେଲୱେ ସାଇଡିଂ ବିକଶିତ କରିବ। ଏହି ପ୍ରକଳ୍ପରେ ୪୦୫.୩୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବ।

### ଅନ୍ନଦାତାଙ୍କ ଅସମ୍ମାନକୁ କଂଗ୍ରେସର ସମାଲୋଚନା

# ଓଡ଼ିଶାରେ କୃଷି ଓ କୃଷକଙ୍କୁ ଚରମ ଅବହେଳା




ଭୁବନେଶ୍ୱର,୨୧।୮ (ସମିସ): କେନ୍ଦ୍ର ସରକାରଙ୍କ ପକ୍ଷରୁ ବର୍ଦ୍ଧିତ ଏମ୍ଏସ୍‌ପିରୁ ୬୯ ଟଙ୍କା ରାଜ୍ୟର ଚାଷୀଙ୍କୁ ମିଳୁନାହିଁ। ରାଜ୍ୟ ସରକାର ଏହି ଅର୍ଥ ଦେଉ ନ ଥିବା ବେଳେ ଧାନ କିଣାରେ ପ୍ରତି କ୍ୱିଣ୍ଟାଲରେ ୫ ରୁ ୧୦ କେଜି କଟନିଛଟନି ହେଉଛି। ଯେଉଁ ଟୋକନରେ ୫୦କ୍ୱିଣ୍ଟାଲ ଧାନ ବିକ୍ରି ହୁଏ, ସେଠାରେ ମାତ୍ର ୨୦ କ୍ୱିଣ୍ଟାଲ ଧାନ କିଣାଯାଉଛି। ଏହାଛଡ଼ା ରାଜ୍ୟରେ କୃଷି ଋଣ ଯୋଗାଣ କେବଳ କାଗଜ କଲମରେ ଚାଲିଛି ବୋଲି ଅଭିଯୋଗ କରିଛି କଂଗ୍ରେସ। ଶୁକ୍ରବାର କଂଗ୍ରେସ ଭବନଠାରେ କିଷାନ କଂଗ୍ରେସ ପକ୍ଷରୁ ସମସ୍ତ ଜିଲ୍ଲାର କିଷାନ କଂଗ୍ରେସ ନେତୃବୃନ୍ଦଙ୍କୁ ନେଇ ଆୟୋଜିତ ଏକ ଓରିଏଣ୍ଟେସନ କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ, ଓଡିଶା କଂଗ୍ରେସ ପ୍ରଭାରୀ ଲାଲଜୀ ଦେଶାଇଙ୍କ ସମେତ ବହୁ କଂଗ୍ରେସ ନେତାମାନେ ଓଡ଼ିଶାରେ ଚାଷୀ ଓ ଚାଷକୁ ସରକାରଙ୍କ ଅବହେଳାକୁ କଟୁ ସମାଲୋଚନା କରିଛନ୍ତି ।

କଂଗ୍ରେସର ଅଭିଯୋଗ ଅନୁସାରେ ରାଜ୍ୟରେ ପ୍ରାୟ ୧୮ ଲକ୍ଷ ଚାଷୀ ଥିବା ବେଳେ ମାତ୍ର ୫ ଲକ୍ଷ ୫୧ ହଜାର ଚାଷୀ ଏବେ ସୁଦ୍ଧା ପଞ୍ଜୀକରଣ କରିଛନ୍ତି। ତେଣୁ ୨୦୨୬ ଖରିଫ ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜିକରଣ ସମୟସୀମା ଅଗଷ୍ଟ ୩୧ ତାରିଖ ପରିବର୍ତ୍ତେ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବା ଦରକାର। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ରାଜ୍ୟରେ ୩୦ ଲକ୍ଷ ଋଣୀ ଓ ଅଣଋଣୀ ଚାଷୀଙ୍କୁ ବୀମାଭୁକ୍ତ କରିବା ସହ ତୁରନ୍ତ ସାର ସଂକଟ ଦୂର କରାଯାଇ ଆବଶ୍ୟକ ପରିମାଣର ସାର ଠିକ ସମୟରେ ନିର୍ଦ୍ଧାରିତ ମୂଲ୍ୟରେ ଚାଷୀଙ୍କୁ ଯୋଗାଇ ଦେବାକୁ ଦାବି ହୋଇଛି। ବିଜେପି ସରକାରର ଘୋଷଣା ଅନୁଯାୟୀ ୫୮ ଟି ସବଡିଜନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ସହ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରତି ଏକର ପିଛା ୨୫ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ଦାବି ହୋଇଛି। ସରକାରଙ୍କ ଘୋଷିତ ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର କୃଷି ଇନପୁଟ ସହାୟତା ଦୁଇଗୁଣ ବୃଦ୍ଧି କରିବା ସହ କ୍ଷୟକ୍ଷତିର ସଠିକ ଆକଳନ କରିବାକୁ କଂଗ୍ରେସ ଦଳ ଦାବି କରିଛି। ଏହା ବ୍ୟତୀତ ଚାଷୀଙ୍କୁ ମାଗଣାରେ ବିଜୁଳି ଓ ସୌର ପମ୍ପ ଯୋଗାଣ ସାଙ୍ଗକୁ ଅଚଳ ଉଠା ଜଳସେଚନ ପଏଣ୍ଟ ଗୁଡ଼ିକର ତୁରନ୍ତ ମରାମତି କରିବାକୁ ଦଳ ଦାବି କରିଛି। ବୈଠକରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, କିଷାନ କଂଗ୍ରେସର ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

### ଦୁଷ୍କର୍ମ ଅଭିଯୁକ୍ତଙ୍କୁ ୨୨ ବର୍ଷ ମାସେ ଜେଲ୍

ବାରିପଦା, ୨୧।୮ (ସମିସ): ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ତଥା ପକ୍‌ସୋ ସ୍ୱତନ୍ତ୍ର ଅଦାଲତ ବିଚାରପତି ଚିନ୍ମୟ ମିଶ୍ର ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ବାଦାମପାହାଡ଼ ଥାନା ସାନହାତନାବେଡା ଗ୍ରାମର ଜଗନ୍ନାଥ ମହାନ୍ତ (୭୦)। ଅଦାଲତ ତାଙ୍କୁ ୨୨ ବର୍ଷ ଏକମାସ କାରାଦଣ୍ଡାଦେଶ ଶୁଣାଇଛନ୍ତି ଏବଂ ୪୦ ହଜାର ଟଙ୍କା ଜରିମାନା କରିଛନ୍ତି।

### ବିଦ୍ୟାଳୟରେ ପାଳନ ହେବ ଗୁରୁ ଓ ଶିଶୁ ଦିବସ

ଭୁବନେଶ୍ୱର, ୨୧।୮ (ସମିସ): ସମସ୍ତ ମାଧ୍ୟମିକ ବିଦ୍ୟାଳୟରେ ପ୍ରଚଳିତ ନିୟମ ଅନୁଯାୟୀ ଗୁରୁ ଦିବସ ଓ ଶିଶୁ ଦିବସ ପାଳନ କରାଯିବ। ପାଳନ ପରେ ପୂର୍ବ ନିର୍ଦ୍ଧାରିତ ସମୟସୂଚୀ ଅନୁଯାୟୀ ପାଠପଢ଼ା ହେବ। ଗୁରୁ ଦିବସ ଓ ଶିଶୁ ଦିବସ ପାଳନ କରିବାକୁ ଶୈକ୍ଷିକ କ୍ୟାଲେଣ୍ଡରରେ ପାଳନ ଦିବସ ଉଲ୍ଲେଖ ନଥିବାରୁ ତାହା ପାଳନ ହେବ ନା ନାହିଁ ବୋଲି ବିଭିନ୍ନ ଶିକ୍ଷକ ସଂଗଠନ ପ୍ରଶ୍ନ ଉଠାଇଥିବାବେଳେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କୁ ଦିଆଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, ପ୍ରଚଳିତ ପ୍ରଥା ଅନୁସାରେ ଉଭୟ ଦିବସ ପାଳନ କରାଯିବ। ଆନୁସଙ୍ଗିକ କାର୍ଯ୍ୟକ୍ରମ ଶେଷ ହେବା ପରେ ଶିକ୍ଷାଦାନ ଜାରି ରହିବ। ପୂର୍ବ ନିର୍ଦ୍ଧାରିତ ସମୟସୂଚୀ ଅନୁସାରେ ପାଠପଢ଼ା ହେବ। ସମସ୍ତ ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଏନେଇ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

### ପାରାଦୀପ ବନ୍ଦରରେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ

# ୪୨୭.୮୦ କୋଟିର ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟ ଶୁଭାରମ୍ଭ



୧,୫୮୦.୩୬ କୋଟିର ୩ ପ୍ରକଳ୍ପର ଚୁକ୍ତି ସ୍ୱାକ୍ଷର

ପାରାଦୀପ,୨୧।୮ (ସମିସ): କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ଦୁଇଦିନିଆ ପାରାଦୀପ ବନ୍ଦର ଗସ୍ତରେ ଆସି ବନ୍ଦର ପରିଦର୍ଶନ କରିବା ସହିତ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର କାର୍ଯ୍ୟ ଶୁଭାରମ୍ଭ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ୪୨୭.୮୦ କୋଟି ବ୍ୟୟରେ ନିର୍ମିତ ହେବାକୁ ଥିବା ୭ଟି ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହା ସହିତ ୧,୫୮୦.୩୬ କୋଟି ବିନିଯୋଗର ତିନୋଟି ଯାନ୍ତ୍ରୀକକରଣ ପ୍ରକଳ୍ପର ଚୁକ୍ତି ସ୍ୱାକ୍ଷର କରାଯାଇଥିଲା।

କାର୍ଯ୍ୟାରମ୍ଭ ହୋଇଥିବା ୪୨୭.୮୦ କୋଟି ପ୍ରକଳ୍ପ ମଧ୍ୟରେ ପ୍ରମୁଖ ରହିଛି ପୋର୍ଟ ହାର୍ବରରେ ୧୮.୫ ମିଟର ଗଭୀର ଡ୍ରାଫ୍ଟ କ୍ଷମତା ଡ୍ରେଜିଂ ପ୍ରକଳ୍ପ। ୩୫୨ କୋଟି ଟଙ୍କା ବିନିଯୋଗରେ ହେବାକୁ ଥିବା କ୍ୟାପିଟାଲ ଡ୍ରେଜିଂ ମାଧ୍ୟମରେ ବନ୍ଦରର ଆଭ୍ୟନ୍ତରୀଣ ହାର୍ବରରେ ପୂର୍ଣ୍ଣ ଲୋଡ୍ ଥିବା କେପସାଇଜ୍ ଜାହାଜ ଚଳାଚଳ ସମ୍ଭବ ହେବ। ଏହା ଫଳରେ ଲଜିଷ୍ଟିକ୍ ଖର୍ଚ୍ଚ ଓ ଜାହାଜ ଗତି ପରିବର୍ତ୍ତନ ସମୟ ହ୍ରାସ ପାଇବ। ସେହିପରି ଅଠରବାଙ୍କୀରେ ଦ୍ୱିତୀୟ ନୂତନ ସେତୁ ପାଇଁ ୨୪.୮୯ କୋଟି ରହିଛି। ୫୦୦ ମିଟର ଲମ୍ବ ବିଶିଷ୍ଟ ଏହି ତିନି ଲେନ୍ ବିଶିଷ୍ଟ ସେତୁରେ ପାଦଚଲା ପଥ ଏବଂ ପାଇପ୍ ଲାଇନ୍ କରିଡର ରହିଛି। ପ୍ରତିଦିନ ପ୍ରାୟ ୩୦୦୦ ଟ୍ରକ୍ ଚଳାଚଳ କରୁଥିବା ଏହି ରାସ୍ତାରେ ଯାତାୟାତ ଚାପ ହ୍ରାସ ପାଇବ। କ୍ରୀଡ଼ା ଛାତ୍ରାବାସ ପାଇଁ ୨.୧୦ କୋଟି ରହିଛି। ଏହି ସୁବିଧା ଉଦୀୟମାନ କ୍ରୀଡ଼ାବିତମାନଙ୍କୁ ରହିବା ଏବଂ ଆବଶ୍ୟକ ସୁବିଧା ଯୋଗାଇବା ସହ ଯୁବ ବିକାଶକୁ ପ୍ରୋତ୍ସାହନ ଦେବ। ପ୍ରଶାସନିକ କାର୍ଯ୍ୟାଳୟ ଭବନର ଆଧୁନିକୀକରଣ ପାଇଁ ୧୨.୧୮ କୋଟି ବିନିଯୋଗ ହେବ। ଆବାସିକ କଲୋନୀକୁ ପାଇପ୍ ଯୋଗେ ନ୍ୟାଚୁରାଲ ଗ୍ୟାସ୍ ସପ୍ଲାଇ ପାଇଁ ୨୦ କୋଟି ରହିଛି। ଭାରତ ପେଟ୍ରୋଲିୟମ କର୍ପୋରେସନ୍ ଲିମିଟେଡ୍ ସହଯୋଗରେ ପ୍ରଥମ ପର୍ଯ୍ୟାୟରେ ମଧୁବନ ଅଞ୍ଚଳର ୫୪୬ଟି ଆବାସିକ କ୍ୱାର୍ଟରକୁ ପିଏନ୍‌ଜି ସଂଯୋଗ ଯୋଗାଇ ଦିଆଯିବ। ଏହା ଘରୋଇ ଗ୍ୟାସ୍ ଖର୍ଚ୍ଚକୁ ପ୍ରାୟ ୪୦ ପ୍ରତିଶତ ପର୍ଯ୍ୟନ୍ତ କମାଇବ। ଉନ୍ନତ ଭେସେଲ୍ ଟ୍ରାଫିକ୍ ମ୍ୟାନେଜମେଣ୍ଟ ଏବଂ ସୂଚନା ପ୍ରଣାଳୀ ପାଇଁ ୧୫.୫୦ କୋଟି ବିନିଯୋଗ କରାଯିବ। କେନ୍ଦ୍ରମନ୍ତ୍ରୀ ଶ୍ରୀ ସୋନୋୱାଲ ପାରାଦୀପ ବନ୍ଦରରେ ୧୦ ଲକ୍ଷତମ ବୃକ୍ଷ ରୋପଣ କରି ବନ୍ଦରର ସବୁଜ ପରିବେଶ ସୃଷ୍ଟି କରିଥବଲେ। ସେହିପରି ବନ୍ଦରର କ୍ଷମତା ଓ କାର୍ଗୋ ପରିଚାଳନ କ୍ଷମତାକୁ ଆହୁରି ସୁଦୃଢ଼ କରିବା ପାଇଁ ୧,୫୮୦.୩୬ କୋଟି ବିନିଯୋଗର ତିନୋଟି ଯାନ୍ତ୍ରିକୀକରଣ ପ୍ରକଳ୍ପର ଚୁକ୍ତି ସ୍ୱାକ୍ଷର କରାଯାଇଥିଲା। ବର୍ତ୍ତମାନ ବନ୍ଦରର ଯାନ୍ତ୍ରିକୀକରଣ ସ୍ତର ପ୍ରାୟ ୮୦ ପ୍ରତିଶତ ରହିଛି। ଏହି ପ୍ରକଳ୍ପଗୁଡ଼ିକ ହେଲା ୫ ଏମ୍‌ଟିପିଏ ସାଉଥ୍ କ୍ଲେ ଯାନ୍ତ୍ରିକୀକରଣ ପ୍ରକଳ୍ପ ୪୯୮.୬୯ କୋଟି, ୮ଏମଟିପିଏ ମଲ୍ଟିପର୍ପୋଜ୍ ବର୍ଥ ଯାନ୍ତ୍ରୀକକରଣ ପ୍ରକଳ୍ପ ୬୩୦.୬୭ କୋଟି, ୧୦ ଏମ୍‌ଟିପିଏ ସିକିୟୁ-୩୧୦ କ୍ୟାପ୍ଟିଭ୍ ଯାନ୍ତ୍ରିକୀକରଣ ପ୍ରକଳ୍ପ ପାଇଁ ୪୫୧ କୋଟି ରହିଛି।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ପାରାଦୀପର ବିକାଶ ଭାରତର ସାମୁଦ୍ରିକ କ୍ଷେତ୍ରରେ ଚାଲିଥିବା ବ୍ୟାପକ ପରିବର୍ତ୍ତନର ଏକ ଅଂଶ। ଏହି ଉଦଘାଟନୀ ସମାରୋହରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ସାଂସଦ ବିଭୁପ୍ରସାଦ ତରାଇ ଯୋଗ ଦେଇ ଶିଳ୍ପ-ସମୃଦ୍ଧ ସମଗ୍ର ପାରାଦୀପର ବିକାଶ ପାଇଁ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପାଧ୍ୟକ୍ଷ ଟି. ଭେନୁଗୋପାଳଙ୍କ ସହିତ ବନ୍ଦରର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ବନ୍ଦର ଅଧ୍ୟକ୍ଷ ପି.ଏଲ୍ ହରନାଦ। ଏହି ଅବସରରେ ମତ୍ସ୍ୟ ବ୍ୟବସାୟୀ ସଙ୍ଘ (ଓମ୍ପା) ପକ୍ଷରୁ ମତ୍ସ୍ୟ ବ୍ୟବସାୟୀଙ୍କ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ଓମ୍ପାର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ।

# ଭଡ଼ାଘରୁ ପୁଲିସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭବାନୀପାଟଣା,୨୧।୮ (ସମିସ): ଭବାନୀପାଟଣା ସହର ପୁରୁଣାପଡ଼ାର ଏକ ଭଡ଼ାଘରୁ ଶୁକ୍ରବାର ଜଣେ ଡିଭିଏଫ୍(ଜିଲ୍ଲା ସ୍ୱେଚ୍ଛାସେବୀ ବାହିନୀ) ପୁଲିସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ପୁଲିସ କର୍ମଚାରୀଙ୍କ ନାମ ରାଜେନ୍ଦ୍ର ଦଣ୍ଡସେନା (୨୮) ହୋଇଥିବାବେଳେ ତାଙ୍କ ଘର ଭବାନୀପାଟଣା ସଦରଥାନା ଅଧୀନ ଶଗଡ଼ ପଞ୍ଚାୟତର କାଦୋପଦର ବୋଲି ଜଣାପଡ଼ିଛି। ଭବାନୀପାଟଣା ରିଜର୍ଭ ପୁଲିସଠାରେ ପ୍ରାୟ ୩ ବର୍ଷ ହେଲା ସେ କାର୍ଯ୍ୟରତ ଥିବାବେଳେ ପୁରୁଣାପଡାର ଭଡ଼ାଘରେ ଏକା ରହୁ ଥିଲେ। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କଲେ ତାହା ବର୍ତ୍ତମାନ ମଧ୍ୟ ଅସ୍ପଷ୍ଟ ରହିଛି। ଘଟଣାସ୍ଥଳରେ ଫରେନ୍‌ସିକ୍ ଟିମ୍ ପହଞ୍ଚି ଅନୁଧ୍ୟାନ କରିଥିଲେ। ପରେ ଶବ ବ୍ୟବଚ୍ଛେଦ ପରେ ଟାଉନଥାନା ପୁଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବଜ୍ରପାତରେ ବୃଦ୍ଧ ମୃତ

ବାସୁଦେବପୁର,୨୧।୮ (ସମିସ): ବାସୁଦେବପୁର ବ୍ଲକର ଆନ୍ଦୁଳା ପଞ୍ଚାୟତର ଜୋରାଗଡିଆ ଗ୍ରାମର ସନ୍ତଚରଣ ମହାକୁଡ ବିଲରେ କାମ କରୁଥିବା ବେଳେ ବଜ୍ରପାତରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ । ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ପ୍ରାଥମିକ ଭାବେ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଜୋରାଗଡ଼ିଆ ଗ୍ରାମର ରତ୍ନାକର ଘଡ଼ାଇ ବିଲ କାମ କରୁଥିବା ବେଳେ ବଜ୍ରପାତରେ ଆହତ ହୋଇଛନ୍ତି। ଏହି ପଞ୍ଚାୟତର ଖାଣ୍ଟଖୁଆଡ଼ ଗ୍ରାମର ମିନାକ୍ଷୀ ମଲ୍ଲିକ ବଜ୍ରପାତରେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

## କିଶୋରନଗର ପଞ୍ଚାୟତ ସମିତି ବୈଠକ

# ବିଳମ୍ବ, ଉନ୍ନୟନ କାର୍ଯ୍ୟରେ ସଭ୍ୟଙ୍କୁ ଉପେକ୍ଷା ନେଇ ହୋହାଲ୍ଲା

କିଶୋରନଗର, ୨୧।୮ (ସମିସ)



ଦୀର୍ଘମାସ ପରେ କିଶୋରନଗର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଜିପିଡିଓ ପୂର୍ବ ବୈଠକ ବିବରଣୀ ପାଠ କଲା ସମୟରେ ହଣ୍ଡପା ସମିତି ସଭ୍ୟ ଆନୁକୂଲ୍ୟ ବେହେରା, ଉରୁକୁଳା ସମିତି ସଭ୍ୟ ଧନେଶ୍ୱର ସାହୁ, ଝରାବେରଣୀ ସମିତି ସଭ୍ୟ ବାବୁଲା ନାଏକ, ଓସ୍କାପାଲ୍ଲୀ ସମିତି ସଭ୍ୟା ସାବିତ୍ରୀ ନାଏକ ଧାର୍ଯ୍ୟ ସମୟରେ ବୈଠକ ନ କରିବା, ସମିତି ସଭ୍ୟସଭ୍ୟାଙ୍କୁ ଉନ୍ନୟନ କାର୍ଯ୍ୟରେ ଉପେକ୍ଷା କରିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ହୋହାଲ୍ଲା କରିଥିଲେ। ଫଳରେ କିଛି ସମୟ ବୈଠକ ଚାଲିପାରି ନ ଥିଲା। ବ୍ଲକ ଅଧ୍ୟକ୍ଷା ବିଳମ୍ବକୁ ସ୍ୱୀକାର କରି ନିଜ ଅସୁବିଧା କହି ବୈଠକକୁ ଆଗକୁ ନେବାକୁ ଅନୁରୋଧ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ସ୍ୱାସ୍ଥ୍ୟ, ଶିକ୍ଷା ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ବାମୁର ବନାଞ୍ଚଳ ଅଧିକାରୀ ସ୍ୱାଧୀନ ସାମଲ ଚଳିତ ଆର୍ଥିକ ବର୍ଷରେ ଜଙ୍ଗଲଗୁଡ଼ିକରେ ପରିବେଶ ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ଲକ୍ଷାଧିକ ବାଉଁଶ, ପଣସ ଆଦି ଚାରାରୋପଣ କରାଯାଇଛି ବୋଲି କହିଥିଲେ। ଅଞ୍ଚଳରେ ୪୦/୫୦ ହାତୀ ବୁଲୁଛନ୍ତି। ଚାଷୀଙ୍କ ଫସଲ ନଷ୍ଟ ହେଲେ କ୍ଷୟକ୍ଷତିର ସରକାରୀ ସହାୟତାର ବ୍ୟବସ୍ଥା ରହିଛି ବୋଲି ସୂଚନା ଦେଇଥିଲେ। ହାତୀ ଆକ୍ରମଣରେ ମୃତ୍ୟୁ ହେଲେ ୧୦ଲକ୍ଷ ଟଙ୍କା ଅନୁକମ୍ପା ସହାୟତା ରହିଛି ବୋଲି ପ୍ରକାଶ କରିଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ନିଶିପ୍ରଭା ବେହେରା ନିଜ ବିଭାଗ ଦ୍ୱାରା ଉପଲବ୍ଧ ହେଉଥିବା ସରକାରୀ ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ମତ୍ସ୍ୟ ଅଧିକାରିଣୀ ସୁଭାଷିନୀ ବେହେରା ମତ୍ସ୍ୟ ବିଭାଗ ଦ୍ୱାରା ରହିଥିବା ସରକାରୀ ସୁବିଧା ବିଷୟରେ ଆଲୋଚନା ବେଳେ କିଛି ସଭ୍ୟଙ୍କୁ ସରକାରୀ ସହାୟତା ସମ୍ପର୍କରେ ସୂଚନା ଦିଆଯାଉନାହିଁ ବୋଲି ଅଭିଯୋଗ କରି ଅସନ୍ତୋଷ ବଖାଣିଥିଲେ। ପ୍ରାଣୀ ସମ୍ପଦ ଅଧିକାରିଣୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ପ୍ରଧାନ, ସିଡିପିଓ ଭାଗ୍ୟଲତା ସେଠୀ, ବ୍ଲକ ଶିକ୍ଷା ଅଧିକାରୀ ଅରୁଣ ସେଠୀ, ସ୍ୱାସ୍ଥ୍ୟ ଅଧିକାରୀ ଡା. ପାର୍ଥସାରଥି ପତି, ବିଦ୍ୟୁତ ବିଭାଗ ଏସଡିଓ ଶୁଭକାନ୍ତ ପ୍ରଧାନ ଯୋଗଦେଇ ନିଜ ବିଭାଗର ପ୍ରସଙ୍ଗ ଆଲୋଚନା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ ସମିତି କାର୍ଯ୍ୟାଳୟରେ କାର୍ଯ୍ୟରତ ସ୍ୱଳ୍ପ ଦରମା ପାଉଥିବା ପିଅନଙ୍କ ଦରମା ବୃଦ୍ଧି କରିବାକୁ ପ୍ରସ୍ତାବ ରଖିଥିଲେ।

ବାମୁର କ୍ଷୁଦ୍ର ଜଳସେଚନ ବିଭାଗ ଯନ୍ତ୍ରୀ ସୌମ୍ୟରଞ୍ଜନ ବେହେରା କହିଲେ, ବାମୁର ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପର ଜାତୀୟ ରାଜପଥ ପାଖ କେନାଲର ପୁନରୁଦ୍ଧାର ପାଇଁ ୩୫ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ଅଙ୍ଗପଡ଼ା ଓ ଗଦଗଦା ଜଳସେଚନ ପ୍ରକଳ୍ପ ପାଇଁ ଅର୍ଥ ମଞ୍ଜୁର ହୋଇଛି। ବ୍ଲକର ବିଭିନ୍ନ ନାଳରେ ୧୨ଟି ଚେକଡ୍ୟାମ କାମ ଶେଷ ହୋଇଥିବା ବେଳେ ୨ଟିର କାମ ଆରମ୍ଭ ହେବ ବୋଲି କହିଥିଲେ। ଧଡ଼ରପାଳ ସରପଞ୍ଚ ପ୍ରଧାନ ଗଦଗଦା ଜଳସେଚନ ପ୍ରକଳ୍ପର ସ୍ଥାନ ସଠିକ ଜାଗାରେ ହେବାକୁ ବିଭାଗ ଦୃଷ୍ଟି ଦେବାକୁ ଦାବି କରିଥିଲେ। ବୈଠକରେ ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ସରୋଜ କୁମାର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଏବିଡିଓ ହିମାଂଶୁ ଶେଖର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ଅନୁପମା ସାହୁ, ବିଷ୍ଣୁପ୍ରିୟା ପ୍ରଧାନଙ୍କ ସମେତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, କନିଷ୍ଠ ଯନ୍ତ୍ରୀ, ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ। ବିଡିଓ ଶୁଭକାନ୍ତ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ପୋଖରୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

କଣିହାଁ, ୨୧।୮ (ସମିସ): ଗୁରୁବାର ସନ୍ଧ୍ୟାରେ ସମଲ ଥାନା କୁଲେଇ ଗ୍ରାମ ପୋଖରୀରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ସେ ହେଲେ ଗ୍ରାମର ବାସନ୍ତୀ ସାହୁ। ବାସନ୍ତୀ ପୋଖରୀକୁ ଯାଇଥିବା ବେଳେ କୌଣସି କାରଣରୁ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକ ଖୋଜାଖୋଜି କରିବା ପରେ ପୁଲିସ ଓ କଣିହାଁ ଅଗ୍ନିଶମ ବାହିନୀ ସହାୟତାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପିଏମଆଇଟିରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ତାଳଚେର, ୨୧।୮ (ସମିସ): ପବିତ୍ରମୋହନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ପିଏମ୍ଆଇଟି)ରେ ଗୁରୁବାର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ହିଙ୍ଗୁଳା କୋଇଲା ଖଣି କ୍ଷେତ୍ରର ପ୍ରବନ୍ଧକ ସୁନୀଲ ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଶିକ୍ଷାର ବିକାଶରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରଛାତ୍ରୀମାନେ ନିଜ ଆତ୍ମବଳ, ପ୍ରଚେଷ୍ଟା ଏବଂ ଇଚ୍ଛାଶକ୍ତି ସହ ଅଧ୍ୟୟନ କଲେ ନିଶ୍ଚିତ ସଫଳତା ହାସଲ କରିବେ ବୋଲି ସେ କହିଥିଲେ। ଲିଙ୍ଗରାଜ କୋଇଲା ଖଣି କ୍ଷେତ୍ର ଡିଏଭି ପବ୍ଲିକ ସ୍କୁଲର ସଞ୍ଜୁକ୍ତା ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତ୍ୟେକ ଇଞ୍ଜିନିୟରିଂ ଛାତ୍ରଛାତ୍ରୀ ନିଜକୁ ବୈଷୟିକ ଜ୍ଞାନ କ୍ଷେତ୍ରରେ ଅଧିକ ଜ୍ଞାନକୌଶଳ ଶିଖିବା ଆବଶ୍ୟକ ବୋଲି କହିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ସ୍ୱପ୍ନିତା ପଣ୍ଡା ମୌଳିକ ମୂଲ୍ୟବୋଧ ଏବଂ ପ୍ରାକ୍ଟିକାଲ ଟ୍ରେନିଂକୁ ଗୁରୁତ୍ୱଦେଇ ଡିଜିଟାଲ ଇଣ୍ଡିଆ ଏବଂ ମେକ୍ ଇନ୍ ଇଣ୍ଡିଆର ପାରଦର୍ଶିତା ଲାଭ କରିବାକୁ ପରାମର୍ଶ ଦେଇଥିଲେ। ବିକାଶ ଫାଉଣ୍ଡେସନ ଟ୍ରଷ୍ଟ ଅଧ୍ୟକ୍ଷା ମୃଦୁଳା ଟି ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଇଞ୍ଜିନିୟରିଂ ଶିକ୍ଷାକ୍ଷେତ୍ରରେ ଦୁଇପାଦ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନର ମାଇନିଂ ଇଞ୍ଜିନିୟରିଂ ଛାତ୍ରୀ ଶୁଭଶ୍ରୀ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ଉପାଧ୍ୟକ୍ଷ ନରେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଏକାଡେମୀ ନିର୍ଦ୍ଦେଶକ ଶରତ ବିଶ୍ୱାଳ, ରାଜେନ୍ଦ୍ର ମହାପାତ୍ରଙ୍କ ସମେତ ସମସ୍ତ କମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ।

● ଯୁଗ୍ମ ସଚିବଙ୍କ କିଶୋରନଗର ବ୍ଲକ ଗସ୍ତ

## ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ତଦାରଖ




କିଶୋରନଗର, ୨୧।୮ (ସମିସ): କିଶୋରନଗର ବ୍ଲକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ବୁଲି ଦେଖିଛନ୍ତି ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଯୁଗ୍ମ ସଚିବ ମନୋରଞ୍ଜନ ସାମନ୍ତରାୟ। ସେ ନୁନୁକାପଶି, କଣ୍ଟେଇକୁଳିଆ, ହିମିତିରା, ରଣିଆକଟା, ଲୁହାମୁଣ୍ଡା, ଧଉରାପାଲୀ ଆଦି ପଞ୍ଚାୟତରେ ଜିପିଏଲଏଫ୍ ଗୃହ, ଅଙ୍ଗନବାଡି ଗୃହ, ଭିବି ଜିରାମ ଜି ଯୋଜନାରେ ଚାଲିଥିବା ଚାରାରୋପଣ, ରାସ୍ତା, ବନସୁରକ୍ଷା ସମିତି ଗୃହ, ପୋଖରୀ କାର୍ଯ୍ୟ ତଦାରଖ କରି ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଛନ୍ତି। ତାଙ୍କ ସହିତ ଏପିଡି (ଅର୍ଥ) ଅବିନାଶ ମହାନ୍ତି, ଏପିଡି (ତାଲିମ) ରାକେଶ କୁଣ୍ଡୁ, ବିଡିଓ ଶୁଭକାନ୍ତ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ, ଏବିଡିଓ ହିମାଂଶୁ ଶେଖର ନାୟକ, ଜିପିଡିଓ ସୁରେଶ ଚନ୍ଦ୍ର ସାହୁଙ୍କ ସମେତ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, ପିଇଓ, ଏଡିଇଓ ଉପସ୍ଥିତ ଥିଲେ।

● ୩୨ତମ ରାଜ୍ୟସ୍ତରୀୟ ଉଷୁ ଚାମ୍ପିଅନ୍‌ସିପ୍

## ଅନୁଗୋଳ ଜିଲ୍ଲାରୁ ପ୍ରତିନିଧିତ୍ୱ କରିବେ ୨୮ ପ୍ରତିଯୋଗୀ




ଅନୁଗୋଳ, ୨୧।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ରେ ଅଗଷ୍ଟ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆୟୋଜିତ ହେବାକୁ ଥିବା ୩୨ତମ ରାଜ୍ୟସ୍ତରୀୟ ଉଷୁ ଚାମ୍ପିଅନସିପରେ ଅନୁଗୋଳ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୮ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ସବ୍-ଜୁନିଅର, ଜୁନିଅର ଓ ସିନିୟର ଏପରି ୩ ବର୍ଗରେ ବିଭିନ୍ନ ଇଭେଣ୍ଟ ମାଧ୍ୟମରେ ଆୟୋଜିତ ହେବ। ଅନୁଗୋଳ ଜିଲ୍ଲା ଉଷୁ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ, କାର୍ଯ୍ୟକାରୀ ସଭାପତି ଦୀନେଶ ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ସିଂ, ଜିଲ୍ଲା ଉଷୁ ସଂଘ ଉପଦେଷ୍ଟା ଦୋଳଗୋବିନ୍ଦ ଦଳେଇ, ଦୁଷ୍ମନ୍ତ ସାହୁ, ତପନ କୁମାର ସାମଲ, କୋଷାଧ୍ୟକ୍ଷ ବିନୋଦ ନାଏକ, ଯୁଗ୍ମ ସମ୍ପାଦକ ଅରୁଣ ନାଏକ ଏବଂ ସମ୍ପାଦକ ତଥା ଅନ୍ତର୍ଜାତୀୟ ଜଜ୍ ସୁଶାନ୍ତ ନାଏକ ପ୍ରମୁଖ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ଟିମ୍‌ସହ କୋଚ୍ ସୁନୀତା ଦାସ, ପପୁନୁ ସାମନ୍ତ ଏବଂ ସହକାରୀ କୋଚ୍ ବାବୁଲ ମୁଣ୍ଡା ଝାରସୁଗୁଡ଼ା ଗସ୍ତ କରିଛନ୍ତି।

## 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମର ସମନ୍ୱୟ ବୈଠକ

ଅନୁଗୋଳ, ୨୧।୮ (ସମିସ): 'ବେଟି ବଚାଓ, ବେଟି ପଢ଼ାଓ' କାର୍ଯ୍ୟକ୍ରମ ଅଧୀନରେ ମହିଳା ଓ ଶିଶୁ ମଙ୍ଗଳ ବିଭାଗ ତରଫରୁ ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବାଳିକାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଓ ସଶକ୍ତିକରଣ ସହିତ ଲିଙ୍ଗଭିତ୍ତିକ ବୈଷମ୍ୟ ଦୂରୀକରଣ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ବାଲ୍ୟ ବିବାହ ରୋକିବା, ବାଳିକାଙ୍କ ସ୍କୁଲ୍ ଡ୍ରପ୍‌ଆଉଟ୍ ହ୍ରାସ କରିବା, ଶିକ୍ଷାରେ ନିରନ୍ତରତା ବଜାୟ ରଖିବା ଏବଂ ସମାଜରେ ଲିଙ୍ଗ ସମାନତା ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଗୁରୁତ୍ ଦିଆଯାଇଥିଲା। ବାଳିକାଙ୍କୁ ସୁରକ୍ଷିତ, ଶିକ୍ଷିତ ଓ ସଶକ୍ତ କରିବା ସହିତ ସମାଜରେ ସେମାନଙ୍କ ପ୍ରତି ସକାରାତ୍ମକ ମନୋଭାବ ଓ ସମାନତାର ଭାବନା ସୃଷ୍ଟି କରିବା ଉପରେ ଅତିରିକ୍ତ ଜିଲ୍ଲାପାଳ ଗୁରୁତ୍ୱାରୋପ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳି ଶତପଥୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ଗୌରୀ ଶଙ୍କର ବେହେରା, ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଶ୍ରୀ ଦେବାଶିଷ ସାହୁଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ସିଡ଼ିପିଓ, ପୋଷଣ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



## ଇନ୍ଦ୍ର ଦେବତାଙ୍କ ବାର୍ଷିକ ପୂଜା ଓ ହୋମଯଜ୍ଞ



ବଣ୍ଟରପାଳ, ୨୧।୮ (ସମିସ): ବଣ୍ଟରପାଳ ବ୍ଲକ ତୁଳସୀପାଳ ଗ୍ରାମ ଆଲୁଆମୁଣ୍ଡା ରଗୁଡ଼ିରେ ଇନ୍ଦ୍ରଦେବତାଙ୍କ ବାର୍ଷିକ ପୂଜା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଛି। ଅଞ୍ଚଳରେ ସୁବୃଷ୍ଟି ପାଇଁ ଏହି ହୋମଯଜ୍ଞ ପୂର୍ବପୁରୁଷରୁ ଅନୁଷ୍ଠିତ ହେଇଆସୁଛି। ପ୍ରଭାତରୁ ଗ୍ରାମବାସୀ ଗ୍ରାମ ଭାଗବତ ଟୁଙ୍ଗିରୁ ପବିତ୍ର ଭାଗବତ ଗ୍ରନ୍ଥକୁ ଶୋଭାଯାତ୍ରାରେ ନେଇ ଗ୍ରାମ ବାହାରେ ଥିବା ଆଲୁଆମୁଣ୍ଡା ରଗୁଡ଼ିର ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ବାବା ଭବାନୀଜୀ, ପଣ୍ଡିତ ଅଭିମନ୍ୟୁ ଶତପଥୀ, ମୀନକେତନ ମିଶ୍ର, ସୁବାସ ନନ୍ଦ ଓ ମନୋଜ ଦାଶଙ୍କ ଦ୍ୱାରା ଅଧିବାସ, ଯଜ୍ଞମଣ୍ଡପ ଓ କୁଣ୍ଡଶୁଦ୍ଧି ପରେ ବେଦପାଠ ପୂର୍ବକ ହୋମଯଜ୍ଞ ଆରମ୍ଭ ହୋଇଥିଲା। ରାମାୟଣ ପାଠ ପରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଗ୍ରାମ ସଭାପତି ଉମେଶ ଚନ୍ଦ୍ର ଗଡ଼ନାୟକ ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣମୟୀ ଗଡ଼ନାୟକ କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ, ଜିଲ୍ଲା ଯୁବ ବିଜେଡି ସଭାପତି ଅରୁଣାଭ ସିଂହ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଗ୍ରାମ ସମ୍ପାଦକ ନୀଳମଣି ବିଶ୍ୱାଳ, ଅଜୟ ସାହୁ, ନିମେଇଁ ସାହୁ, ଧୀରେନ୍ଦ୍ର ଗଡ଼ନାୟକ, ସୁମନ୍ତ ବିଶ୍ୱାଳ, ଦୁଷ୍ମନ୍ତ ବାରିକ ଓ ମିଟୁ ନାୟକଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ନାଲକୋ ଅଫିସର୍ସ ସଙ୍ଘରେ ୫୩ ନୂତନ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଅନୁଗୋଳ, ୨୧।୮ (ସମିସ): ନାଲକୋ ଅଫିସର୍ସ ସଙ୍ଘରେ ୫୩ଜଣ ନୂତନ ସଦସ୍ୟ ଯୋଗଦାନ କରିଛନ୍ତି। ଏସ ଆଣ୍ଡ ପି କମ୍ପ୍ଲେକ୍ସସ୍ଥିତ ଅଫିସର୍ସ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର




ଉତ୍ସବରେ ମୁଖ୍ୟଅତିଥି ଭାବେ ନାଲକୋ ଅଫିସର୍ସ ସଂଘ ସଭାପତି ଦେବାଶିଷ ମିଶ୍ରଙ୍କ ଉପସ୍ଥିତିରେ ନୂତନ ସଦସ୍ୟମାନେ ସଂଘରେ ଯୋଗଦେଇଥିଲେ। ନାଲକୋର ବିଭିନ୍ନ ୟୁନିଟରୁ ଆସି ସ୍ମେଲ୍ଟର, ସିପିପି ଏବଂ ମାଇନ୍ସ ୟୁନିଟରେ ନୂତନ ଭାବେ ଯୋଗଦେଇଥିବା ଅଫିସରମାନେ ସଦସ୍ୟତା ଗ୍ରହଣ କରିଥିଲେ। ଏହି ଅବସରରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନ୍ୟ ଅତିଥିଙ୍କ ମଧ୍ୟରେ ମନୋଜ ଚନ୍ଦନ, ନରେଶ ମିଶ୍ର, ବିଭୂତି କୁମାର ସାହୁ, ଅଭିଷେକ ପଣ୍ଡା, ଶୁକଦେବ ପଟ୍ଟାୟତ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଘ ସାଧାରଣ ସମ୍ପାଦକ ନଳିନୀକାନ୍ତ ପଣ୍ଡା ସଂଘର ଆଭିମୁଖ୍ୟ ଓ ଉପଯୋଗିତା ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଉପସଭାପତି କିଶୋର କୁମାର ବେହେରା ସଙ୍ଘର ନୀତିନିୟମ, ନାଲକୋର ଅଭିବୃଦ୍ଧି ତଥା ବିଗତ ବର୍ଷର ସଫଳତା ବିଷୟରେ ଅଭିବ୍ୟକ୍ତି ରଖିଥିଲେ। ଅନ୍ୟତମ ଉପସଭାପତି ଶରତ ଚନ୍ଦ୍ର ହେମ୍ବ୍ରମ ନାଲକୋ ଓ ସଙ୍ଘ ଗଠନରେ ସମସ୍ତ ଅଫିସର ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ଯୁଗ୍ମ ସମ୍ପାଦକ ପ୍ରତାପ ଚନ୍ଦ୍ର ମଲ୍ଲିକ ଓ ଦେବୀପ୍ରସାଦ ମହାପାତ୍ର ସଭା ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ କୁମାରୀ ଇରା ଧନ୍ୟବାଦ ଅର୍ପଣ କରିଥିଲେ।

● ଅନୁଗୋଳରେ ହାତୀ ଆତଙ୍କ

## ରାତିସାରା ଗାଁ ଜଗୁଛନ୍ତି ଶରଧାପୁର ବାସିନ୍ଦା



ଅନୁଗୋଳ, ୨୧।୮ (ସମିସ): ଅନୁଗୋଳ ବ୍ଲକ ପୁରୁଣାଗଡ଼ ସେକ୍ସନ ଅନ୍ତର୍ଗତ ସରଧାପୁର ଗ୍ରାମରେ ହାତୀ ଆତଙ୍କ ତୀବ୍ର ରୂପ ନେଇଛି। ଗ୍ରାମ ନିକଟରେ ୧୫ ଟିକିଆ ହାତୀ ପଲ ଡେରା ଜମାଇବା ସହ ସିଧାସଳଖ ଗାଁ ଭିତରକୁ ପଶିଆସୁଥିବାରୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ମୁତାବକ, ଗତ କିଛି ଦିନ ହେବ ଏହି ହାତୀ ପଲ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ କରିବାରେ ଲାଗିଛନ୍ତି। ଧାନ ଓ ପନିପରିବା ଚାଷକୁ ଦଳିଚକଟି ନଷ୍ଟ କରିଦେବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏବେ ହାତୀମାନେ ଜଙ୍ଗଲ ଛାଡ଼ି ଜନବସତି ମଧ୍ୟକୁ ପ୍ରବେଶ କରୁଥିବାରୁ ସାଧାରଣ ଜୀବନଯାତ୍ରା ଗଭୀର ଭାବେ ପ୍ରଭାବିତ ହୋଇଛି। ନିଜ ପରିବାର ଓ ଗାଁକୁ ସୁରକ୍ଷିତ ରଖିବା ପାଇଁ ଗ୍ରାମବାସୀମାନେ ଏକାଠି ହୋଇ ରାତିସାରା ନିଆଁ ଜାଳି ଓ ଟର୍ଚ୍ଚ ମାରି ପହରା ଦେଉଛନ୍ତି। ତୁରନ୍ତ ବନ ବିଭାଗ ଏଥିରେ ହସ୍ତକ୍ଷେପ କରି ହାତୀପଲଙ୍କୁ ଗଭୀର ଜଙ୍ଗଲକୁ ଘଉଡ଼ାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦୃଢ଼ ଦାବି କରିଛନ୍ତି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବଣ୍ଟରପାଳ, ୨୧।୮ (ସମିସ): ବଣ୍ଟରପାଳ ପାଞ୍ଚଗଡ଼ ବିଜୟ କୁମାର ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ବଣ୍ଟରପାଳ ପଞ୍ଚାୟତ ସମିତି ଆନୁକୂଲ୍ୟରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୫୧୪ ଭିନ୍ନକ୍ଷମ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡା. ଦୁର୍ଲଭ ସାହୁ, ଡା. ନୀଳମାଧବ ପ୍ରଧାନ, ଡା. ପ୍ରସନ୍ନ କୁମାର ମହାନ୍ତି, ଡା. କଳ୍ପନା ଜେନା, ଡା. ରଶ୍ମିତା ଭଞ୍ଜଦେଓ ଓ ଡା. ବିକାଶ ରାଉତ ବିଭିନ୍ନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ ସହ ହୁଇଲ ଚେୟାର, ଟ୍ରାଇସାଇକଲ, ଶ୍ରବଣ ଯନ୍ତ୍ର ଓ ଅନ୍ୟ ସହାୟକ ଉପକରଣ ପ୍ରଧାନ ପାଇଁ ଯାଞ୍ଚ କରାଯାଇଥିଲା।

## ମହାବିଦ୍ୟାଳୟରେ ନିଶା ନିବାରଣ ସଚେତନତା




ପବିତ୍ରନଗର, ୨୧।୮ (ସମିସ): କଣିହାଁ ବ୍ଲକ ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଓ ଶକ୍ତିଶ୍ରୀ ଆନୁକୂଲ୍ୟରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ବନୋଜ କୁମାର ପ୍ରଧାନ ନିଶା କିଭଳି ସମାଜକୁ ବିପଥଗାମୀ କରୁଛି ଏବଂ ଯୁବବର୍ଗଙ୍କୁ ପଥଭ୍ରଷ୍ଟ କରୁଛି ସେ ଉପରେ ଆଲୋକପାତ କରିଥିଲେ। ବ୍ରହ୍ମାକୁମାରୀ ସଂଗଠନର ସଂଯୋଜିକା ବିକେ ସମିତା ନିଶା ନିବାରଣ ଉପରେ ବକ୍ତବ୍ୟ ରଖି ଯୁବସମାଜ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ ମତବ୍ୟକ୍ତ କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ପ୍ରତିଭାରାଣୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶତାଧିକ ଛାତ୍ରଛାତ୍ରୀ ନିଶାଠାରୁ ଦୂରେଇ ରହିବା ସହ ସମାଜକୁ ନିଶାମୁକ୍ତ କରିବାକୁ ଶପଥପାଠ କରିଥିଲେ। ଅଧ୍ୟାପକ କାଳୀଚରଣ ସାହୁ, ସନ୍ତୋଷ କୁମାର ସାହୁ, ଧନଞ୍ଜୟ ପ୍ରଧାନ, ଦିଲୀପ ମହାରଣା, ବୈଜୟନ୍ତୀ ନାୟକ, ମନ୍ଦାକିନୀ ଗଡ଼ନାୟକ, ଜ୍ୟୋସ୍ନାମୟୀ ଦାସଙ୍କ ସମେତ ମହାବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ଟିଏସ୍‌ଏଫ୍ ସିଆଇଆଇ ସହଯୋଗରେ ନିଯୁକ୍ତି ମେଳା

ବଣ୍ଟରପାଳ, ୨୧।୮ (ସମିସ): ଟାଟାଷ୍ଟିଲ୍‌ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ପକ୍ଷରୁ କନଫେଡେରେସନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ) ସହଯୋଗରେ ବଣ୍ଟରପାଳସ୍ଥିତ ପିଏସ୍‌ଏସଜେ ଡିଗ୍ରୀ କଲେଜରେ ଅଗଷ୍ଟ ୧୯ ଓ ୨୦ ତାରିଖ ଦୁଇଦିନିଆ ନିଯୁକ୍ତି ମେଳା ଆୟୋଜିତ ହୋଇଛି। ଏହି ମେଳା ମାଧ୍ୟମରେ ଚାକିରି ଆଶାୟୀମାନଙ୍କୁ ବିଭିନ୍ନ କ୍ଷେତ୍ରର ନିଯୁକ୍ତିଦାତାଙ୍କ ସହ ସିଧାସଳଖ ଯୋଗାଯୋଗର ସୁଯୋଗ ମିଳିଥିଲା। ଏଥିରେ ୯୦୦ରୁ ଅଧିକ ପ୍ରାର୍ଥୀ ବିଭିନ୍ନ ନିଯୁକ୍ତି ପାଇଁ ପଞ୍ଜୀକରଣ କରିଥିଲେ। ଟିପିଏଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍, ଅଟୋମେସନ୍ ଆଣ୍ଡ ଟେକ୍ନିକାଲ୍ ସର୍ଭିସେସ୍, ପ୍ରୋଟେକ୍ଟିଭ୍ ଜେନେରାଲ୍ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍, ଏସ୍‌ଏସ୍ ଇଲେକ୍ଟ୍ରିକାଲ୍ସ, ଏମ୍‌ଏସ୍‌ପି କନ୍‌ଷ୍ଟ୍ରକ୍ସନ୍, ଅବ୍ରେଷ୍ଟ ଇଞ୍ଜିନିୟରିଂ କୋ., ଆକ୍ସିସ୍ ବ୍ୟାଙ୍କ, ବ୍ଲିଙ୍କିଟ୍, ଶାହୀ ଏକ୍ସପୋର୍ଟ୍ସ, ଟିଏଚ୍‌କେ ଇଣ୍ଡିଆ, ଲିଙ୍ଗରାଜ ଏଣ୍ଟରପ୍ରାଇଜେସ୍ ଏବଂ ଏନଟିଟିଏଫ୍ ଭଳି ସଂସ୍ଥା ଏଥିରେ ଅଂଶଗ୍ରହଣ କରିଥିଲେ। ନିଯୁକ୍ତି ମେଳାରେ ଉତ୍ପାଦନ, ଇଞ୍ଜିନିୟରିଂ, ନିର୍ମାଣ, ବ୍ୟାଙ୍କିଂ, ଲଜିଷ୍ଟିକ୍ସ, ରିଟେଲ୍, ବୈଷୟିକ ପ୍ରଶିକ୍ଷଣ ଓ ସେବା କ୍ଷେତ୍ରରେ ବିଭିନ୍ନ ନିଯୁକ୍ତି ସୁଯୋଗ ଉପଲବ୍ଧ ହୋଇଥିଲା। କମ୍ପାନୀଗୁଡ଼ିକ ପ୍ରାର୍ଥୀ ଚୟନ, ସାକ୍ଷାତକାର ଏବଂ ବିଭିନ୍ନ ପଦବୀ ପାଇଁ ଦକ୍ଷତା ମୂଲ୍ୟାୟନ କରିଥିଲେ। ଅନୁଗୋଳ ଓ ଢେଙ୍କାନାଳ ଜିଲ୍ଲାର ଯୁବପିଢ଼ିଙ୍କ ନିଯୁକ୍ତି ଯୋଗ୍ୟତା ବୃଦ୍ଧି, ଜୀବିକା ସୁଯୋଗରେ ସହଜ ପ୍ରବେଶ ଏବଂ ଶିଳ୍ପ ସହ ଯୁବପିଢ଼ିର ସମ୍ପର୍କକୁ ମଜବୁତ କରିବା ଦିଗରେ ଚାଲିଥିବା ପ୍ରୟାସର ଏକ ଅଂଶ ଭାବେ ଏହି ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା।



# ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପର୍କିତ ଆଲୋଚନାଚକ୍ର

କିଶୋରନଗର, ୨୧।୮ (ସମିସ)




ଚଳିତ ବର୍ଷ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ପାଠ୍ୟପୁସ୍ତକରେ ବହୁ ତ୍ରୁଟି ଏବଂ ଅସଂଖ୍ୟ ଭୁଲ୍ ରହିଛି। ଫଳରେ ପାଠପଢ଼ା କ୍ଷେତ୍ରରେ ସମ୍ପୂର୍ଣ୍ଣ ଅଚଳାବସ୍ଥା ସୃଷ୍ଟି ହୋଇଛି। ସରକାର ଯେଉଁ ସଂଶୋଧନ ପୁସ୍ତିକା ଯୋଗାଇ ଦେଇ ପାଠ ପଢ଼ାଇବାକୁ ନିର୍ଦ୍ଦେଶ ଦେଇଛନ୍ତି, ସେଥିରେ ମଧ୍ୟ ତ୍ରୁଟି ରହିଛି। ଖାଲି ବାନନଗତ ତ୍ରୁଟି ନୁହେଁ, ବହୁ ମୌଳିକ ଓ ବିଚାରଗତ ତ୍ରୁଟି ପରିଲକ୍ଷିତ ହୋଇଛି। ଏ ନେଇ ଦେଶର ଶିକ୍ଷା ଆନ୍ଦୋଳନର ଅଗ୍ରଣୀ ସଂଗଠନ ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି ଓଡ଼ିଶା ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ କରାଯାଉଛି। ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ଗୁରୁବାର ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି, କିଶୋରନଗର ପକ୍ଷରୁ ଛାତ୍ର, ଶିକ୍ଷକ, ଅଭିଭାବକମାନଙ୍କୁ ନେଇ ଏକ ଆଲୋଚନାଚକ୍ର ସ୍ଥାନୀୟ ଜୟରାଟଠାରେ ଅନୁଷ୍ଠିତ ହୋଇଛି। କମିଟିର ଜିଲ୍ଲା ଆବାହକ ଚିତ୍ତରଞ୍ଜନ ମେଣ୍ଡୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ରାଜ୍ୟ ଉପସଭାପତି ରାଜେନ୍ଦ୍ର ବର୍ମା ମୁଖ୍ୟବକ୍ତା ଭାବେ ଯୋଗଦେଇ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ କେବଳ ଏକ ସାଧାରଣ ଭୁଲ୍ ନୁହେଁ, ଏହା ଗୁରୁତର ଅପରାଧ ବୋଲି କହିଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରଣୟନ କରାଯାଇଥିବା ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଆଗାମୀ ପିଢ଼ିଙ୍କୁ ମାନସିକ ଭାବେ ପଙ୍ଗୁ ଓ ଦାସରେ ପରିଣତ କରିବ। ଅବିଳମ୍ବେ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ପୁରୁଣା ବହିରେ ପାଠପଢ଼ା ଆରମ୍ଭ କରିବାକୁ ସେ ଦାବି କରିଥିଲେ। କମିଟିର କିଶୋରନଗରର ଆବାହକ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମଣ ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ, କିଶୋରୀଚରଣ ପ୍ରଧାନ, ରମଣୀରଞ୍ଜନ ପ୍ରଧାନ ପ୍ରମୁଖ ଚଳିତ ଶିକ୍ଷାବର୍ଷର ୪ ମାସ ବିତିଯାଇଥିଲେ ମଧ୍ୟ ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର କରୁ ନ ଥିବାରୁ ଏହା ସରକାରଙ୍କ ଶିକ୍ଷାମାରଣ ନୀତି ବୋଲି ପ୍ରକାଶ କରିଥିଲେ। ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ବ୍ଲକ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ବିଜେଡିର ଦାବିପତ୍ର

# କେନ୍ଦ୍ରାପଡ଼ାକୁ ବନ୍ୟା ପ୍ରପୀଡ଼ିତ ଜିଲ୍ଲା ଘୋଷଣା ଦାବି



### ୭ ଦିନର ରିଲିଫ୍, ପଶୁ ଖାଦ୍ୟ, ପାନୀୟଜଳ ଓ ଚିକିତ୍ସା ବ୍ୟବସ୍ଥା ଉପରେ ଗୁରୁତ୍ୱ

କେନ୍ଦ୍ରାପଡ଼ା,୨୧।୮ (ସମିସ): ବନ୍ୟାରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଦୁର୍ଦ୍ଦଶା ଜାରି ରହିଥିବାବେଳେ କେନ୍ଦ୍ରାପଡ଼ାକୁ ସ୍ୱତନ୍ତ୍ର ଭାବେ ବନ୍ୟା ପ୍ରପୀଡ଼ିତ ଜିଲ୍ଲା ଭାବେ ଘୋଷଣା କରି ତୁରନ୍ତ ବ୍ୟାପକ ରିଲିଫ୍ ଓ ପୁନର୍ବାସ ବ୍ୟବସ୍ଥା କରିବାକୁ ଦାବି ଜୋର ଧରିଛି। ଏହି ଦାବି ନେଇ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ଜିଲ୍ଲା ବିଜେଡି ସଭାପତି ଶିବପ୍ରସାଦ ଭଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଜିଲ୍ଲା ମହିଳା ବିଜେଡି ସଭାପତି ସରିତା ସାହୁ ଓ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସଙ୍କ ସମେତ ଦଳୀୟ ନେତା ଓ କର୍ମକର୍ତ୍ତା ବନ୍ୟାଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ୟା ମୁକାବିଲାରେ ପୂର୍ବ ପ୍ରସ୍ତୁତିର ଅଭାବ ଓ ରିଲିଫ୍ ଯୋଗାଣରେ ଅବ୍ୟବସ୍ଥା ରହିଥିବା ଦଳୀୟ ନେତା ଅଭିଯୋଗ କରିଛନ୍ତି। ବନ୍ୟା ବିପନ୍ନଙ୍କୁ ସରକାରୀ ସହାୟତା ପହଞ୍ଚିବାରେ ବିଳମ୍ବ ହେଉଥିବା ସହ ଅନେକ ସ୍ଥାନରେ ନାମକୁ ମାତ୍ର ରିଲିଫ୍ ଦିଆଯାଉଥିବା ସେମାନେ କହିଛନ୍ତି। ଏଥିସହ ବନ୍ୟା ପରିଚାଳନା ପାଇଁ ଅନ୍ୟ ଜିଲ୍ଲାରେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତି ହୋଇଥିବାବେଳେ କେନ୍ଦ୍ରାପଡ଼ାକୁ ଏଥିରୁ ବାଦ୍ ଦିଆଯାଇଥିବା ଅଭିଯୋଗ ମଧ୍ୟ ଉଠାଇଛି ଜିଲ୍ଲା ବିଜେଡି। ମୁଖ୍ୟମନ୍ତ୍ରୀ ଅନ୍ୟ ବନ୍ୟା ପ୍ରଭାବିତ ଜିଲ୍ଲା ପରିଦର୍ଶନ କରିଥିବାବେଳେ କେନ୍ଦ୍ରାପଡ଼ାକୁ ଅଣଦେଖା କରିଥିବା ନେଇ ମଧ୍ୟ ଦଳ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଛି। ୭ ଦିନର ରିଲିଫ୍ ପ୍ରଦାନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବନ୍ୟାରେ ଦୀର୍ଘଦିନ ଧରି ଜଳବନ୍ଦୀ ଥିବା ପରିବାରକୁ ଏକାଥରକେ ୭ ଦିନର ରିଲିଫ୍ ସାମଗ୍ରୀ ଯୋଗାଇବା ସହ ପ୍ରି-କିଚେନ୍ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଖାଦ୍ୟ ଅଭାବରେ ଥିବା ଗାଈ, ଛେଳି, ମେଣ୍ଢା ଓ ଅନ୍ୟ ପଶୁଙ୍କ ପାଇଁ ମଧ୍ୟ ୭ ଦିନର ପଶୁଖାଦ୍ୟ ଏକାଥରକେ ଯୋଗାଇବାକୁ କୁହାଯାଇଛି। ବନ୍ୟାଜଳରେ ଘରଦ୍ୱାର ବୁଡ଼ିଯିବାରୁ ଛାତ ଉପରେ ଆଶ୍ରୟ ନେଇଥିବା ଓ ଚାଳଘରରେ ରହୁଥିବା ପରିବାରଙ୍କୁ ପାଲ ଯୋଗାଇବା, ଦୂଷିତ ଜଳ ଯୋଗୁଁ ବିପନ୍ନଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରିବା ଓ ଜଳବନ୍ଦୀ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ଜୋରଦାର କରିବାକୁ ଦାବି ହୋଇଛି। ଦୀର୍ଘଦିନ ଧରି ଜଳବନ୍ଦୀ ରହିବା ଯୋଗୁଁ ଲୋକଙ୍କ ମଧ୍ୟରେ ବିଭିନ୍ନ ସ୍ୱାସ୍ଥ୍ୟଜନିତ ସମସ୍ୟା ଦେଖାଦେବାର ଆଶଙ୍କା ଥିବାରୁ ପର୍ଯ୍ୟାପ୍ତ ଔଷଧ ମହଜୁଦ ରଖିବା ସହ ଡାକ୍ତରୀ ଦଳକୁ ପ୍ରଭାବିତ ଅଞ୍ଚଳକୁ ପଠାଇବାକୁ ଦାବି କରାଯାଇଛି। ସେହିପରି ଅତ୍ୟଧିକ ବର୍ଷା ଓ ବନ୍ୟାରେ ଧାନ, ପନିପରିବା ଓ ଅନ୍ୟାନ୍ୟ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ଆର୍ଥିକ ସହାୟତା, କ୍ଷୟକ୍ଷତିର ଉଚିତ ଆକଳନ, ବନ୍ୟାଜନିତ କ୍ଷତିଗ୍ରସ୍ତ ଚାଷୀଙ୍କ କୃଷି ଋଣ ଛାଡ଼ ପାଇଁ ମଧ୍ୟ ଦାବି ରହିଛି। ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ ଦିଆଯାଇଛି। କେନ୍ଦ୍ରାପଡ଼ାକୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳ ଘୋଷଣା କରିବା ସହ ରିଲିଫ୍, ରନ୍ଧା ଖାଦ୍ୟ, ପଶୁଖାଦ୍ୟ, ପାନୀୟଜଳ ଓ ଚିକିତ୍ସା ବ୍ୟବସ୍ଥା ତୁରନ୍ତ ସୁନିଶ୍ଚିତ କରାଯାଉ ବୋଲି ଜିଲ୍ଲା ବିଜେଡି ଦାବି କରିଛି। ଦାବି ପ୍ରତି ସରକାର ଉଦାସୀନ ରହି କୌଣସି ପଦକ୍ଷେପ ନ ନେଲେ ଜନସାଧାରଣଙ୍କ ସ୍ୱାର୍ଥରେ ଦଳ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଦଳୀୟ ନେତାମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସ୍ୱୟଂପ୍ରଭା କର, ସୁମିତ୍ରା ପାଢ଼ୀ, ଲୋପାମୁଦ୍ରା ବାରିକ, ପ୍ରଦୀପ୍ତ ମହାନ୍ତି, ମୁକ୍ତାର ଖାଁ, ପ୍ରିୟଦର୍ଶିନୀ ତରାଇ, ହିରଣ୍ୟ ପଣ୍ଡା, ରାଜେଶ ପଣ୍ଡା, କାଳୀପ୍ରସାଦ ମିଶ୍ର, ଯଯାତି ମହାନ୍ତି, ପ୍ରମୋଦ ରଥ, ମୃତ୍ୟୁଞ୍ଜୟ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ପ୍ରତାପ ନାରାୟଣ ମହାପାତ୍ରଙ୍କ ସମେତ ଶତାଧିକ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

## ଧସିଲା ତଟବନ୍ଧ ବିଭାଗ ଘେରିବନ୍ଧ



ମହାକାଳପଡ଼ା, ୨୧।୮ (ସମିସ): ମହାକାଳପଡ଼ା ବ୍ଲକ କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତ ଅନ୍ତର୍ଗତ କଂସାର ନିକଟରେ ଗୋବରୀ ନଦୀକୂଳରେ ତଟବନ୍ଧ ବିଭାଗର ଘେରିବନ୍ଧ ପ୍ରାୟ ଶହେ ମିଟର ଧସିଯାଇଛି। ବିଜୟନଗର ସେକ୍ସନ ପକ୍ଷରୁ ଏଠାରେ କରାଯାଇଥିବା ପଥର ପ୍ୟାକିଂ ନିମ୍ନମାନର ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଘେରିବନ୍ଧରେ ନାମକୁ ମାତ୍ର ପଥର ପ୍ୟାକିଂ କରାଯାଇଥିଲା। ଫଳରେ ନଦୀର ପ୍ରବଳ ସ୍ରୋତରେ ପଥର ଧସିଯିବା ସହ ଏବେ ବନ୍ଧର ବଡ଼ ଅଂଶ ମଧ୍ୟ ନଦୀ ଗର୍ଭକୁ ଚାଲିଯାଇଛି। ଏହାକୁ ନେଇ କାର୍ଯ୍ୟର ମାନ ଓ ଖର୍ଚ୍ଚ ହୋଇଥିବା କୋଟି କୋଟି ଟଙ୍କାକୁ ନେଇ ପ୍ରଶ୍ନ ଉଠିଛି। ଘଟଣା ସାମ୍ନାକୁ ଆସିବା ପରେ ତରବରିଆ ଭାବେ ଜେସିବି ଲଗାଇ ମାଟି ପକାଇ ଧସିଥିବା ସ୍ଥାନକୁ ଘୋଡ଼ାଇବାକୁ ଉଦ୍ୟମ ଆରମ୍ଭ କରାଯାଇଛି। ଏ ସମ୍ପର୍କରେ ବର୍ତ୍ତମାନ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଘେରିବନ୍ଧ ନିର୍ମାଣର ମାନ, ଖର୍ଚ୍ଚ ଓ ଧସିବାର କାରଣ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବନ୍ୟାଞ୍ଚଳ ବୁଲି ସ୍ଥିତି ସମୀକ୍ଷା କଲେ ଅତିରିକ୍ତ ରିଲିଫ କମିଶନର



ରାଜକନିକା,୨୧।୮ (ସମିସ): ରାଜକନିକା ବ୍ଲକରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତି ସମୀକ୍ଷା ପାଇଁ ଆଜି ଅପରାହ୍ଣରେ ଅତିରିକ୍ତ ରିଲିଫ କମିଶନର ସୁବାସ ଚନ୍ଦ୍ର ନାଥଶର୍ମା ରାଜକନିକାର ବିଭିନ୍ନ ବନ୍ୟାଞ୍ଚଳ ବୁଲି ଦେଖିଛନ୍ତି। ସେ ଗୁଣ୍ଡଳଠାରୁ ବୋଟ ଯୋଗେ କନପୁର-ଗୁଣ୍ଡଳ ବନ୍ୟାବନ୍ଧରେ ହୋଇଥିବା ଘାଇ ସ୍ଥାନକୁ ଯାଇ ସେଠାରେ ବନ୍ୟାର ଗମ୍ଭୀରତା ଦେଖିଥିଲେ। ରାଜକନିକା ବନ୍ୟା ସ୍ଥିତିରେ ସାମାନ୍ୟ ସୁଧାର ଆସିଥିବାବେଳେ ବନ୍ୟା କ୍ଷୟକ୍ଷତିର କ୍ଷତି କେହି ବି ଭରଣା କରିପାରିବେନାହିଁ ବୋଲି କନପୁର ଗ୍ରାମବାସୀଙ୍କ ମୁହଁରୁ ସ୍ପଷ୍ଟ ବାରି ହୋଇପଡ଼ିଛି। ଆଜିର ଅତିରିକ୍ତ ରିଲିଫ କମିଶନର ଗସ୍ତ ବେଳେ ରାଜକନିକା ବିଡିଓ ଓ କନିକା ତହସିଲଦାର, ଜଳସମ୍ପଦ ବିଭାଗର ଯନ୍ତ୍ରୀ, କେନ୍ଦ୍ରାପଡ଼ା ଏଡିଏମଙ୍କ ଅନ୍ୟ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଆଲୋଚନା କରିଥିଲେ। ଚଳିତ ବୈତରଣୀ ଓ ଖରସ୍ରୋତା ବନ୍ୟାରେ ରାଜକନିକା ବ୍ଲକର ୧୫ ପଞ୍ଚାୟତର ୪୬ ଗାଁ ପ୍ରଭାବିତ ହୋଇଥିବାବେଳେ ୩ ହଜାରରୁ ଅଧିକ ଗୋସମ୍ପଦ ବନ୍ୟାର କରାଳ ବିଭୀଷିକାରେ ସନ୍ତୁଳି ହୋଇଛନ୍ତି। ବ୍ଲକ ପ୍ରଶାସନର ସୂଚନା ଅନୁଯାୟୀ ୮ଟି ସ୍ଥାନରେ ୩୫୦୦ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଥିବାବେଳେ ଶୁଖିଲା ଖାଦ୍ୟ ହିସାବରେ ଚୁଡା ଗୁଡ଼ ଦିଆଯାଉଛି। ଅତିରିକ୍ତ ରିଲିଫ କମିଶନର ପ୍ରଭାବିତ ଅଞ୍ଚଳ ଗସ୍ତ କରି ସମୀକ୍ଷା କରିଥିବାବେଳେ ଜିଲ୍ଲା କଂଗ୍ରେସ ସଭାନେତ୍ରୀ ଡ. ଦେବସ୍ମିତା ଶର୍ମା ବାସ୍ତବରେ ସମସ୍ତ ପୀଡିତଙ୍କୁ ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଉଥିବା ଶୁଖିଲା ଖାଦ୍ୟର ପରିମାଣ ବଢ଼ାଇବା, ବାହାରେ ଜୀବନ ବିତାଉଥିବା ଲୋକଙ୍କୁ ପାଲ, ମେଡ଼ିସିନ, ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ଦାବି କରିଥିଲେ।

## ବଳଭଦ୍ରପୁରରେ ରିଲିଫ୍ ବାଣ୍ଟିଲେ ରାଜନଗର ବିଧାୟକ



ପଟ୍ଟାମୁଣ୍ଡାଇ,୨୧।୮ (ସମିସ): ବ୍ରାହ୍ମଣୀ ନଦୀର ତୃତୀୟ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ବିଶେଷ ଭାବେ କ୍ଷତିଗସ୍ତ ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳ ବୁଲି ବନ୍ୟା ବିପନ୍ନଙ୍କ ସ୍ଥିତି ଅନୁଧ୍ୟାନ କରିବା ସହିତ ପର୍ଯ୍ୟାୟକ୍ରମେ ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ନିଜସ୍ୱ ରିଲିଫ ବଣ୍ଟନ ଆରମ୍ଭ କରିଛନ୍ତି। ଆଜି ବିଧାୟକ ଶ୍ରୀ ସାହୁ ନିଜର ସମର୍ଥକଙ୍କ ସହିତ ପଟ୍ଟାମୁଣ୍ଡାଇ ବ୍ଲକ ବଳଭଦ୍ରପୁର ପଞ୍ଚାୟତରେ ବିପନ୍ନ ଲୋକଙ୍କୁ ଭେଟି ଅଭାବ ଅସୁବିଧା ପଚାରି ବୁଝିବା ସହିତ ନିଜସ୍ୱ ରିଲିଫ ବଣ୍ଟନ କରିଥିଲେ। ବିଧାୟକ ସମସ୍ତ ବନ୍ୟା ବିପନ୍ନଙ୍କୁ ପର୍ଯ୍ୟାପ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।

## ବିଜେପି ନେତାଙ୍କ ବନ୍ୟାଞ୍ଚଳ ପରିଦର୍ଶନ ଓ ରିଲିଫ୍ ପ୍ରଦାନ

ରାଜନଗର,୨୧।୮ (ସମିସ): ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟର ବନ୍ୟା ବିପର୍ଯ୍ୟୟ ଲାଗି ରହିଥିବାବେଳେ ରାଜନଗର ଅଞ୍ଚଳର ୬ଟି ପଞ୍ଚାୟତ ପ୍ରଭାବିତ ହୋଇଛି। ଲୋକଙ୍କ ପାଖରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଓ ଖାଦ୍ୟ, ପାନୀୟର ଘୋର ଅଭାବ ଦେଖାଦେଇଛି।



ନଦୀରେ କୁମ୍ଭୀର, ବାରହା ଓ ସାପଙ୍କ ଉପଦ୍ରବରେ ଲୋକେ ଆତଙ୍କିତ। ଆଜି ଜଳବନ୍ଦୀ ଥିବା ଗାଁକୁ ପରିଦର୍ଶନରେ ଆସିଥିଲେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କେନ୍ଦ୍ରାପଡ଼ାର ବରିଷ୍ଠ ନେତା ଭୁବନ ମୋହନ ଜେନା। ତାଙ୍କ ସହିତ ରାଜନଗର ସ୍ୱାଭିମାନୀ ମଞ୍ଚ ସଭାପତି ସଂଗ୍ରାମ ବେହୁରା, ବରିଷ୍ଠ ବିଜେପି ନେତା ନୀଳମଣି ସାହାଣୀ, ରାଜନଗର ସ୍ୱାଭିମାନୀ ମଞ୍ଚ ଉପସଭାପତି ସହଦେବ ସାହୁ, ବିଚିତ୍ର ରାଉତ, ବିଜେପି ନେତା ମଣିନ୍ଦ୍ର ରାଉତ, ଅଲେଖ ପାତ୍ର ଓ ବିଶିଷ୍ଟ ପରିବେଶ କର୍ମୀ ପ୍ରଦୀପ ନାୟକ ପ୍ରମୁଖ ବନ୍ୟା ବିପନ୍ନଙ୍କୁ ଭେଟିଛନ୍ତି। ବୋଟ୍ ଯୋଗେ ସବୁଠୁ ପ୍ରଭାବିତ ଗାଆଁ ବାଲି, ରାଜପୁର, ଚନ୍ଦନପୁର, ଓସ୍ତିଆ, ନଗଡଦାଣ୍ଡି, ଗୋବିନ୍ଦପୁର ଆଦି ଅଞ୍ଚଳ ବୁଲିବା ସହିତ ଲୋକଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବିସ୍କୁଟ, ପିଇବା ପାଣି ପ୍ୟାକେଟ ବଣ୍ଟନ କରାଯାଇଥିଲା।

## ଶିବାନନ୍ଦ ଆଶ୍ରମରେ ସ୍ୱାସ୍ଥ୍ୟ ଶିବିର

କେନ୍ଦ୍ରାପଡ଼ା,୨୧।୮ (ସମିସ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କୋରୋ ପଞ୍ଚାୟତର ପିଙ୍ଗଳ ଗଇଦୁଆସ୍ଥ ଶିବାନନ୍ଦ ଆଶ୍ରମରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆପୋଲୋ ହସପିଟାଲର ସ୍ତ୍ରୀରୋଗ ବିଶେଷଜ୍ଞ ଡା. ସରୋଜିନୀ ଯୋଶୀ ଓ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ବିଭିନ୍ନ ବିଭାଗର ରୋଗୀଙ୍କ ଚିକିତ୍ସା କରିବା ସହ ନିଶୁଳ୍କ ଔଷଧ ଯୋଗାଇ ଦେଇଥିଲେ। ଶିବିରକୁ ଶିବାନନ୍ଦ ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ସ୍ତ୍ରୀରୋଗ ବିଶେଷଜ୍ଞ ଡା. ଯୋଶୀ, ଡା. ବାଳକୃଷ୍ଣ ଯୋଶୀଙ୍କ ଏକମାତ୍ର ପୁତ୍ର ସ୍ୱର୍ଗତ ବ୍ୟାସଦେବଙ୍କ ସ୍ମୃତିରେ ଏହି ଶିବିରର ଆୟୋଜନ କରିଥିଲେ। ଏହି ଶିବିରରେ ପାଞ୍ଚଶହରୁ ଅଧିକ ରୋଗୀ ଚିକିତ୍ସିତ ହୋଇଥିଲେ। ଶିବିରକୁ ଶ୍ରୀଧର ରାଉତ, ଶ୍ରୀବତ୍ସ ନାୟକ, ଆଶ୍ରମର ବ୍ରହ୍ମଚାରୀ ନୃସିଂହନାଥଙ୍କ ସମେତ କୋରୋ ପଞ୍ଚାୟତର ବହୁ ବ୍ୟକ୍ତି ପରିଚାଳନାରେ ସହଯୋଗ କରିଥିଲେ।



● ଧୋୟାଞ୍ଚଳ ଲୋକେ ସାତଦିନ ଜଳବନ୍ଦୀ

## ବିଜେଡି ପ୍ରତିନିଧି ଦଳର ବନ୍ୟାଞ୍ଚଳ ପରିଦର୍ଶନ



ଗୋବିନ୍ଦପୁର, ୨୧।୮ (ସମିସ): ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଯୋଗୁଁ ଆଳି ଧୋୟାଞ୍ଚଳର ୧୧ଟି ପଞ୍ଚାୟତର ଲୋକେ ୭ ଦିନ ହେଲା ଜଳବନ୍ଦୀ ହୋଇରହିଛନ୍ତି। ଶୁଖିଲା ଖାଦ୍ୟ ଖାଇ ଦିନ କାଟୁଛନ୍ତି। ଆଜି ଆଳି ଧୋୟାଞ୍ଚଳକୁ ବିଜେଡିର କେନ୍ଦ୍ରାପଡା ଜିଲ୍ଲା ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡା ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି ପ୍ରମୁଖ ଏକ ପ୍ରତିନିଧି ଏକ ନମ୍ବର ଜୋନର ବିଭିନ୍ନ ଗ୍ରାମ ଗସ୍ତ କରି ବନ୍ୟା ବିପନ୍ନଙ୍କ ଅବସ୍ଥା ଅନୁଧ୍ୟାନ କରିଛନ୍ତି। ବନ୍ୟା ସମୟରେ ସରକାରଙ୍କ ସହାୟତା ବିଷୟରେ ଅନୁସନ୍ଧାନ କରିଥିଲେ। ଲୋକେ ସରକାରଙ୍କ ଅବ୍ୟବସ୍ଥା ଓ ବନ୍ୟା ପରିସ୍ଥିତି ମୁକାବିଲାରେ ବିଫଳତା ବିଷୟରେ ଲୋକେ ପ୍ରକାଶ କରିଥିଲେ। ପିଇବା ପାଣି ନ ପାଇଁ ଲୋକେ ଏହି ପ୍ରତିନିଧି ଦଳ ନିକଟରେ ଅସନ୍ତୋଷ ପ୍ରକାଶ କରିଥିଲେ। ଜୁଆଣିଆ ସରପଞ୍ଚଙ୍କ ନେତୃତ୍ୱରେ କିଛି ବୁଦ୍ଧିଜୀବୀ ଜୁଆଣିଆଠାରେ ବନ୍ୟା ପରିସ୍ଥିତି ସ୍ଥାୟୀ ପ୍ରତିକାର ବିଷୟରେ ଆଲୋଚନା କରିଥିଲେ। ଗୋବିନ୍ଦପୁରର ପ୍ରାକ୍ତନ ସରପଞ୍ଚ ଏହି ଅଞ୍ଚଳକୁ ଉଭୟ ପାଶ୍ୱର୍ରେ ଘେରିବନ୍ଧ ନିର୍ମାଣ କରାଯାଇ ଏହାକୁ ବନ୍ୟା ଦାଉରୁ ରକ୍ଷା କରିବାକୁ ଦୃଢ ଦାବି କରିଥିଲେ। ବିଜେଡି ପ୍ରତିନିଧିଙ୍କ ସହିତ ସରପଞ୍ଚ ସୁବ୍ରତ ନାୟକ, ନିଖିଳ ସାମଲ, ଯୁବ ନେତା ମନୋଜ ଦାସ, ସୁଦର୍ଶନ ସାମଲ, ପୂର୍ବତନ ସରପଞ୍ଚ ସୁରେଶ ଜେନା, ସମିତି ସଭ୍ୟ ସନ୍ତୋଷ ବେଉରିଆ, ସଂଗଠକ ଅଧର ସାମଲଙ୍କ ସମେତ ବହୁ ବିଜେଡି କର୍ମକର୍ତ୍ତା ବନ୍ୟା ବିପନ୍ନଙ୍କୁ ଭେଟିଥିଲେ।

## ରିଲିଫ୍ ବାଣ୍ଟିଲେ ପୂର୍ବତନ ବିଧାୟକ ଅଲେଖ



ପଟ୍ଟାମୁଣ୍ଡାଇ,୨୧।୮ (ସମିସ): ରାଜନଗରର ପୂର୍ବତନ ବିଧାୟକ ବରିଷ୍ଠ ବିଜେପି ନେତା ଡ ଅଲେଖ କୁମାର ଜେନା ବନ୍ୟା ବିପନ୍ନ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୦ଟି ୱାର୍ଡ ପରିଦର୍ଶନ କରି ଲୋକଙ୍କ ଅବସ୍ଥା ଅନୁଧ୍ୟାନ କରିବା ସହିତ ଅଭାବ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ବିପନ୍ନ ଲୋକଙ୍କୁ ରିଲିଫ ବଣ୍ଟନ କରିଥିଲେ। ତାଙ୍କ ସହିତ କାଉନସିଲର ବିଦ୍ୟାଧର ସେଠୀ, ବରିଷ୍ଠ ବିଜେପି ନେତା ପାରେଶ୍ୱର ପାତ୍ର, ପୂର୍ବତନ ନଗର ମହିଳା ସଭାନେତ୍ରୀ ରଶ୍ମିତା ସାହୁ, ପ୍ରିୟଙ୍କା ଶତପଥୀ, ପ୍ରତାପ ଜେନା ପ୍ରମୁଖ ସାମିଲ ଥିଲେ। ତୁରନ୍ତ ବନ୍ୟା କ୍ଷତିଗସ୍ତ ଲୋକଙ୍କୁ ପାଲ ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଦାବି କରିଥିଲେ।

## ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚାର ରିଲିଫ ବଣ୍ଟନ



ପଟ୍ଟାମୁଣ୍ଡାଇ,୨୧।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବନ୍ୟା ବିପନ୍ନ ଶ୍ରୀରାମପୁର ପଞ୍ଚାୟତରେ କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ମୋର୍ଚ୍ଚା ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚା କର୍ମୀ ବନ୍ୟାଞ୍ଚଳ ପରିଦର୍ଶନ କରି ରିଲିଫ ବଣ୍ଟନ କରିଥିଲେ। ଏଥିରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ଜିଲ୍ଲା ଉପସଭାପତି ଆଡଭୋକେଟ ଭାରତଭୂଷଣ ଦାସ, ଅମୀୟ ଜେନା, ରଶ୍ମିତା ସାହୁ, ମିଟୁ ମନୋଜ ନାୟକ, ପରେଶ ସାହୁ, ପ୍ରିୟଙ୍କା ଶତପଥୀ, ମଧୁସ୍ମିତା ମହାପାତ୍ର, ସନ୍ଧ୍ୟା ମହାନ୍ତି ସୁଷମା ଭୂୟାଁ, ତୁଳସୀ ବିଶ୍ୱାଳ, ପଙ୍କଜିନୀ ସାମଲ, ବନ୍ଦନା ରାଉତରାୟ, ମଣ୍ଡଳ ସଭାପତି କାଜଲ ଜେନା ପ୍ରମୁଖ ସାମିଲ ଥିଲେ।

# କେନ୍ଦ୍ରାପଡ଼ା ବନ୍ୟାରେ ପ୍ରଶାସନର ପରୀକ୍ଷା

କେନ୍ଦ୍ରାପଡ଼ା,୨୧।୮ (ସମିସ): କାଗଜରେ ସବୁକିଛି ନିୟନ୍ତ୍ରଣରେ। ଅଧିକାରୀ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି, ରିଲିଫ୍ ବଣ୍ଟନ ହେଉଛି, ମାଗଣା ରନ୍ଧା ଖାଦ୍ୟ ଦିଆଯାଉଛି। ଡଙ୍ଗା ଓ ମେଡିକାଲ୍ ଟିମ୍ ନିୟୋଜିତ ଅଛନ୍ତି। କିନ୍ତୁ ପ୍ରଶ୍ନ ହେଉଛି ଏସବୁ ବ୍ୟବସ୍ଥା ବନ୍ୟାରେ ଫସିଥିବା ସାଧାରଣ ଲୋକଙ୍କ ଦୁର୍ଦ୍ଦଶାକୁ କେତେଦୂର କମାଇପାରୁଛି? ୨୧ ଅଗଷ୍ଟ ଅପରାହ୍ନ ୫ଟା ସୁଦ୍ଧା କେନ୍ଦ୍ରାପଡ଼ାର ୫ଟି ବ୍ଲକର ୬୭ଟି ପଞ୍ଚାୟତ ଅଧୀନ ୧୬୪ଟି ଗ୍ରାମ ଓ ପଟ୍ଟାମୁଣ୍ଡାଇ ପୌରପାଳିକାର ୧୧ଟି ୱାର୍ଡ ବନ୍ୟା ପ୍ରଭାବିତ। ୬୨ଟି ରିଲିଫ୍/ଆଶ୍ରୟ କେନ୍ଦ୍ରରେ ୯,୫୦୩ ଜଣ ଆଶ୍ରୟ ନେଇଛନ୍ତି। ଏହି ସଂଖ୍ୟା କେବଳ ସରକାରୀ ରିପୋର୍ଟର ଅଙ୍କ ନୁହେଁ। ଏହା ପଛରେ ଅଛି ହଜାର ହଜାର ପରିବାରର ଚିନ୍ତା, ଘରେ ପଶିଥିବା ପାଣି, ନଷ୍ଟ ହେଉଥିବା ଫସଲ, ଜୀବିକା ହରାଇବାର ଭୟ ଓ ଆଗାମୀ ଦିନକୁ ନେଇ ଅନିଶ୍ଚିତତା ରହିଛି।

ରିଲିଫ୍ ଅଛି, କିନ୍ତୁ ପ୍ରଶ୍ନ ବି ଅଛି- ପ୍ରଶାସନର ତଥ୍ୟ ଅନୁସାରେ ୭୪୬.୫୫ କ୍ୱିଣ୍ଟାଲ ଚାଉଳ, ୬୩.୮ କ୍ୱିଣ୍ଟାଲ ଚୁଡ଼ା, ୧୩୮ କ୍ୱିଣ୍ଟାଲ ଗୁଡ଼/ଚିନି, ୨,୩୬,୩୧୦ ପାଣି ବୋତଲ, ୬୮,୨୦୦ ପାଣି ପାଉଚ୍ ଓ ୫୬,୨୯୮ ପ୍ୟାକେଟ ବିସ୍କୁଟ ବଣ୍ଟନ ହୋଇଛି। ତାହା ପ୍ରତ୍ୟେକ ପ୍ରଭାବିତ ପରିବାର ପାଖରେ ପହଞ୍ଚୁଛି ତ? କାରଣ ବନ୍ୟା ସମୟରେ କେବଳ ରିଲିଫ୍ ବଣ୍ଟନର ହିସାବ ଦେଲେ ହେବ ନାହିଁ। କେଉଁ ଗାଁରେ କେତେ ପରିବାର ଆବଶ୍ୟକତାରେ ଅଛନ୍ତି, କାହା ପାଖରେ ଖାଦ୍ୟ ନାହିଁ, କେଉଁଠି ପିଇବା ପାଣିର ସମସ୍ୟା, କେଉଁଠି ଔଷଧ ପହଞ୍ଚିନାହିଁ, ଏସବୁର ଉତ୍ତର ମଧ୍ୟ ଜରୁରୀ।

୧୪ ହଜାର ହେକ୍ଟରରୁ ଅଧିକ ଫସଲ ପ୍ରଭାବିତ- ବନ୍ୟାର ସବୁଠାରୁ ବଡ଼ ଆଘାତ ଚାଷୀଙ୍କ ଉପରେ ପଡ଼ିଛି। ପ୍ରାଥମିକ ଆକଳନ ଅନୁଯାୟୀ ପ୍ରାୟ ୧୪,୨୬୮ ହେକ୍ଟର ଫସଲ ଅଞ୍ଚଳ ପ୍ରଭାବିତ ହୋଇଛି। ଚାଷୀ ବର୍ଷାକୁ ଭରସା କରି ଧାନ ରୋଇଥିଲେ। ଏବେ ବନ୍ୟାଜଳ ତାଙ୍କ ସ୍ୱପ୍ନକୁ ବୁଡ଼ାଇ ଦେଇଛି। ବନ୍ୟାଜଳରେ ୧୪୨ଟି ରାସ୍ତା ବୁଡ଼ିଯିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ୬ଟି ଏସଆରସି ପାୱାର ବୋଟ୍, ୧୩୦ଟି ଦେଶୀ ଡଙ୍ଗା ଓ ୧୫ଟି ଯାନ୍ତ୍ରିକ ଦେଶୀ ଡଙ୍ଗା ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ହୋଇଛି। ଏହା ପ୍ରଶାସନର ପ୍ରସ୍ତୁତିକୁ ଦର୍ଶାଉଥିଲେ ମଧ୍ୟ ଅନ୍ୟପଟେ ଏକ ବଡ଼ ପ୍ରଶ୍ନ ଛାଡ଼ିଯାଉଛି। ବନ୍ୟା ଆସିଲେ ପ୍ରତିଥର ରାସ୍ତା ବୁଡ଼ିବ, ଲୋକ ଅଲଗା ହେବେ, ଡଙ୍ଗାରେ ଉଦ୍ଧାର ହେବେ; ତେବେ ସ୍ଥାୟୀ ସମାଧାନ କେବେ ବୋଲି ପ୍ରଶ୍ନ ଉଠିଛି।

ଅଧିକାରୀଙ୍କ ଗସ୍ତ ନୁହେଁ, ଫଳାଫଳ ଦରକାର- ଅତିରିକ୍ତ ଏସଆରସିଙ୍କ ରାଜକନିକା ଓ ଆଳି ବ୍ଲକ ପରିଦର୍ଶନ ନିଶ୍ଚିତ ଭାବେ ପ୍ରଶାସନିକ ତଦାରଖର ଏକ ଅଂଶ। ଅଧିକାରୀ ଯାଇ ସ୍ଥିତି ଦେଖୁଛନ୍ତି, ନିର୍ଦ୍ଦେଶ ଦେଉଛନ୍ତି। କିନ୍ତୁ ବନ୍ୟା ପୀଡ଼ିତ ଲୋକଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି କେତେ ଅଧିକାରୀ ଆସିଲେ ନୁହେଁ, କେତେ ଲୋକଙ୍କ ସମସ୍ୟା ସମାଧାନ ହେଲା। ରିଲିଫ୍ କେନ୍ଦ୍ରରେ ଖାଦ୍ୟ, ପାଣି, ଶୌଚାଳୟ, ଔଷଧ ଓ ନିରାପତ୍ତା କିପରି ଅଛି? ଗାଁଗୁଡ଼ିକରେ ଅଟକିଥିବା ଲୋକଙ୍କ ପାଖରେ ସହାୟତା ପହଞ୍ଚୁଛି କି? ଚାଷୀଙ୍କ କ୍ଷୟକ୍ଷତିର ଠିକ୍ ଆକଳନ ହେଉଛି କି? ବନ୍ୟା ପରେ ରାସ୍ତା, ବିଦ୍ୟୁତ୍ ଓ ପାନୀୟଜଳ ବ୍ୟବସ୍ଥା କେତେ ଶୀଘ୍ର ସ୍ୱାଭାବିକ ହେବ?ଲ ଏହି ପ୍ରଶ୍ନଗୁଡ଼ିକର ଉତ୍ତର ହିଁ ପ୍ରଶାସନର ସଫଳତାର ପ୍ରକୃତ ମାପକ ହେବ।

ବନ୍ୟା ପ୍ରତିବର୍ଷ ଆସୁଛି, ସମାଧାନ କେଉଁଠି?- କେନ୍ଦ୍ରାପଡ଼ା ପାଇଁ ବନ୍ୟା ନୂଆ ଘଟଣା ନୁହେଁ। ପ୍ରତିବର୍ଷ ନଦୀ ଫୁଲୁଛି, ଗାଁ ବୁଡୁଛି, ଚାଷ ନଷ୍ଟ ହେଉଛି, ଲୋକଙ୍କୁ ରିଲିଫ୍ ଦିଆଯାଉଛି ଓ ପାଣି କମିବା ପରେ ସ୍ଥିତି ସ୍ୱାଭାବିକ ହେଉଛି। ଏହି ଚକ୍ର ଯଦି ପ୍ରତିବର୍ଷ ଏମିତି ଚାଲିବ, ତେବେ ପ୍ରଶ୍ନ ରହିବ ଆମେ ବନ୍ୟାକୁ ପରିଚାଳନା କରୁଛୁ ନା ବନ୍ୟା ସହିତ ବଞ୍ଚିବାକୁ ଲୋକଙ୍କୁ ବାଧ୍ୟ କରୁଛୁ? ଏବେ ପ୍ରଶାସନର ଆଗରେ ସବୁଠାରୁ ବଡ଼ ପରୀକ୍ଷା ବନ୍ୟା ସମୟରେ ଉପସ୍ଥିତ ରହିବା ନୁହେଁ, ବନ୍ୟା ପରେ ଲୋକଙ୍କୁ ପୁଣି ନିଜ ପାଦରେ ଠିଆ କରିବାକୁ ପଦକ୍ଷେପ ନେବା ଆବଶ୍ୟକ।

## ବାର୍‌ହା ଆକ୍ରମଣରେ ୩ ଆହତ

● ଦଳ ପୋଖରୀରୁ କାବୁ କଲା ବନ ବିଭାଗ



ରାଜନଗର, ୨୧।୮ (ସମିସ): ଆଜି ଭିତରକନିକାରୁ ବନ୍ୟା ପାଣିରେ ଭାସି ଆସିଥିବା ବାର୍‌ହା ଓସ୍ତିଆ ପଞ୍ଚାୟତ ବନ୍ଧପଟଣା ଗାଁରେ ପଶି ଆତଙ୍କ ସୃଷ୍ଟି କରିଛି। ଗାଁରେ ବାର୍‌ହା ଆତଙ୍କ ସୃଷ୍ଟି କରିବା ସହ ଇନୋଦ ସେଠୀ, ବିନୋଦ ସେଠୀ, ପ୍ରଣୟ ପରିଡାଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଛି। ଆହତ ଇନୋଦ ଓ ବିନୋଦକୁ ଚିକିତ୍ସା ପାଇଁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ପ୍ରଣୟ ଗାଁରେ ଚିକିତ୍ସିତ ହୋଇଥିଲେ। ବନ ବିଭାଗକୁ ଖବର ଦେବା ପରେ ବନପାଳ ବିଭୂତି ଭୂଷଣ ତରାଇ ତାଙ୍କ ବନ କର୍ମଚାରୀଙ୍କୁ ନେଇ ଦଳ ପୋଖରୀରୁ ବାର୍‌ହାକୁ ଜାଲ ବିଛାଇ କାବୁ କରିବାକୁ ସକ୍ଷମ ହୋଇଛନ୍ତି। ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ସ୍ୱରାଜ ନାୟକ ଉଦ୍ଧାର ବାରହାର ଚିକିତ୍ସା କରିଥିଲେ। ପରେ ଉଦ୍ଧାର ବାରହାକୁ ଜଙ୍ଗଲରେ ଛଡାଯାଇଥିବା ବନପାଳ ଶ୍ରୀ ତରାଇ କହିଛନ୍ତି।

### ବିଡିଓଙ୍କୁ ବିଜେପି ନେତାଙ୍କ ଦୁର୍ବ୍ୟବହାର ଘଟଣା

## ଜିଲ୍ଲାପାଳଙ୍କ ସହ ଆଲୋଚନା ଓ ବିଧାୟକଙ୍କ ଅନୁରୋଧ ପରେ ଆନ୍ଦୋଳନ ସ୍ଥଗିତ




ଡେରାବିଶ, ୨୧।୮ (ସମିସ): ଡେରାବିଶ ବିଡିଓ ନମିତା ବାରିକଙ୍କୁ ବିଜେପି ନେତା ଉମାକାନ୍ତ ପଟ୍ଟନାୟକ ଓ ତାଙ୍କ ସମର୍ଥକ ଗତ ଶୁକ୍ରବାର ଦୁର୍ବ୍ୟବହାର କରିବା ଘଟଣାର ପ୍ରତିବାଦ କରି ବୁଧବାରଠାରୁ ବ୍ଲକ କର୍ମଚାରୀ ସଂଘ ଆହ୍ୱାନକ୍ରମେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଥିଲା। ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ ସହ ସଂଘ କର୍ମକର୍ତ୍ତାଙ୍କ ଆଲୋଚନା ଓ କର୍ମଚାରୀଙ୍କ ଦାବିକୁ ସମର୍ଥନ କରି ଆନ୍ଦୋଳନରେ ସାମିଲ ହୋଇଥିବା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଅନୁରୋଧକ୍ରମେ ଏହି ଆନ୍ଦୋଳନ ସ୍ଥଗିତ ରହିଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ସହ କର୍ମଚାରୀ ସଂଘ ପକ୍ଷରୁ ଏବିଡିଓ ମୃଣ୍ମୟ ରାଉତ, ଆକାଉଣ୍ଟସ୍ ଅଫିସର ପଞ୍ଚାନନ କାଣ୍ଡି, କନିଷ୍ଠ ଯନ୍ତ୍ରୀ ଅନୀଲ ମହାନ୍ତି, କନିଷ୍ଠ ସହାୟକ ଆକାଶ ନାୟକ, ସଂଘ କାର୍ଯ୍ୟକାରୀ ସଭାପତି ଦୁଲାଶିଷ ଗୁପ୍ତା, ଚନ୍ଦ୍ରକାନ୍ତ କର, ଏଡିଇଓ ସୁଧାଂଶୁ ବେହେରା, ବଳଭଦ୍ର ପରିଡ଼ା, ମହେଶ୍ୱର ପ୍ରଧାନ ପ୍ରମୁଖ ଜିଲ୍ଲାପାଳଙ୍କ ଭେଟି ସଂଘ ପକ୍ଷରୁ ଚାରିଦଫା ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏ ଘଟଣାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନରେ ସାମିଲ ହୋଇଥିବା ବିଧାୟକ ଶ୍ରୀ ମହାପାତ୍ର ସେଦିନର ଘଟଣା ଓ କର୍ମଚାରୀଙ୍କ ଦାବି ସମ୍ପର୍କରେ ନିଜେ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ଓ ଏହି ଆନ୍ଦୋଳନକୁ ସ୍ଥଗିତ ରଖିବାକୁ କର୍ମଚାରୀଙ୍କୁ ଅନୁରୋଧ କରିଥିଲେ। ବିଧାୟକଙ୍କ ଅନୁରୋଧ କ୍ରମେ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତିକୁ ଦୃଷ୍ଟିରେ ରଖି ଏହି ଆନ୍ଦୋଳନକୁ ସ୍ଥଗିତ ରଖିବା ପାଇଁ ସଂଘ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

## ୪ ଦିନ ପଡ଼ିରହିବା ପରେ ଉଠିଲା କୋକେଇ

ରାଜନଗର,୨୧।୮ (ସମିସ): ପାରିବାରିକ ବିବାଦକୁ ନେଇ ଶବକୁ ଅସମ୍ମାନ କରାଯାଇଛି। ଚାରିଦିନ ଧରି ବୃଦ୍ଧାଙ୍କ ଶବ ପଡିରହିବା ସତ୍ତ୍ୱେ ବିବାଦ ପାଇଁ ସତ୍କାର ନ ହେବା ଆଲୋଡନ ସୃଷ୍ଟି କରିଛି। ଗ୍ରାମବାସୀ କି ବନ୍ଧୁ ପରିଜନ ଶବ ସତ୍କାର ପାଇଁ ନ ଆସିବାରୁ ବୃଦ୍ଧାଙ୍କ ଶବକୁ ଚାରିଦିନ ଧରି ଜଗିରହିଥିଲା ବୋହୂ। ଏ ଖବର ବ୍ୟାପିବା ପରେ ପୁଲିସ ଗାଁରେ ପହଞ୍ଚି ହସ୍ତକ୍ଷେପ କରିବା ପରେ ଶବ ସତ୍କାର ହୋଇଛି। ତାଳଚୁଆ ଥାନା ଅନ୍ତର୍ଗତ ବୀରଭଞ୍ଜପୁର ଗ୍ରାମର ସବିତା ସାସମଲ ମଙ୍ଗଳବାର ଦିନ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରିଥିଲା। ଗତକାଲି ଅପରାହ୍ନରେ ଶବ ସତ୍କାର ହୋଇ ଫେରିଥିଲା। ଗାଁରେ ପୁରୁଣା ବିବାଦକୁ ନେଇ ଜ୍ଞାତି କୁଟୁମ୍ବ ଓ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ଶବ ସତ୍କାର ହୋଇପାରୁ ନ ଥିଲା। ତାଙ୍କ ବୋହୂ ଭବାନୀ ଶାଶୂଙ୍କ ଶବ ସତ୍କାର ପାଇଁ ଗାଁ ଲୋକ ଓ ଜ୍ଞାତି କୁଟୁମ୍ବଙ୍କୁ ଗୁହାରି କରୁଥିଲେ ମଧ୍ୟ କେହି ଆସି ନ ଥିଲେ। ଏପରିକି ମୃତ ବୃଦ୍ଧାଙ୍କ ଝିଅ ଓ ବନ୍ଧୁ ପରିଜନ ମଧ୍ୟ ଆସିନଥିଲେ। ଭବାନୀଙ୍କ ସ୍ୱାମୀ ଦିବ୍ୟାଙ୍ଗ ଓ ୧୩ ବର୍ଷର ପୁଅ ଥିବାରୁ ସତ୍କାର ସମ୍ଭବ ହୋଇନଥିଲା। ଏ ଖବର ପାଇ ତାଳଚୁଆ ସାମୁଦ୍ରିକ ଥାନା ପୁଲିସ ପହଞ୍ଚି ଗାଁ ଲୋକଙ୍କୁ ବୁଝାସୁଝା କରିବା ପରେ ଆଜି ଅପରାହ୍ନରେ ବୃଦ୍ଧାଙ୍କ ଶବ ସତ୍କାର କରାଯାଇଛି।

ସକାଳ
THE SAKALA

# ସମ୍ପାଦକୀୟ



ଶିଶୁମାନଙ୍କ ଅଧିକାରର ସୁରକ୍ଷାଠାରୁ ବଳି ଆଉ ମହତ୍ତ୍ୱପୂର୍ଣ୍ଣ କର୍ତ୍ତବ୍ୟ କିଛି ନାହିଁ।
-କୋଫି ଆନନ୍

## ପ୍ରମାଣପତ୍ର ଜଞ୍ଜାଳ

ଜମିଜମା ଓ ବିଭିନ୍ନ ପ୍ରମାଣପତ୍ର ସଂକ୍ରାନ୍ତ ଅଭିଯୋଗଗୁଡ଼ିକର ଆଶୁ ସମାଧାନ ପାଇଁ ଓଡ଼ିଶା ରାଜସ୍ୱ ବିଭାଗ ପୁଣି ଥରେ ଉଦ୍ୟମ କରିଛନ୍ତି। ଅଭିଯୋଗ ଦାଖଲ, ଶୁଣାଣି ଓ ସମାଧାନ ସ୍ଥିତି ଜାଣିବା ପାଇଁ ଲୋକଙ୍କୁ ଆଉ ଅଯଥା ଖର୍ଚ୍ଚାନ୍ତ ହୋଇ କିମ୍ବା କଷ୍ଟକରି ବାରମ୍ବାର ବିଭିନ୍ନସ୍ତରୀୟ ଅଭିଯୋଗ ପ୍ରକୋଷ୍ଠକୁ ଆଉ ଧାଇଁବାକୁ ପଡ଼ିବ ନାହିଁ। ଏଥିପାଇଁ ଘରେ ବସି ଆବେଦନ/ଅଭିଯୋଗ କରିହେବ ଏବଂ ତାହା କେଉଁ ଅଧିକାରୀଙ୍କ ପାଖରେ ଅଟକି ରହିଛି, ସ୍ଥିତି କ'ଣ ରହିଛି, ଫଇସଲା ହେଲା କି ନାହିଁ ତାହା ଜାଣିବା ପାଇଁ ଏକ ହ୍ୱାଟ୍ସ୍‌ଆପ୍ ନମ୍ବର ଜାରି କରାଯାଇଛି। ପୂର୍ବରୁ ମଧ୍ୟ ଏଭଳି ଉଦ୍ୟମ ହୋଇଥିବା ବେଳେ ଏହାର ପୁନରାବୃତ୍ତିରୁ ଆପାତତଃ ଏହି ଧାରଣା ସୃଷ୍ଟି ହେଉଛି ଯେ ବୋଧହୁଏ ପୂର୍ବପ୍ରୟାସ ଆଶାନୁରୂପ ସଫଳତା ପାଇପାରିନାହିଁ।

ସରକାରଙ୍କ ଏହି ଉଦ୍ୟମ ସାଧୁ ହେଲେ ମଧ୍ୟ ବ୍ୟବସ୍ଥା ହିଁ ଅସାଧୁ ଥିବାରୁ ଯୋଜନାଗୁଡ଼ିକ ପ୍ରଭାବଶାଳୀ ହେଉନାହିଁ। ତେଣୁ ସରକାର ବ୍ୟବସ୍ଥାକୁ ହିଁ ପ୍ରଥମେ ସୁଧାରିବାକୁ ପଡ଼ିବ। ସଦ୍ୟତମ ଅଭିଯୋଗ ଦାଖଲ ଓ ସମାଧାନ ପ୍ରକ୍ରିୟାକୁ ତୃଣମୂଳସ୍ତର ଅର୍ଥାତ୍ ରାଜସ୍ୱ ନିରୀକ୍ଷକ(ଆରଆଇ) ସ୍ତରରୁ ଆରମ୍ଭ କରାଯାଇଛି। ଅଥଚ ସେଠାରେ ହିଁ ଅସଲ ସମସ୍ୟା ଅଟକି ରହିଛି। ଏପରିକି ଆରଆଇମାନଙ୍କ ନିଷ୍ପତ୍ତି ଆଗରେ ତହସିଲଦାରମାନେ ମଧ୍ୟ ଗୌଣ ହୋଇପଡୁଛନ୍ତି। ରାଜସ୍ୱ ବିଭାଗ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଆରଆଇ ସ୍ତରରୁ ଆରମ୍ଭ କରି ଅଭିଯୋଗ ସମାଧାନ ଆବେଦନ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଗତି କରିବ। ତେଣୁ ଲୋକଙ୍କୁ ଆଉ ଅଧିକ କେହି ହଇରାଣ କରିପାରିବେ ନାହିଁ। କିନ୍ତୁ ବିଡ଼ମ୍ବନା ଏହା ଯେ ଆରଆଇଙ୍କ ଦ୍ୱାରା ପୀଡ଼ିତ ଆବେଦନକାରୀମାନେ ଉପଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ମଧ୍ୟ ନ୍ୟାୟ ପାଇପାରୁନାହିଁ। ଏ ସମ୍ପର୍କିତ ଅଭିଯୋଗମାନ ଆସୁଛି।

ରାଜସ୍ୱ ମନ୍ତ୍ରୀ ଓ ସଚିବ ଦାୟିତ୍ୱ ନେବା ବେଳେ ଘୋଷଣା କରିଥିଲେ ଯେ ଯଦି କେହି କେଉଁଠାରେ ଲାଞ୍ଚ ମାଗୁଥାଏ କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ହଇରାଣ ହରକତ କରୁଥାଏ ତେବେ ଫୋନ୍ ଜରିଆରେ ସୂଚନା ଦେଲେ ଅଚିରେ ତାଗିଦ କରି କାମଟି ସମ୍ପନ୍ନ କରାଯିବ। କିନ୍ତୁ କାର୍ଯ୍ୟବ୍ୟସ୍ତତା ଭିତରେ ରାଜସ୍ୱ ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲୋକମାନଙ୍କର ଫୋନ୍ କଲ୍ ଗ୍ରହଣ କରିବା ତ ଦୂରର କଥା ମେସେଜ୍(ସୂଚନା ବାର୍ତ୍ତା) ମଧ୍ୟ ଦେଖନ୍ତି କି ନାହିଁ ତାହା ଜଣାନାହିଁ। ଏପରିକି ଲିଖିତ ଆବେଦନ ମାସ ମାସ ଧରି ତାଙ୍କ ଦପ୍ତରରେ ପଡ଼ି ରହିଥିଲେ ମଧ୍ୟ ତାହା ବିଚାରକୁ ନିଆଯାଉନାହିଁ। ଏଥିରୁ ରାଜସ୍ୱ ମନ୍ତ୍ରୀଙ୍କ ସ୍ତରରେ ଆବେଦନର ସ୍ଥିତି କ'ଣ ହେଉଥିବ ତାହା ଅନୁମେୟ। ଏଭଳି ସ୍ଥିତିରେ କେବଳ ହ୍ୱାଟ୍ସଆପ୍ ଜରିଆରେ ଅଭିଯୋଗ ଦାଖଲ ଓ ସମାଧାନ ପ୍ରକ୍ରିୟା କେତେ ପ୍ରଭାବଶାଳୀ ହୋଇପାରିବ ତାହା ସମୟ ହିଁ କହିବ।

ବାସ୍ତବତା ହେଉଛି ଦୁର୍ନୀତି ରାଜସ୍ୱ ବିଭାଗରେ କର୍କଟ ଭଳି ମାଡ଼ିଚାଲିଛି। ଏହାର ମୂଳୋତ୍ପାଟନ ପାଇଁ ଯେଉଁ ମହୌଷଧି ଆବଶ୍ୟକ ସେଥିପାଇଁ ସରକାର ସାହସୀ, ନୀତିନିଷ୍ଠ ଓ ଦୃଢ଼ ହେବାକୁ ପଡ଼ିବ। ନ ହେଲେ ଦୁର୍ନୀତିର ଏହି କର୍କଟ ସଂକ୍ରମଣରେ ସାଧାରଣ ଜନତା ଆକ୍ରାନ୍ତ ହୋଇ ଚାଲିଥିବେ। ●

## ଭାରତ ପ୍ରତି ଅପମାନ

ଆମେରିକାରେ ଅବୈଧ ପ୍ରବେଶ ଓ ବସବାସ ଅଭିଯୋଗରେ ଟ୍ରମ୍ପ ପ୍ରଶାସନ ପୁଣି ଥରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଗତବର୍ଷ ୧୦୪ ଭାରତୀୟଙ୍କୁ ହାତକଡ଼ି ଓ ଗୋଡ଼ବେଡ଼ି ପିନ୍ଧାଇ ସାମରିକ ବିମାନରେ ଭାରତ ପଠାଇ ଦେଇଥିବା ବେଳେ ଚଳିତ ମାସର ପ୍ରଥମ ୧୫ ଦିନ ମଧ୍ୟରେ ୫୨୦୦ ପ୍ରବାସୀ ଭାରତୀୟଙ୍କୁ ତଡ଼ି ଦେଇଛି। ଭାରତର ମେଧା ଓ ପ୍ରତିଭା ବିଶ୍ୱକୁ, ବିଶେଷକରି ଆମେରିକାର କୋମଳଶକ୍ତି(ସଫ୍ଟପାୱାର) ଓ ସୂଚନାପ୍ରଯୁକ୍ତି ବିଦ୍ୟା(ସଫ୍ଟୱେର ଟେକନୋଲଜି)ର ପରାକାଷ୍ଠାକୁ ନଭଶ୍ଚୁମ୍ବୀ କରିଛି। କିନ୍ତୁ ଏବେ ସେହି ଦେଶର ନାଗରିକଙ୍କୁ ତଡ଼ିଦେବା ଭାରତ ପ୍ରତି ଅପମାନସୂଚକ ନିଶ୍ଚୟ।

ଭାରତୀୟମାନଙ୍କ ଆମେରିକା ରହଣିର ଅଯୌକ୍ତିକ ଓ ଅଯଥାର୍ଥ ଲାଳସା ସେମାନଙ୍କୁ ଚଳିତଳାନ୍ତ କରିବା ସହିତ ଦେଶକୁ ନିନ୍ଦିତ କରୁଛି। ଅପରପକ୍ଷରେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ଆମେରିକା ରାଷ୍ଟ୍ରପତି କ୍ଷମତାକୁ ଫେରିବା ପରେ ଅବୈଧ ଦେଶାଟନକାରୀଙ୍କୁ ଅବାଞ୍ଛିତ, ଅହିତକର ଓ ଅପରାଧୀ ଆଖ୍ୟା ଦେଇ ଆସୁଛନ୍ତି। ବସ୍ତୁତଃ ରାଷ୍ଟ୍ରପତି ଭାବେ ଶପଥ ନେବା ଦିନ ହିଁ ଟ୍ରମ୍ପ ଆମେରିକାର 'ଏଲିଅନ୍ ଏନେମିସ୍ ଆକ୍ଟ ୧୭୯୮'କୁ ବେଆଇନ ଭାବେ ଆମେରିକାରେ ବସବାସ କରୁଥିବା ଦେଶାଟନକାରୀଙ୍କ ବିରୋଧରେ ଲାଗୁ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ଆଇନ ସମେତ 'ଏଲିଅନ୍ ସେଡିସନ୍ ଆକ୍ଟ' ଆମେରିକାର ରାଷ୍ଟ୍ରପତିଙ୍କୁ ଅଖଣ୍ଡ କ୍ଷମତା ଦେଇଛି। ଆମେରିକାର ସାର୍ବଭୌମତ୍ୱ ସୁରକ୍ଷା ଦୃଷ୍ଟିରୁ ଆମେରିକା ରାଷ୍ଟ୍ରପତି ଚାହିଁଲେ ସନ୍ଦେହଜନକ ବହିରାଗତଙ୍କ ପାଇଁ ଆମେରିକାର ନାଗରିକତ୍ୱ ପ୍ରଦାନ ଅବଧି ନିୟମ ୫ରୁ ୧୪ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିପାରିବେ, କାରାଦଣ୍ଡ ଓ ଦେଶାନ୍ତର ଦଣ୍ଡ ଦେଇପାରିବେ। ୧୮୧୨ରେ ଆମେରିକା-ବ୍ରିଟେନ୍ ଯୁଦ୍ଧ, ପ୍ରଥମ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଆମେରିକାରେ ଲାଗୁ ହୋଇଥିବା ଏହି କଠୋର ଆଇନ ଚତୁର୍ଥ ଥର ଲାଗି ବେଆଇନ ଅନୁପ୍ରବେଶକାରୀଙ୍କ ପାଇଁ ଲାଗୁ ହୋଇଛି। ଏଥିରୁ ଟ୍ରମ୍ପଙ୍କ ଆଭିମୁଖ୍ୟ ବୁଝାଇ କହିବା ଅନାବଶ୍ୟକ।

ବୈଦେଶିକ ବ୍ୟାପାର ବିଶେଷଜ୍ଞଙ୍କ ମତରେ କୌଣସି ଦେଶର ନିୟମ, କାନୁନ ଓ ଆଇନ ଅନୁଯାୟୀ ଯେଉଁ ଦେଶାଟନକାରୀମାନେ ସ୍ଥାୟୀ ବାସବାସ କରିବା ପାଇଁ ବୈଧ ପ୍ରମାଣପତ୍ର ଦାଖଲ କରି ନପାରିବେ ସେମାନଙ୍କୁ ନିଜ ନିଜ ଦେଶକୁ ପଠାଇଦେବାରେ ଆପତ୍ତି ନାହିଁ। ସାର୍ବଭୌମ ଦେଶର ଏ ସମ୍ପର୍କିତ ଅଧିକାରକୁ କେହି ପ୍ରଶ୍ନ କରିପାରିବେ ନାହିଁ। ତେଣୁ ଆମେରିକାର କାର୍ଯ୍ୟାନୁଷ୍ଠାନ ପ୍ରତି ଅଭିଯୋଗ କରାଯାଇପାରିବ ନାହିଁ। କିନ୍ତୁ ସାମଗ୍ରିକ ଘଟଣା ବିଶ୍ୱଗୁରୁ ଦୌଡ଼ରେ ଥିବା ଭାରତ ପ୍ରତି ଅପମାନସୂଚକ ନୁହେଁ କି? ●

## କହି ଜାଣିଲେ କଥା ସୁନ୍ଦର

ବୃହସ୍ପତି ସାମଲ

ଶ୍ରୀମଦ୍ଭଗବତ୍ ଗୀତା ଅନୁଯାୟୀ - 'ଅନୁଦ୍ୱେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ଯତ୍। ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍ମୟଂ ତପ ଉଚ୍ୟତେ?' ଅର୍ଥାତ୍ - ଯେଉଁ ବାକ୍ୟ କାହାରି ମନରେ ଉଦବେଗ ସୃଷ୍ଟି କରେ ନାହିଁ, ଯାହା ସତ୍ୟ, ପ୍ରିୟ ଓ ହିତକର; ତଥା ଶାସ୍ତ୍ରର ନିୟମିତ ଅଧ୍ୟୟନ ଓ ଅଭ୍ୟାସ, ତା'କୁ ବାଣୀର ତପସ୍ୟା ବୋଲି କୁହାଯାଏ। ଏହା ଦର୍ଶାଏ ଯେ କେବଳ ସତ୍ୟ କହିବା ଯଥେଷ୍ଟ ନୁହେଁ; ସେହି ସତ୍ୟକୁ ଏପରି ଭାଷାରେ କହିବା ଉଚିତ୍, ଯାହା ଅନାବଶ୍ୟକ ଉଦବେଗ, ଅପମାନ କିମ୍ବା କ୍ଷୋଭ ସୃଷ୍ଟି ନକରେ। ସେଥିପାଇଁ ଓଡ଼ିଆ ବର୍ଣ୍ଣବୋଧରୁ ଆମେ ପ୍ରଥମରୁ ସେଇ ଗୋଟିଏ କଥା ଶିଖିଥାଉ - 'ମଧୁର ବିନୟ ବଚନ, କହି ତୋଷିବ ଜନମନ।'

ଅସ୍ତ୍ର ସିନା ଶରୀରକୁ ଆଘାତ କରେ; କିନ୍ତୁ ଶବ୍ଦ ମଣିଷର ଆତ୍ମସମ୍ମାନକୁ ଆଘାତ କରେ। ପୃଥିବୀରେ ଯେତେ ଯୁଦ୍ଧ ହୋଇଛି, ସେଗୁଡ଼ିକ ଅସ୍ତ୍ର ପୂର୍ବରୁ ଶବ୍ଦରେ ଆରମ୍ଭ ହୋଇଛି। ଯେତେ ବିପ୍ଳବ ଘଟିଛି, ସେଗୁଡ଼ିକ ରାସ୍ତାକୁ ଆସିବା ପୂର୍ବରୁ ମଣିଷର ମନରେ ଶବ୍ଦ ମାଧ୍ୟମରେ ଜନ୍ମ ନେଇଛି। ପୁଣି ଯେତେ ଶାନ୍ତି ପ୍ରତିଷ୍ଠିତ ହୋଇଛି, ତାହାର ମୂଳରେ ମଧ୍ୟ ଅଛି କୌଣସି ଜ୍ଞାନୀଗୁଣୀଙ୍କ କିଛି ସଂଯମ ବାକ୍ୟ। ଶବ୍ଦର ଏହି ଦ୍ୱୈତଚରିତ୍ର ମାନବ ସଭ୍ୟତାକୁ ବାରମ୍ବାର ନୂଆ ମୋଡ଼ ଦେଇଛି। ଏହା ହିଁ ଶବ୍ଦର ଅଲୌକିକ ଶକ୍ତି।

ବିଦ୍ୱାନମାନେ ଏକମତ ଯେ କୁରୁକ୍ଷେତ୍ର ଯୁଦ୍ଧର ପଛରେ ଉତ୍ତରାଧିକାର ବିବାଦ, ଅହଂକାର, ଅନ୍ୟାୟ ଓ ରାଜନୈତିକ ସଂଘର୍ଷ ଥିଲା। କିନ୍ତୁ ଭାରତୀୟ ଲୋକସ୍ମୃତିରେ ଦୁର୍ଯ୍ୟୋଧନଙ୍କ ପ୍ରତି ଦ୍ରୌପଦୀଙ୍କ ଉପହାସମୂଳକ ବାକ୍ୟ 'ଅନ୍ଧର ପୁତ୍ର ଅନ୍ଧ' ଏକ ପ୍ରତୀକ ହୋଇ ରହିଛି। ଏହା ଆମକୁ ଶିଖାଏ ଯେ ଅପମାନଜନକ ଶବ୍ଦ ଅନେକ ସମୟରେ ପ୍ରତିଶୋଧର ଅଗ୍ନିକୁ ଆହୁରି ପ୍ରଜ୍ୱଳିତ କରିଦିଏ। ସେହିପରି ରାମାୟଣରେ ମନ୍ଥରାଙ୍କ ଅସ୍ତ୍ର ଥିଲା କେବଳ ଶବ୍ଦ। ସେହି ଶବ୍ଦ କୈକେୟୀଙ୍କ ମନରେ ସନ୍ଦେହ ଓ ଅସୁରକ୍ଷାର ବୀଜ ବପନ କଲା, ଯାହାର ପରିଣାମରେ ଅଯୋଧ୍ୟାର ଇତିହାସ ବଦଳିଗଲା। ପୁଣି ଆଡଲଫ୍ ହିଟଲରଙ୍କ ଘୃଣାଭରା ଭାଷଣ ଏକ ସମଗ୍ର ଜାତିକୁ ଉନ୍ମାଦନାକୁ ଠେଲିଦେଇ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟଙ୍କର ବିପର୍ଯ୍ୟୟର ମଞ୍ଚ ପ୍ରସ୍ତୁତ କରିଥିଲା।

ଅନ୍ୟପକ୍ଷରେ ଶବ୍ଦ ମାନବତାର ମୁକ୍ତିର ମାର୍ଗ ମଧ୍ୟ ଦେଖାଇଛି। ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧର ରକ୍ତପାତ ପରେ ବୁଦ୍ଧଙ୍କ ବାଣୀ ଶୁଣି ନିଜ ଜୀବନର ଦିଗ ବଦଳାଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ 'ଆମେରିକାର ପ୍ରିୟ ଭଉଣୀ ଓ ଭାଇମାନେ' ଭଳି କେତୋଟି ଶବ୍ଦ ବିଶ୍ୱ ସମ୍ମୁଖରେ ଭାରତର ସହିଷ୍ଣୁତା ଓ ବିଶ୍ୱବନ୍ଧୁତ୍ୱର ପରିଚୟ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ 'କର ବା ମର' ଏବଂ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ 'ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' କୋଟି କୋଟି ଭାରତୀୟଙ୍କ ରକ୍ତରେ ସ୍ୱାଧୀନତାର ସ୍ୱପ୍ନ ଜାଗ୍ରତ କରିଥିଲା। ଭାରତର ସ୍ୱାଧୀନତା ଆନ୍ଦୋଳନରେ 'ବନ୍ଦେ ମାତରମ୍' ଓ 'ସରଫରୋଶୀ କି ତମନ୍ନା' ଲକ୍ଷ ଲକ୍ଷ ଯୁବକଙ୍କୁ ପ୍ରେରଣା ଦେଇଥିଲା। ଏହି ଶବ୍ଦଗୁଡ଼ିକ ଗୁଳିଠାରୁ ଅଧିକ ଶକ୍ତିଶାଳୀ ସାବ୍ୟସ୍ତ ହୋଇଥିଲା। ମାର୍ଟିନ୍ ଲୁଥର କିଙ୍ଗ ଜୁନିଅରଙ୍କ 'ଆଇ ହାଭ୍ ଏ ଡ୍ରିମ୍' ଆମେରିକାର ଜାତିଗତ ସମାନତା ଆନ୍ଦୋଳନକୁ ନୂଆ ଦିଗ ଦେଇଥିଲା। ଫ୍ରାନ୍ସ ବିପ୍ଳବରେ ଦାର୍ଶନିକ ରୁଷୋ ଓ ଭଲଟେୟାରଙ୍କ ଲେଖା ସାଧାରଣ ଲୋକଙ୍କ ଚେତନାକୁ ବଦଳାଇଥିଲା।

ଏହା ପ୍ରମାଣ କରେ ଯେ ଶବ୍ଦ କେବଳ ସଂଯୋଗର ମାଧ୍ୟମ ନୁହେଁ; ଏହା ସାମାଜିକ ଶକ୍ତିର ଉତ୍ସ। ଶବ୍ଦ ମଣିଷକୁ ଦେବତା କରିପାରେ, ପୁଣି ଦାନବ ମଧ୍ୟ କରିପାରେ। ଶବ୍ଦ ଫୁଲ ହୋଇପାରେ, କଣ୍ଟା ମଧ୍ୟ ହୋଇପାରେ। ତେଣୁ ଶବ୍ଦ ନିଜେ ଭଲ କିମ୍ବା ଖରାପ ନୁହେଁ। ତାହାର ଉଦ୍ଦେଶ୍ୟ, ପ୍ରସଙ୍ଗ ଓ ପ୍ରୟୋଗ ତାହାର ଶକ୍ତିକୁ ନିର୍ଣ୍ଣୟ କରେ। ସେଥିପାଇଁ ଆମ ଓଡ଼ିଆରେ ଗୋଟେ କଥା ଅଛି - 'କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର।' ଆଜିର ଡିଜିଟାଲ୍ ଯୁଗରେ ଏହି ଶକ୍ତି ଅକଳ୍ପନୀୟ ଭାବେ ବୃଦ୍ଧି ପାଇଛି।

ଏକଦା ରାଜାଙ୍କ କଥା ରାଜ୍ୟ ଭିତରେ ସୀମିତ ଥିଲା। ଆଜି ଜଣେ ବିଚାରପତି, ଜଣେ ମନ୍ତ୍ରୀ କିମ୍ବା ଜଣେ ସାର୍ବଜନିକ ବ୍ୟକ୍ତିଙ୍କ ଗୋଟିଏ ଶବ୍ଦ କିଛିସେକେଣ୍ଡ ମଧ୍ୟରେ ସମଗ୍ର ବିଶ୍ୱରେ ପହଞ୍ଚି ଯାଉଛି। ଏହି କାରଣରୁ ସାର୍ବଜନିକ ପଦବୀରେ ଥିବା ବ୍ୟକ୍ତିଙ୍କ ଭାଷା କେବଳ ତାଙ୍କର ବ୍ୟକ୍ତିଗତ ଭାଷା ନହୋଇ ସମ୍ପୃକ୍ତ ସଂସ୍ଥାର ମର୍ଯ୍ୟାଦା ଓ ସମାଜର ଆସ୍ଥା ସହ ଜଡ଼ିତ ହୋଇଯାଏ। ଏହି ପ୍ରେକ୍ଷାପଟରେ ସମ୍ପ୍ରତି ଭାରତରେ ଘଟିଥିବା ଛାତ୍ରଆନ୍ଦୋଳନ ସମୟର ଏକ ବହୁଚର୍ଚ୍ଚିତ ଘଟଣା ଆମକୁ ପୁଣିଥରେ ଶବ୍ଦର ଶକ୍ତି ବିଷୟରେ ଭାବିବାକୁ ବାଧ କରିଛି। ସର୍ବୋଚ୍ଚ ନ୍ୟାୟାଳୟର ଶୁଣାଣି ସମୟରେ ବେରୋଜଗାର ଯୁବପିଢ଼ିଙ୍କ ପ୍ରତି ବ୍ୟବହୃତ 'କକ୍ରୋଚ୍' ଶବ୍ଦଟି ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ଶବ୍ଦ କେଉଁ ପ୍ରସଙ୍ଗରେ କୁହାଯାଇଥିଲା, ତାହାକୁ ନେଇ ଭିନ୍ନ ଭିନ୍ନ ବ୍ୟାଖ୍ୟା ରହିଛି। କିନ୍ତୁ ଗୋଟିଏ କଥା ନିର୍ବିବାଦ ଯେ ଅନେକ ଛାତ୍ରଛାତ୍ରୀ, ବିଶେଷକରି ଯୁବପିଢ଼ି, ସେହି ଶବ୍ଦକୁ ଗଭୀର ମାନସିକ ଆଘାତ ଭାବରେ ଅନୁଭବ କରିଥିଲେ। ଏହାପରେ ସାମାଜିକ ଗଣମାଧ୍ୟମ, ବୌଦ୍ଧିକ ମଞ୍ଚ ଓ ଜନସାଧାରଣଙ୍କ ମଧ୍ୟରେ ଭାଷାର ମର୍ଯ୍ୟାଦା ଓ ସାର୍ବଜନିକ ପଦରେ ଥିବା ବ୍ୟକ୍ତିଙ୍କ ଦାୟିତ୍ୱକୁ ନେଇ ବ୍ୟାପକ ଆଲୋଚନା ଆରମ୍ଭ ହୋଇଥିଲା। ଯାହା ଫଳରେ 'କକ୍ରୋଚ୍ ଜନତା ପାର୍ଟି' ସୃଷ୍ଟି ହୋଇ ପରବର୍ତ୍ତୀ ସମୟରେ ସର୍ବଭାରତୀୟ ସ୍ତରରେ ଏକ ବିରାଟ ଛାତ୍ର ଆନ୍ଦୋଳନକୁ ଜନ୍ମଦେଲା।

ଏଠାରେ ପ୍ରଶ୍ନ ଏହା ନୁହେଁ ଯେ ଗୋଟିଏ ଶବ୍ଦ ଏକାକୀ କୌଣସି ଆନ୍ଦୋଳନକୁ ଜନ୍ମ ଦେଇପାରେ କି ନାହିଁ। ଇତିହାସ କହେ, କୌଣସି ବଡ଼ ଆନ୍ଦୋଳନର ପଛରେ ଥାଏ ଅନେକ କାରଣ। ଦୀର୍ଘଦିନର କ୍ଷୋଭ, ଅନ୍ୟାୟର ଅନୁଭବ, ଆଶଙ୍କା, ଅବିଶ୍ୱାସ ଓ ସାମାଜିକ ପରିସ୍ଥିତି। କିନ୍ତୁ ଏହା ମଧ୍ୟ ଇତିହାସର ସତ୍ୟ ଯେ କେତେକ ଶବ୍ଦ ସେହି ନିରବ ଅସନ୍ତୋଷର ଏକ ପ୍ରତୀକ ଭାବରେ ପ୍ରତୀୟମାନ ହୋଇଥାଏ। ଯେପରି ଏକ ଛୋଟ ଅଗ୍ନିସ୍ଫୁଲିଙ୍ଗ ସମ୍ପୂର୍ଣ୍ଣ ଜଙ୍ଗଲକୁ ଧ୍ୱଂସ କରିପାରେ, ସେହିପରି କେତେକ ଶବ୍ଦ ପୂର୍ବରୁ ରହିଥିବା ଭାବନାକୁ ନୂଆ ଗତି ଦେଇଥାଏ। ଏହି ଦୃଷ୍ଟିକୋଣରୁ ସାମ୍ପ୍ରତିକ ଘଟଣାରେ ଭାଷାର ସାମାଜିକ ପ୍ରଭାବକୁ ବୁଝିବା ଅତ୍ୟନ୍ତ ଜରୁରୀ। ମନୋବିଜ୍ଞାନରେ ଏହାକୁ 'ଲେବେଲିଂ ଇଫେକ୍ଟ' ବୋଲି କୁହାଯାଏ। ଯେତେବେଳେ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ ସମୂହକୁ ଏକ ଅବମାନନାତ୍ମକ ଶବ୍ଦରେ ସମ୍ବୋଧନ କରାଯାଏ, ସେମାନେ କେବଳ ସେହି ଶବ୍ଦକୁ ଶୁଣନ୍ତି ନାହିଁ; ସେମାନେ ଅନୁଭବ କରନ୍ତି ଯେ ତାଙ୍କର ପରିଚୟ, ପରିଶ୍ରମ ଓ ସମ୍ମାନକୁ ମଧ୍ୟ ସେହି ଶବ୍ଦ ସହ ମପାଯାଉଛି। ବିଶେଷକରି ଆଜିର ଯୁବପିଢ଼ି ଆତ୍ମସମ୍ମାନ, ସ୍ୱାଭିମାନ ଓ ନିଜ ପରିଚୟ ପ୍ରତି ଅଧିକ ସଚେତନ। ସେଥିପାଇଁ ସେମାନେ ଶବ୍ଦର ପ୍ରଭାବକୁ କେବଳ ଭାଷାଗତ ଘଟଣା ଭାବେ ନୁହେଁ, ବରଂ ସମ୍ମାନ ଓ ମର୍ଯ୍ୟାଦାର ପ୍ରଶ୍ନ ଭାବରେ ଦେଖନ୍ତି।

ଗଣତନ୍ତ୍ରର ଚାରି ସ୍ତମ୍ଭ, ବିଧାନପାଳିକା, କାର୍ଯ୍ୟପାଳିକା, ନ୍ୟାୟପାଳିକା ଏବଂ ଗଣମାଧ୍ୟମ ପ୍ରତି ଜନସାଧାରଣଙ୍କ ଆସ୍ଥା ହିଁ ଗଣତନ୍ତ୍ରର ପ୍ରକୃତ ଶକ୍ତି। ସେଥିପାଇଁ ଏହି ସ୍ତମ୍ଭମାନଙ୍କ ସହ ଜଡ଼ିତ ବ୍ୟକ୍ତିଙ୍କ ପ୍ରତ୍ୟେକ ଶବ୍ଦ କେବଳ ବ୍ୟକ୍ତିଗତ ମତ ନୁହେଁ, ବରଂ ସଂସ୍ଥାର ମର୍ଯ୍ୟାଦା ଓ ଗଣତାନ୍ତ୍ରିକ ସଂସ୍କୃତିର ପ୍ରତିଫଳନ। ତେଣୁ ଯେତେ ଉଚ୍ଚ ପଦବୀ, ସେତେ ଅଧିକ ବାକ୍-ସଂଯମ ଆବଶ୍ୟକତା। ଶକ୍ତିର ପ୍ରକୃତ ପରିଚୟ କଠୋର ଭାଷାରେ ନୁହେଁ; ସଂଯମ ଭାଷାରେ ପ୍ରକାଶ ପାଏ। ସମ୍ମାନ ଦେଇ କୁହାଯାଇଥିବା କଥାର ପ୍ରଭାବ ଅପମାନ କରି କୁହାଯାଇଥିବା କଥାଠାରୁ ସବୁବେଳେ ଅଧିକ ସ୍ଥାୟୀ। ଆଜି ଆମ ସମାଜକୁ ଶବ୍ଦର ସଂସ୍କୃତି ପୁଣିଥରେ ଶିଖିବାକୁ ପଡ଼ିବ। ମତଭେଦ ଗଣତନ୍ତ୍ରର ସୌନ୍ଦର୍ଯ୍ୟ; କିନ୍ତୁ ଅବମାନନା ଗଣତନ୍ତ୍ରର ଶକ୍ତି ନୁହେଁ। ସମାଲୋଚନା ତୀବ୍ର ହୋଇପାରେ, କିନ୍ତୁ ଭାଷା ମର୍ଯ୍ୟାଦାଜନକ ହେବା ଉଚିତ୍। କାରଣ କହିଦେବା କଥା, ବୋହିଗଲା ପାଣି କେବେ ଫେରି ଆସେନାହିଁ। ପଦବୀର ଉଚ୍ଚତା ମଣିଷକୁ କେବଳ ଅଧିକାର ଦିଏ ନାହିଁ; ଅଧିକ ଦାୟିତ୍ୱ ମଧ୍ୟ ଦିଏ। ସେହି ଦାୟିତ୍ୱର ପ୍ରଥମ ପରୀକ୍ଷା ହେଉଛି ତାଙ୍କର ଭାଷା। ଶେଷରେ କବୀରଙ୍କ ସେହି ଅମର ବାଣୀ ପୁଣିଥରେ ମନେ ପଡ଼େ, - 'ଏସି ବାଣୀ ବୋଲିଏ, ମନକା ଆପା ଖୋଏ। ଔରୋଂକୋ ଶୀତଲ କରେ, ଆପହୁଁ ଶୀତଲ ହୋଏ।'

ଉଚ୍ଚାରିତ ଶବ୍ଦର ପ୍ରତିଧ୍ୱନି କେବେ କେବେ ଏକ ଯୁଗର ଚେତନାକୁ ବଦଳାଇ ଦିଏ, ଏକ ସମାଜର ମନୋଭାବକୁ ପରିବର୍ତ୍ତନ କରେ ଏବଂ ଇତିହାସର ପୃଷ୍ଠାରେ ନୂଆ ଅଧ୍ୟାୟ ଲେଖିଦିଏ। ଶବ୍ଦର ଏହି ଶକ୍ତିକୁ ବୁଝିବା ହିଁ ସଭ୍ୟତାର ପ୍ରଥମ ପାଠ। ●

ପଦ୍ମପୁର(କେନ୍ଦୁଝର)
ମୋ: ୯୪୩୭୦୨୨୬୬୯

## ପ୍ରକୃତିରୁ ବିଶ୍ୱସୁସ୍ଥତା ପର୍ଯ୍ୟନ୍ତ

ଊର୍ମିଳା ଦାଶ

ଏକବିଂଶ ଶତାବ୍ଦୀରେ ସମଗ୍ର ବିଶ୍ୱ ସ୍ୱାସ୍ଥ୍ୟର ଅର୍ଥକୁ ନୂତନ ଦୃଷ୍ଟିରେ ବୁଝିବାକୁ ଆରମ୍ଭ କରିଛି। କେବଳ ରୋଗ ହେଲେ ଔଷଧ ସେବନ କରିବା ନୁହେଁ, ବରଂ ରୋଗମୁକ୍ତ, ସନ୍ତୁଳିତ ଓ ସୁସ୍ଥ ଜୀବନ କିପରି ଗଢ଼ାଯିବ, ତାହା ଆଜିର ପ୍ରମୁଖ ଆଲୋଚ୍ୟ ବିଷୟ। କରୋନା ମହାମାରୀ ପରେ ରୋଗପ୍ରତିରୋଧକ ଶକ୍ତି, ମାନସିକ ସ୍ଥିରତା, ଶୁଦ୍ଧ ଆହାର, ଯୋଗ, ଧ୍ୟାନ, ପ୍ରାକୃତିକ ଚିକିତ୍ସା ଓ ସମନ୍ୱିତ ସ୍ୱାସ୍ଥ୍ୟବ୍ୟବସ୍ଥା ପ୍ରତି ବିଶ୍ୱବାସୀଙ୍କ ଆଗ୍ରହ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ଭାରତର ଆୟୁର୍ବେଦ ବିଶ୍ୱ ସ୍ୱାସ୍ଥ୍ୟ ଚିନ୍ତାଧାରାର ଏକ ନୂତନ ଦିଗନ୍ତ ଉନ୍ମୋଚନ କରିଛି।

ଆୟୁର୍ବେଦ କେବଳ ଏକ ଚିକିତ୍ସା ପଦ୍ଧତି ନୁହେଁ; ଏହା ଏକ ସମ୍ପୂର୍ଣ୍ଣ ଜୀବନଦର୍ଶନ। ଏହା ମଣିଷର ଶରୀର, ମନ ଓ ଆତ୍ମାକୁ ପ୍ରକୃତି ସହିତ ସମନ୍ୱିତ କରି ସୁସ୍ଥ ଜୀବନର ପଥ ଦେଖାଏ। ଭାରତୀୟ ଦର୍ଶନର 'ପିଣ୍ଡେ ଯାହା, ବ୍ରହ୍ମାଣ୍ଡେ ତାହା' ମହାବାକ୍ୟକୁ ଆୟୁର୍ବେଦ ସ୍ୱାସ୍ଥ୍ୟ ବିଜ୍ଞାନର ଭାଷାରେ ବ୍ୟାଖ୍ୟା କରିଛି। ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶଏହି ପଞ୍ଚମହାଭୂତ ଯେପରି ସୃଷ୍ଟିର ମୂଳ ଆଧାର, ସେହିପରି ମାନବ ଶରୀର ମଧ୍ୟ ଏହି ପଞ୍ଚତତ୍ତ୍ୱର ସୁସନ୍ତୁଳିତ ସମନ୍ୱୟ। ଆୟୁର୍ବେଦର ମୂଳ ଆଧାର ହେଉଛି ସନ୍ତୁଳନ। ବାତ, ପିତ୍ତ ଓ କଫ - ଏହି ତ୍ରିଦୋଷର ସମତା ହିଁ ସୁସ୍ଥତାର ପରିଚାୟକ। ଏହି ସନ୍ତୁଳନରେ ବ୍ୟତିକ୍ରମ ଘଟିଲେ ରୋଗର ଉତ୍ପତ୍ତି ହୁଏ। ତେଣୁ ଆୟୁର୍ବେଦ କେବଳ ରୋଗର ଲକ୍ଷଣକୁ ଦମନ କରେନାହିଁ; ରୋଗର ମୂଳ କାରଣକୁ ଚିହ୍ନଟ କରି ତାହାର ସମାଧାନ ଦିଗରେ ଗୁରୁତ୍ୱ ଦିଏ। ଆହାର, ବିହାର, ଋତୁଚର୍ଯ୍ୟା, ଦିନଚର୍ଯ୍ୟା, ନିଦ୍ରା, ସଦାଚାର ଓ ପ୍ରକୃତି ସହ ମଣିଷର ସମ୍ପର୍କ ଆୟୁର୍ବେଦର ମୂଳ ଭିତ୍ତି।

ଆଧୁନିକ ଯୁଗରେ ବିଜ୍ଞାନ ଓ ପ୍ରଯୁକ୍ତି ମଣିଷକୁ ଅନେକ ସୁବିଧା ଦେଇଥିଲେ ମଧ୍ୟ ଜୀବନଶୈଳୀଜନିତ ରୋଗର ପ୍ରକୋପ ଚିନ୍ତାଜନକ ଭାବେ ବୃଦ୍ଧି ପାଉଛି। ମଧୁମେହ, ଉଚ୍ଚ ରକ୍ତଚାପ, ମୋଟାପଣ, ମାନସିକ ଚାପ, ନିଦ୍ରାହୀନତା ଓ ଅବସାଦ ଭଳି ସମସ୍ୟା ମଣିଷକୁ ଅସ୍ଥିର କରିଦେଇଛି। ଏପରି ସମୟରେ ଆୟୁର୍ବେଦ ଆମକୁ ସ୍ମରଣ କରାଏ ଯେ ମଣିଷ ପ୍ରକୃତିରୁ ଅଲଗା ନୁହେଁ; ସେ ପ୍ରକୃତିର ଏକ ଅଭିନ୍ନ ଅଂଶ। ମାଟି, ପାଣି, ସୂର୍ଯ୍ୟକିରଣ, ପବନ, ଋତୁ ଓ ଶୁଦ୍ଧ ଆହାର ସହିତ ସମନ୍ୱୟପୂର୍ଣ୍ଣ ଜୀବନ ହିଁ ଚିରସ୍ଥାୟୀ ସ୍ୱାସ୍ଥ୍ୟର ଭିତ୍ତି। ଯୋଗ, ପ୍ରାଣାୟାମ, ଧ୍ୟାନ ଓ ପ୍ରାକୃତିକ ଚିକିତ୍ସା ଯେତେବେଳେ ଆୟୁର୍ବେଦ ସହ ସମନ୍ୱିତ ହୁଏ, ସେତେବେଳେ ସମଗ୍ର ସ୍ୱାସ୍ଥ୍ୟର ଏକ ପୂର୍ଣ୍ଣାଙ୍ଗ ମଡେଲ ସୃଷ୍ଟି ହୁଏ। ଯୋଗ ଶରୀରକୁ ସୁଦୃଢ଼ କରେ, ପ୍ରାଣାୟାମ ଜୀବନଶକ୍ତିକୁ ସନ୍ତୁଳିତ କରେ, ଧ୍ୟାନ ମନକୁ ପ୍ରଶାନ୍ତ କରେ, ପ୍ରାକୃତିକ ଚିକିତ୍ସା ପଞ୍ଚତତ୍ତ୍ୱ ସହ ମଣିଷର ସମ୍ପର୍କକୁ ଦୃଢ଼ କରେ ଏବଂ ଆୟୁର୍ବେଦ ସୁସ୍ଥ ଜୀବନଶୈଳୀ ମାଧ୍ୟମରେ ଦୀର୍ଘକାଳୀନ ସ୍ୱାସ୍ଥ୍ୟର ପଥ ପ୍ରଦର୍ଶନ କରେ।

ଭାରତ ସରକାରଙ୍କ ନିତି ଆୟୋଗ ପ୍ରକାଶିତ 'ଆୟୁର୍ବେଦକୁ ବିଶ୍ୱସ୍ତରୀୟ କରିବା ପାଇଁ କୌଶଳଗତ କାର୍ଯ୍ୟଯୋଜନା' ରିପୋର୍ଟ ଆୟୁର୍ବେଦକୁ ପ୍ରମାଣଭିତ୍ତିକ, ଗୁଣମାନସମ୍ପନ୍ନ ଏବଂ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପଦ୍ଧତିରେ ପରିଣତ କରିବାର ଦିଗନିର୍ଦ୍ଦେଶ ଦେଇଛି। ଏଥିରେ ଉପଲବ୍ଧତା, ଗ୍ରହଣଯୋଗ୍ୟତା ଓ ପ୍ରଚାରକୁ ମୁଖ୍ୟ ଆଧାର କରାଯାଇଛି। ବୈଶ୍ୱିକ ଆୟୁର୍ବେଦ ପଞ୍ଜୀକରଣ ବ୍ୟବସ୍ଥା, ଅନ୍ତର୍ଜାତୀୟ ମାନଦଣ୍ଡ, ଗବେଷଣା, ଗୁଣମାନ, ଚିକିତ୍ସକ ପ୍ରଶିକ୍ଷଣ, ବିଦେଶୀ ବଜାର ଓ ଚିକିତ୍ସା ପର୍ଯ୍ୟଟନ ଭଳି ବିଷୟଗୁଡ଼ିକ ଏହି ରୋଡମ୍ୟାପର ପ୍ରମୁଖ ଅଂଶ। ଓଡ଼ିଶା ପରି ପ୍ରାକୃତିକ ସମ୍ପଦରେ ସମୃଦ୍ଧ ରାଜ୍ୟରେ ଆୟୁର୍ବେଦର ସମ୍ଭାବନା ଅଧିକ ବ୍ୟାପକ। ଆଦିବାସୀ ଓ ଗ୍ରାମୀଣ ସମାଜର ପାରମ୍ପରିକ ଔଷଧୀୟ ଜ୍ଞାନ, ଔଷଧୀୟ ଉଦ୍ଭିଦ, ଜଙ୍ଗଲୀ ଶାଗ, ମାଣ୍ଡିଆ, ହଳଦୀ, ନିମ, ତୁଳସୀ, ହରିଡ଼ା, ବାହାଡ଼ା ଓ ଅଁଳା ପରି ସମ୍ପଦକୁ ବୈଜ୍ଞାନିକ ଭାବେ ସଂରକ୍ଷଣ ଓ ଲିପିବଦ୍ଧ କରାଗଲେ ଏହା ବିଶ୍ୱ ପାଇଁ ଏକ ମୂଲ୍ୟବାନ ସ୍ୱାସ୍ଥ୍ୟ ଐତିହ୍ୟରେ ପରିଣତ ହୋଇପାରିବ।

ଆୟୁର୍ବେଦରେ ଖାଦ୍ୟକୁ ପ୍ରଥମ ଔଷଧ ବୋଲି ବିବେଚନା କରାଯାଏ। ରୋଷେଇ ଘର ହିଁ ପ୍ରଥମ ଔଷଧାଳୟ। ସ୍ଥାନୀୟ ଧାନ୍ୟ, ଜୈବିକ କୃଷି, ଋତୁ ଅନୁଯାୟୀ ଆହାର ଓ ପ୍ରାକୃତିକ ଖାଦ୍ୟ ଅଭ୍ୟାସ ଆଗାମୀ ଦିନରେ ସୁସ୍ଥ ସମାଜ ଗଠନର ମୂଳ ଆଧାର ହୋଇପାରିବ। ତେବେ ବିଶ୍ୱକୁ ଆୟୁର୍ବେଦର ବାର୍ତ୍ତା ପହଞ୍ଚାଇବାକୁ ହେଲେ ଗୁଣମାନ, ପ୍ରମାଣଭିତ୍ତିକ ଗବେଷଣା, ଔଷଧର ଶୁଦ୍ଧତା, ଚିକିତ୍ସକଙ୍କ ଦକ୍ଷତା, ରୋଗୀ ସୁରକ୍ଷା ଓ ସ୍ୱଚ୍ଛ ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ। ଜ୍ଞାନ ସହିତ ବିଶ୍ୱାସ ମଧ୍ୟ ଅର୍ଜନ କରିବାକୁ ପଡ଼ିବ। ଆୟୁର୍ବେଦର ମୂଳ ଗ୍ରନ୍ଥ ସଂସ୍କୃତରେ ରଚିତ। ତେଣୁ ସଂସ୍କୃତ ଜ୍ଞାନର ସଠିକ୍ ବ୍ୟାଖ୍ୟା ସହିତ ଓଡ଼ିଆ, ହିନ୍ଦୀ, ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ସରଳ ଭାବେ ଏହାକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକ। ସେହିପରି କୃତ୍ରିମ ବୁଦ୍ଧିମତ୍ତା, ଡିଜିଟାଲ୍ ସ୍ୱାସ୍ଥ୍ୟ ସେବା, ଦୂରବର୍ତ୍ତୀ ପରାମର୍ଶ, ବହୁଭାଷୀ ଶିକ୍ଷା, ଗବେଷଣା ଓ ପ୍ରଯୁକ୍ତିର ସୁଚିନ୍ତିତ ବ୍ୟବହାର ଆୟୁର୍ବେଦକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇପାରିବ।

ଆୟୁର୍ବେଦର ଶତାବ୍ଦୀ କେବଳ ଭାରତର ଗୌରବର ଶତାବ୍ଦୀ ନୁହେଁ; ଏହା ସମଗ୍ର ମାନବଜାତି ପାଇଁ ପ୍ରକୃତି ସହ ସମନ୍ୱୟପୂର୍ଣ୍ଣ, ସନ୍ତୁଳିତ ଓ ସୁସ୍ଥ ଜୀବନର ଶତାବ୍ଦୀ ହୋଇପାରେ। ଯେତେବେଳେ ଆୟୁର୍ବେଦ, ଯୋଗ, ଧ୍ୟାନ, ପ୍ରାକୃତିକ ଚିକିତ୍ସା, ଜୈବିକ କୃଷି, ଆଦିବାସୀ ଜ୍ଞାନ, ସଂସ୍କୃତର ପ୍ରାଚୀନ ପ୍ରଜ୍ଞା ଓ ଆଧୁନିକ ପ୍ରଯୁକ୍ତି ଏକ ସୂତ୍ରରେ ବାନ୍ଧି ହେବ, ସେତେବେଳେ ଭାରତ ବିଶ୍ୱକୁ କେବଳ ଚିକିତ୍ସା ନୁହେଁ, ବରଂ ଏକ ସୁସ୍ଥ, ସନ୍ତୁଳିତ ଓ ମାନବିକ ଜୀବନଦର୍ଶନ ଉପହାର ଦେଇପାରିବ। ସ୍ୱାସ୍ଥ୍ୟର ଭବିଷ୍ୟତ ପ୍ରକୃତି ସହିତ ସମନ୍ୱୟରେ ନିହିତ। ସେହି ସମନ୍ୱୟର ଅନ୍ୟନାମ ହେଉଛି ଆୟୁର୍ବେଦ। ●

ଗରଦପୁର(କେନ୍ଦ୍ରାପଡ଼ା),
ମୋ: ୯୬୭୮୩୯୯୭୧୧

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

ପ୍ରବୀର କୁମାର ପଟ୍ଟନାୟକ

ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

ଦ୍ୱିତୀୟ ଅନୁଶାସନଟି ପ୍ରଥମ କଳିଙ୍ଗ ଅନୁଶାସନର ପୂର୍ବାଂଶକୁ ଦୋହରାଇଥାଏ ଏବଂ 'ସମସ୍ତ ମଣିଷ ମୋର ସନ୍ତାନ' ବାକ୍ୟାଂଶଟି ମଧ୍ୟ ସେଥିରେ ଅନ୍ତର୍ଭୁକ୍ତ। ସମ୍ରାଟ ଅଶୋକ ତାଙ୍କର ଅଧିକାରୀମାନେ ତାଙ୍କର ସରଳ ତଥା ନ୍ୟାୟପୂର୍ଣ୍ଣ ପ୍ରଶାସନ ନୀତିକୁ ନିଶ୍ଚିତ ଭାବେ ଯେପରି କାର୍ଯ୍ୟକାରୀ କରିବେ ସେ ବିଷୟରେ ଏବଂ ଦୃଢ ରହିଥିଲେ। ଏଥିରେ ପ୍ରଥମ କଳିଙ୍ଗ ଅନୁଶାସନରେ ଉଲ୍ଲେଖ ଥିବା ଅଧିକାରୀଙ୍କ ବ୍ୟତୀତ ଅନ୍ୟ ଅଧିକାରୀମାନଙ୍କୁ ସମ୍ବୋଧିତ କରାଯାଇଛି। ଧଉଳି ସଂସ୍କରଣରେ ରାଜକୁମାର ତଥା ମହାମାତ୍ରମାନଙ୍କୁ କୁହାଯାଇଛି। ଏଥିରେ ରାଜକୁମାର ଯାହା ଦର୍ଶାଯାଇଛି ତାହା ନିଶ୍ଚିତ ଭାବେ ସମଗ୍ର କଳିଙ୍ଗ ଅଞ୍ଚଳରେ ରାଜ୍ୟପାଳଙ୍କୁ ବୁଝାଇବା ସହ ସମ୍ଭବତଃ ସେହି ପଦାଧିକାରୀ ନିଶ୍ଚିତଭାବେ ରାଜ ପରିବାରର ସଦସ୍ୟ ରହିଥିବେ। ସେହିଭଳି ଜଉଗଡ଼ ସଂସ୍କରଣରେ ମହାମାତ୍ରଙ୍କ ସହ ରାଜ ବାଚନିକଙ୍କୁ ପଦାଧିକାରୀ ଭାବେ ଦର୍ଶାଯାଇଛି। ଯେଉଁ ରାଜବାଚନିକ ପଦାଧିକାରୀ କୁହାଯାଇଛି ସେ ନିଶ୍ଚିତ ଭାବେ ସାଧାରଣ ସଂବାଦବହାକ ଅଥବା ନଗର ଘୋଷକଙ୍କ ଠାରୁ ଅଧିକ କ୍ଷମତା ଥିବା କେହି ଅଧିକାରୀ ହୋଇଥିବେ ଏବଂ ତାଙ୍କର ଦାୟିତ୍ୱ ମଧ୍ୟ ସେହିଭଳି ରାଜକୀୟ ଅଥବା ଶାସକୀୟ ଅଦେଶନାମାର ସର୍ବସାଧାରଣରେ ଘୋଷଣା କରାଇବା ରହିଥିବ।

ଏହି ଶିଳାଲେଖର ମୁଖ୍ୟ ବାର୍ତ୍ତାଟି ତ୍ରୟୋଦଶ ବୃହତ୍ ଶିଳାଲେଖରେ ମଧ୍ୟ ଅନ୍ତର୍ଭୁକ୍ତ। ମାତ୍ର କଳିଙ୍ଗରେ ତାହାର ପ୍ରକାଶନକୁ ଚାପି ଦିଆଯାଇଥିଲା। ଏହା ମୁଖ୍ୟତଃ ମୌର୍ଯ୍ୟ ସାମ୍ରାଜ୍ୟ ଏବଂ ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ପରାଜିତ ହୋଇନଥିବା ଆଦିବାସୀ ଜନଜାତିଙ୍କ ସଂପର୍କକୁ ଦର୍ଶାଇଥାଏ। ଅଶୋକ ଚାହୁଁଥିଲେ ଏହି ଲୋକମାନେ ତାଙ୍କ ଉପରେ ଆସ୍ଥା ତଥା ଭରସା ସ୍ଥାପନ କରନ୍ତୁ ଏବଂ ତାଙ୍କ ଦୟା ଉପରେ ନିର୍ଭର କରନ୍ତୁ ଏବଂ ତାଙ୍କ ପ୍ରଜାମାନଙ୍କ ଭଳି ଏମାନେ ମଧ୍ୟ ଧର୍ମ ଅଥବା ନୀତି ଶିକ୍ଷା ଏବଂ ସଦାଚାରକୁ ଅନୁସରଣ କରନ୍ତୁ। ଅଶୋକ ସେମାନଙ୍କ ପାଇଁ କେବଳ ଖୁସି ଚାହାନ୍ତି ଓ ତାଙ୍କ ସହ ସଂପର୍କ ଓ ଭାବ ବିନିମୟରେ ସେମାନଙ୍କର କୌଣସି ଦୁଃଖ ସେ ଚାହାନ୍ତି ନାହିଁ। ଆଉ ସେମାନଙ୍କୁ କୌଣସି ଅପରାଧ କଲେ ଯେତେ ପର୍ଯ୍ୟନ୍ତ କ୍ଷମା କରାଯାଇ ପାରିବ। ସେ ଯେପରି ତାଙ୍କ ପ୍ରତି ଦୟାଶୀଳ ଓ କ୍ଷମାଶୀଳ ହେବେ। ଆଉ ମଧ୍ୟ ଶାସନ ତରଫରୁ ସେମାନଙ୍କୁ ଏହି ବିଶ୍ୱାସ ଦେବାକୁ ପଡ଼ିବ ଯେପରିକି ରାଜା ସେମାନଙ୍କ ପାଇଁ ପିତାଙ୍କ ସ୍ଥାନରେ ଅଛନ୍ତି ଏବଂ ରାଜା ତାଙ୍କ ନିଜ ପାଇଁ ଯେତିକି ଭାବନ୍ତି। ସେମାନଙ୍କ ପାଇଁ ସେହିଭଳି ଭାବିଥାନ୍ତି।

ଏହି ଅନୁଶାସନଟିର ଶେଷରେ କର୍ମଚାରୀମାନେ ଯେପରି ଏହାର ନିର୍ଦ୍ଦେଶଗୁଡ଼ିକୁ କାର୍ଯ୍ୟକାରୀ କରିନ୍ତ ତାହାକୁ ସୁନିଶ୍ଚିତ କରିବା ନିମନ୍ତେ ଏହାକୁ ସ୍ୱତନ୍ତ୍ର ଭାବରେ ଖୋଦେଇ କରାଯାଇଥିବା କଥା କୁହାଯାଇଛି। ଏହି ରାଜାଜ୍ଞାକୁ ମଧ୍ୟ ସର୍ବାଧିକ ଚାରିମାସ ବ୍ୟବଧାନରେ ଏବଂ ବିଭିନ୍ନ ଉପଯୁକ୍ତ ସମୟରେ ସର୍ବସାଧାରଣଙ୍କ ସାମନାରେ ନିୟମିତ ଭାବେ ଘୋଷଣା କରିବାକୁ ହେବ। ଦ୍ୱିତୀୟ କଳିଙ୍ଗ ଶିଳାଲେଖ ସାମ୍ରାଜ୍ୟର ଅନ୍ୟ କୌଣସି ଅଂଶ ବା ଅଞ୍ଚଳ ବିଷୟରେ କିଛି ଉଲ୍ଲେଖ କରେ ନାହିଁ। ତେଣୁ ଏହା ସମ୍ଭବବତଃ କେବଳ କଳିଙ୍ଗରେ ପ୍ରଚାର କରିବା ନିମନ୍ତେ ସ୍ୱତନ୍ତ୍ର ଭାବେ ଲେଖାଯାଇ ଥିଲା। ଏହି ଲେଖାଟି ତ୍ରୟୋଦଶ ଶିଳାଲେଖରେ (ଯାହାକୁ ବାଦ ଦିଆଯାଇଥିଲା) ଥିବା ସୀମାନ୍ତ ଅଞ୍ଚଳରେ ଅବଶିଷ୍ଟ ଲୋକଙ୍କ ପାଇଁ ଥିବା ନିର୍ଦ୍ଦେଶକୁ ବଦଳାଇବା ପାଇଁ ଉଦ୍ଦିଷ୍ଟ ଥିଲା। ଏହା ଜଙ୍ଗଲ ପାହାଡ଼ ଅଞ୍ଚଳରେ ରହୁଥିବା ଆଦିବାସୀ ଲୋକଙ୍କ ପ୍ରତି ଅଶୋକଙ୍କ ଚିନ୍ତାକୁ ପ୍ରତିଫଳିତ କରେ। ଏହି ଲୋକମାନେ ନିଃସନ୍ଦେହରେ ନିୟମିତ ବ୍ୟବଧାନରେ ଅଧିକ ସ୍ଥାୟୀ ଜନବସତି ଉପରେ ଆକ୍ରମଣ କରୁଥିଲେ। ଅଶୋକ ସ୍ପଷ୍ଟ ଭାବରେ ଏହି ଆଦିବାସୀ ଲୋକମାନଙ୍କୁ ଆର୍ଯ୍ୟ ସଂସ୍କୃତିର ପରିସର ମଧ୍ୟକୁ ଆଣିବା ପାଇଁ ଆନ୍ତରିକ ପ୍ରୟାସ କରୁଥିବା ଜଣାଯାଉଛି। ମାତ୍ର ସେହି ଲୋକମାନଙ୍କ ବିରୁଦ୍ଧରେ କୌଣସି ଶାସ୍ତିମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରିବା ନିମନ୍ତେ ଅଶୋକ ଇଚ୍ଛୁକ ନଥିଲେ। ତଥାପି ନିହାତି ଆବଶ୍ୟକ ହେଲେ ସେମାନଙ୍କ ବିରୋଧରେ ଶକ୍ତି ପ୍ରଦର୍ଶନ ନିମନ୍ତେ ତାଙ୍କର ଶାସକୀୟ କାର୍ଯ୍ୟଭାବେ ଦାୟିତ୍ୱ ଥିଲା ବୋଲି ସେ ମନେ କରୁଥିଲେ। ତ୍ରୟୋଦଶ ଶିଳାନୁଶାସନ ବଦଳରେ କଳିଙ୍ଗରେ ପ୍ରବର୍ତ୍ତିତ ଏହି ଅନୁଶାସନରେ ସେହି ଗୁପ୍ତ ଧମକ ସେତେ ପ୍ରବଳ ଭାବରେ ପ୍ରକାଶ ପାଇନାହିଁ। ଏହି ପରିବର୍ତ୍ତିଟି ବାସ୍ତବରେ ବେଶ ସ୍ପଷ୍ଟ ଯେପରି ସେମାନେ ପଶ୍ଚାତାପ କରିବେ ମାତ୍ର ସେମାନଙ୍କୁ ହତ୍ୟା କରାଯିବ ନାହିଁ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

## ମିଳିଲା ଆଉ...

ବିବାଦର ସମାଧାନ ରାସ୍ତା ବାହାର କରିବେ ବୋଲି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଅପରପକ୍ଷେ ଦୁଇରାଜ୍ୟ ମଧ୍ୟରେ କେଉଁ ଫର୍ମୁଲା ଆଧାରରେ ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି, ତାହାକୁ କାହିଁକି ଗୋପନ ରଖାଯାଉଛି ବୋଲି ବିଶେଷଜ୍ଞ ମହଲ ପ୍ରଶ୍ନ କରିଛନ୍ତି। ରାଜ୍ୟ ବିଜେପି ସରକାର ରାଜ୍ୟବାସୀ, ବିରୋଧୀ ଦଳ, ଜଳ ବିଶେଷଜ୍ଞମାନଙ୍କୁ ଆଦୌ ବିଶ୍ୱାସକୁ ନେଉନାହାନ୍ତି। ଆପୋଷ ସମାଧାନକୁ ସଭିଙ୍କର ସମର୍ଥନ ରହିଛି। ମାତ୍ର ସମସ୍ତଙ୍କ ମତାମତ ଭିତ୍ତିରେ ଯଦି ରାଜ୍ୟ ସରକାର ସମାଧାନ କ୍ଷେତ୍ରରେ ଆଗକୁ ବଢ଼ନ୍ତେ, ତାହେଲେ ଏହା ରାଜ୍ୟ ସ୍ୱାର୍ଥ ଦିଗରେ ଯାଆନ୍ତା। ସରକାର କିନ୍ତୁ ସେପରି ନକରି, ସଭିଙ୍କୁ ଅନ୍ଧାରରେ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ବିଶେଷଜ୍ଞ ମହଲ କ୍ଷୋଭ ପ୍ରକାଶ କରିଛନ୍ତି। ଛତିଶଗଡ଼ ସିଡବ୍ଲ୍ୟୁସିର କଥାକୁ ଯେ ପୂର୍ଣ୍ଣମାତ୍ରାରେ ଗ୍ରହଣ କରିନେବ ତାହାର ମାନେ ନାହିଁ। ଯଦି ରାଜ୍ୟ ବିଜେପି ସରକାର ସତରେ ବିବାଦର ସମାଧାନ ଦିଗରେ ଆଗ୍ରହୀ, ତାହେଲେ ଏନେଇ କେନ୍ଦ୍ର ସରକାରଙ୍କର ହସ୍ତକ୍ଷେପ ଲୋଡ଼ନ୍ତୁ।ଚକେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ଉପସ୍ଥିତିରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ବିବାଦର ସମାଧାନ ପାଇଁ ଆଲୋଚନା କରିବା ସ୍ୱାଗତଯୋଗ୍ୟ। ନିକଟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ମଧ୍ୟସ୍ଥତାରେ ହରିୟାଣା ଏବଂ ରାଜସ୍ଥାନ ମଧ୍ୟରେ ଦୀର୍ଘ ୩୨ ବର୍ଷ ଧରି ଚାଲିଆସିଥିବା ଜମୁନା ଜଳ ବିବାଦର ଐତିହାସିକ ସମାଧାନ ହେଲା। ତାହେଲେ ଓଡ଼ିଶା କ୍ଷେତ୍ରରେ ସମାନ ଆଭିମୁଖ୍ୟ କାହିଁକି ଗ୍ରହଣ କରାଯିବ ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

## ନୀରବିଗଲେ ପ୍ରଣବ...

ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତରେ ତାଙ୍କ ଅବଦାନ ବିଶେଷ ଭାବେ ସ୍ମରଣୀୟ ବୋଲି ଓଡ଼ିଶା ସଙ୍ଗୀତ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ମତବ୍ୟକ୍ତ କରିଛନ୍ତି। କଟକ ଖାନ୍ ନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପ୍ରଣବ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, "ନିଜର କାଳଜୟୀ କଣ୍ଠସ୍ୱରରେ ସମଗ୍ର ଓଡ଼ିଶାକୁ ବିମୋହିତ କରିଥିବା ମହାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ପରଲୋକ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ଜୟଦେବ ପୁରସ୍କାର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଏବଂ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଭଳି ଅନେକ ସମ୍ମାନରେ ଭୂଷିତ ଏହି ଅତୁଳନୀୟ ସଙ୍ଗୀତ ସାଧକଙ୍କ ଦେହାନ୍ତ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି। ତାଙ୍କର ସୁମଧୁର ସ୍ୱରର ମୂର୍ଚ୍ଛନା ଓ କାଳଜୟୀ ସଙ୍ଗୀତ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଚିରକାଳ ଅମର ହୋଇ ରହିବ।" ଶୋକସନ୍ତପ୍ତ ପରିବାରବର୍ଗ ଓ ଅସଂଖ୍ୟ ପ୍ରଶଂସକଙ୍କୁ ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

ସେହିପରି ପ୍ରଣବଙ୍କ ବିୟୋଗରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରି ଲେଖିଛନ୍ତି, "ଓଡ଼ିଆ ସଙ୍ଗୀତ ଜଗତର ଅଭୁଲା ସ୍ୱର, ବର୍ଷୀୟାନ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ତାଙ୍କ ସୁମଧୁର ଗାୟନ ଶୈଳୀ ଅନେକ ଓଡ଼ିଆ ସଙ୍ଗୀତକୁ ଲୋକଙ୍କ ହୃଦୟରେ କାଳଜୟୀ କରିଛି। ସଙ୍ଗୀତ ଜଗତକୁ ସମୃଦ୍ଧ କରିବାରେ ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଇବା ସହ ଦିବଂଗତ ଅମର ଆତ୍ମାର ସଦଗତି କାମନା କରୁଛି'।

୧୯୩୮ ମସିହା ଜାନୁଆରୀ ମାସ ୨୦ ତାରିଖରେ ଜନ୍ମଗ୍ରହଣ କରିଥିଲେ। ପିଲାଟିଦିନରୁ ତାଙ୍କର ସଂଗୀତ ପ୍ରତି ରୁଚି ରହିଥିଲା। ପ୍ରଥମେ ସେ କଟକ ଆକାଶବାଣୀ କେନ୍ଦ୍ରର ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ ହେବାର ସୌଭାଗ୍ୟ ଲାଭ କରିଥିଲେ। ୧୯୫୮ ମସିହାରେ ମୁକ୍ତିଲାଭ କରିଥିବା ମା' ଚଳଚ୍ଚିତ୍ରରୁ ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ଆଉ ପଛକୁ ଫେରି ନ ଥିଲେ। ଦର୍ଶକଙ୍କୁ ଭେଟି ଦେଥିଲେ ଗୋଟିକ ପରେ ଗୋଟିଏ ମନଛୁଆଁ ସଙ୍ଗୀତ। ତାଙ୍କର ସୁଦୀର୍ଘ କ୍ୟାରିୟର ଭିତରେ ପ୍ରଣବ ପଟ୍ଟନାୟକ ୫୦ରୁ ଅଧିକ ଚଳଚ୍ଚିତ୍ରରେ କଣ୍ଠଦାନ କରିଥିଲେ। ସେ ବାଳକୃଷ୍ଣ ଦାସ, ଉପେନ୍ଦ୍ର କୁମାର, ଅକ୍ଷୟ ମହାନ୍ତି, ଶାନ୍ତନୁ ମହାପାତ୍ର, ପ୍ରଫୁଲ୍ଲ କର, ଭୁବନେଶ୍ୱର ମିଶ୍ର, ବାସୁଦେବ ରଥ ଏବଂ ସ୍ୱରୂପ ନାୟକଙ୍କ ଭଳି ଲୋକପ୍ରିୟ ସଂଗୀତ ନିର୍ଦ୍ଦେଶକଙ୍କ ସ୍ୱର ସଂଯୋଜନାରେ କଣ୍ଠଦାନ କରିବାର ସୁଯୋଗ ପାଇଥିଲେ। ସେହିପରି ଏକାଧିକବାର ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ ଭାବେ ରାଜ୍ୟ ଚଳଚିତ୍ର ପୁରସ୍କାର ଲାଭ କରିଥିଲେ। ଏହାବ୍ୟତୀତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସର୍ବୋଚ୍ଚ ଚଳଚିତ୍ର ସମ୍ମାନ ଜୟଦେବ ପୁରସ୍କାରରେ ମଧ୍ୟ ସମ୍ମାନିତ ହୋଇଥିଲେ।

## ୨୫ ବେଳକୁ...

ପର୍ଯ୍ୟନ୍ତ ମିଳୁଥିବା ସମୟର ସୁଯୋଗ ନେଇ କିଆରୀର ଜଳ ନିଷ୍କାସନ ନାଳି ସଫା କରି ଜଳମଗ୍ନ ଧାନକିଆରୀରୁ ଅତିରିକ୍ତ ଜଳ ନିଷ୍କାସନ କରିବାର ଆବଶ୍ୟକ ରହିଛି। ଏଥିସହିତ ୨୪ ଅଗଷ୍ଟ ପର୍ଯ୍ୟନ୍ତ ହେବାକୁ ଥିବା ସାମୟିକ ବିଜୁଳି, ଘଡ଼ଘଡ଼ି ଓ ସ୍ଥାନୀୟ ବର୍ଷାରୁ ସାବଧାନ ରହିବାକୁ ମଧ୍ୟ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

## ଛେନା ନାମରେ...

କାରବାର ଆରମ୍ଭ କରିଛନ୍ତି। କ୍ଷୀର ବଦଳରେ ବିଷାକ୍ତ କେମିକାଲ, ଡିଟର୍‌ଜେଣ୍ଟ, ୟୁରିଆ, ରିଫାଇନ୍ ତେଲ, ଷ୍ଟାର୍ଚ୍, ପାଉଡର ଏବଂ ନିମ୍ନମାନର ସିନ୍ଥେଟିକ୍ ଦ୍ରବ୍ୟ ବ୍ୟବହାର କରି କୃତ୍ରିମ ଛେନା ତିଆରି କରାଯାଉଛି। ଏହି ବିଷାକ୍ତ ଛେନାର ରଙ୍ଗ ଓ ଚେହେରା ଅସଲି ଛେନା ଭଳି ଦିଶୁଥିବାରୁ ସାଧାରଣ ଖାଉଟି ଏହାକୁ ସହଜରେ ଚିହ୍ନି ପାରୁନାହାନ୍ତି। ଗ୍ରାମାଞ୍ଚଳ ଏବଂ ସହରର ଉପକଣ୍ଠ ଅଞ୍ଚଳରେ ଗଢ଼ିଉଠିଥିବା କିଛି ବେଆଇନ କାରଖାନାରୁ ପ୍ରାତଃ ସମୟରେ ଏହି ନକଲି ଛେନା ଗାଡ଼ି ମାଧ୍ୟମରେ ସହର ଭିତରକୁ ଅଣାଯାଉଛି। ସବୁଠାରୁ ଚିନ୍ତାର ବିଷୟ ହେଉଛି, ଏହି କୃତ୍ରିମ ଛେନା ଦୀର୍ଘଦିନ ଧରି ଭଲ ରଖିବା ପାଇଁ ସେଥିରେ କ୍ଷତିକାରକ ପ୍ରିଜରଭେଟିଭ୍ ମିଶାଯାଉଛି, ଯାହା ମାନବ ଶରୀର ପାଇଁ ଅତ୍ୟନ୍ତ ବିପଜ୍ଜନକ। ବିଶେଷଜ୍ଞ ଓ ସ୍ୱାସ୍ଥ୍ୟବିତ୍‌ଙ୍କ ମତରେ, ଏହି କେମିକାଲ ଯୁକ୍ତ ନକଲି ଛେନା ସେବନ କରିବା ଦ୍ୱାରା ମଣିଷ ଶରୀରରେ ମାରାକେ ପ୍ରଭାବ ପଡୁଛି। ଖାଦ୍ୟ ସୁରକ୍ଷା ବିଭାଗ ଓ ପୁଲିସ ପକ୍ଷରୁ ସମୟ ସମୟରେ ଚଢ଼ଉ କରାଯାଇ ନକଲି ଛେନା ଜବତ କରାଯାଉଥିଲେ ବି ଏହି ବେଆଇନ କାରବାର ସମ୍ପୂର୍ଣ୍ଣ ବନ୍ଦ ହୋଇପାରୁ ନାହିଁ। ବୁଦ୍ଧିଜୀବୀଙ୍କ ଅଭିଯୋଗ ଅନୁସାରେ, ପ୍ରଶାସନର କୋହଳ ନୀତି ଏବଂ ନିୟମିତ ଯାଞ୍ଚର ଅଭାବ ଯୋଗୁଁ ଅସାଧୁ ବ୍ୟବସାୟୀମାନେ ଭୟହୀନ ଭାବେ ନିଜର ଜାଲ ବିଛାଇ ଚାଲିଛନ୍ତି। ଚଢ଼ଉ ସମୟରେ ମାତ୍ର କିଛି ପରିମାଣର ଛେନା ଜବତ କରି ଓ ଜରିମାନା ଆଦାୟ କରି ପ୍ରଶାସନ ନିଜ କର୍ତ୍ତବ୍ୟ ଶେଷ କରିଦେଉଛି, ଯାହା ଫଳରେ ଅଭିଯୁକ୍ତମାନେ ଅଳ୍ପ ଦିନ ପରେ ପୁଣି ସମାନ ବ୍ୟବସାୟରେ ଲିପ୍ତ ହେଉଛନ୍ତି। ସବୁଠୁ ଚିନ୍ତାର ବିଷୟ ହେଉଛି, ପ୍ରଶାସନର ଚଢ଼ଉ ନିଷ୍ପତ୍ତି ସମ୍ପର୍କରେ ଅସାଧୁ ବ୍ୟବସାୟୀମାନେ ଆଗୁଆ ଖବର ପାଇଯାଉଛନ୍ତି। ଫଳରେ ଚଢ଼ଉ ବେଳେ ଅଧିକାରୀମାନଙ୍କୁ ବିଶେଷ ସଫଳତା ମିଳୁନାହିଁ। 'ଢୋଲ ଭିତରେ ମୂଷା' ନୀତିରେ କିଛି ଦୁର୍ନୀତିଖୋର ବିଭାଗୀୟ କର୍ମଚାରୀ/ଅଧିକାରୀ ଅସାଧୁ ବ୍ୟବସାୟୀଙ୍କୁ ଆଗୁଆ ଖବର ଦେଉଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀମହଲରେ ଦାବି ହୋଇଛି।

## ସରକାରଙ୍କୁ ଖୋଲା...

ନ୍ୟାୟାଳୟର ୯ ଜଣିଆ ଖଣ୍ଡପୀଠ ଏହା ଉପରେ ବିଚାର କରି ଖଣି ଓ ଖଣିର ଜମି ଉପରେ ରାଜ୍ୟମାନଙ୍କର ଅଧିକାର ରହିଛି, ତେଣୁ ରାଜ୍ୟମାନେ ଖଣିଜ ପଦାର୍ଥ ଉପରେ ଲେଭି ଓ ଟ୍ୟାକ୍ସ ଲଗାଇ ପାରିବେ ବୋଲି ମତ ଦେଇଥିଲେ। ଏହାସହ ୧ ଏପ୍ରିଲ ୨୦୦୫ରୁ ଖଣି ମାଲିକମାନଙ୍କଠାରୁ ବକେୟା ଟ୍ୟାକ୍ସ ଆଦାୟ କରିପାରିବେ ବୋଲି ଉଚ୍ଚତମ ନ୍ୟାୟାଳୟ ରାୟ ଦେଇଥିଲେ। ସେହି ଅନୁସାରେ ଓଡ଼ିଶା ଦେଢ଼ ଲକ୍ଷ କୋଟି ଟଙ୍କା ବକେୟା ରାଜସ୍ୱ ପାଇବ ବୋଲି ଆକଳନ ହୋଇଥିଲା। ଏହାଛଡ଼ା ପ୍ରତିବର୍ଷ ଖଣି ରାଜସ୍ୱ ଅଧିକ ୧୨,୦୦୦ କୋଟି ଟଙ୍କା ଆଦାୟ ହୋଇପାରିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଏମଏମଡିଆର ସଂଶୋଧନ ବିଲ୍ ଜରିଆରେ ଓଡ଼ିଶାର ନ୍ୟାଯ୍ୟ ପ୍ରାପ୍ୟକୁ କେନ୍ଦ୍ର ସରକାର ହଡ଼ପ କରିଦେଲେ। ଓଡ଼ିଶାରୁ ନିର୍ବାଚିତ ବିଜେପିର ୨୦ ଲୋକସଭା ସାଂସଦ ଓ ୫ ରାଜ୍ୟସଭା ସାଂସଦ ରାଜ୍ୟ ବିରୋଧୀ ବିଲକୁ ସମର୍ଥନ କଲେ। । ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଭିଡିଓ ବାର୍ତ୍ତାରେ ଏହି ବିଲ ଦ୍ୱାରା ଓଡିଶାର ପ୍ରଭୁତ କ୍ଷତି ହେବ ବୋଲି ଉଲ୍ଲେଖ କରିଛନ୍ତି। ମାତ୍ର ଏହା ବିଜେପି ପାଇଁ ହଜମ ହେଉନାହିଁ। କେବଳ ମିଥ୍ୟା ତଥ୍ୟ ଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ ଖଣିମନ୍ତ୍ରୀ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇବାକୁ ଚେଷ୍ଟା କରୁଛନ୍ତି ବୋଲି ସେ କହିଛନ୍ତି। ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ସତ୍ୟପାଠ ଦାଖଲ କରିଥିଲେ। ଯେଉଁଥିରେ ଖଣିରୁ ଲେଭି ଓ ଟିକସ ଆଦାୟ ଓଡ଼ିଶା ସ୍ୱାର୍ଥ ଦୃଷ୍ଟିରୁ ନିତ୍ୟାନ୍ତ ଜରୁରୀ ଓ ବକେୟା ଖଣି ରାଜସ୍ୱ ନ ମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ ବୋଲି କହିଥିଲେ । ମାତ୍ର ଏବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜ୍ୟର କ୍ଷତିହେବ ନାହିଁ ବୋଲି କହୁଛନ୍ତି । ଯଦି ଏହି ମନ୍ତବ୍ୟ ଠିକ୍, ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲଙ୍କ ଦେଇଥିବା ସତ୍ୟପାଠ ମିଥ୍ୟା ବୋଲି ବୁଝିବାକୁ ହେବ। ତେଣୁ ଉଚ୍ଚତମ ନ୍ୟାୟାଳୟରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ରଖିଥିବା ସତ୍ୟପାଠ ଠିକ୍ ନା ଧର୍ମେନ୍ଦ୍ର ପ୍ରଧାନ ଓ ଖଣିମନ୍ତ୍ରୀ ବିଭୂତି ଜେନା ଦେଇଥିବା ବିବୃତି ଠିକ୍, ବିଜେପି ତାହା ସ୍ପଷ୍ଟ କରିବା ଆବଶ୍ୟକ। ୨୪ ବର୍ଷ ଶାସନରେ ନବୀନ ସରକାର ୭୮,୦୦୦ କୋଟି ଟଙ୍କା ଋଣ ହୋଇଥିଲା ବେଳେ ବିଜେପିର ଦୁଇ ବର୍ଷ ଶାସନରେ ୧,୩୮,୦୦୦ କୋଟି ଟଙ୍କା ଋଣ ନେଇଛନ୍ତି। ତେଣୁ କିଏ କାହାକୁ ଭ୍ରମିତ କରୁଛି ତାହା ଏଥିରୁ ସ୍ପଷ୍ଟ। ଆଗାମୀ ଦିନରେ ବିଜେଡି ଏହାର ଦୃଢ଼ ପ୍ରତିବାଦ କରିବ ବୋଲି ସେ କହିଛନ୍ତି।


### ଶପଥପତ୍ର

ଆମ୍ଭେ ସନ୍ଦୀପ କୁମାର ଦାସ, ପିତା- ଶିଶିର କୁମାର ଦାସ ବୟସ ପ୍ରାୟ ୩୨ ବର୍ଷ, ଗ୍ରାମ/ସାହି - ନୂଆଗାଁ, ପୋ - ବାଲିସାହି, ନରସିଂହପୁର, ଜି-କଟକ, ଏହା ଜଣାଉ ଅଛୁ ଯେ ମୋ ଘର ନିକଟରେ, ଖାତା ନଂ. ୧୮୮/୧୦, ପ୍ଲଟ୍ ନଂ. ୪୨, ସମ୍ବନ୍ଧୀୟ ମୂଳ ଆରଓଆର୍ ହଜିଯାଇଛି / ମିଳୁନାହିଁ । ଏହି ସମ୍ବନ୍ଧରେ ୨୯.୦୭.୨୦୨୬ ତାରିଖରେ କୁତୁମ ଥାନାରେ ଅଭିଯୋଗ କରାଯାଇଅଛି । ଯଦି କେହି ଉକ୍ତ ଆରଓଆର୍/ପଟ୍ଟା ପାଇଥାଆନ୍ତି ଦୟାକରି ନିମ୍ନୋକ୍ତ ଫୋନ୍ ନମ୍ବରରେ ଯୋଗାଯୋଗ କରିବେ । ଆଡ୍‌ଭୋକେଟ ସୋମନାଥ ପଟ୍ଟନାୟକ - ୮୪୨୦୦୧୧୯୮୫

### AFFIDAVIT

By virtue of an affidavit sworn before The Executive Magistrate, Nabarangpur, I Sala Rohan Kumar, S/o- Sala Sankar Rao resident of Ichhabatiguda, Nabarangpur, Dist.- Nabarangpur, Odisha, Pin- 764059 vide no. 1120 dtd.20/08/2026 state that, I have changed my name from **S ROHAN KUMAR** to **SALA ROHAN KUMAR**. Henceforth I shall be known as **SALA ROHAN KUMAR** for all future purposes.

### AFFIDAVIT

By virtue of an affidavit sworn before The Executive Magistrate, Nabarangpur, I Sala Sankar Rao, S/o- Late Sala Basudeb Rao resident of Ichhabatiguda, Nabarangpur, Dist.- Nabarangpur, Odisha, Pin- 764059 vide no. 1121 dtd.20/08/2026 state that, I have changed my name from **S SANKAR RAO** to **SALA SANKAR RAO**. Henceforth I shall be known as **SALA SANKAR RAO** for all future purposes.

### AFFIDAVIT

By virtue of an affidavit sworn before The Executive Magistrate, Nabarangpur, I Sri Sala Sankar Rao, S/o- Late Sala Basudeb Rao resident of Ichhabatiguda, Nabarangpur, Dist.- Nabarangpur, Odisha, Pin- 764059 vide no. 1122 dtd.20/08/2026 state that, I have changed my minor son's name from **S SAI SWASTIK** to **SALA SAI SWASTIK**. Henceforth he shall be known as **SALA SAI SWASTIK** for all future purposes.

Sd/- Sala Sankar Rao

### AFFIDAVIT

I ROHIT PANDA S/O RAMESH CHANDRA PANDA, RESIDENT AT-PLOT NO- 115, BAPUJI NAGAR, PS- CAPITAL P.S., BHUBANESWAR- 751009, ODISHA DECLARE BY THIS AFFIDAVIT NO- 84, DT 18.08.2026. THAT NOW ON WARDS I SHALL BE KNOWN AS ROHIT PNDA FOR ALL FEATURES PURPOSES

### AFFIDAVIT

I, Priyadarshini Mishra, aged about 40years, W/o- Bipin Bihari Panda, resident of At- Canal Road, Gate Bazar, Po- Sakhigopal, Ps- Satyabadi, Dist- Puri, Pin- 752014, State- Odisha declared by this affidavit No.14, dtd-20/08/2026 that now onwards I shall be known as **PRIYADARSANI MISHRA** for all future purposes.

### AFFIDAVIT

By virtue of an affidavit sworn before executive magistrate, Bhubaneswar, CF.No- 80, dtd.22.7.26 , I Lopamudra Sahu D/o late Nursingh Charan Sahu, At. House no.273, P.o/p.s..saheed nagar, Bhubaneswar Dist. Khordha, Odisha,pin-751007 declare that,I have changed my minor daughter's name from OINAM PRAGATI (old name) to PRAGATI SAHU (new name). Henceforth she shall be known as **PRAGATI SAHU** for all purposes. Sd/Lopamudra Sahu.

---

34001/681/2627 ID: ee.randbjyp@gmail.com

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER, JAYAPUR (R&B) DIVISION, JAYAPUR**

**e-Procurement Notice**

**Bid Identification No. S.E (R&B)-15/2026-27/JYP(K)**

No. 4762 Date 14.08.26

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Building Work (Composite) as mentioned in DTCN.
2. No. of Works : 1 No.
3. Estimated Cost : **Rs. 43.2 lakhs**
4. Period of completion : 4 (Four) Month
5. Date & Time of Bidding : From 11.00 hours of **21.08.2026** Up-to 17.00 hours of **31.08.2026**
6. Last date & time for receipt of bids in portal : 17.00 hours of **31.08.2026.**
7. Bids received online shall be opened on : 11.00 hours of **01.09.2026.**
8. Name and address of the officer inviting Bid: : **Superintending Engineer, Jayapur (R&B) Division, Jayapur**

Further details can be seen from the www.tendersodisha.gov.in

Superintending Engineer
Jayapur (R&B) Division

OIPR-34001/34027/1/26-27/0016

---

### ADVERTISEMENT

**PANCHAYAT SAMITI COLLEGE, GAISILAT**

At/Po.- Gaisilat, Dist.- Baragada, Odisha - 768037
(Affiliated to Sambalpur University)
Email: prlgaisilat@gmail.com

No. 956 /PSC Dt. 21.08.2026

**ENGAGEMENT OF RETIRED READER/LECTURER AS GUEST FACULTY FOR THE SESSION 2026-27**

Applications are invited from **Retired Reader/ Lecturer** for temporary engagement as **Guest Faculty** for the Academic Session 2026-27 in the following subjects at Panchayat Samiti College, Gaisilat, Dist.- Baragada as per DHE Letter No.57198 Dt. 23.10.2025.

| Sl. No. | Name of the Post | Subject | No. of Posts |
|---|---|---|---|
| 1. | Guest Faculty | MATHEMATICS | 01 (One) |
| 2. | Guest Faculty | BOTANY | 01 (One) |
| 3. | Guest Faculty | GEOGRAPHY | 01 (One) |

ONLINE APPLICATION : Interested candidates are required to apply online through the HIMS portal at https://hims.odisha.gov.in/guest_faculty/home

APPLICATION PERIOD : From dt. 23.08.2026 to 30.08.2026

DOCUMENT VERIFICATION & SCRUTINY : 02.09.2026

Note : Candidates are advised to visit the HIMS portal regularly for detailed information, eligibility criteria and other updates.

Sd/-
PRINCIPAL
Panchayat Samiti College, Gaisilat

---

**IDBI BANK** କ୍ଷେତ୍ରୀୟ କାର୍ଯ୍ୟାଳୟ: ୧ମ ମହଲା, ଆଇଡିବିଆଇ ହାଉସ୍, ଜନପଥ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୨୨, CIN: L65190MH2004GOI148838

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ। ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫେର୍ସମେଣ୍ଟ) ରୁଲ୍ସର ରୁଲ୍ ୬(୨), ରୁଲ୍ ୮(୬) ଏବଂ ରୁଲ୍ ୯(୧) ପ୍ରାବଧାନ ସହିତ

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତା (ଆଇଡିବିଆଇ ବ୍ୟାଙ୍କ ଲିଃ.)ଙ୍କ ନିକଟରେ ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତିଗୁଡିକ ବନ୍ଧକ ରହିଛି। ନିମ୍ନରେ ଦର୍ଶିତ ପ୍ରତ୍ୟେକ ଋଣଗ୍ରହୀତାମାନଙ୍କ ଠାରୁ ବକେୟା ଋଣରାଶି ଆଦାୟ କରିବାପାଇଁ ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀମାନେ ଡିମାଣ୍ଡ ନୋଟିସ ଜାରି କରିଥିଲେ। ପୁନଶ୍ଚ ସରଫେଶୀ ଆକ୍ଟ, ୨୦୦୨ ଅନୁସାରେ କ୍ଷମତା ପ୍ରୟୋଗ କରି ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଦର୍ଶିତ ସୁରକ୍ଷିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଡିମାଣ୍ଡ ନୋଟିସ ଅନୁଯାୟୀ ଆଇଡିବିଆଇ ବ୍ୟାଙ୍କ ଲିଃ. ବକେୟା ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ବ୍ୟାଙ୍କ ଦେୟ ବିଯୁକ୍ତ ଆଦାୟ ହୋଇଥିବା ରାଶି ଯଦି ଥାଏ ତାହା ଆଦାୟ କରିବାପାଇଁ ସୁରକ୍ଷିତ ସମ୍ପତ୍ତିକୁ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ଯାଉଛନ୍ତି। ସର୍ବସାଧାରଣ ବ୍ୟକ୍ତିଗତ ଭାବେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ପ୍ରସ୍ତାବ ଦାଖଲ ପାଇଁ ଆମନ୍ତ୍ରଣ କରାଯାଉଛି।ଋଣଗ୍ରହୀତା(ମାନ)/ବନ୍ଧକଦାତା(ମାନ)/ ଗ୍ୟାରେଣ୍ଟିଦାତା(ମାନ)/ ସୁରକ୍ଷିତ ସମ୍ପତ୍ତି/ଦେୟ/ସଂରକ୍ଷିତ ମୂଲ୍ୟ / ଇ-ନିଲାମ ତାରିଖ ଏବଂ ସମୟ, ଅମାନତ ଜମା ରାଶି ଏବଂ ବିଡ୍ ବୃଦ୍ଧି ପରିମାଣର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ସୁରକ୍ଷିତ ସମ୍ପତ୍ତିଗୁଡିକର ପ୍ରସ୍ତାବିତ ବିକ୍ରୟ ନିମ୍ନମତେ:**

| କ୍ର. ନଂ. | ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | କ) ଡ଼ିମାଣ୍ଡ ନୋଟିସ୍ ତାରିଖ, ଖ) ଦଖଲ ତାରିଖ, ଗ) ଦାବିକରାଯାଇଥିବା ରାଶି | ସ୍ଥାବର ସମ୍ପତ୍ତିଗୁଡିକର ସମ୍ପୂର୍ଣ୍ଣ ବିବରଣୀ / ଦଖଲର ପ୍ରକାର | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍‌ବୃଦ୍ଧି ରାଶି |
|---|---|---|---|---|
| ୧. | ଋଣଗ୍ରହୀତା/ସହ-ଋଣଗ୍ରହୀତା: ଶ୍ରୀ ଜନ୍ମେଜୟ ମହାକୁଡ ଏବଂ ଶ୍ରୀମତୀ ରେଖା ମହାକୁଳ, ଉଭୟଙ୍କ ଠିକଣା-୧: ସା/ପୋ: ଇଞ୍ଚୁଡି, ଭାୟା: ରସାଳପୁର, ସା: ଦେଓ୍ୱାନପାଟଣା, ସୁରେନ୍ଦ୍ର ନିବାସ, ମୌଜା: ସୁନହାଟ, ଥାନା: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୨୧, ଠିକଣା-୨: ପ୍ଲଟ୍ ନଂ.: ୫୩/୨୫୪୨/୫୩୭୧, ଖାତା ନଂ.: ୫୮୪/୧୭୯୬, ସା: ଦେଓ୍ୱାନପାଟଣା, ସୁରେନ୍ଦ୍ର ନିବାସ, ମୌଜା: ସୁନହାଟ, ଥାନା: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୨ | କ) ୧୦.୦୧.୨୦୨୪ ଖ) ୨୮.୦୩.୨୦୨୪ ଗ) ତା. ୧୦.୦୯.୨୦୨୩ ସୁଦ୍ଧା ଟ.୩୫,୪୯,୩୭୮/- ଏବଂ ସେବାବଦ ସୁଧ | ସମ୍ପତ୍ତିର ମାଲିକ ଏବଂ ବନ୍ଧକଦାତା: ରେଖା ମହାକୁଳଙ୍କ ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୩/୨୫୪୨/୫୩୭୧, ଖାତା ନଂ.: ୫୮୪/୧୭୯୬, ପରିମିତ କ୍ଷେତ୍ର: ୨୦୦୩.୭୬ ବର୍ଗଫୁଟ, ସା: ଦେଓ୍ୱାନପାଟଣା, ମୌଜା: ସୁନହାଟ, ଥାନା: ବାଲେଶ୍ୱର, ତହସିଲ: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟର ଅବଶିଷ୍ଟ ଅଂଶ, ପଶ୍ଚିମ: ପ୍ଲଟ ନଂ.: ୪୫, ଉତ୍ତର: ପ୍ଲଟ ନଂ.: ୪୮, ଦକ୍ଷିଣ: ରାସ୍ତା ସହିତ ସେଠାରେ ଥିବା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର / ସାଙ୍କେତିକ | ଟ.୪୫,୦୦,୦୦୦/- / ଟ.୪,୫୦,୦୦୦/- / ଟ.୧୦,୦୦୦/- |
| | ଇ-ନିଲାମର ତାରିଖ ଏବଂ ସମୟ: ତା. ୨୪.୦୯.୨୦୨୬ରିଖ, ପୂର୍ବାହ୍ନ ୧୧.୦୦ଘଟିକା ରୁ ମଧ୍ୟାହ୍ନ ୧୨.୦୦ଘଟିକା ପର୍ଯ୍ୟନ୍ତ | | | |
| | ଅମାନତ ରାଶି ଜମାର ଅନ୍ତିମ ତାରିଖ : ୨୩.୦୯.୨୦୨୬ | | | |
| | ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ପୂର୍ବରୁ ସୂଚନା ଦେଇ ତା.୨୨.୦୯.୨୦୨୬ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ | | | |
| | ନୋଡାଲ ଅଫିସରଙ୍କ ନାମ ଏବଂ ଯୋଗାଯୋଗ ନଂ.: ଶ୍ରୀ ମନୋଜିତ ଦେ, ସହାୟକ ମହାପ୍ରବନ୍ଧକ (ମୋ: ୯୦୮୮୦୧୮୭୩୩), ଶ୍ରୀମତୀ ସୁଚିସ୍ମିତା ଦତ୍ତ, ପ୍ରବନ୍ଧକ (ମୋ: ୯୮୩୦୫୦୮୯୬୧), ଶ୍ରୀ ଦିବ୍ୟଜ୍ୟୋତି ପଣ୍ଡା, ସହାୟକ ପ୍ରବନ୍ଧକ (ମୋ: ୮୨୪୯୭୯୬୨୨୪) | | | |
| | RTGS/NEFT ମାଧ୍ୟମରେ ଅମାନତ ରାଶି ଜମା କରିବା ଅକାଉଣ୍ଟର ବିବରଣୀ ଏବଂ A/c No.: 32834915010026, IFSC Code:IBKL0000328 | | | |
| ୨. | ଋଣଗ୍ରହୀତା: ଏ ହମଦ ଫିସ୍, ସ୍ୱତ୍ୱାଧିକାରୀ: ରୋଜିଦା ଖାତୁନ (ବନ୍ଧକଦାତା) / ଗ୍ୟାରେଣ୍ଟିଦାତା: ଜୁଲଫିକର ଅଲ୍ଲୀ ସାକିବ, ଉଭୟଙ୍କ ଠିକଣା-୧: କାଜି ସାହି, ନଙ୍ଗା ମହଲ୍ଲା, ମସଜିଦ୍ ନିକଟ, ଭଦ୍ରକ ଟାଉନ୍, ଭଦ୍ରକ, ଓଡିଶା, ପିନ୍-୭୬୬୧୦୦, ଠିକଣା-୨: ଖାତା ନଂ.: ୩୨୪, ପ୍ଲଟ୍ ନଂ.: ୧୦୬୦, କ୍ୱାଜି ସାହି, ବାଲିଓରଡା, ପୁରୁଣାବଜାର, ନଙ୍ଗା ମହଲ୍ଲା, ଭଦ୍ରକ, ଓଡିଶା, ପିନ୍-୭୫୬୧୦୦ | କ) ୩୧.୧୨.୨୦୨୪ ଖ) ୦୪.୦୪.୨୦୨୫ ଗ) ତା. ୦୨.୧୧.୨୦୨୪ ସୁଦ୍ଧା ଟ.୧୨,୩୬,୨୪୨.୨୭ ଏବଂ ସେବାବଦ ସୁଧ | ସମ୍ପତ୍ତିର ମାଲିକ ଏବଂ ବନ୍ଧକଦାତା: **ରୋଜିଦା ଖାତୁନଙ୍କ** ବାସୋପଯୋଗୀ ଖାଲି ଜମି ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ଏକର ୦.୮୦ ଡିସିମିଲି, ପ୍ଲଟ୍ ନଂ.: ୧୦୬୨, ଖାତା ନଂ.: ୩୩୬/୩୬୭, ପ୍ଲଟ୍ ନଂ.: ୧୦୪୯ ଏବଂ ୧୦୬୩, ଖାତା ନଂ.: ୫୩୭/୧୬୫, ମୌଜା: ବାଲିଓରଡା, ଥାନା: ଭଦ୍ରକ ପୁରୁଣା ବଜାର, ଭଦ୍ରକ-୭୫୬୦୦୧, ରାଜ୍ୟ: ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୦୬୧, ଉତ୍ତର: ପ୍ଲଟ୍ ନଂ.: ୧୦୪୯, ୧୦୬୨, ଦକ୍ଷିଣ: ୧୦୬୩, ୧୦୬୪ ସହିତ ସେଠାରେ ଥିବା ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍‌ଚର / **ଭୌତିକ** | ଟ.୧୪,୦୦,୦୦୦/- / ଟ.୧,୪୦,୦୦୦/- / ଟ.୧୦,୦୦୦/- |
| | ଇ-ନିଲାମର ତାରିଖ ଏବଂ ସମୟ: ତା. ୦୮.୦୯.୨୦୨୬ରିଖ, ପୂର୍ବାହ୍ନ ୧୧.୦୦ଘଟିକା ରୁ ମଧ୍ୟାହ୍ନ ୧୨.୦୦ଘଟିକା ପର୍ଯ୍ୟନ୍ତ | | | |
| | ଅମାନତ ରାଶି ଜମାର ଅନ୍ତିମ ତାରିଖ : ୦୭.୦୯.୨୦୨୬ | | | |
| | ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ପୂର୍ବରୁ ସୂଚନା ଦେଇ ତା.୦୫.୦୯.୨୦୨୬ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ | | | |
| | ନୋଡାଲ ଅଫିସରଙ୍କ ନାମ ଏବଂ ଯୋଗାଯୋଗ ନଂ.: ଶ୍ରୀ ଲଳିତ କୁମାର ପାତ୍ର, ସହାୟକ ମହାପ୍ରବନ୍ଧକ (ମୋ: ୮୭୬୩୪୦୦୧୪୦), ଶ୍ରୀମତୀ ସୁଚିସ୍ମିତା ଦତ୍ତ, ପ୍ରବନ୍ଧକ (ମୋ: ୯୮୩୦୫୦୮୯୬୧), ଶ୍ରୀମତୀ ଶକୁନ୍ତଳା ଘୋଷ, ପ୍ରବନ୍ଧକ (ମୋ: ୯୮୩୦୦୨୨୦୫୫) | | | |
| | RTGS/NEFT ମାଧ୍ୟମରେ ଅମାନତ ରାଶି ଜମା କରିବା ଅକାଉଣ୍ଟର ବିବରଣୀ ଏବଂ A/c No.: 40234915010026, IFSC Code:IBKL0000402 | | | |

**ଇ-ନିଲାମ ବିକ୍ରୟର ସଂକ୍ଷିପ୍ତ ନିୟମ ଏବଂ ସର୍ତ୍ତାବଳୀ :** ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ରେ ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ । ୧. ଆଇଡିବିଆଇ ବ୍ୟାଙ୍କ ଲିଃ ଅର୍ଥାତ ସୁରକ୍ଷିତ ଋଣଦାତାଙ୍କ ଅର୍ଥାତ୍ IDBI Bank Ltd. ପକ୍ଷରୁ "ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି, ସେଠାରେ ଯାହାଅଛି ଏବଂ ବିନା ଆଇନଗତ ସହାୟତା" ଭିତ୍ତିରେ ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ। ୨) "ବିଡ୍ କାଗଜପତ୍ର" ଏବଂ ଏହି ବିଜ୍ଞାପନରେ ଦିଆଯାଇଥିବା ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ। ବିଡ୍ କାଗଜପତ୍ର ଆମର ଯେ କୌଣସି କାର୍ଯ୍ୟାଳୟରୁ କିମ୍ବା ୱେବସାଇଟ୍: www.idbibank.in ରୁ ଡାଉନ୍‌ଲୋଡ୍ କରିପାରିବେ ଏବଂ https://baanknet.com ଏବଂ https://psballiance.com ରେ ଉପଲବ୍ଧ ହେବ। ୩) ବିକ୍ରୟ ଇ-ନିଲାମ ପ୍ଲାଟଫର୍ମ https:// baanknet.com ରେ ଇ-ନିଲାମ ସେବାପ୍ରଦାନକାରୀ: PSB Alliance Private Limited (BAANKNET Platform) ମାଧ୍ୟମରେ ଅନୁଷ୍ଠିତ ହେବ। ଯୋଗାଯୋଗ ମିସ୍ ସ୍ୱନୀ, ମୋ: +୯୧-୯୯୯୦୬୦୫୦୭୫, ଶ୍ରୀ ଧର୍ମେଶ ଅସର, ମୋ: +୯୧-୯୮୯୨୨୧୯୮୪୮ । ୪) କ୍ଷମତାପ୍ରାପ୍ତ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ବିଡ୍‌କୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି, ଯଦି ବିଡ୍ ଗ୍ରହଣ ଯୋଗ୍ୟ ନ ହେଲା ତେବେ କୌଣସି କାରଣ ନ ଦର୍ଶାଇ ଯେ କୌଣସି ସମୟରେ ନିଲାମକୁ ସ୍ଥଗିତ / ବାତିଲ କରିପାରନ୍ତି ଏବଂ ଏବିଷୟରେ ତାଙ୍କର ନିଷ୍ପତ୍ତି ଚୂଡାନ୍ତ ଅଟେ। ୫) ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ସମୟରେ ବିକ୍ରୟ ମୂଲ୍ୟର ୨୫% (ଅମାନତରାଶି ଅନ୍ତର୍ଭୁକ୍ତ କରି) ଅର୍ଥାତ ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ପଡିବ କିନ୍ତୁ ତାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡାନ୍ତ ହେବାର ୧୫ଦିନ ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହମତି କ୍ରମେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ। ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ରାଶି ଦାଖଲ କରିବାରେ ବିଫଳ ହେଲେ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯିବ। ୬) ନିଲାମ ରାଶି ୨୫% ସଙ୍ଗେ ସଙ୍ଗେ ଦାଖଲ କରିବାରେ କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୭୫% ନିଲାମରାଶି ଦାଖଲ କରିବାରେ ବିଫଳ ହୋଇଥିଲେ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯାଇ ସୁରକ୍ଷିତ ସମ୍ପତ୍ତିକୁ ପୁନଃ ବିକ୍ରୟ କରାଯିବ। ୭) କ୍ରେତା ସମସ୍ତ ଆଇନଗତ ଦେୟ / ଆଟେଣ୍ଡାଣ୍ଟ ଦେୟ / ରେଜିଷ୍ଟ୍ରେସନ ଦେୟ, ଷ୍ଟାମ୍ପ ଡ୍ୟୁଟି, ଅତିରିକ୍ତ ଟିକସ ଇତ୍ୟାଦି ବହନ କରିବେ। ୮) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀଙ୍କୁ ବିକ୍ରୟ ଚୂଡାନ୍ତ ଚିଠି ଜାରି ପୂର୍ବରୁ ଯଦି ଋଣଗ୍ରହୀତା ବ୍ୟାଙ୍କକୁ ଚୁକ୍ତି ହାରରେ ବକେୟା ରାଶି ସହିତ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରନ୍ତି ତେବେ ବିକ୍ରୟ ଚୂଡାନ୍ତ ହେବ ନାହିଁ। ଏପରି କ୍ଷେତ୍ରରେ ବ୍ୟାଙ୍କ ବିନା ସୁଧରେ ସମସ୍ତ ଅର୍ଥ ସଫଳ ନିଲାମଧାରୀଙ୍କୁ ଫେରସ୍ତ କରିଦେବ। **ସବିଶେଷ ବିବରଣୀ ଏବଂ ସମ୍ପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀ ପାଇଁ** ବ୍ୟାଙ୍କର ୱେବସାଇଟ୍ www.idbibank.in ଦେଖନ୍ତୁ ଏବଂ / କିମ୍ବା ଉପର ଦର୍ଶିତ ଶାଖା ଅଧିକାରୀ(ମାନ)ଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର
ତାରିଖ : ୨୧.୦୮.୨୦୨୬

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼

---

ରେଜିଷ୍ଟ୍ରି ସଂ. ଡି.ଏଲ. ୩୩୦୦୪/୯୯ Regd. No. D.L. 33004/99

**भारत का राजपत्र**
**The Gazette of India**

24001/418/2627

ସି.ଜି.-ଡି.ଏଲ.-ଅ.-2406206-273777
CG-DL-E-24062026-273777
ଅସାଧାରଣ
(EXTRAORDINARY)
ଭାଗ ୨ - ଖଣ୍ଡ ୩ - ଉପ-ଖଣ୍ଡ (ii)
PART II-Section 3-Sub-section (ii)
ପ୍ରାଧିକାରୀଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

**ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ**
**ବିଜ୍ଞପ୍ତି**
**ନୂଆ ଦିଲ୍ଲୀ, 04.11.2025**

S.O.5004(E) - ଯେହେତୁ, ଭାରତ ସରକାରଙ୍କ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି, ସଂଖ୍ୟା S.O. 5004(E), ତାରିଖ 4 ନଭେମ୍ବର, 2025, ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ II, ଧାରା 3, ଉପ-ଧାରା (ii) ରେ ପ୍ରକାଶିତ, ଜାତୀୟ ରାଜପଥ ଆଇନ, 1956 (1956 ର 48) ର ଧାରା 3A ର ଉପ-ଧାରା (1) ଅନ୍ତର୍ଗତ ପ୍ରକାଶିତ, କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ଉପଖଣ୍ଡ ଅନ୍ତର୍ଗତ କାସିବାହଲ ଏବଂ ସରଧାପୁର ଗ୍ରାମଠାରେ NH-130C ର କିଲୋମିଟର 201.6 ରୁ କିଲୋମିଟର 208.3 ପର୍ଯ୍ୟନ୍ତ ଏକ ଟୋଲ୍ ପ୍ଲାଜା ନିର୍ମାଣ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ପରିଚାଳନା ପାଇଁ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଗ୍ରହଣ କରିବାକୁ ତାଙ୍କର ଉଦ୍ଦେଶ୍ୟ ଘୋଷଣା କରିଥିଲେ;

ଏବଂ ଯେହେତୁ ଉକ୍ତ ବିଜ୍ଞପ୍ତିର ସାରାଂଶ ଉକ୍ତ ଆଇନର ଧାରା 3A ର ଉପ-ଧାରା (3) ଅନୁଯାୟୀ ଇଂରାଜୀ ଖବର କାଗଜ "ଦି ଟାଇମସ୍ ଅଫ୍ ଇଣ୍ଡିଆ" ତା22.01.2026 ରିଖ ଏବଂ ଓଡ଼ିଆ ଖବର କାଗଜ "ସକାଳ" ତା21.01.2026 ରିଖରେ ପ୍ରକାଶିତ ହୋଇଥିଲା:

ଯେହେତୁ ଦକ୍ଷ କର୍ତ୍ତୃପକ୍ଷ ଧାରା 3-C ଅନୁଯାୟୀ ଦାଖଲ ହୋଇଥିବା ଆପତ୍ତି ଗ୍ରହଣ କରିଛନ୍ତି, ଯାହା ବିଚାର କରାଯାଇ ଉପଯୁକ୍ତ ଭାବରେ ସମାଧାନ କରାଯାଇଛି;

ଏବଂ ଯେହେତୁ, ଉକ୍ତ ଆଇନର ଧାରା 3D ର ଉପ-ଧାରା (1) ଅନୁଯାୟୀ ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ତେଣୁ, ବର୍ତ୍ତମାନ, କେନ୍ଦ୍ର ସରକାର, ଦକ୍ଷ ଅଧିକାରୀଙ୍କ ଉପରୋକ୍ତ ରିପୋର୍ଟ ପ୍ରାପ୍ତ କରି ଏବଂ ଉକ୍ତ ଆଇନର ଧାରା 3D ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଗ୍ରହଣ କରାଯିବା ଉଚିତ;

ଏବଂ ବର୍ତ୍ତମାନ, ଉକ୍ତ ଆଇନର ଧାରା 3D ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହାଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଉକ୍ତ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ସମସ୍ତ ଭାରରୁ ମୁକ୍ତ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ।

**ଭୂମିସୂଚୀ**

ରାଜ୍ୟ: ଓଡ଼ିଶା ଜିଲ୍ଲା: କଳାହାଣ୍ଡି

| କ୍ର.ନଂ. | ସର୍ଭେ/ପ୍ଲଟ ନଂ | ଜମିର ବିବରଣୀ | କିସମ | ରକବା (ହେକ୍ଟରରେ) | ଜମି ମାଲିକାନି / ଆଗ୍ରହୀ ବ୍ୟକ୍ତି |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ତହସିଲ: ଧର୍ମଗଡ଼ | | | | | |
| ଗ୍ରାମ: କାଶିବାହାଳ | | | | | |
| ୧ | 1818/3845 | ବେସରକାରୀ | ବେର୍ଣ୍ଣା ଅଣଜଳସେଚିତ | 0.0161878 | ସୌଦା ଜାଲ ପିତା - କୁଶଣ ଜାଲ |
| ୨ | 1818/4610 | ବେସରକାରୀ | ବେର୍ଣ୍ଣା ଅଣଜଳସେଚିତ | 0.0303521 | ବେଶ୍ରା ପରା ପୁଲେଇ, ପିତା- ସିନ୍ଧୁ ବେଶ୍ରା |
| ଗ୍ରାମ: ଶରଧାପୁର | | | | | |
| ୩ | 925 | ବେସରକାରୀ | ଘରବାରୀ | 0.0809389 | ଅଭିମନ୍ୟୁ ବିହାରି, ସତ୍ୟନାରାୟଣ ବିହାରି, ରବିନ୍ଦ୍ର ବିହାରି ପିତା- କୁରୁକ୍ଷେତ୍ର ବିହାରି ଅନୁପ ବିହାରି, ସ୍ୱାମୀ - କୁରୁକ୍ଷେତ୍ର ବିହାରି |
| | | | ମୋଟ | 0.1274788 | |

ଓଡିଶା ରାଜ୍ୟ କଳାହାଣ୍ଡି ଜିଲ୍ଲା, ଧର୍ମଗଡ ଉପଖଣ୍ଡ ଅନ୍ତର୍ଗତ ସରଧାପୁର ଏବଂ କାସିବାହଲ ଗ୍ରାମଠାରେ ଏନଏଚ ୧୩୦ସି ର କିମି ୨୦୧.୬ ରୁ କିମି ୨୦୮.୩ ପାଇଁ ଗଠନ ସହିତ କିମ୍ବା ବିନା ଭୂମି ଅଧିଗ୍ରହଣର ବିବରଣୀ।

ଜିଲ୍ଲା: କଳାହାଣ୍ଡି ଫାଇଲ ନଂ.- F. No. RO/BBSR/11017/LA/97/2016/3D
https://egazette.gov.in ଶେଖ୍ ଅମିନ ଖାନ, ନିର୍ଦ୍ଦେଶକ
ପ୍ରକାଶନ ତାରିଖ: 10/07/2026
https://egazette.gov.in
https://bhoomirashi.gov.in
ଟିପ୍ପଣୀ: ଏହି ବିଜ୍ଞପ୍ତିର ଭୌତିକ କପି CALA/PIU/PMU/RO/ED କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ଏବଂ ଜମି ମାଲିକମାନେ ସେଠାରେ ମଧ୍ୟ ବିଜ୍ଞପ୍ତି ଦେଖିପାରିବେ

**MINISTRY OF ROAD TRANSPORT AND HIGHWAYS**
**Notification**
**New Delhi, 04.11.2025.**

S.O. 5004 (E). -Whereas by the notification of the Government of India in the Ministry of Road Transport and Highway, S.O. 5004(E) Dated:4 November 2025 published in Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for building (widening/four-laning, etc.), maintenance, management and operation of NH130C in the stretch of land from Km. 201.6 to Km. 208.3 in the village(s) namely- Kasibahal, Saradhapur Taluk- Dharamgarh in the district of KALAHANDI in the state of ODISHA.

And whereas the substance of the said notification has been published in "The Times of India" dtd 22.01.2026 & "SAKALA" dtd 21.01.2026 under sub-section (3) of section 3A of the said Act;

And whereas the Competent Authority has received objections filed under Section 3-C, considered and settled the same appropriately And whereas, in pursuance of sub-section (1) of section 3D of the said Act, the Competent Authority has submitted its report to the Central Government;

Now, therefore, upon receipt of the said report of the Competent Authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose;

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

**LAND SCHEDULE**

State: ODISHA District: KALAHANDI

| Sl. No. | Survey/Plot Number | Type of Land | Nature of Land | Area (in Hectares | Name of Land Owner/Interested Person |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Taluk: Dharamgarh | | | | | |
| Village: Kasibahal | | | | | |
| 1 | 1818/3845 | Private | Berna Anajalasechita | 0.0161878 | Souda Jal S/o.: Kushan Jal 1818/3845 |
| 2 | 1818/4610 | Private | Berna Anajalasechita | 0.0303521 | Beshra Para Pulai S/o.: Sindhu Beshra 1818/4610 |
| Village: Saradhapur | | | | | |
| 3 | 925 | Private | Gharabari | 0.0809389 | Abhimanyu Bihari, Satya Narayan Bihari, Rabindra Bihari,S/o.: Kurukshetra Bihari, Anup Bihari, W/o.: Kurukshetra Bihari, 925 |
| | | | Total | 0.1274788 | |

Brief Description of the land to be acquired with or without structures falling NH130C in the stretch of land from Km. 201.6 to Km. 208.3 in the village(s) namely- Kasibahal, Saradhapur Taluk-Dharamgarh in the district of KALAHANDI in the state of ODISHA

District: KALAHANDI File Number: F. No. RO/BBSR/11017/LA/97/2016/3D
https://egazette.gov.in Shaikh Amin khan, Director
Publication Date: 10/07/2026
https://egazette.gov.in
https://bhoomirashi.gov.in
Note: The physical copy of this notification is also available at the office of CALA/PIU/PMU/RO/ED and Landowners may also see the notification there.

OIPR-24001/24455/3/26-27/0001

---

34001/645/2627 E-Mail I.D.-eepwdcuttack@gmail.com
Tel./ Fax No.(0671)-2304128

**OFFICE OF THE SUPERINTENDING ENGINEER**
**KATAKA (R&B) DIVISION NO.I: KATAKA**
**GOVERNMENT OF ODISHA "e" procurement Notice**
**e-procurement Notice for Building (E.I.) works**
**Bid Identification No. S.E. CTC(R&B) - 18 of 2026-27**

The Superintending Engineer, Kataka (R&B) Division No. I, Kataka on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for building work (E.I) as mentioned below.

1. No. of the Work :- **06 (Six) Nos. of E.I Works**
2. Date & time of availability of bid document in the portal :- **From dt.24/08/2026 to 5PM of dt.07/09/2026**
3. Last date / time of receipt of bids in the portal :- **5PM of dt.07/09/2026**
4. Date & time of opening of bids :- **11 A.M of dt. 08/09/2026**
5. Name and address of the Officer Inviting Bid :- **Superintending Engineer, Kataka (R&B) Division No. I, Kataka**

Further details can be seen from the e-procurement portal **"https://tendersodisha.gov.in"**

Er. Md. Shahbaz
Superintending Engineer
Kataka (R&B) Division No.I

OIPR-34001/34012/1/26-27/0026

---

Mob No: 9937182746
Email: womencollegebargarh@gmail.com

**PARBATI GIRI WOMEN'S COLLEGE**
BARGARH- 768028|ODISHA|

Letter No. 612/PGWCB Dt. 22.08.2026

**ADVERTISEMENT OF WALK IN INTERVIEW FOR ENGAGEMENT OF RETIRED/FRESHER GUEST FACULTIES**

Applications are invited by online through HIMS portal (www.hims.gov.in) from eligibal candidates from the dt. 22.08.2026 to 30.08.2026 for engagement of Retired/Fresher Guest faculties in the following subjects in the college for the Academic session 2026-27. A walk in interview has been scheduled on dt.01.09.2026. For details please visit the college website.

| Sl No | Name of the post | No of post |
|---|---|---|
| 01 | Odia | 01 |
| 02 | Hindi | 01 |

1. Qualification and eligibility criteria for Candidates(Retired)
   a. As per the Govt Guideline attached
2. Qualification and eligibility criteria for candidate(fresher)
   a. PG with 55%(Minimum)
   b. Preference will be given to M.Phil/Phd/NET/NET with JRF holder.

Principal,
Parbati Giri Women's College Bargarh

# ଏମ୍ଏମ୍‌ଡିଆର ଆଇନ ପରିବର୍ତ୍ତନକୁ ନେଇ ଅସନ୍ତୋଷ

ଢେଙ୍କାନାଳ,୨୧।୮ (ସମିସ)

ସଂସଦରେ ମୌସୁମୀ ଅଧିବେଶନରେ ଏମଏମଡିଆର ଆଇନରେ ଯେଉଁ ପରିବର୍ତ୍ତନ କରାଗଲା ସେଥିରେ ରାଜ୍ୟଗୁଡ଼ିକର ଖଣିଖାଦାନ ଉପରେ ଟିକସ ଲଗାଇବା, ସେସ୍ ଆଦାୟ କରିବା ଆଦି ଅଧିକାର ଆଉ ରହିବ ନାହିଁ। କେବଳ କେନ୍ଦ୍ର ସରକାର ହିଁ ଖଣି ଉପରେ ସର୍ବେସର୍ବା ହୋଇଯିବେ। ଏହା ଯୋଗୁଁ ଓଡ଼ିଶା ଭଳି ଖଣିଜ ପଦାର୍ଥରେ ଭରା ରାଜ୍ୟ ବର୍ଷକୁ ପ୍ରାୟ ଏକ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜସ୍ୱ ହରାଇବ ବୋଲି ଅର୍ଥନୀତି ବିଶେଷଜ୍ଞ ମତ ଦେଇଛନ୍ତି। ଏହି ଆଇନ୍‌କୁ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ ତରଫରୁ ଦୃଢ଼ ବିରୋଧ କରାଯାଇଛି। ଖଣିଜ ପଦାର୍ଥ ଉତ୍ତୋଳନ ଯୋଗୁଁ ଓଡ଼ିଶାର ଜଳ, ବାୟୁ, ମୃତ୍ତିକା ପ୍ରଦୂଷିତ ହେଉଛି। ଭୟଙ୍କର କ୍ୟାନ୍ସର, କିଡ୍‌ନୀ, ଯକୃତ, ଚର୍ମରୋଗ, ଶ୍ୱାସ ରୋଗରେ ଅନେକେ ପୀଡ଼ିତ ହୋଇ ମୃତ୍ୟୁମୁଖରେ ପଡ଼ୁଛନ୍ତି। ଭାରତରେ କିଡନୀ ରୋଗ ଆକ୍ରାନ୍ତ ସମ୍ଭାବନା ଜନସଂଖ୍ୟାର ୧୦-୧୨% ଥିବା ବେଳେ ଓଡ଼ିଶାରେ ଏହା ୧୪-୨୦%। ଏଥିପାଇଁ ରାଜ୍ୟ ଅବା କେନ୍ଦ୍ର ସରକାର ରୋଗୀଙ୍କ ଉପଯୁକ୍ତ ଚିକିତ୍ସା ଏବଂ ପୀଡ଼ିତ ମୃତକଙ୍କ ପରିବାରର ସାମାଜିକ ସୁରକ୍ଷା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରିନାହାନ୍ତି। ୨୦୨୬-୨୭ ଆର୍ôଥକବର୍ଷ ପାଇଁ ଓଡ଼ିଶା ସରକାର ୩.୧ ଲକ୍ଷ କୋଟି ଟଙ୍କାର ବଜେଟ୍ ଆକଳନ କରିଛନ୍ତି। ଯଦି ଉପରୋକ୍ତ ଆଇନ୍ ଲାଗୁ ହେବା ଯୋଗୁଁ ଲକ୍ଷାଧିକ କୋଟି ଟଙ୍କାର ରାଜସ୍ୱ ହାନି ହେବ, ତାହା ହେଲେ ସରକାର କିପରି ଭରଣା କରିବେ ବୋଲି ସଂଗଠନ ପ୍ରଶ୍ନ କରିଛି। ଏପରି ଆର୍ôଥକ ସଂକଟ ହେଲେ ରାଜ୍ୟରେ ଅନେକ ଅସ୍ଥାୟୀ ନିଯୁକ୍ତ ସରକାରୀ କର୍ମଚାରୀ ଛଟେଇ ହେବେ ଓ ପ୍ରସ୍ତାବିତ ଅନେକ ଉନ୍ନତିମୂଳକ କାର୍ଯ୍ୟକ୍ରମ ପ୍ରାୟ ବନ୍ଦ ହୋଇଯିବ। ବିଡ଼ମ୍ବନାର ବିଷୟ ହେଉଛି ଯେ ଓଡ଼ିଶାରୁ ଶାସକ ଦଳ ବିଜେପିର ୨୦ ଜଣ ଲୋକସଭା ସଦସ୍ୟ ଥାଇ ଏପରି ପଦକ୍ଷେପକୁ ବିରୋଧ କରିବା ଦୂର କଥା, ବିଶେଷ କରି ଗୁଜରାଟର ବ୍ୟବସାୟୀ ଓ ଶିଳ୍ପପତି ଯେଉଁମାନେ ଏଥିରେ ଲାଭବାନ ହେବେ ଓ ଖଣି ଉପରେ ନିରଙ୍କୁଶ ମାଲିକାନା ଜାହିର କରିବେ, ତାଙ୍କ ଆଗରେ ମୁଣ୍ଡ ନୁଆଁଇ ଦେଇଛନ୍ତି। ଖଣିଖାଦାନ ଯୋଗୁଁ ଅନେକ ଆଦିବାସୀ ବିସ୍ଥାପିତ ହେଉଛନ୍ତି। ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରରେ ଆଦିବାସୀ ବିଭାଗ ମନ୍ତ୍ରୀ ମଧ୍ୟ ଓଡ଼ିଆ, ରାଷ୍ଟ୍ରପତି ମଧ୍ୟ ଆଦିବାସୀ। କିନ୍ତୁ କେହି ଜଣେ ବି ଏହାକୁ ପ୍ରତିବାଦ ନ କରିବା ଦୁର୍ଭାଗ୍ୟଜନକ ବୋଲି ସଂଗଠନ ସଭାପତି ପ୍ରଫେସର ଡା. ତୁଷାରକାନ୍ତି ନାୟକ, ସଦସ୍ୟ ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ, ବିନୟ କୁମାର ସାହୁ, ଗୀତା ସାମଲ, ପୁଷ୍ପାଞ୍ଜଳି ପାଢ଼ୀ ପ୍ରମୁଖ ପ୍ରେସ ବାର୍ତ୍ତାରେ ଜଣାଇଛନ୍ତି।

ଏହି ଆଇନ୍ ବିପକ୍ଷରେ ସମସ୍ତ ଚିନ୍ତାଶୀଳ ନାଗରିକ, ସାମାଜିକ ସଂଗଠନ, ଖଣିଜ ସମ୍ପଦ ଥିବା ଜିଲ୍ଲାର ଅଧିବାସୀ ଆଗେଇ ଆସି ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ନିମନ୍ତେ ସଂଗଠନ ଆହ୍ୱାନ ଦେଇଛି। ଓଡ଼ିଆ ଜାତିର ଏପରି ଶିଥିଳ ମନୋଭାବ ତଥା ସୁପ୍ତ ହୋଇ ରହିବାର ନାଟକ ଭବିଷ୍ୟତରେ ସମସ୍ତ ରାଜ୍ୟବାସୀଙ୍କୁ ଅନେକ ସମସ୍ୟାକୁ ଟାଣିଆଣିବ ବୋଲି ସଂଗଠନ ଚେତାବନୀ ଦେଇଛି। ଶାସକ ଦଳର ଟ୍ରେଡମାର୍କ ଓଡ଼ିଆ ଅସ୍ମିତା ଅର୍ଥ କ'ଣ କେନ୍ଦ୍ର ଆଗରେ ନତମସ୍ତକ ହୋଇଯିବା ଓ ଦେଶର ସଂଘୀୟ ବ୍ୟବସ୍ଥାକୁ ଜଳାଞ୍ଜଳି ଦେଇଦେବା ବୋଲି ସଂଗଠନ ପ୍ରଶ୍ନ କରିଛି।

## ଶ୍ରମିକଙ୍କ ପେନ୍ସନ୍ ୭୫୦୦ ଟଙ୍କା ବୃଦ୍ଧି ଦାବି

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



ଢେଙ୍କାନାଳ,୨୧।୮ (ସମିସ): ଶ୍ରମିକମାନଙ୍କ ପେନସନ ଏକ ହଜାର ଟଙ୍କାରୁ ୭ ହଜାର ୫୦୦ ଟଙ୍କାକୁ ବୃଦ୍ଧିକୁ ଦାବିରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶ୍ରମିକଙ୍କ ଦୀର୍ଘଦିନ ଧରି ପଡ଼ିରହିଥିବା ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବା ନିମନ୍ତେ ଶ୍ରମିକମାନେ ବିଭିନ୍ନ ନାରା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାରତୀୟ ମଜଦୁର ସଂଘର ୧୬୧ତମ କେନ୍ଦ୍ରୀୟ କାର୍ଯ୍ୟ ସମିତି ବୈଠକରେ "ଦାବି ଦିବସ' ଭାବେ ପାଳନ କରିବା ସହ ସମସ୍ତ ଜିଲ୍ଲା ମୁଖ୍ୟାଳୟ, ରାଜ୍ୟ ମୁଖ୍ୟାଳୟ ଏବଂ ଶିଳ୍ପାଞ୍ଚଳରେ ଧାରଣା ଓ ପ୍ରଦର୍ଶନ ଆୟୋଜନ କରି ଭାରତ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଛି। ମୁଖ୍ୟ ଦାବିଗୁଡ଼ିକ ହେଉଛି ସର୍ବନିମ୍ନ ପେନ୍‌ସନ୍ ୧୦୦୦ ଟଙ୍କାରୁ ୭୫୦୦ଟଙ୍କାକୁ ବୃଦ୍ଧି, ଡିଡିଏ ସହ ଯୋଡ଼ିବା ଏବଂ ଏହାକୁ ଆୟୁଷ୍ମାନ୍ ଭାରତ ଯୋଜନା ସହିତ ସଂଯୋଗ କରିବା, ଇଏସ୍‌ଆଇସି, ଇପିଏଫ୍ ଏବଂ ବୋନସ୍ ଗଣନାର ସୀମାକୁ ଦ୍ୱିଗୁଣିତ କରିବା, ଗ୍ରାଚ୍ୟୁଇଟି ପେମେଣ୍ଟ ପାଇଁ ଗଣନାର ନିୟମକୁ ୧୫ ଦିନରୁ ୩୦ ଦିନ କରିବା ଏବଂ ଏଥିରେ କୌଣସି ସୀମା ନ ରଖିବା, ପୁରୁଣା ପେନ୍‌ସନ୍ ଯୋଜନା ପୁନଃ ଲାଗୁ କରିବା, ସମସ୍ତ ପ୍ରକାର ସ୍କିମ୍ କର୍ମଚାରୀ ଯଥା ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ପାଚିକା କର୍ମୀଙ୍କ ଦେୟ ବୃଦ୍ଧି, ସମସ୍ତଙ୍କ ପାଇଁ ବିଶେଷ କରି ଚୁକ୍ତିଭିତ୍ତିକ ଶ୍ରମିକଙ୍କ ପାଇଁ ସମାନ କାମକୁ ସମାନ ଦରମା ଲାଗୁ, ପରିବର୍ତ୍ତନଶୀଳ ମୂଲ୍ୟ ସୂଚକାଙ୍କ ଅନୁଯାୟୀ ସର୍ବନିମ୍ନ ମଜୁରି ବୃଦ୍ଧି, ବ୍ୟାଙ୍କଗୁଡ଼ିକରେ ୫ ଦିନିଆ କାର୍ଯ୍ୟ ସପ୍ତାହ ଲାଗୁ, ହେଭି ଇଞ୍ଜିନିୟରିଂ କମ୍ପାନୀ, ରାଞ୍ଚି ଏବଂ ୮ଟି ରାଜ୍ୟରେ ଥିବା ୨୩ଟି ନ୍ୟାସନାଲ୍ ଟେକ୍ସଟାଇଲ୍ ମିଲ୍‌ର ବକେୟା ଦରମା ପ୍ରଦାନ, ଶ୍ରମିକ ବିରୋଧୀ ବ୍ୟବସ୍ଥାଗୁଡ଼ିକୁ ନେଇ ଶ୍ରମ ସଂହିତାରେ ସଂଶୋଧନ ଇତ୍ୟାଦି। ବିଏମ୍‌ଏସ୍ ଏହାର ସମସ୍ତ ୟୁନିଟ୍‌କୁ ପ୍ରଧାନମନ୍ତ୍ରୀ, ଶ୍ରମମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ନାମରେ ସ୍ମାରକପତ୍ର ପ୍ରସ୍ତୁତ କରି ଜିଲ୍ଲା ପ୍ରଶାସନ ମାଧ୍ୟମରେ ଦାଖଲ କରିବାକୁ ଆହ୍ୱାନ କରିଛି। ବିଏମ୍‌ଏସ୍‌ର ୧୬୧ତମ କେକେଏସ୍ ବୈଠକ ଜୁଲାଇ ୨୬ରୁ ୨୮ ପର୍ଯ୍ୟନ୍ତ ରାଞ୍ଚିରେ ଅନୁଷ୍ଠିତ ହୋଇଥିଲା।

ଏଥିରେ ଭାରତୀୟ ସଭାପତି ସୁନକରୀ ମଲ୍ଲେଶମ୍ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଭାରତୀୟ ମଜଦୁର ସଂଘ ଜିଲ୍ଲା ପ୍ରଭାରୀ ଶ୍ରୀନିବାସ ଖୁଣ୍ଟିଆଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଶ୍ରମମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅନିଲ କୁମାର ଭୂତିଆ, ଜିଲ୍ଲା ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଆଶାକର୍ମୀ ସଂଘ ଜିଲ୍ଲା ସଭାନେତ୍ରୀ ସୁପ୍ରଭା ପ୍ରଧାନ, ଅଙ୍ଗନବାଡି କର୍ମୀ ଜିଲ୍ଲା ସଭାନେତ୍ରୀ ମାନସୀ ମହାପାତ୍ର, ବିଦ୍ୟୁତ୍ କର୍ମଚାରୀ ସଂଘ ଜିଲ୍ଲା ସଭାପତି ଚନ୍ଦ୍ରଶେଖର ଶତପଥୀ ଓ ଜିଲ୍ଲା ସହ ସମ୍ପାଦକ ଶିବଶକ୍ତି ମହାନ୍ତିଙ୍କ ସମେତ ୪୦୯ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମରଣଯନ୍ତା ପାଲଟିଛି ୫୫ନଂ ଜାତୀୟ ରାଜପଥ



ହିନ୍ଦୋଳ,୨୧।୮ (ସମିସ): ୫୫ନଂ ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେବାର ନାଁ ନେଉନାହିଁ। ଫଳରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରାଜପଥର ଓଡ଼ାପଡ଼ା ବ୍ଲକ ଗୁଣ୍ଡିଚାପଡ଼ାରୁ କଣ୍ଟାବଣିଆ ପର୍ଯ୍ୟନ୍ତ ରାସ୍ତାରେ ଅନେକ ସ୍ଥାନରେ ରାସ୍ତା ଫାଟି ଗଲାଣି। ଲୋକେ ସେହି ଖାଲରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତାହତ ହେଉଛନ୍ତି। ଏଥିପାଇଁ ଅନେକ ସମୟରେ ସ୍ଥାନୀୟ ଲୋକେ ରାସ୍ତାରୋକ ଆନ୍ଦୋଳନ ମଧ୍ୟ କରୁଛନ୍ତି। ଏହା ସତ୍ତ୍ୱେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି। ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପଞ୍ଚାୟତସ୍ତରୀୟ ବୈଠକ

ଖଜୁରିଆକଟା,୨୧।୮ (ସମିସ): ହିନ୍ଦୋଳ ବ୍ଲକ କୁନୁଆଁ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଶିଶୁ ସହାୟତା ସଂଯୋଜକ ରୋଶନ ନନ୍ଦ, ଆଭା ସଂଯୋଜକ ରାକେଶ ମିଶ୍ରଙ୍କ ସମେତ ବିଶ୍ୱ ଯୁବକେନ୍ଦ୍ରର ମନସ୍ମିତା ନାୟକ ଓ ଜୁଲି ସ୍ୱାଇଁ, ସରପଞ୍ଚ ଜୟନ୍ତୀ ସାମଲ, ନାଏବ ସରପଞ୍ଚ ରୋହିତ ସାମଲ, ପ୍ରିୟମ୍ବଦା ନାହାକ, କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ତର୍ଯ୍ୟାମୀ ଗୋଛାୟତ, ଅଙ୍ଗନୱାଡ଼ି କର୍ମୀ ସୂର୍ଯ୍ୟକାନ୍ତି ନାୟକ, ପ୍ରଧାନଶିକ୍ଷକ ଗିରୀଶ ଚନ୍ଦ୍ର ପାଲ, କିଶୋର ବାଳକ, ପ୍ରିନ୍ସ ସାହୁ, କିଶୋରୀ ବାଳିକା ଋତୁପର୍ଣ୍ଣା ନାୟକ, ଆରତି ବେହେରା, ସ୍ୱୟଂ ସହାୟକ ଗୋଷ୍ଠୀର ନମିତା ପ୍ରଧାନ, ମମତା ନାଏକ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ପ୍ରତିମାସରେ ଥରେ ପଞ୍ଚାୟତସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ବୈଠକ ଆୟୋଜନ କରିବା ଉପରେ ଗୁରୁତ୍ୱ ଦେଇଥିଲେ।




# ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟି ବୈଠକ

ଓଡ଼ାପଡ଼ା,୨୧।୮ (ସମିସ): ଓଡ଼ାପଡ଼ା ବ୍ଲକ ବଦାଲୋ ପଞ୍ଚାୟତ କାର୍ଯ୍ୟାଳୟରେ ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ ସହଯୋଗରେ ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ସମିତି ବୈଠକ ସରପଞ୍ଚ କ୍ରିଷ୍ଣା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କମିଟି ସଭାପତି, ଉପସଭାପତି ଜାନକୀ ବେହେରା, ହାଇସ୍କୁଲ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମହାପାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ଜ୍ୟୋତିର୍ମୟୀ ସାହୁ, ପରିଚାଳନା କମିଟି ସଭ୍ୟ ଅରୁଣ ବେହେରା, କିଶୋର ବାଳକ ଚିକୁନୁ ବିଶ୍ୱାଳ, କିଶୋରୀ ବାଳିକାମାନେ ଉପସ୍ଥିତ ଥିଲେ। ବିଶ୍ୱ ଯୁବକେନ୍ଦ୍ରର ମନସ୍ମିତା ନାୟକ ସମସ୍ତଙ୍କୁ ସ୍ୱାଗତ ଜଣାଇ କାର୍ଯ୍ୟକ୍ରମର ଉଦେଶ୍ୟ ବିଷୟରେ ଅବଗତ କରିଥିଲେ। ବାଲ୍ୟବିବାହ ନିଷେଧ ଆଇନ-୨୦୦୬ ବିଷୟରେ ସଚେତନତା, ବାଲ୍ୟବିବାହ ଯୋଗୁଁ ଝିଅ ଉପରେ ପଡୁଥିବା ଶାରୀରିକ, ପାରିବାରିକ, ମାନସିକ ତଥା ଆର୍ଥିକ ଚାପ, ଶିକ୍ଷା ତଥା ଆତ୍ମନିର୍ଭରଶୀଳତା ଅଭାବ, ସାମାଜିକ କୁପରିଣାମ, ବାଲ୍ୟବିବାହ କ୍ଷେତ୍ରରେ ଆୟୋଜନକାରୀ, ଯୋଗଦେଇଥିବା ଅତିଥି ତଥା ବିଭିନ୍ନ ସହଯୋଗୀଙ୍କୁ ଦଣ୍ଡବିଧାନ ତଥା ନିରାକରଣ ଉପରେ ଆଲୋଚନା ହୋଇଥିଲା।




ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁମାନଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଆଇନ ପୋକ୍‌ସୋ ଉପରେ ଆଲୋଚନା ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। କୌଣସି ଶିଶୁ ଅଧିକର ଉଲ୍ଲଙ୍ଘନ ଦେଖିଲେ ଚାଇଲ୍ଡ ହେଲ୍ପଲାଇନର ଦେୟମୁକ୍ତ ନମ୍ବର ୧୦୯୮କୁ ଫୋନ୍ କରି ଜଣାଇବାକୁ ପରାମର୍ଶ ଦିଆଯାଇଥିଲା। ପ୍ରଧାନମନ୍ତ୍ରୀ କନ୍ୟା ବିବାହ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଏଡିଓ ମୀନର୍ଭା ପତି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜବ୍‌କାର୍ଡ, ଭିବି ଜି ରାମ ଜି, ବିଷୟରେ ଆଲୋଚନା କରିଥିଲେ। ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ୪-୧ ଗୋଲରେ ବାରୁଆଁ (କ) ବିଜୟୀ



ଢେଙ୍କାନାଳ,୨୧।୮ (ସମିସ): ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମରେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ଆନ୍ତଃକ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟର ୬ଷ୍ଠ ଦିବସରେ ବାରୁଆଁ (କ) ଫୁଟ୍‌ବଲ୍ କ୍ଲବ୍ ଓ ବଳରାମପୁର ଫୁଟ୍‌ବଲ୍ କ୍ଲବ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାରୁଆଁ (କ) କ୍ଲବ୍ ୪-୧ ଗୋଲରେ ବିଜୟୀ ହୋଇଛି। ଉଭୟ ଦଳ ଲଢୁଆ ପ୍ରଦର୍ଶନ କରିଥିଲେ। ରେଫରୀ ଭାବେ ଶୁଭ୍ରଜିତ୍ ସ୍ୱାଇଁ, ବୋନ୍‌ସନ୍ ବରାଳ, ଅନିଲ୍ ପ୍ରସାଦ ନନ୍ଦ, ମହେଶ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିତ୍ ଆଇନଜୀବୀ ଅଭିଜିତ୍ ମିଶ୍ର ଓ ପ୍ରତାପ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। କମିଟି ସମ୍ପାଦକ ନଳିନୀ କୁମାର ଦାସ, ଉପ-ସଭାପତି ତଥା ସାଂଗଠନିକ ସମ୍ପାଦକ ସଞ୍ଜୟ କୁମାର ଭଞ୍ଜ, ପ୍ରେମାନନ୍ଦ ବିହାରୀ, ଉପସଭାପତି ସୌଭାଗ୍ୟ ସାହୁ, ମନୋଜ ପଟ୍ଟନାୟକ, ଅଜୟ ବାରିକ, ବାବୁ ପାଢ଼ୀ, ପର୍ଶୁରାମ ମିଶ୍ର, ସୁନୀଲ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ବସନ୍ତ ବେହେରା, ରଞ୍ଜନ ସାହୁ, ସନ୍ତୋଷ କାନୁନଗୋ, ପ୍ରତୀକ ଭଞ୍ଜ, ଶିବପ୍ରସାଦ ଦାଶ, ସୁଶାନ୍ତ ଜେନା, ସରୋଜ ପାଢ଼ୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ମନୋଜ ଦାସ, ରାଜେନ୍ଦ୍ର ପାଣି, ଦୀପ୍ତିରଞ୍ଜନ ସେଠୀ, ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୨୪ ଦଳ ଅଂଶଗ୍ରହଣ କରିଥିବା ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ ଦାସ ସୂଚନା ଦେଇଛନ୍ତି।

## କଲେଜରେ ନାରୀ ସଶକ୍ତୀକରଣ ସଚେତନତା ଶିବିର



ଖଜୁରିଆକଟା,୨୧।୮ (ସମିସ): ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଗଡଡକାଟେଣି ସ୍ଥିତ ସତ୍ୟମ୍ ଶିବମ୍ ସୁନ୍ଦରମ୍ ମହାବିଦ୍ୟାଳୟରେ ମହିଳା ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଲଭ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପିକା ସ୍ମିତାରାଣୀ ସାମଲ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଡ. ନିରଜ ଚନ୍ଦ୍ର ରାଉତ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇବା ସହ ଏହାର ଲାଭ ଉଠାଇବାକୁ ଆହ୍ୱାନ ଦେଇଥିଲେ। ଶକ୍ତିଶ୍ରୀ ଦାୟିତ୍ୱରେ ଥିବା ଶିକ୍ଷା ବିଭାଗ ଅଧ୍ୟାପକ ରାଜଶ୍ରୀ ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଜୟଶ୍ରୀ ପ୍ରଧାନ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଯୋଗଦେଇଥିଲେ। ଅଧ୍ୟାପକ ଡ. ନରେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ଭୁବନ,୨୧।୮ (ସମିସ): ଭୁବନ ଥାନା କୀର୍ତ୍ତନପୁର ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର କୀର୍ତ୍ତନ ମଳିକଙ୍କ ପୁଅ ତମାନୁ ମଳିକ (୨୮)। ସେ ବିଲରେ ବାଡ଼ ଦେଉଥିବା ସମୟରେ ୧୧ କେଭି ତାରରେ ପୋତୁଥିବା କଞ୍ଚା ବାଉଁଶ ଲାଗି ବିଦ୍ୟୁତ ଆଘାତ ଲାଗିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚାଷୀଙ୍କ ମୃତ୍ୟୁ ନେଇ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ମଦ ଜବତ, ଜଣେ ଗିରଫ

ଭୁବନ,୨୧।୮ (ସମିସ): ଭୁବନ ମାର୍ଥାପୁର ଗ୍ରାମରେ ଅବକାରୀ ବିଭାଗ ଚଢ଼ଉ କରି ଜଣକୁ ଗିରଫ କରିବା ସହ ତାଙ୍କଠାରୁ ୬ ଲିଟରରୁ ଅଧିକ ବିଦେଶୀ ମଦ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ମାର୍ଥାପୁର ଗ୍ରାମର ଅନିଲ କୁମାର ମିଶ୍ର। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପରଜଙ୍ଗ ବ୍ଲକରେ ଆପ୍‌ର ଜନସମ୍ପର୍କ ଯାତ୍ରା



ପରଜଙ୍ଗ,୨୧।୮ (ସମିସ): ପରଜଙ୍ଗ ବ୍ଲକରେ ଆମ୍ ଆଦମୀ ପାର୍ଟି (ଆପ୍)ର ଜନସମ୍ପର୍କ କାର୍ଯ୍ୟକ୍ରମ ଜିଲ୍ଲା ସଭାପତି ପଙ୍କଜ ନାୟକ ଓ ପୂର୍ବତନ ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ବିଭିନ୍ନ ପଞ୍ଚାୟତରେ କୃଷକଙ୍କ ସମସ୍ୟା, ସରକାରୀ ବିଦ୍ୟାଳୟ, ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ଗମନାଗମନ, ବିଶେଷକରି ରୋଜଗାର ନ ପାଇ ଦାଦନ ଅପେକ୍ଷାରେ ଥିବା ଯୁବାବର୍ଗଙ୍କ ସହ ସମ୍ପର୍କ କରିଥିଲେ। ଖାଦ୍ୟ ସାମଗ୍ରୀ ଯଥା ଚିନି, ଅଦା, ରସୁଣ, ପିଆଜ, ଖାଇବା ତେଲ ଇତ୍ୟାଦିର ଦରଦାମ୍ ହୁ ହୁ ହୋଇ ବଢ଼ି ଚାଲିଛି। ଗରିବ ଓ ମଧ୍ୟବିତ୍ତ ପରିବାର ଏହାଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହେଉଛନ୍ତି। କେନ୍ଦ୍ର ସରକାର ପେଟ୍ରୋଲ ସହ ଇଥାନାଲ ମିଶ୍ରଣ କରିବା ଯୋଗୁଁ ଚିନି ଉତ୍ପାଦନ କମିଛି ଏବଂ ଭାରତରେ ଚିନିର ଉତ୍କଟ ସଙ୍କଟ ତିଆରି କରାଯାଇଛି। ଏହି ଇଥାନାଲ ମିଶ୍ରିତ ପେଟ୍ରୋଲ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ପରିବାରକୁ ସାହାଯ୍ୟ କରିବାପାଇଁ କେନ୍ଦ୍ର ବିଜେପି ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସୁନୀଲ ପାଣି, ଆଶିଷ ଆୟଚ, ଯୁଧିଷ୍ଠିର ବିଶ୍ୱାଳ, ବିକାଶ ସାହୁ, କୈଳାସ ସାହୁ, ଲିଙ୍ଗରାଜ ସାହୁ, ମିହିର, ପ୍ରକାଶ ପ୍ରମୁଖଙ୍କ ସହ ଅନେକ ଯୁବକ ପାର୍ଟି ସହିତ ଯୋଡ଼ିହୋଇଥିଲେ। ଦଳର ପୂର୍ବତନ ବିଧାୟକ ପ୍ରାର୍ଥୀ ସୁଶାନ୍ତ ପାଣି ଓ ବ୍ଲକ ସଭାପତି ବିଭୁରଞ୍ଜନ ସାହୁ ସହଯୋଗ କରିଥିଲେ।

# ଟିଏସ୍ଏଫ୍ ପକ୍ଷରୁ ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତା

ଢେଙ୍କାନାଳ,୨୧।୮ (ସମିସ)

ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସ୍ଏଫ୍) ପକ୍ଷରୁ ଆଇଆଇଏମସିରେ 'ସମୁଦାୟ କେ ସାଥ' ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରତିଯୋଗିତାର ନବମ ସଂସ୍କରଣର ସ୍କ୍ରିନିଂ ଆୟୋଜିତ ହୋଇଛି। ଏଥିରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଏବଂ ଗଣମାଧ୍ୟମ ସହ ଜଡ଼ିତ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ। ଆଦିବାସୀ ଓ ଜନଜାତି ସମ୍ପ୍ରଦାୟର ସ୍ୱର, ସାମାଜିକ ବାସ୍ତବତା ଏବଂ ଜୀବନଗାଥାକୁ ଆଧାର କରି ନିର୍ମିତ ପ୍ରଭାବଶାଳୀ କ୍ଷୁଦ୍ର ଚଳଚ୍ଚିତ୍ରଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। 'ସମୁଦାୟ କେ ସାଥ' ହେଉଛି ଟିଏସ୍ଏଫ୍‌ର ଏକ ଅଭିନବ ପଦକ୍ଷେପ। ଯାହା ସିନେମା ମାଧ୍ୟମକୁ ବ୍ୟବହାର କରି ଆଦିବାସୀ ଓ ଜନଜାତି ସମ୍ପ୍ରଦାୟର ସ୍ୱର ଏବଂ ସେମାନଙ୍କ ଜୀବନଗାଥାକୁ ବ୍ୟାପକ କରିଥାଏ। ବିଗତ ବର୍ଷଗୁଡ଼ିକରେ ଏହି ମଞ୍ଚ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ କାହାଣୀଗୁଡ଼ିକ ଅନୁସନ୍ଧାନ କରିବା ସହ ଭିଜୁଆଲ ଷ୍ଟୋରୀଟେଲିଂ ମାଧ୍ୟମରେ ବିବିଧ ସମ୍ପ୍ରଦାୟର ଅନୁଭୂତିକୁ ସାମ୍ନାକୁ ଆଣିବା ପାଇଁ ନିରନ୍ତର ପ୍ରୟାସ କରିଆସୁଛି। ଏହି ସ୍କ୍ରିନିଂ ମାଧ୍ୟମରେ ଆଇଆଇଏମ୍‌ସି ଢେଙ୍କାନାଳର ଛାତ୍ରଛାତ୍ରୀମାନେ ଏଭଳି ଚଳଚ୍ଚିତ୍ର ଦେଖିବା ଓ ଏ ସମ୍ପର୍କରେ ଜାଣିବାର ସୁଯୋଗ ପାଇଥିଲେ। ସିନେମା କିପରି ଜୀବନ୍ତ ଅନୁଭୂତିଗୁଡ଼ିକୁ ଲିପିବଦ୍ଧ କରିବା ସହ ସାଂସ୍କୃତିକ ଅଭିବ୍ୟକ୍ତିକୁ ସୁଦୃଢ଼ କରିବା ଏବଂ ସମୁଦାୟ ଓ ସାମାଜିକ ପ୍ରସଙ୍ଗକୁ ନେଇ ଅର୍ଥପୂର୍ଣ୍ଣ ଆଲୋଚନାର ସୃଷ୍ଟି କରିବାର ଏକ ଶକ୍ତିଶାଳୀ ମାଧ୍ୟମ ହୋଇପାରେ, ତାହା ଏହି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର ନିର୍ମାତା ରବି ରାଜ ମୁର୍ମୁ ବକ୍ତା ଭାବେ ଯୋଗଦେଇଥିଲେ।



ମୁର୍ମୁ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ନିଜର ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର 'ଅଙ୍ଗେନ' ପାଇଁ ଶ୍ରେଷ୍ଠ ନବାଗତ ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଥିଲେ। ଟାଟା ଷ୍ଟିଲ ଫାଉଣ୍ଡେସନ ସହିତ ତାଙ୍କର ସମ୍ପର୍କ ୨୦୦୮ ମସିହାରୁ ଆରମ୍ଭ ହୋଇଥିଲା। ଯେତେବେଳେ ସେ "ଜ୍ୟୋତି ଫେଲୋସିପ୍' ପାଇଁ ମନୋନୀତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ 'ସମୁଦାୟ କେ ସାଥ' ସହ ଜଣେ ଚଳଚ୍ଚିତ୍ର ନିର୍ମାତା ଓ ମାର୍ଗଦର୍ଶକ ଭାବେ ଯୋଡିହୋଇଥିଲେ। ଜଣେ ଟାଟା ଷ୍ଟିଲ ସ୍କଲାର ଭାବରେ ସେ ପ୍ରସିଦ୍ଧ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆରୁ ଫିଲ୍ମ ମେକିଂରେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଇଆଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଡ. ଆନନ୍ଦ ପ୍ରଧାନ, ଟାଟା ଷ୍ଟିଲ ମେରାମଣ୍ଡଳୀର କର୍ପୋରେଟ୍ ସର୍ଭିସେସ୍ ମୁଖ୍ୟ ଶୁଭ୍ରାଂଶୁ ଶେଖର ପଣ୍ଡା, ଟାଟା ଷ୍ଟିଲ ଫାଉଣ୍ଡେସନ-ମେରାମଣ୍ଡଳୀର ୟୁନିଟ୍ ଲିଡ୍ କୁମାର ସୌରଭ, ଟାଟା ଷ୍ଟିଲ ମେରାମଣ୍ଡଳୀର ଟ୍ରାଇବାଲ ଆଇଡେଣ୍ଟିଟି ଏବଂ କର୍ପୋରେଟ୍ କମ୍ୟୁନିକେସନ୍ସ ଟିମ୍‌ର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ। ଏଥିସହିତ ଆଇଆଇଏମସିର ଇଂରାଜୀ ସାମ୍ବାଦିକତା, କର୍ପୋରେଟ୍ କମ୍ୟୁନିକେସନ୍ ଆଣ୍ଡ ବ୍ରାଣ୍ଡ ମ୍ୟାନେଜମେଣ୍ଟ ଓ ଓଡିଆ ସାମ୍ବାଦିକତା ବିଭାଗର ଛାତ୍ରଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଏହି ସ୍କ୍ରିନିଂ ସମୁଦାୟ ଆଧାରିତ କାହାଣୀ ଏବଂ ବିବିଧ ସାମାଜିକ ଓ ସାଂସ୍କୃତିକ କାହାଣୀ ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଟାଟା ଷ୍ଟିଲ ଫାଉଣ୍ଡେସନ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। 'ସମୁଦାୟ କେ ସାଥ' ଭଳି ପଦକ୍ଷେପ ଯୁବ କାହାଣୀକାରମାନଙ୍କ କାହାଣୀଗୁଡ଼ିକୁ ଲିପିବଦ୍ଧ ଓ ପ୍ରସାରିତ କରିବା ପାଇଁ ଉତ୍ସାହିତ କରୁଛି।

## ବହୁ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ

# ତଦନ୍ତ ଚାଲିଛି; କିନ୍ତୁ ମିଳୁନି ପକ୍କାଗୃହ

**ରଘୁନାଥପୁର,୨୧।୮ (ସମିସ)**

ରଘୁନାଥପୁର ବ୍ଲକ ଅନ୍ତର୍ଗତ ଚିକିଣିଆ ଗ୍ରାମପଞ୍ଚାୟତରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରତି ଯୋଗ୍ୟ ପରିବାରଙ୍କୁ ପକ୍କାଗୃହ ଯୋଗାଇ ଦେବା ପାଇଁ ଧାର୍ଯ୍ୟ କରାଯାଇଛି। ପଞ୍ଚାୟତ ସ୍ତରରୁ ଏହାର ତଦନ୍ତ କରାଯାଇ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପ୍ରସ୍ତୁତ କରାଯାଉଛି। ଏହାସତ୍ତ୍ୱେ ମଧ୍ୟ ବହୁ ଯୋଗ୍ୟ ହିତାଧିକାରୀ ସରକାରଙ୍କ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଆବେଦନ କରି ନିରାଶ ହେବାପରେ ସରକାରଙ୍କ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅନେକ ବ୍ୟକ୍ତି ପ୍ରଶାସନର ତଦନ୍ତ ପ୍ରକ୍ରିୟାକୁ ଦାୟୀ କରିଛନ୍ତି। ଏହାଛଡା ଆମେ ଗରିବ ଲୋକ ଓ ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚିବା ପାଇଁ ଆମର କ୍ଷମତା ନାହିଁ। ଏଣୁ ଆମକୁ ଜାଣିଶୁଣି ଏଥିରୁ ବାଦ ଦିଆଯାଉଛି ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। କଳାଧାରୀ ଗ୍ରାମର ରୁନିଲତା ଲେଙ୍କାଙ୍କ ଗୃହରେ ନିଆଁ ଲାଗିଯିବା ଦ୍ୱାରା ସେ ନିଆଁରେ ପୋଡି ଭିନ୍ନକ୍ଷମ ହୋଇଥିବାବେଳେ ତାଙ୍କ ସ୍ୱାମୀ ତାଙ୍କୁ ଅନେକ ଦିନ ତଳୁ ଛାଡ଼ି ଚାଲିଯାଇଛନ୍ତି। ତାଙ୍କ ବାପା ଜଣେ ମସ୍ତିଷ୍କ ବିକୃତ ବ୍ୟକ୍ତି ଅଟନ୍ତି। ବାପାଙ୍କୁ ଦେଖାଶୁଣା କରୁଥିବା ସାନ ଭଉଣୀ ପାଖରେ ଅତି ଦୟନୀୟ ଅବସ୍ଥାରେ ରୁନିଲତା କାଳାତିପାତ କରୁଛନ୍ତି। ସେ ରହୁଥିବା ଚାଳଛପର ଘରଟି ପୋଡିଯିବା ପରେ ଏକ ନାଁ



ଚାଳିଆରେ ଜୀବନ ବିତାଉଛନ୍ତି। ସେହିପରି ଉକ୍ତ ଗ୍ରାମର ଟୁନିଆ ଲେଙ୍କା ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଇ ଝିଅପୁଅଙ୍କୁ ଧରି ଅତି ଅସହାୟ ଭାବେ ଏକ ଭଙ୍ଗା ଚାଳଘରେ ରହୁଛନ୍ତି। ଉକ୍ତ ଘରକୁ ଛପର କରିବାକୁ ଅସମର୍ଥ ହେବାରୁ ସ୍ଥାନୀୟ ଜଣେ ବ୍ୟକ୍ତି ରହିବା ପାଇଁ ପାଲ ଖଣ୍ଡେ ଦେଇଥିବାର ଟୁନିଆ ପ୍ରକାଶ କରିଛନ୍ତି। ଅନେକ ଥର ସରକାରୀ ବାବୁମାନେ ତାଙ୍କୁ ପକ୍କା ଘରଟିଏ ଦିଆଯିବ ବୋଲି କହିଥିଲେ ସୁଧା ତାଙ୍କୁ ଘରଟିଏ ମିଳୁନି ବୋଲି ଟୁନିଆ କହିଛନ୍ତି। ଅନ୍ୟପକ୍ଷେ ଏରଣ୍ଡପାଳ ଗ୍ରାମର ଭୂମିହୀନ ବ୍ୟକ୍ତି ଉର୍ବଶୀ ମହାନ୍ତିଙ୍କୁ ସରକାରଙ୍କ ବସୁନ୍ଧରା ଯୋଜନାରେ ୪ ଡେସିମିଲ ଜମି ଯୋଗାଇ ଦିଆଯାଇଛି। ବାରମ୍ବାର ତଦନ୍ତ

### ନିଜସ୍ୱ ଜମି ନଥିବାରୁ ପାଇପାରୁନାହାନ୍ତି ଘର

ହେଉଛି କିନ୍ତୁ ଘରଟିଏ ତାଙ୍କୁ ମିଳିପାରି ନାହିଁ ବୋଲି ଉର୍ବଶୀ ଅଭିଯୋଗ କରିଛନ୍ତି। ସେହିପରି ଚିକଣିଆ ଗ୍ରାମର ସସ୍ମିତା ମହାନ୍ତି ଓ ପଞ୍ଚାନନ ବେହେରାଙ୍କ ସମାନ ପରିସ୍ଥିତି ଥିବାବେଳେ ସେମାନଙ୍କୁ ଆବାସ ଯୋଜନାରୁ ବାଦ ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମର ଦଳିତ ବ୍ୟକ୍ତି ରଜିଆ କାଣ୍ଡି ଓ ଗଜିଆ କାଣ୍ଡିଙ୍କ ନାମରେ ଆବାସ ଯୋଜନାରେ ପକ୍କାଗୃହ ଆସିଥିବା ବେଳେ ସେମାନେ ଭୂମିହୀନ ହୋଇଥିବାରୁ ସେମାନେ ଘର କରିପାରୁ ନାହାନ୍ତି। ତହସିଲ ଓ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଘରଡିଅ ପାଇଁ ସେମାନେ ଆପତ୍ତି କରିଥିଲେ ସୁଧା ସେମାନଙ୍କୁ ଅଦ୍ୟାବଧି ଜମି ଦିଆଯାଉନଥିବାରୁ ପକ୍କାଗୃହ ଯୋଜନାରୁ ବଞ୍ଚିତ ହୋଇଥିବାର ଉଭୟ ରାଜିଆ ଓ ଗଜିଆ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ରାଜଲକ୍ଷ୍ମୀ ନାୟକ କୁହନ୍ତି ଯେ କୌଣସି ଅଭିଯୋଗ ମୋ ପାଖକୁ ଆସିନାହିଁ। ପୂର୍ବରୁ କରିଥିବା ଅଭିଯୋଗର ନକଲ ସହ ଅଭିଯୋଗକାରୀ ତାଙ୍କୁ ଦେଖାକଲେ ଏହାର ବ୍ୟବସ୍ଥା କରାଯିବ ବୋଲି ତହସିଲଦାର ନାୟକ ପ୍ରକାଶ କରିଛନ୍ତି। ସେହିପରି ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ବହୁ ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ତେବେ ଏହା କେବଳ ଗୋଟିଏ ପଞ୍ଚାୟତର ସମସ୍ୟା ନୁହେଁ ବୋଲି ବିଡିଓ ବେହେରା ସ୍ୱୀକାର କରିଥିଲେ। ଆବାସ ଯୋଜନାର ଫାଇନାଲ ଲିଷ୍ଟ ବାହାରିବା ପରେ ଯଦି ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ହୋଇଥିବେ ତାହାଲେ ସେମାନେ ପୁନର୍ବାର ଆବେଦନ କଲେ ଏହା ବିଚାରକୁ ନିଆଯିବ ବୋଲି ବିଡିଓ ବେହେରା ପ୍ରକାଶ କରିଛନ୍ତି। ସ୍ଥାନୀୟ ସରପଞ୍ଚ ବିଷ୍ଣୁଚରଣ ସେଠୀଙ୍କୁ ଏ ବିଷୟରେ ଯୋଗାଯୋଗ କରାଯାଇଥିଲା। ପ୍ରଶାସନ କେଉଁ ଆଧାରରେ କିମ୍ବା କାହାର ପ୍ରରୋଚନାରେ ଯୋଗ୍ୟ ବ୍ୟକ୍ତିଙ୍କୁ ବାଦ ଦେଲା ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସରପଞ୍ଚ ସେଠୀ ମତ ରଖିଛନ୍ତି, ଏହା ରାଜନୈତିକ ଆକ୍ରୋଶ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଅଭିଯୋଗ କରିଥିବା ଉପରୋକ୍ତ ସମସ୍ତ ବ୍ୟକ୍ତି ପକ୍କାଗୃହ ପାଇବା ପାଇଁ ଉପଯୁକ୍ତ ବୋଲି ସେ ଦୃଢତାର ସହ ପ୍ରକାଶ କରିଛନ୍ତି।

## ବ୍ରାଉନ ସୁଗର ଜବତ; ୨ ଗିରଫ




**ପାରାଦୀପ,୨୧।୮ (ସମିସ):** ପାରାଦୀପ ଲକ୍ ଥାନା ପୁଲିସ ଦୋଛକି ନିକଟରୁ ଦୁଇ ବ୍ରାଉନସୁଗର ବେପାରୀକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ଏନେଇ ପାରାଦୀପ ଲକ୍ ଥାନାରେ କେସ୍ ନମ୍ବର ୨୭୭ ଏନଡିପିଏସ୍ ଆଇନର ଧାରା ୨୧(ଖ) ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ପୁଲିସ ସୂଚନା ଅନୁଯାୟୀ ଆଜି ପୁଲିସ ଜିରୋ ପଏଣ୍ଟ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଦୁଇ ଜଣ ବ୍ରାଉନସୁଗର ବେପାରୀଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ହେଲେ ପାରାଦୀପ ଲକ ଥାନା ଅଧୀନ ଉଦୟଭଟ ଭିତରଗଡ଼ର କାହ୍ନା ମଣ୍ଡଳ ଓରଫ ଲାଲା (୩୫) ଓ ପାରାଦୀପ ଗଡର ଖିରୋଦ ଚନ୍ଦ୍ର ମାଝୀ ଓରଫ ଲିପୁ (୩୬)। ଯେକି ପାରାଦୀପ ମଧୁବନ ଏମଏ-୩୮୬ ରେ ରହୁଥିଲା। ଅଭିଯୁକ୍ତ କହ୍ନା ମଣ୍ଡଳ ଠାରୁ ୭.୧୮ ଗ୍ରାମର ବ୍ରାଉନସୁଗର ସହ ୭ଟି ନୀଳ ରଙ୍ଗର କାଗଜ ଚିଟ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ ହୋଇଥିବା ବେଳେ ଅଭିଯୁକ୍ତ ଖିରୋଦ ଚନ୍ଦ୍ର ମାଝୀ ଠାରୁ ୬.୪ଗ୍ରାମ ର ବ୍ରାଉନ ସୁଗାର ଜବତ ହେବା ସହ ୮ଟି ଲାଲ ରଙ୍ଗର କାଗଜ ଚିଟ୍ ଓ ଗୋଟିଏ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ଆଜି ଉଭୟଙ୍କୁ କୋର୍ଟକୁ ପଠା ଦିଆଯିବା ସହ ଆଇନ ଅନୁଯାୟୀ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି।

## ମହାନଦୀରୁ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

**ତିର୍ତ୍ତୋଲ,୨୧।୮ (ସମିସ):** ତିର୍ତ୍ତୋଲ ଥାନା ଅନ୍ତର୍ଗତ ରାହାମା ହରିପୁର ନିକଟ ମହାନଦୀ କୂଳରେ ଆଜି ପୂର୍ବାହ୍ନରେ ଜଣେ ଅଜଣା ବ୍ୟକ୍ତିର ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇଁ ଘଟଣାସ୍ଥଳରେ ତିର୍ତ୍ତୋଲ ଅଗ୍ନିଶମ ବାହିନୀ ଓ ତିର୍ତ୍ତୋଲ ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ଶବଟି ପଚି ଯାଇଥିବା ଜଣାପଡିଛି। ପରେ ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ଜଗତସିଂହପୁର ପଠାଇ ଥିଲେ। ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏପର୍ଯ୍ୟନ୍ତ ମୃତ ବ୍ୟକ୍ତିର ପରିଚୟ ମିଳି ପାରିନଥିବା ନେଇ ତିର୍ତ୍ତୋଲ ଥାନା ଅଧିକାରୀ ବଂଶୀଧର ପ୍ରଧାନ ସୂଚନା ଦେଇଛନ୍ତି।

## ଥାନା ପାଖରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ପାରାଦୀପ,୨୧।୮ (ସମିସ):** ପାରାଦୀପ ଆଦର୍ଶ ଥାନା ପାଚେରିକୁ ଲାଗି ଥିବା ପ୍ରେସ ଗ୍ୟାଲେରୀରୁ ଏକ ଯୁବକଙ୍କ ମୃତଦେହ ଆଜି ସକାଳେ ଆଦର୍ଶ ଥାନା ପୁଲିସ ଉଦ୍ଧାର କରିଛି। ମୃତ ଯୁବକ ହେଲେ ଖଗେଶ୍ୱର ନାୟକ (୨୭), ସେ ନୂଆବଜାର ଅଞ୍ଚଳରେ ରହି ଏକ ହୋଟେଲରେ କାମ କରୁଥିଲେ। ହେଲେ ଆଜି ସକାଳୁ ତାଙ୍କର ମୃତଦେହ ପଡିରହିଥିବା ଦେଖିବାକୁ ମିଳିଛି। ଅଧିକ ନିଶା ସେବନ କରି ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ମୃତ ର କାରଣ ଜଣାପଡିବ। ଆଜି ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତକଙ୍କ ବାପା ଜଣେ ବନ୍ଦରର ଡିଏଲଆର କର୍ମଚାରୀ ବୋଲି ଜଣାପଡିଛି।

## ଆବାସ ହିତାଧିକାରୀଙ୍କୁ ନ୍ୟାୟ ଦାବି



**ପାରାଦୀପ,୨୧।୮ (ସମିସ):** ଢିଙ୍କିଆ ଗ୍ରାମପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଜାଲିଆତି ହୋଇଥିବା ନେଇ ଅଭିଯୋଗ ଏବେ ସାମ୍ନାକୁ ଆସିଛି। ଉକ୍ତ ଯୋଜନାରୁ ବଞ୍ଚିତ ହୋଇଥିବା ଢିଙ୍କିଆ ଗ୍ରାମ ପଞ୍ଚାୟତର ଯୋଗ୍ୟ ହିତାଧିକାରୀ ମାନେ ଆଜି ଢିଙ୍କିଆ ପଞ୍ଚାୟତର ସରପଞ୍ଚଙ୍କ ସହିତ ଭେଟି ପଞ୍ଚାୟତ କାର୍ଯ୍ୟାଳୟରେ ଆଲୋଚନା କରିବା ସହିତ ଏରସମା ବ୍ଲକ ଉନ୍ନୟନ ଅଧିକାରୀଙ୍କ ନିକଟକୁ ଅଭିଯୋଗର ନକଲ ପଠାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପ୍ରକୃତ ହିତାଧିକାରୀ ଚୟନରେ ଅନିୟମିତତା ହେବା ଯୋଗୁଁ ବହୁ ପ୍ରକୃତ ଯୋଗ୍ୟ ଓ ଗରିବ ପରିବାର ତାଲିକାରୁ ବାଦ ପଡ଼ିଥିବା ବେଳେ, କେତେକ ପ୍ରଭାବଶାଳୀ/ଅଯୋଗ୍ୟ ବ୍ୟକ୍ତି ତାଲିକାରେ ସ୍ଥାନ ପାଇଥିବା ଅଭିଯୋଗ ରହିଛି। ଏହା ଗରିବ ଓ ପ୍ରକୃତ ଯୋଗ୍ୟ ପରିବାରଙ୍କ ପ୍ରତି ଘୋର ଅନ୍ୟାୟ। ତେଣୁ ତାଲିକାର ନିରପେକ୍ଷ ପୁନଃଯାଞ୍ଚ କରି, ଅଯୋଗ୍ୟଙ୍କୁ ବାଦ ଦେବା ସହିତ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏନେଇ ଗ୍ରାମପଞ୍ଚାୟତରୁ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀମାନଙ୍କର ଏକ ଦସ୍ତଖତ ପୃଷ୍ଠା ମଧ୍ୟ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଇଛି। ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ସୌଭାଗିନୀ ରାୟଙ୍କୁ ସରଳା ଦେବୀ ସ୍ମୃତି ସମ୍ମାନ



**ଜଗତସିଂହପୁର,୨୧।୮ (ସମିସ):** ଅବସରପ୍ରାପ୍ତ କୃତୀ ଶିକ୍ଷୟିତ୍ରୀ ତଥା ସାହିତ୍ୟିକା ସୌଭାଗିନୀ ରାୟ ରାଜ୍ୟସ୍ତରୀୟ ମର୍ଯ୍ୟାଦାଜନକ "ସରଳା ଦେବୀ ସ୍ମୃତି ସମ୍ମାନ' ଲାଭ କରିଛନ୍ତି। କଟକର ସାରଳା ଭବନରେ "ସରଳା ଦେବୀ ସ୍ମୃତି ସଂସଦ' ଓ "ଓଡ଼ିଶା ସାହିତ୍ୟ ଏକାଡେମୀ'ର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଲେଖିକା ଲୌହମାନବୀ ସରଳା ଦେବୀଙ୍କ ୧୨୨ତମ ଜୟନ୍ତୀ ସମାରୋହରେ ସେ ଏହି ସମ୍ମାନ ଲାଭ କରିଛନ୍ତି। ଉକ୍ତ ସଭାରେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା-ସଭାପତି ଡ. ଇଂ. ପ୍ରଭାକର ସ୍ୱାଇଁ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଜ୍ୟୋତ୍ସ୍ନା କେ.ବି. ରାଉତ, ଖବର କାଗଜ ସଂପାଦିକା ତନୟା ପଟ୍ଟନାୟକ, ପ୍ରାଧ୍ୟାପିକା ଡକ୍ଟର ବୈଜୟନ୍ତୀ ନାୟକ, 'ସରଳା ଦେବୀ ସ୍ମୃତି ସଂସଦ'ର ସଭାପତି ଆଇନଜୀବୀ ନିରଞ୍ଜନ ପଣ୍ଡା ଓ ସଂପାଦକ ଲକ୍ଷ୍ମୀ ପ୍ରକାଶ ମହାପାତ୍ର ପ୍ରମୁଖ ଶ୍ରୀମତୀ ରାୟଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ମାନିତ କରିଛନ୍ତି। ଏଯାବତ୍ ତାଙ୍କ ରଚିତ ବିଭିନ୍ନ କିସମର ୮୧ ଖଣ୍ଡ ପୁସ୍ତକ ପ୍ରକାଶ ପାଇଛି। ବିଶେଷକରି ସେ ସରଳା ଦେବୀଙ୍କ ଜୀବନର ବିବିଧ ଦିଗ ଉପରେ ଅନେକ ପତ୍ରପତ୍ରିକା ଓ ସଂକଳନରେ ଲେଖିବା ସହିତ ଏକ ପୁସ୍ତକ ମଧ୍ୟ ରଚନା କରିଛନ୍ତି। ଏସବୁ କ୍ଷେତ୍ରରେ ବିଶେଷ ପାରଦର୍ଶିତା ପାଇଁ ଏଥିପୂର୍ବରୁ ସେ ରାଜ୍ୟ ଓ ଜାତୀୟ ସ୍ତରୀୟ ବହୁ ମର୍ଯ୍ୟାଦାଜନକ ପୁରସ୍କାର, ସମ୍ମାନ ଓ ସମ୍ବର୍ଦ୍ଧନା ଲାଭ କରିଛନ୍ତି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜୀବ ଜୟନ୍ତୀ

**ଜଗତସିଂହପୁର,୨୧।୮ (ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ତଥା ସଦଭାବନା ଦିବସ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି। ସଭାପତି ଦେବ ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସ୍ୱର୍ଗତ ଗାନ୍ଧୀ ଦେଶ ପାଇଁ ଯେଉଁ ଦୂରଦୃଷ୍ଟି ରଖି କାର୍ଯ୍ୟ କରିଥିଲେ, ତାଙ୍କର ବଳିଦାନ ଓ ଅବଦାନ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଶିକ୍ଷାବିତ ତଥା ସମାଜସେବୀ ପ୍ରଭାତ ମହାପାତ୍ର, ଯୁବ ଶିକ୍ଷାବିତ ନିର୍ମଳ ସାହୁ ଓ ନବ ନିର୍ମାଣ କୃଷକ ସଂଗଠନର ରଘୁନାଥପୁର ବ୍ଲକ ସଂଯୋଜକ ଶରତ ମହାପାତ୍ର କଂଗ୍ରେସ ଦଳରେ ବିଧିବଦ୍ଧ ଭାବେ ଯୋଗଦାନ କରିଥିଲେ। ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ନାଥ କାଣ୍ଡି, ଅଶ୍ୱିନୀ ସ୍ୱାଇଁ, ବସନ୍ତ ଦାସ, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ବୃନ୍ଦାବନ ପ୍ରଧାନ, ଦିଲୀପ ମାହାର, ମାନସ ଗୋଛାୟତ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନି ଚରଣ ରାଉତ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, ରମେଶ ମାହାର, ଡ. ଜଗଦାନନ୍ଦ, ସତ୍ୟନାରାୟଣ ଦାଶ, ଦେବବ୍ରତ ମହାପାତ୍ର, ସ୍ମୃତି ରଞ୍ଜନ ମହାନ୍ତି, ଶେଖ ସଫାୟତ ଅଲ୍ଲୀ, ସେକ୍ ୟୁସୁଫ, ରାଜ କିଶୋର ସାହୁ, ଅମୀୟ କୁମାର ରଥ, ରାଜେନ୍ଦ୍ର ସ୍ୱାଇଁ, ବିଭୂତି ଭୂଷଣ ଲେଙ୍କା, ପିତାମ୍ବର ସେଠି, ଶିବ ପ୍ରସାଦ ରାୟ, ଉମେଶ ସ୍ୱାଇଁ, ମନୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାଲିକୁଦା ଗାନ୍ଧୀଙ୍କୁ ମରଣୋତ୍ତର ସମ୍ମାନ



**ଜଗତସିଂହପୁର,୨୧।୮ (ସମିସ):** ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଜଗତସିଂହପୁର ମାଟିର ଅବଦାନ ଚିର ସ୍ମରଣୀୟ। ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ ଏବଂ ପ୍ରାଣକୃଷ୍ଣ ପଢ଼ିହାରୀ ପ୍ରଭୃତି ସଂଗ୍ରାମୀ ମାନଙ୍କ ତ୍ୟାଗ, ଦେଶଭକ୍ତି ଏବଂ ସେବା ଆଜି ମଧ୍ୟ ସେମାନଙ୍କୁ ଅମର କରି ରଖିଛି। ସେହିପରି ବାଲିକୁଦାର ଗାନ୍ଧୀ ଭାବେ ପରିଚିତ ଭଗବାନ ସିଂଡୋଳ ଗ୍ରାମର ସଂଗ୍ରାମୀ ବିଶ୍ୱନାଥ ଦାସ ଛାତ୍ର ଜୀବନରୁ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଏକାଧିକ ଥର ଜେଲ ଯାଇଥିଲେ। ଏହି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାସଙ୍କୁ ସମ୍ବଲପୁରଠାରେ ଥିବା ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ମରଣୋତ୍ତର ଭାବେ ସମ୍ବର୍ଦ୍ଧିତ କରାଯାଇଛି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କ ତ୍ୟାଗ ଓ ଦେଶ ମାତୃକାର ସେବାକୁ ସମ୍ମାନ ଜଣାଇବା ସ୍ୱରୂପ ତାଙ୍କ ଆବର୍ତ୍ତମାନରେ ତାଙ୍କର ଦାୟଦ ଭାବରେ ତାଙ୍କ ପୁଅ ନରେନ୍ଦ୍ର କୁମାର ଦାସଙ୍କୁ ଏହି ଭବ୍ୟ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଭବ୍ୟ ଉତ୍ସବରେ ବିଶ୍ୱନାଥ ଦାସଙ୍କ ଜୀବନ ଗରିମା ଉପରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ଆଲୋକପାତ କରିବା ସହ ତାଙ୍କ ୧୦୬ ବର୍ଷ ଜୀବନକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ ବୋଲି ପ୍ରକାଶ କରିଥିଲେ। ସେହିପରି ଏହି ଭବ୍ୟ ଉତ୍ସବରେ ବୀର ସହିଦ ବାଜି ରାଉତ ଏବଂ ଜଗତସିଂହପୁର ମାଟିର ବହ୍ନି କନ୍ୟା ସଂଗ୍ରାମୀ ସରଳା ଦେବୀଙ୍କ ଦେଶଭକ୍ତି ଓ ସମାଜସେବା ସମ୍ପର୍କରେ ଆଲୋଚନା କରାଯିବା ସହିତ ସେହି ବୀର ସହିଦ ତଥା ମହିୟସୀ ମହିଳାଙ୍କ ଦାୟଦଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଶେଷରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟର ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଶିଶୁ ଉଦ୍ୟାନରେ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ

**ଜଗତସିଂହପୁର,୨୧।୮ (ସମିସ):** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଜଗତସିଂହପୁରଠାରେ ପାଳିତ ହୋଇଯାଇଛି। ଜଗତସିଂହପୁର ସହରର ଚର୍ଚ୍ଚିକା ବଜାର ସ୍ଥିତ ରାଜୀବ ଗାନ୍ଧୀ ଶିଶୁ ଉଦ୍ୟାନ ପରିସରରେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ କଂଗ୍ରେସ କର୍ମୀମାନେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ ଅର୍ପଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ବରିଷ୍ଠ କଂଗ୍ରେସ ନେତା ଆଡଭୋକେଟ୍ ଦୁଃଖିଶ୍ୟାମ ଦାସ, ଶିକ୍ଷାବିତ୍ ଗୌରାଙ୍ଗ ଚରଣ ଦାସ, ଯୁବ କଂଗ୍ରେସ ନେତା ଜ୍ଞାନ ରଞ୍ଜନ ଜେନା, ଅବନୀକାନ୍ତ ମହାରଣା, ଚିତ୍ତରଞ୍ଜନ ସ୍ୱାଇଁ, ସୁକାନ୍ତ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ସ୍ୱାଇଁ, ବଗୁଲା ରାୟ, ଶଙ୍କରେଶ୍ୱର ଦାସ, ରାଜକିଶୋର ସାହୁ, ଈଶ୍ୱର ସ୍ୱାଇଁ, ଛାତ୍ର ନେତା ପଙ୍କଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ପିସିଏଲ୍ ସିଜନ- ୫ର ଖେଳାଳି ନିଲାମ




**ଜଗତସିଂହପୁର,୨୧।୮ (ସମିସ):** ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ପୁରୁଣାଗଡ଼ କ୍ରିକେଟ୍ ଲିଗ୍ (ପିସିଏଲ୍) ସିଜନ-୫ର ଖେଳାଳି ନିଲାମ ପ୍ରକ୍ରିୟା ସଫଳତାର ସହ ଶେଷ ହୋଇଛି। ଚଳିତ ସଂସ୍କରଣରେ ମୋଟ ୭ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ସେଗୁଡ଼ିକ ହେଲେ ପିସିସି ଲିଟିଲ୍ ଜିଆଣ୍ଟ, ପିସିସି ୱାରିଅର, ପିସିସି କୋବ୍ରା, ପିସିସି ଭିକ୍ଟରୀ ଭାଇପର୍, ପିସିସି ଡାର୍ଲିଙ୍ଗ ଡେଭିଲ୍ସ, ଓସିଏ ୱାରିଅର୍ସ ଏବଂ ପିସିସି ସନ୍ସେନ୍ସ ସ୍ପୋର୍ଟି। ଏଥର ନିଲାମ ପ୍ରକ୍ରିୟାରେ ପ୍ରାୟ ୩୦୦ ଜଣ ଖେଳାଳି ନିଜ ନାମ ପଞ୍ଜୀକରଣ କରିଥିବା ବେଳେ, ସେମାନଙ୍କ ମଧ୍ୟରୁ ୧୨୦ ଜଣ ଖେଳାଳି ବିଭିନ୍ନ ଦଳ ଦ୍ୱାରା ଚୟନ ହୋଇଛନ୍ତି। ଆସନ୍ତା ଦଶହରା ପର୍ବ ଅବସରରେ ଏହି ବହୁ ପ୍ରତୀକ୍ଷିତ କ୍ରିକେଟ୍ ଲିଗ୍ ଆୟୋଜିତ ହେବାକୁ ଯାଉଛି। କେବଳ ଜଗତସିଂହପୁର ଜିଲ୍ଲା ନୁହେଁ, ବରଂ ଅନ୍ୟାନ୍ୟ ଜିଲ୍ଲାରୁ ମଧ୍ୟ ପ୍ରତିଭାବାନ ଖେଳାଳିମାନେ ଏଥିରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଛି। ଯାହା ଦ୍ୱାରା କ୍ରିକେଟ୍ ପ୍ରତିଭାର ବିକାଶ ସହିତ ଖେଳାଳିମାନଙ୍କ ମଧ୍ୟରେ ସ୍ନେହ, ସୌହାର୍ଦ୍ଦ ଓ ଭ୍ରାତୃତ୍ୱର ସମ୍ପର୍କ ଆହୁରି ସୁଦୃଢ଼ ହୋଇପାରିଛି। ଲିଗର ମୂଳ ଉଦ୍ଦେଶ୍ୟ ହେଉଛି ନୂତନ ଏବଂ ଲୁକ୍କାୟିତ କ୍ରିକେଟ୍ ପ୍ରତିଭାଙ୍କୁ ଚିହ୍ନଟ କରି ସେମାନଙ୍କୁ ଏକ ଉଚିତ ମଞ୍ଚ ପ୍ରଦାନ କରିବା। ଜଗତସିଂହପୁର ଜିଲ୍ଲାର ଅନ୍ୟତମ ପୁରାତନ କ୍ରିକେଟ୍ ସଂଗଠନ ପିସିସି କ୍ଲବର କର୍ମକର୍ତ୍ତା ସମ୍ବିତ, ଶିବପ୍ରସାଦ, ଶୈଳେନ୍ଦ୍ର, ସଞ୍ଜୟ, ବଣ୍ଟିଲ, ସତ୍ୟ, ଗିରିଜା, ରାଜେଶ, ମନୋଜ, ଶିବୁଲ, ତନ୍ମୟ, ସନ୍ତୋଷ, ଆନନ୍ଦ ଓ ଜୟପ୍ରକାଶ ପ୍ରକାଶ କରିଛନ୍ତି ଯେ, ଆଗାମୀ ଦିନରେ ମଧ୍ୟ ଏହି ଲିଗ୍ ମାଧ୍ୟମରେ ଅଧିକରୁ ଅଧିକ ଯୁବ ପ୍ରତିଭାଙ୍କୁ ସୁଯୋଗ ପ୍ରଦାନ କରାଯିବ।

## ୨ ବାଇକ୍ ସହ ବ୍ରାଉନସୁଗର ଓ ବିଦେଶୀମଦ ଜବତ

**ଜଗତସିଂହପୁର/ବାଲିକୁଦା,୨୧।୮ (ସମିସ)**

ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅନ୍ତର୍ଗତ ଭାରିଗଡ ଗ୍ରାମର ବାଲିଯାତ୍ରା ପଡିଆ ନିକଟରେ ଥିବା ଗଣେଷ ମନ୍ଦିର ସମ୍ମୁଖରୁ ଜଣେ ନିଶା ମାଫିଆଙ୍କୁ କାବୁ କରିଛି ବାଲିକୁଦା ଅବକାରୀ ଥାନା। ଯାଞ୍ଚ ପରେ ତାଙ୍କ ପାଖରୁ ୮୦ ଗ୍ରାମର ହେରୋଇନ୍ ଏବଂ ନିଶା ବେପାରରେ ବ୍ୟବହାର ହେଉଥିବା ବାଇକ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ବାଲିକୁଦା ଥାନା ଅଞ୍ଜିରା ଗ୍ରାମର ମୁସ୍ତାଫା ଶା ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାଙ୍କୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇ ଥିଲା। ସବୁବେଳେ ଅବକାରୀ ବିଭାଗକୁ ଚକମା ଦେଇ ଖସିଯାଉଥିବା ବେଳେ ଆଜି କିନ୍ତୁ ତାଙ୍କୁ ଅବକାରୀ ବିଭାଗ କାବୁ କରିନେଇଥିଲା। ଏକ ଗୁଇନ୍ଦା ସୂତ୍ରକୁ ଆଧାର କରି ତାଙ୍କୁ ଧରିବା ପାଇଁ ବାଲିକୁଦା ଅବକାରୀ ଥାନାର ସବ- ଇନ୍ସପେକ୍ଟର ନରେଶ କୁମାର ପଣ୍ଡାଙ୍କ ନେତୃତ୍ୱରେ ବାଲିକୁଦା ଅବକାରୀ ଥାନାର ଷ୍ଟାଫମାନଙ୍କୁ ନେଇ ଏକ ଟିମ ଗଠନ କରି ଭାରିଗଡ ଗ୍ରାମ ଠାରେ ଛଦ୍ମ ବେଶରେ ଜଗି ରହିଥିଲେ। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ଅଭିଯୁକ୍ତ ଜଣକ ହେରୋଇନ୍ ଆଣି ଶୋଭା ବଜାରରେ ପହଞ୍ଚିବା କ୍ଷଣି ପୂର୍ବରୁ ଛକି ରହିଥିବା ଅବକାରୀ ବିଭାଗର କର୍ମଚାରୀମାନେ ତାଙ୍କୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୮୦ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଥିଲା ଯାହାର ଆନୁମାନିକ କଳାବଜାରୀ ମୂଲ୍ୟ ୮ ଲକ୍ଷ ଟଙ୍କା ହେବାର ଶ୍ରୀ ପଣ୍ଡା ଗଣମାଧ୍ୟମକୁ କହିଛନ୍ତି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଯାଇଛି। ଏହି ଅଭିଯାନରେ କନେଷ୍ଟବଳ ନବଘନ ମାରାଣ୍ଡି, ପ୍ରତିମା ଜେନା, କଲ୍ୟାଣୀ ସେଠୀ ପ୍ରମୁଖ ସାମିଲ ଥିଲେ। ସେହିପରି ଅନ୍ୟ ଏକ ଘଟଣାକ୍ରମେ ଜଗତସିଂହପୁର ଅବକାରୀ ରେଞ୍ଜର ଇନ୍ସପେକ୍ଟର କ୍ଷିତିଶ ଦାସ ଷ୍ଟାଫମାନଙ୍କ ସହ ଆଜି ସକାଳେ ବାଲିକୁଦା ଅଞ୍ଚଳରେ ପାଟ୍ରୋଲିଂ



କରୁଥିବାବେଳେ ବାଲିକୁଦା ଥାନା ସିଂହାରପୁର ଗ୍ରାମର ସୁଜିତ କୁମାର ବେହେରା (୩୬) ଏକ ହିରୋ ହୋଣ୍ଡା ମୋଟର ସାଇକେଲ ରେ ବିଦେଶୀମଦ ନେଇ ବିକ୍ରି କରିବା ଉଦ୍ଦେଶ୍ୟରେ ଯାଉଥିବାବେଳେ ଗୋପାଳପୁର କେନାଲ ରାସ୍ତାରେ ତାଙ୍କୁ ଅଟକାଇଥିଲେ। ଯାଞ୍ଚ ପରେ ଆସାମୀଙ୍କ ନିକଟରୁ ୪ଲିଟର ୬୮୦ ମିଲିର ବିଦେଶୀମଦ ଜବତ କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ପୁଅକୁ ବଞ୍ଚାଇବାକୁ ଯାଇ ପିତାଙ୍କ ମୃତ୍ୟୁ; ଦୁଃଖରେ ପାହାଡ଼ରୁ ଡେଇଁଲେ ମା'

ଛତ୍ରପତି ସମ୍ଭାଜୀନଗର, ୨୧।୮(ଏଜେନ୍ସି): ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରେ ଏକ ଅତ୍ୟନ୍ତ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ପାହାଡ଼ ଉପରୁ ପୁଅକୁ ଆତ୍ମହତ୍ୟା କରିବାରୁ ବଞ୍ଚାଇବାକୁ ଯାଇ ପିତା ନିଜ ଜୀବନ ହରାଇଥିବା ବେଳେ, ଏହା ସହିପାରି ନ ପାରି ମା' ମଧ୍ୟ ପାହାଡ଼ରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଟିସଗାଓଁ ଅଞ୍ଚଳରେ ଥିବା ଖାଡ଼ିଆ ପାହାଡ଼ରେ ଏହି ଅଘଟଣ ଘଟିଛି। ୧୯ ବର୍ଷୀୟ ଯୁବକ କୁନାଲ ଚାନ୍ଦଗୁଡ଼େ ଶୁକ୍ରବାର ସକାଳ ପ୍ରାୟ ୧୦ଟା ସମୟରେ ପାହାଡ଼ ଉପରକୁ ଚଢ଼ି ଆତ୍ମହତ୍ୟା କରିବାର ଧମକ ଦେଉଥିଲା। ସୂଚନା ମୁତାବକ, ଏକ ମୋବାଇଲ୍ ଫୋନ୍ କିଣିବାକୁ ନେଇ ପରିବାରରେ କଥା କଟାକଟି ହେବାରୁ ସେ ଅଭିମାନ କରି ଏପରି ଚରମ ନିଷ୍ପତ୍ତି

## ମୋବାଇଲ ଫୋନ୍ ହେଲା କାଳ

ନେଇଥିଲା। କୁନାଲକୁ ବୁଝାଇବା ପାଇଁ ପିତା ମୁରଲୀଧର (୪୮) ଏବଂ ମା' ସଙ୍ଗୀତା ଘଟଣାସ୍ଥଳରେ ପହଞ୍ଚିଥିଲେ। ଗ୍ରାମବାସୀ ଏବଂ ପୁଲିସ ମଧ୍ୟ ତାକୁ ବୁଝାଇବାକୁ ଚେଷ୍ଟା କରିଥିଲେ। ତାକୁ ନୂଆ ମୋବାଇଲ୍ ଦେବାର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା, କିନ୍ତୁ କୁନାଲ କାହାର କଥା ଶୁଣି ନଥିଲା। ସେଠାରେ ଉପସ୍ଥିତ ଅଗ୍ନିଶମ ବାହିନୀ ପାହାଡ଼ ତଳେ ଏକ ନେଟ୍ (ଜାଲ) ବିଛାଇଥିଲେ, କିନ୍ତୁ କୁନାଲ ପାହାଡ଼ର ଏପଟ ସେପଟ ହୋଇ ନିଜର ସ୍ଥାନ ବଦଳାଉଥିବାରୁ ତାକୁ ଉଦ୍ଧାର କରିବା ସମ୍ଭବ ହୋଇନଥିଲା। ଶେଷ ୧୫-୨୦ ମିନିଟ୍ ସମୟରେ, ପିତା କୁନାଲକୁ ଧରିବା ପାଇଁ ଅତି ନିକଟକୁ ଯାଇଥିଲେ। ସେହି ସମୟରେ କୁନାଲ ପାହାଡ଼ରୁ ଖସି ପଡ଼ିଥିଲା। ପୁଅକୁ ଧରିବାକୁ ଯାଇ ପିତା ମୁରଲୀଧର ମଧ୍ୟ ନିଜର ଭାରସାମ୍ୟ ହରାଇ ତା' ସହିତ ଗଭୀର ଖାଲକୁ ପଡ଼ିଯାଇଥିଲେ। ଉଭୟଙ୍କ ମୃତ୍ୟୁ ଘଟଣାସ୍ଥଳରେ ହୋଇଥିଲା। ନିଜ ଆଖି ଆଗରେ ସ୍ୱାମୀ ଓ ପୁଅକୁ ହରାଇ ମା' ସଙ୍ଗୀତା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ସେ ମଧ୍ୟ ପାହାଡ଼ରୁ ଡେଇଁ ପଡ଼ିଥିଲେ ଏବଂ ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଏହି ଘଟଣାର ଏକ ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ପୁଲିସ ଏହି ମାମଲାର ତଦନ୍ତ କରୁଛି। ଗୋଟିଏ ପରିବାରର ତିନି ଜଣ ସଦସ୍ୟଙ୍କ ମୃତ୍ୟୁ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।



# ପେଲେଟ୍ ଗନ୍ ମାଡ଼ରେ ଆହତ ଛାତ୍ରଙ୍କ ପାଇଁ ରାହୁଲଙ୍କ ଧାରଣା

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ଛାତ୍ର ଆନ୍ଦୋଳନ ସମୟରେ ପେଲେଟ୍ ବନ୍ଧୁକ ବ୍ୟବହାରକୁ ନେଇ କେନ୍ଦ୍ର ସରକାରଙ୍କୁ ଘେରିଛନ୍ତି ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ଆହତ ଛାତ୍ର ସାହିଲ ଲୋଚବଙ୍କୁ ସାଥିରେ ନେଇ ରାହୁଲ ଗାନ୍ଧୀ ସଂସଦ ମାର୍ଗ ଥାନା ବାହାରେ ଧାରଣାରେ ବସିଛନ୍ତି। ପୁଲିସ ଏଫ୍‌ଆଇଆର୍ ପଞ୍ଜୀକରଣ କରିବାକୁ ମନା କରିବାରୁ ସେ ଏହି ଚରମ ନିଷ୍ପତ୍ତି ନେଇଛନ୍ତି। ଗତ

## ଏଫ୍‌ଆଇଆର୍ ଦାବିରେ ଅଡ଼ିବସିଲେ

ଜୁଲାଇ ୨୦ରେ ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ବେଳେ ସାହିଲ ଲୋଚବ ନାମକ ଜଣେ ଛାତ୍ରଙ୍କ ଉପରକୁ ପେଲେଟ୍ ଗନ୍ ମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ରାହୁଲ ଗାନ୍ଧୀଙ୍କ ଅଭିଯୋଗ ଅନୁଯାୟୀ, ସାହିଲଙ୍କ ଶରୀରରେ ପ୍ରାୟ ୨୦୦ଟି ଧାତବ ଗୁଳି (ପେଲେଟ୍) ଲାଗି ରହିଛି ଏବଂ ତାଙ୍କର ଗୋଟିଏ ଆଖିରେ ୩ଟି ପେଲେଟ୍ ଫସି ରହିବାରୁ ଦୃଷ୍ଟିଶକ୍ତି ହରାଇବାର ଆଶଙ୍କା ରହିଛି।



ଏହାର ପ୍ରମାଣ ସ୍ୱରୂପ ସେ ଏମ୍ସ୍ ଏବଂ ଲେଡ଼ି ହାର୍ଡିଞ୍ଜ ମେଡ଼ିକାଲ କଲେଜର ରିପୋର୍ଟ ମଧ୍ୟ ଦେଖାଇଛନ୍ତି। ଏହି ଘଟଣାକୁ ନେଇ ବିଜେପି ସାଂସଦ ରବିଶଙ୍କର ପ୍ରସାଦ ରାହୁଲ ଗାନ୍ଧୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଏହା ଏକ ପ୍ରକାରର 'ଅରାଜକତା ରାଜନୀତି'। ବିଜେପି ମୁଖପାତ୍ରଙ୍କ କହିବା ଅନୁଯାୟୀ, ସୁପ୍ରିମକୋର୍ଟ ଏହି ମାମଲାର ତଦନ୍ତ ପାଇଁ ପୂର୍ବରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି ଏବଂ ପୁଲିସ ମଧ୍ୟ ଏହାର ତଦନ୍ତ କରୁଛି। ତେଣୁ ଏହି ପ୍ରତିବାଦ କେବଳ ଅନ୍ୟ ଏକ ବିବାଦରୁ ଧ୍ୟାନ ହଟାଇବା ପାଇଁ ଏକ କୌଶଳ ବୋଲି ସେ ଦର୍ଶାଇଛନ୍ତି। ଦିଲ୍ଲୀ ପୁଲିସ ଛାତ୍ରଙ୍କ ଉପରେ ପେଲେଟ୍ ବନ୍ଧୁକ ବ୍ୟବହାର କରିଥିବା କଥାକୁ ଅସ୍ୱୀକାର କରିଛି। ତେବେ ରାହୁଲ ଗାନ୍ଧୀ ଲଗାତାର ଭାବେ ଗୃହ ମନ୍ତ୍ରୀଙ୍କୁ ଚିଠି ଲେଖି ଏହି 'ବର୍ବରୋଚିତ ଆକ୍ରମଣ' ପାଇଁ ଜବାବ ମାଗିଛନ୍ତି। ପେଲେଟ୍ ବନ୍ଧୁକର ସଠିକ୍ ବ୍ୟବହାର ନିୟମ ଅନୁଯାୟୀ, ଏହାକୁ ଅତି କମରେ ୫୦୦ ଫୁଟ ଦୂରରୁ ଏବଂ କେବଳ ଅଣ୍ଟା ତଳକୁ ଲକ୍ଷ୍ୟ କରି ଫାୟାର କରିବା କଥା। କିନ୍ତୁ ସାହିଲଙ୍କ କ୍ଷେତ୍ରରେ ଯାହା ହୋଇଛି, ତାହାକୁ ନେଇ ଏବେ ଚର୍ଚ୍ଚା ସରଗରମ ହୋଇଛି। ଏହି ଆନ୍ଦୋଳନରେ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଯୋଗଦେଇଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ସେମାନେ ଧାରଣାରୁ ହଟିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି।

# ଗାନ୍ଧୀଙ୍କ ଲିଖିତ ଦୈନିକ ଚିନ୍ତନ ୧୬.୨ କୋଟିରେ ନିଲାମ

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ମହାତ୍ମା ଗାନ୍ଧୀଙ୍କ ସତ୍ୟ, ଆତ୍ମସଂଯମ ଓ ଅହିଂସା ଉପରେ ଲିଖିତ ଦୈନିକ ଚିନ୍ତନର ସଂକଳନ ନିଲାମରେ ୧୬.୨୦ କୋଟି ଟଙ୍କାରେ ବିକ୍ରି ହୋଇଛି। ଏହା ନିଲାମରେ ବିକ୍ରି ହୋଇଥିବା କୌଣସି ଭାରତୀୟ ଐତିହାସିକ ଦଲିଲର ସର୍ବାଧିକ ମୂଲ୍ୟ ବୋଲି କୁହାଯାଉଛି। 'ଏ ଥଟ୍ ଫର୍ ଦ ଡେ' ନାମରେ ସଂକଳିତ ଏହି ଦଲିଲରେ ୨୩ ମାସ ମଧ୍ୟରେ ଗାନ୍ଧୀ ଲେଖିଥିବା ୬୮୮ଟି ତାରିଖଯୁକ୍ତ ଚିନ୍ତନ ରହିଛି। ଏଥିରେ ତାଙ୍କ ନୈତିକ ଚିନ୍ତାଧାରା ଓ ବ୍ୟକ୍ତିଗତ ମାର୍ଗଦର୍ଶନର ଝଲକ ମିଳେ। ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ଓ ଶିଷ୍ୟ ଆନନ୍ଦ ଟି ହିଙ୍ଗୋରାଣୀ ୧୯୩୦ରେ ତାଙ୍କୁ ପ୍ରଥମେ ଭେଟିଥିଲେ। ସେ ସାବରମତୀ ଆଶ୍ରମରେ ଗାନ୍ଧୀଙ୍କ ସହ କାମ କରିବା ସହ ଦାଣ୍ଡି ଯାତ୍ରା, ଅସହଯୋଗ ଓ ଭାରତ ଛାଡ଼ ଆନ୍ଦୋଳନରେ ଭାଗ ନେଇଥିଲେ। ପରବର୍ତ୍ତୀ ସମୟରେ ସେ ଗାନ୍ଧୀଙ୍କ ଲେଖାର ପ୍ରକାଶକ ଓ ସଂରକ୍ଷକ ହୋଇଥିଲେ। ଏହି ସଂକଳନ ସହ ଗାନ୍ଧୀଙ୍କ ଭଗବାନ ଓ ଭଗବଦ୍‌ଗୀତା ସମ୍ପର୍କିତ ତିନିଟି ହସ୍ତଲିଖିତ ଦଲିଲ ୧.୬୮ କୋଟି ଟଙ୍କାରେ ଏବଂ ତାଙ୍କ ଚରଖା ଓ ଦୁଇଟି ପତ୍ର ୧.୦୨ କୋଟି ଟଙ୍କାରେ ନିଲାମ ହୋଇଛି। ଗାନ୍ଧୀଙ୍କ ଚିନ୍ତନର ଏହି ଦୁର୍ଲଭ ସଂକଳନ ତାଙ୍କ ବ୍ୟକ୍ତିଗତ ଜୀବନ ଓ ଆଦର୍ଶର ଏକ ମୂଲ୍ୟବାନ ଐତିହାସିକ ଦଲିଲ ଭାବେ ଗୁରୁତ୍ୱ ବହନ କରୁଛି।

# ଜୟପୁରରେ ସିଜେପି ମୁଖପାତ୍ରଙ୍କୁ ମାଡ଼

ଜୟପୁର, ୨୧।୮(ଏଜେନ୍ସି): ରାଜସ୍ଥାନର ଜୟପୁରରେ ସିଜେପି ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନରେ ଯାଇଥିବା ବେଳେ ସେମାନଙ୍କ ଉପରେ ଆକ୍ରମଣ ହୋଇଛି। ଶୁକ୍ରବାର ସକାଳ ରଙ୍କା ରାମପୁରା କନୱରପୁରାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲେ। ଗ୍ରାମବାସୀ ସେମାନଙ୍କୁ ସେଠାରୁ ବଳପୂର୍ବକ ବାହାର କରିଦେଇଥିଲେ। ଏହି ସମୟରେ ଗାଡ଼ି ଉପରକୁ ପଥର ମାଡ଼ ହୋଇଥିଲା ଏବଂ ମହିଳା ସମର୍ଥକଙ୍କ ଉପରକୁ କାଦୁଅ ଫିଙ୍ଗାଯାଇଥିଲା। ଏହି ଘଟଣାରେ ୫ ଜଣ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ୭ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଆଶୁତୋଷ ରଙ୍କା ଏହି ଆକ୍ରମଣ ପାଇଁ ବିଜେପିର କର୍ମୀମାନଙ୍କୁ ଦାୟୀ କରିଛନ୍ତି। ସେ କହିଛନ୍ତି, 'ଏହି ଘଟଣା ଶିକ୍ଷା ମନ୍ତ୍ରୀ ମଦନ ଦିଲାୱାରଙ୍କ ଇଙ୍ଗିତରେ ହୋଇଛି।' ସେ ସରକାରଙ୍କୁ ୪୮ ଘଣ୍ଟିଆ ଚେତାବନୀ ଦେଇଛନ୍ତି ଯେ, ଯଦି ଆକ୍ରମଣକାରୀଙ୍କୁ ଗିରଫ କରାନଯାଏ ଏବଂ ସ୍କୁଲ୍ ପରିଦର୍ଶନ ବନ୍ଦ ନିର୍ଦ୍ଦେଶ ପ୍ରତ୍ୟାହାର କରାନଯାଏ, ତେବେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ। କଂଗ୍ରେସ ରାଜ୍ୟ ସଭାପତି ଗୋବିନ୍ଦ ସିଂହ ଦୋତାସରା ମଧ୍ୟ ଏହି ଘଟଣାରେ ଭାଜପା କର୍ମୀଙ୍କ ହାତ ଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ, ଜଣେ ଗ୍ରାମବାସୀ ଜୁଗଲ କିଶୋର ଶର୍ମା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ ସେମାନେ କୌଣସି ଆକ୍ରମଣ କରିନାହାନ୍ତି। ସିଜେପି କର୍ମୀମାନେ ନିଜେ ଗାଡ଼ି ଭାଙ୍ଗିଥିଲେ। ଗ୍ରାମବାସୀଙ୍କ କହିବା କଥା, ସ୍କୁଲ୍ ମରାମତି ପାଇଁ ସରକାରୀ ପାଣ୍ଠି ମଞ୍ଜୁର ହୋଇସାରିଛି, ତେଣୁ ବାହାରର ଲୋକଙ୍କର ଏଠାରେ କୌଣସି ଆବଶ୍ୟକତା ନାହିଁ। ଉକ୍ତ ସ୍କୁଲ୍ ବିଲ୍ଡିଂଟି ବହୁତ ପୁରୁଣା ଏବଂ ବିପଦସଙ୍କୁଳ ହୋଇପଡ଼ିଥିବାରୁ ଏହାକୁ ବନ୍ଦ କରି ଦିଆଯାଇଛି।

# ଆମେରିକାରେ ବିମାନ ଦୁର୍ଘଟଣା; ୮ ମୃତ

ଜୁନୋ (ଆଲାସ୍କା), ୨୧।୮(ଏଜେନ୍ସି): ଆମେରିକାର ଆଲାସ୍କା ପ୍ରଦେଶରେ ଏକ ମର୍ମନ୍ତୁଦ ବିମାନ ଦୁର୍ଘଟଣା ଘଟିଛି। ଆଲାସ୍କାର କେପ୍ ନିଉଏନହମ୍‌ସ୍ଥିତ ଏକ ଦୂରବର୍ତ୍ତୀ ରାଡାର ସାଇଟ୍ ନିକଟରେ ଏକ ଚାର୍ଟର୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୮ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଦୁର୍ଘଟଣାଗ୍ରସ୍ତ ବିମାନଟି ଆଙ୍କରେଜରୁ ଉଡ଼ାଣ ଭରିଥିଲା। ଏଥିରେ ଦୁଇଜଣ ପାଇଲଟ ଏବଂ ଛଅଜଣ ଯାତ୍ରୀ ଥିଲେ। ଗୁରୁବାର ଅପରାହ୍ନରେ କେପ୍ ନିଉଏନହମ୍ ଲଙ୍ଗ୍ ରେଞ୍ଜ୍ ରାଡାର ସାଇଟ୍ ବିମାନବନ୍ଦରରେ ଅବତରଣ କରିବା ସମୟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ଉଦ୍ଧାରକାରୀ ଦଳ ପହଞ୍ଚି ମୃତଦେହଗୁଡ଼ିକୁ ଉଦ୍ଧାର କରିଥିଲେ। ଦୁର୍ଘଟଣାର କାରଣ ସମ୍ପର୍କରେ ଜାତୀୟ ପରିବହନ ସୁରକ୍ଷା ବୋର୍ଡ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

# ଚିନି ଦର ବୃଦ୍ଧି ନେଇ ବିହାର ମନ୍ତ୍ରୀଙ୍କ ମଧୁମେହ ଆଳ

ପାଟନା, ୨୧।୮(ଏଜେନ୍ସି): ବିହାରରେ ଚିନି ଦର ବୃଦ୍ଧିକୁ ନେଇ ଏବେ ରାଜନୈତିକ ବୟାନବାଜି ଜୋର ଧରିଛି। ରାଜ୍ୟରେ ଚିନି ଦର କିଲୋଗ୍ରାମ ପିଛା ୪୮-୫୦ ଟଙ୍କାରୁ ବଢ଼ି ୬୫ ଟଙ୍କା ପାର କରିଥିବା ବେଳେ ଏହାକୁ ନେଇ ବିହାର ମନ୍ତ୍ରୀ ଶ୍ରବଣ କୁମାର ଏକ ଅଦ୍ଭୁତ ଏବଂ ବିଚିତ୍ର ଯୁକ୍ତି ବାଢ଼ିଛନ୍ତି। ମନ୍ତ୍ରୀ ଶ୍ରବଣ କୁମାର କହିଛନ୍ତି, 'ଏବେ ସମସ୍ତେ ମଧୁମେହ ବା ଡାଇବେଟିସ୍‌ରେ ପୀଡ଼ିତ, ତେଣୁ ଲୋକେ ଚିନି କମ୍ ଖାଉଛନ୍ତି। ଏହି ମୂଲ୍ୟ ବୃଦ୍ଧି ଲୋକଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ, ତେଣୁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ।' ଅନ୍ୟପକ୍ଷରେ, ଅନ୍ୟଜଣେ ମନ୍ତ୍ରୀ ବିଜୟ କୁମାର ସିହ୍ନା ମୂଲ୍ୟ ବୃଦ୍ଧିକୁ ସମର୍ଥନ କରି କହିଛନ୍ତି ଯେ, କୃଷକଙ୍କ ଉତ୍ପାଦର ଦାମ୍ ବଢ଼ିଲେ ସେ ବ୍ୟକ୍ତିଗତ ଭାବେ ଖୁସି ହୁଅନ୍ତି। ତେବେ ଏହି ଦର ବୃଦ୍ଧିର କାରଣ ଖୋଜାଯିବ ବୋଲି ସେ ପ୍ରକାଶ କରିଛନ୍ତି। ମନ୍ତ୍ରୀଙ୍କ ଏହି ଅଜବ ଯୁକ୍ତିକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି ସ୍ୱାଧୀନ ସାଂସଦ ପପୁ ଯାଦବ। ଏହି ସରକାର ହିଁ ସବୁଠାରୁ ବଡ଼ ମଧୁମେହ। ମନ୍ତ୍ରୀଙ୍କଠାରୁ ଏଭଳି ଅପରିପକ୍ୱ ବୟାନ ବ୍ୟତୀତ ଆଉ କଣ ଆଶା କରାଯାଇପାରେ ବୋଲି ସେ କହିଛନ୍ତି।

## ୟେମେନ ଓ ସୋମାଲିଆ ଉପକୂଳରେ ୨ ଜାହାଜ ଅପହରଣ

# ୨୨ ଭାରତୀୟଙ୍କ ସମେତ ୩୦ କର୍ମଚାରୀ ବନ୍ଧକ



ନୂଆଦିଲ୍ଲୀ, ୨୧।୮ (ଏଜେନ୍ସି): ୟେମେନ ଓ ସୋମାଲିଆର ସମୁଦ୍ର ଉପକୂଳରୁ ୨ଟି ବ୍ୟବସାୟିକ ଜାହାଜକୁ ସଶସ୍ତ୍ର ଜଳଦସ୍ୟୁମାନେ ଅପହରଣ କରିଛନ୍ତି। ୨ଟି ଜାହାଜରେ ମୋଟ ୨୨ ଜଣ ଭାରତୀୟ ନାବିକ ବନ୍ଧକ ରହିଥିବା ଜଣାପଡ଼ିଛି। ଗତ ଅଗଷ୍ଟ ୧୭ରେ ସୋମାଲିଆର ପୁଣ୍ଟଲ୍ୟାଣ୍ଡ ଉପକୂଳରୁ କାମେରୁନ ପତାକାଧାରୀ ଏମଭି ଲୁଟୁଫ୍ ଜାହାଜକୁ ୮ ଜଣ ସଶସ୍ତ୍ର ଜଳଦସ୍ୟୁ ଅପହରଣ କରିଛନ୍ତି। ଏହି ଜାହାଜରେ ୬ ଜଣ ଭାରତୀୟ ନାବିକଙ୍କ ସହିତ ୧୦ କର୍ମଚାରୀ ରହିଛନ୍ତି। ଜାହାଜରେ ଜଣେ ତୁର୍କୀ ନାଗରିକ, ଜଣେ ଜର୍ଜିଆ ଏବଂ ଦୁଇ ଜଣ ସର୍ବିୟାର ସୁରକ୍ଷାକର୍ମୀ ମଧ୍ୟ ରହିଛନ୍ତି। ଜଳଦସ୍ୟୁମାନେ ଏହି ଜାହାଜକୁ ଅକ୍ତିଆରକୁ ନେଇ ଗାରମାଲ ଅଞ୍ଚଳ ଆଡ଼କୁ ନେଇଯାଇଥିଲେ। ସେହିପରି, ଅଗଷ୍ଟ ୨୦ରେ ଏରିଟ୍ରିଆ ପତାକାଧାରୀ ତେଲ ଟ୍ୟାଙ୍କର ଏମଟି ସିବୁ ୧କୁ ୟେମେନର ଏଡେନ ଗଲ୍‌ଫରୁ ୬ ଜଣ ଜଳଦସ୍ୟୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି। ସେଥିରେ ୧୬ ଜଣ ଭାରତୀୟ ନାବିକଙ୍କ ସମେତ ୨୦ ଜଣ କର୍ମଚାରୀ ଅଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ସିରିଆ, ଜଣେ ସୁଦାନ ଓ ଜଣେ ଇରାକର ହୋଇଥିବା ବେଳେ ଅନ୍ୟମାନଙ୍କର ପରିଚୟ ମିଳିପାରି ନାହିଁ। ଏନେଇ ସରକାର ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ସମ୍ପର୍କରେ ରହିଥିବା ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ ପ୍ରକାଶ କରିଛନ୍ତି। ନାବିକମାନଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ସମସ୍ତ ପ୍ରୟାସ ଜାରି ରହିଛି।

## ● କୋର୍ଟଙ୍କ ବଡ଼ ରାୟ

# ୨୦୧୭ ପୁଲିସ ଆକ୍ରମଣ ମାମଲାରୁ ୨୭ ଡେରା ସଚ୍ଚା ସୌଦା ଅନୁଗାମୀ ନିର୍ଦ୍ଦୋଷରେ ଖଲାସ

ଚଣ୍ଡୀଗଡ଼, ୨୧।୮(ଏଜେନ୍ସି): ହରିଆଣାର କୈଥଲ ଜିଲ୍ଲା କୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ୨୦୧୭ ମସିହାରେ ପୁଲିସ ଦଳ ଉପରେ ଆକ୍ରମଣ, ଗୁଳିଚାଳନା ଏବଂ ସରକାରୀ ଗାଡ଼ି ଭଙ୍ଗାରୁଜା ମାମଲାରେ ଅଭିଯୁକ୍ତ ଥିବା ୨୭ ଜଣ ଡେରା ସଚ୍ଚା ସୌଦା ଅନୁଗାମୀଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୭ ଅଗଷ୍ଟ ୨୫ରେ କୋଟଡା ଗ୍ରାମରେ ଏକ ପୁଲିସ ଦଳ ଉପରେ ହୋଇଥିବା ଆକ୍ରମଣକୁ ନେଇ ଏହି ମାମଲା ରୁଜୁ ହୋଇଥିଲା। ଅଭିଯୋଗ ମୁତାବକ, ପ୍ରାୟ ୬୦ରୁ ୭୦ ଜଣ ଲୋକ ଅସ୍ତ୍ରଶସ୍ତ୍ର ଏବଂ ପେଟ୍ରୋଲ ବୋତଲ ଧରି ପୁଲିସ ଉପରେ ଆକ୍ରମଣ କରିଥିଲେ। ଏହି ଘଟଣାରେ ଅନେକ ପୁଲିସ କର୍ମଚାରୀ ଆହତ ହୋଇଥିଲେ ଏବଂ ପରବର୍ତ୍ତୀ ସମୟରେ ଉକ୍ତ ଗୋଷ୍ଠୀ ଏକ ବିଦ୍ୟୁତ କେନ୍ଦ୍ରରେ ନିଆଁ ଲଗାଇବା ସହ ଗ୍ରାମବାସୀଙ୍କ ସହ ସଂଘର୍ଷ କରିଥିଲେ। ଏହି ମାମଲାର ଶୁଣାଣି ସମୟରେ କୋର୍ଟ ୩୮ ଜଣ ସାକ୍ଷୀଙ୍କୁ ପରୀକ୍ଷା କରିଥିଲେ। ତେବେ ଉପସ୍ଥାପିତ ପ୍ରମାଣ ଏବଂ ସାକ୍ଷ୍ୟ ଅଭିଯୁକ୍ତମାନଙ୍କ ବିରୋଧରେ ଦୋଷ ସାବ୍ୟସ୍ତ କରିବା ପାଇଁ ଯଥେଷ୍ଟ ନୁହେଁ ବୋଲି ବିଚାରପତି କାଞ୍ଚନ ମାହି ତାଙ୍କ ରାୟରେ ଦର୍ଶାଇଛନ୍ତି। କୋର୍ଟ ସମସ୍ତ ୨୭ ଜଣଙ୍କୁ ଦୋଷମୁକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ବିଚାର ପ୍ରକ୍ରିୟା ଚାଲିଥିବା ବେଳେ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କ ମୃତ୍ୟୁ ଘଟିଥିଲା।

# କେନ୍ଦ୍ର ଦେଲାନି ଅନୁମତି; ଆମେରିକା ଯାଇପାରିଲେନି ରେବନ୍ତ



ହାଇଦରାବାଦ୍, ୨୧।୮(ଏଜେନ୍ସି): ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀଙ୍କ ଆମେରିକା ଗସ୍ତ ବାତିଲ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କ ଗସ୍ତକୁ ଅନୁମତି ମିଳିନଥିବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଲଣ୍ଡନ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ସେଠାରୁ ଆମେରିକା ଯିବା ପାଇଁ ଯୋଜନା କରିଥିଲେ, କିନ୍ତୁ କେନ୍ଦ୍ରର ମନା କାରଣରୁ ସେ ଅଗଷ୍ଟ ୨୩ରେ ସିଧା ହାଇଦ୍ରାବାଦ ଫେରିବେ। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ଯେ, ରାଜ୍ୟ ସରକାରଙ୍କ 'ତେଲଙ୍ଗାନା ରାଇଜିଂ' ତଥା ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ଏହି ଗସ୍ତର ଯୋଜନା କରାଯାଇଥିଲା। କେବଳ ବ୍ରିଟେନ ଗସ୍ତ ପାଇଁ ଅନୁମତି ମିଳିଥିବା ବେଳେ ଆମେରିକା ପାଇଁ ରାଜନୈତିକ କାରଣ ଦର୍ଶାଇ ଅନୁମତି ଦିଆଯାଇନାହିଁ। ଏହି ସ୍ଥିତିରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସେ କେନ୍ଦ୍ରର ନିଷ୍ପତ୍ତିକୁ ସମ୍ମାନ ଜଣାଇ ନିଜର ଆମେରିକା ଗସ୍ତକୁ ବାତିଲ କରିଛନ୍ତି। ତେବେ ରାଜ୍ୟର ଅଧିକାରୀମାନେ ଆମେରିକା ଗସ୍ତ କରି ସେଠାରେ ନିର୍ଦ୍ଧାରିତ ବୁଝାମଣାପତ୍ର (ଏମଓୟୁ) ଏବଂ ଅଂଶୀଦାର ଚୁକ୍ତିଗୁଡ଼ିକୁ ସମ୍ପନ୍ନ କରିବେ। ସେ ଲଣ୍ଡନର ଅକ୍ସଫୋର୍ଡ, କେମ୍ବ୍ରିଜ ଏବଂ ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଗସ୍ତ କରିବାର ଯେଉଁ କାର୍ଯ୍ୟକ୍ରମ ରହିଛି, ତାହା ଅବ୍ୟାହତ ରହିବ। ହାଇଦରାବାଦକୁ ଏକ ବିଶ୍ୱସ୍ତରୀୟ ଶିକ୍ଷା ଏବଂ ଦକ୍ଷତା ହବ୍‌ରେ ପରିଣତ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନଗୁଡ଼ିକୁ ଭାରତ ଓ ତେଲେଙ୍ଗାନାକୁ ଆଣିବା ଆମର ଲକ୍ଷ୍ୟ।'

## ● ଲଦାଖ ହିଂସା ମାମଲା

# ୨୫ ଜଣଙ୍କ ବିରୋଧରେ ମାମଲା ପ୍ରତ୍ୟାହାର

ଶ୍ରୀନଗର, ୨୧।୮(ଏଜେନ୍ସି): ଲଦାଖର ଲେହଠାରେ ଗତ ବର୍ଷ ସେପ୍ଟେମ୍ବର ୨୪ରେ ଘଟିଥିବା ହିଂସାକାଣ୍ଡ ପରେ ଗିରଫ ହୋଇଥିବା କିଛି ବ୍ୟକ୍ତିଙ୍କ ବିରୋଧରେ ରୁଜୁ ମାମଲାକୁ ପ୍ରତ୍ୟାହାର କରିବାକୁ ଲଦାଖ ପ୍ରଶାସନ ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତି ଫଳରେ ମୋଟ ୨୫ ଜଣଙ୍କ ବିରୋଧରେ ଥିବା ମାମଲା ପ୍ରତ୍ୟାହାର କରାଯିବ। କାରଗିଲ ଡେମୋକ୍ରାଟିକ୍ ଆଲାଇନ୍ସ (କେଡିଏ) ଏବଂ ଲେହ ଆପେକ୍ସ ବଡି (ଏଲଏବି)ର ପ୍ରତିନିଧିମାନେ କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଅଧିକାରୀଙ୍କୁ ଭେଟିବା ପରଦିନ ଏହି ଘୋଷଣା କରାଯାଇଛି। ଲଦାଖର ମୁଖ୍ୟ ସଚିବ ଆଶିଷ କୁନ୍ଦ୍ରା କହିଛନ୍ତି ଯେ, ଗତ ବର୍ଷ ପ୍ରାୟ ୮୭ ଜଣଙ୍କୁ ଗିରଫ କରାଯାଇଥିଲା, ସେଥିମଧ୍ୟରୁ ୯ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ ହୋଇଛି। ଅନ୍ୟମାନଙ୍କ ମଧ୍ୟରୁ ୨୫ ଜଣଙ୍କ ବିରୋଧରେ ମାମଲା ପ୍ରତ୍ୟାହାର କରିବାକୁ ଉପ-ରାଜ୍ୟପାଳଙ୍କ ସହ ଆଲୋଚନା ପରେ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ, ଗତ ବର୍ଷ ଲଦାଖକୁ ରାଜ୍ୟ ପାହ୍ୟା ଏବଂ ଷଷ୍ଠ ଅନୁସୂଚୀ ଅନ୍ତର୍ଭୁକ୍ତ କରିବା ଦାବିରେ ହୋଇଥିବା ବିକ୍ଷୋଭ ହିଂସାତ୍ମକ ରୂପ ନେଇଥିଲା, ଯେଉଁଥିରେ ପୁଲିସ ଗୁଳିଚାଳନା ଯୋଗୁଁ ୪ ଜଣଙ୍କ ମୃତ୍ୟୁ ହୋଇଥିଲା।

# ମନରେଗା ଥିଲା ଜନହିତକର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ଦେଶର ପୂର୍ବତନ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଯୋଜନା (ମନରେଗା)କୁ ଏକ ଜନହିତକର ଯୋଜନା ଭାବେ ଉଚ୍ଚ ପ୍ରଶଂସା କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ଖଣ୍ଡପୀଠ ମନରେଗାକୁ ଉତ୍ତମ ଓ ପ୍ରଭାବଶାଳୀ ଯୋଜନା କହିବା ସହ ଗ୍ରାମାଞ୍ଚଳରେ ଏହାର ଉପଯୋଗୀତାକୁ ପ୍ରଶଂସା କରିଛନ୍ତି। ଏହାକୁ ମାଗଣା ସହାୟତା (ଫ୍ରିବି) କିମ୍ବା ଗ୍ରାମୀଣ ଶ୍ରମିକଙ୍କ ଶୋଷଣ ବୋଲି କୁହାଯାଇ ପାରବ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ମଜୁରି ପ୍ରଦାନରେ ବିଳମ୍ବ ଓ ଏହାର କ୍ଷତିପୂରଣ ସମ୍ପର୍କରେ ସାମାଜିକ କର୍ମୀ ଅରୁଣା ରାୟ ଏକ ଆବେଦନ ଦାଖଲ କରିଥିଲେ। ଏହି ମାମଲାର ଶୁଣାଣି ବେଳେ କୋର୍ଟ ଆଜି ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ ଗ୍ରାମୀଣ କାର୍ଯ୍ୟର ସାମ୍ବିଧାନିକ ଗ୍ୟାରେଣ୍ଟିକୁ ସମ୍ବିଧାନର ଧାରା ୨୧ (ଜୀବନ ଧାରଣର ଅଧିକାର) ଅଧୀନରେ ଏକ ମୌଳିକ ଅଧିକାର ଭାବେ ମାନ୍ୟତା ଦେବାକୁ ଦାବି କରିଥିଲେ। ତେବେ ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଥିଲେ ଯେ ସମ୍ବିଧାନରେ କାର୍ଯ୍ୟ କରିବାର ଅଧିକାରକୁ ମୌଳିକ ଅଧିକାର କରାଯାଇନାହିଁ, ଏହା ଏକ ଗଣତାନ୍ତ୍ରିକ ଆକାଂକ୍ଷା ମାତ୍ର। ସୂଚନାଯୋଗ୍ୟ, ମନରେଗା ବଦଳରେ ନୂଆ ଆଇନ ଭିବି ଜି ରାମଜି କାର୍ଯ୍ୟକାରୀ ହୋଇଛି। ଏହା ଅଧୀନରେ କାର୍ଯ୍ୟଦିବସକୁ ବାର୍ଷିକ ୧୦୦ ରୁ ୧୨୫ ଦିନକୁ ବୃଦ୍ଧି କରାଯାଇଛି। ମାତ୍ର ଏହାଦ୍ୱାରା ନିଯୁକ୍ତି ସୃଷ୍ଟିରେ ୫୦% ହ୍ରାସ ଘଟିଥିବା ସିଭିଲ ରାଇଟ୍ସ ଗ୍ରୁପ୍ ଦାବି କରିଛନ୍ତି। ପ୍ରଶାନ୍ତ ଭୂଷଣ ଦର୍ଶାଇଥିଲେ ଯେ ଏହି ନୂଆ କେନ୍ଦ୍ରୀୟ ଆଇନ ଯୋଗୁଁ ରାଜ୍ୟଗୁଡ଼ିକ ଉପରେ ପାଣ୍ଠି ଭାଗିଦାରୀ ବୋଝ ୯୦:୧୦ ରୁ ୬୦:୪୦ କୁ ବୃଦ୍ଧି ପାଇଛି। ଏହାଦ୍ୱାରା ରାଜ୍ୟଗୁଡ଼ିକରେ ଅର୍ଥାଭାବ ଦେଖାଦେଇଛି ଓ ନିଯୁକ୍ତି ସୃଷ୍ଟି ହ୍ରାସ ପାଇଛି। ତେବେ ଏହି ପ୍ରସଙ୍ଗଗୁଡ଼ିକର ନୂତନ ଆଇନ ପରିପ୍ରେକ୍ଷୀରେ ନୂଆ ତଥ୍ୟ ଓ ପରିସଂଖ୍ୟାନ ଆଧାରରେ ପୁନଃ ସମୀକ୍ଷା କରାଯିବା ଆବଶ୍ୟକ ବୋଲି ଜଷ୍ଟିସ ଭି. ମୋହନା କହିଛନ୍ତି।

# ପେରୁରେ ୬.୭ ତୀବ୍ରତାର ଶକ୍ତିଶାଳୀ ଭୂକମ୍ପ

ଲିମା, ୨୧।୮(ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ ପେରୁରେ ଗୁରୁବାର ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୭ ମାପ କରାଯାଇଛି। ସୌଭାଗ୍ୟବଶତଃ ଏହି ପ୍ରାକୃତିକ ବିପର୍ଯ୍ୟୟରେ କୌଣସି ଜୀବନହାନି କିମ୍ବା ବଡ଼ ଧରଣର ସମ୍ପତ୍ତି ନଷ୍ଟ ହୋଇଥିବା ନେଇ ଖବର ମିଳିନାହିଁ। ସ୍ଥାନୀୟ ସମୟ ଦିନ ୧ଟା ସମୟରେ ଏହି ଭୂକମ୍ପ ଘଟିଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ପେରୁର ଆୟାକୁଚୋ ଅଞ୍ଚଳର ପାରିନାକୋଚାସ୍ ପ୍ରଦେଶର ଉପାହୁଆଚୋଠାରୁ ୩୮ କିଲୋମିଟର ଉତ୍ତର-ପଶ୍ଚିମ ଦିଗରେ ଥିଲା। ଏହାର ଗଭୀରତା ଭୂପୃଷ୍ଠଠାରୁ ପ୍ରାୟ ୬୬.୭ କିଲୋମିଟର ତଳେ ଥିଲା ବୋଲି ଜଣାପଡ଼ିଛି। ଇକା ଏବଂ ଆରେକୁଇପା ଭଳି ଅଞ୍ଚଳରେ ମଧ୍ୟ କମ୍ପନ ଅନୁଭୂତ ହୋଇଥିଲା। ଭୂକମ୍ପ ଯୋଗୁଁ ଆଣ୍ଡିଜ ପର୍ବତମାଳା ଅଞ୍ଚଳରେ ପଥର ଖସିଥିବା ଦେଖିବାକୁ ମିଳିଥିଲା। ପେରୁ 'ପାସିଫିକ୍ ରିଙ୍ଗ୍ ଅଫ୍ ଫାୟାର୍'ରେ ଅବସ୍ଥିତ ଥିବାରୁ ଏଠାରେ ପ୍ରାୟତଃ ଭୂକମ୍ପ ହୋଇଥାଏ।

# ହର୍ମୁଜ୍‌ରେ ଭାରତୀୟ ନାବିକଙ୍କ ଉପରେ ଆକ୍ରମଣ

ନୂଆଦିଲ୍ଲୀ, ୨୧।୮(ଏଜେନ୍ସି): ବିଶ୍ୱର ସାମୁଦ୍ରିକ ମାର୍ଗରେ କାର୍ଯ୍ୟରତ ଭାରତୀୟ ନାବିକମାନେ ଏବେ ବଡ଼ ଧରଣର ସୁରକ୍ଷା ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଇରାନ ଏବଂ ଆମେରିକା-ଇସ୍ରାଏଲ ମଧ୍ୟରେ ଚାଲିଥିବା ସଂଘର୍ଷ କାରଣରୁ ହର୍ମୁଜ ପ୍ରଣାଳୀ ଏକ ରଣକ୍ଷେତ୍ରରେ ପରିଣତ ହୋଇଛି। ଏହି ସଙ୍କଟମୟ ସ୍ଥିତିରେ ଏପ୍ରିଲ ମାସରେ ୨୧ ଜଣ ଭାରତୀୟ ନାବିକଙ୍କୁ ନେଇ ଯାଉଥିବା ଏକ କଣ୍ଟେନର ଜାହାଜ ଉପରେ ହୋଇଥିବା ଆକ୍ରମଣର ଏକ ଭୟଙ୍କର ଭିଡିଓ ଏବେ ସାମ୍ନାକୁ ଆସିଛି। ଫରୱାର୍ଡ ସିମେନ୍ସ ୟୁନିଅନ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରକାଶିତ ଏହି ଭିଡିଓରେ ଦେଖିବାକୁ ମିଳିଛି ଯେ, ପାନାମା ପତାକାଧାରୀ ଜାହାଜଟିକୁ ଇରାନର ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କୋର୍ସର ବୋଟ୍‌ଗୁଡ଼ିକ ଘେରିଯାଇଥିଲେ। ସେଠାରେ ଉତ୍ତେଜନା ଏତେ ବୃଦ୍ଧି ପାଇଥିଲା ଯେ ଆକ୍ରମଣକାରୀମାନେ ରକେଟ୍ ପ୍ରୋପେଲଡ୍ ଗ୍ରେନେଡ୍ ବ୍ୟବହାର କରିଥିଲେ।

## ସାମ୍ନାକୁ ଆସିଲା ଭୟଙ୍କର ଭିଡିଓ

ଜୀବନ ବଞ୍ଚାଇବା ପାଇଁ ଭାରତୀୟ ନାବିକମାନେ ଜାହାଜ ଭିତରେ ଲୁଚିବାକୁ ବାଧ୍ୟ ହୋଇଥିଲେ। ଭାଗ୍ୟବଶତଃ ଏହି ଘଟଣାରେ ସମସ୍ତ ୨୧ ଜଣ ଭାରତୀୟ ସୁରକ୍ଷିତ ଥିଲେ। ଗତ କିଛି ମାସ ମଧ୍ୟରେ ଏହି ଅଞ୍ଚଳରେ ହୋଇଥିବା ଆକ୍ରମଣରେ ଅନେକ ନାବିକଙ୍କ ମୃତ୍ୟୁ ହୋଇଥିବାରୁ ଭାରତ ସରକାର ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଡିରେକ୍ଟୋରେଟ୍ ଜେନେରାଲ୍ ଅଫ୍ ସିପିଂ ପକ୍ଷରୁ ସମସ୍ତ ଜାହାଜ ମାଲିକ ଓ ନିଯୁକ୍ତି ସଂସ୍ଥାଙ୍କୁ ଏକ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ସଂଘର୍ଷ ପ୍ରଭାବିତ ହର୍ମୁଜ ପ୍ରଣାଳୀ ଏବଂ ପାରାସ୍ୟ ଉପସାଗର ଦେଇ ଯାଉଥିବା ଜାହାଜରେ ଭାରତୀୟ ନାବିକଙ୍କୁ ନିୟୋଜିତ ନ କରିବାକୁ ପରାମର୍ଶ ଦିଆଯାଇଛି। ଏଥିସହିତ ଜାହାଜର କ୍ୟାପଟେନମାନଙ୍କୁ ସୁରକ୍ଷା ସମ୍ବନ୍ଧୀୟ ସତର୍କତା ଅବଲମ୍ବନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୮୪୮ - ଆମେରିକା ନ୍ୟୁମେକ୍ସିକୋ ସହ ବୁଝାମଣା କଲା।
- ୧୯୧୦- ଜାପାନ କୋରିଆ ଉପରେ କବ୍‌ଜା କଲା।
- ୧୯୬୯ - ଆମେରିକାରେ ଆସିଥିବା ତୋଫାନ ଯୋଗୁଁ ୨୫୫ ଜଣଙ୍କ ମୃତ୍ୟୁ।
- ୧୯୭୯ - ରାଷ୍ଟ୍ରପତି ନୀଲମ୍ ସଞ୍ଜୀବ ରେଡ୍ଡୀ ଲୋକସଭା ଭଙ୍ଗ କଲେ।
- ୧୯୯୬- ମାଡ୍ରାସ ନାମ ବଦଳାଯାଇ ଚେନ୍ନାଇ ରଖାଗଲା।



# ସୈଫ୍‌ଙ୍କ ନାୟିକା ହେବେ କିଆରା

ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନୀ ଏବେ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଟକ୍ସିକ୍'କୁ ନେଇ ବେଶ୍ ଚର୍ଚ୍ଚାରେ ଅଛନ୍ତି। ୟଶ୍‌ଙ୍କ ସହ ତାଙ୍କର ଇଣ୍ଟିମେଣ୍ଟ ସିନ୍‌କୁ ନେଇ ସାମାଜିକ ଗଣମାଧ୍ୟମରେ ଜୋରଦାର ଚର୍ଚ୍ଚା ମଧ୍ୟ ହେଉଛି। ବର୍ତ୍ତମାନ ଏହି ଚଳଚ୍ଚିତ୍ର ପରେ କିଆରାଙ୍କ ହାତକୁ ଆଉ ଏକ ବଡ଼ ଫିଲ୍ମ ଆସିଛି। ଏଥିରେ କିଆରାଙ୍କ ବିପକ୍ଷରେ ସୈଫ୍ ଅଲ୍ଲୀ ଖାନ୍ ନଜର ଆସିବେ। ତେବେ ସୈଫ୍ ଏବଂ କିଆରା ପ୍ରଥମ ଥର ପାଇଁ ଏକାଠି ସ୍କ୍ରିନ୍ ସେୟାର୍ କରିବାକୁ ଯାଉଛନ୍ତି। ଏହା ଏକ ସୁପର୍ ନାଚ୍ୟୁରାଲ ଥ୍ରୀଲର୍ ଫିଲ୍ମ ହେବ ବୋଲି ଜଣାପଡ଼ିଛି। ଏଯାବତ୍ ଫିଲ୍ମର ନାମ ଦିଆଯାଇ ନାହିଁ। କନିକା ଢିଲୋନ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଫରହାନ ଅଖତର ଏବଂ ରିତେଶ ସିଧୱାନୀଙ୍କ କମ୍ପାନି ଏକ୍ସେଲ ଏଣ୍ଟରଟେନମେଣ୍ଟ ଏହାର ପ୍ରଯୋଜନା ଦାୟିତ୍ୱରେ ରହିଛି। କୁହାଯାଉଛି ଯେ, ନିର୍ମାତାମାନେ ଚଳିତବର୍ଷ ଶେଷ ସୁଦ୍ଧା ଏହାର ସୁଟିଂ ଆରମ୍ଭ କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏବେ ଏହାର କାହାଣୀ ଲେଖା ଚାଲିଛି। କିଆରାଙ୍କ କାମ କଥା କହିବାକୁ ଗଲେ, ସେ ଖୁବ୍‌ଶୀଘ୍ର 'ଟକ୍ସିକ୍'ରେ ନଜର ଆସିବେ। ଏହାବାଦ୍ ସେ 'ନୋ ଏଣ୍ଟ୍ରି ୨'ରେ ମଧ୍ୟ କାମ କରୁଛନ୍ତି। ସେହିଭଳି ସୈଫ୍‌ଙ୍କ କାମ କଥା କହିବାକୁ ଗଲେ ଖୁବ୍‌ଶୀଘ୍ର ସେ 'ହୈବାନ' ଫିଲ୍ମରେ ନଜର ଆସିବେ। ଏଥିରେ ଲିଡ୍ ରୋଲରେ ଅକ୍ଷୟ କୁମାର ନଜର ଆସିବେ। ଏହାବାଦ୍ ସେ 'ଦେବରା ପାର୍ଟ ୨'ରେ ମଧ୍ୟ ଦେଖାଯିବେ।

# ପୋଷାକ ସଫା କରିବାକୁ ୯୦ ଲକ୍ଷ



ବିଶ୍ୱରେ ଏମିତି କିଛି ଅଜବ ଚାକିରି ଅଛି, ଯାହା ବିଷୟରେ ଶୁଣିଲେ ବେଶ୍ ଆଶ୍ଚର୍ଯ୍ୟ ଲାଗିଥାଏ। ଏହି କାମଗୁଡ଼ିକ ଯେତିକି ବିଚିତ୍ର, ଏଥିପାଇଁ ମିଳୁଥିବା ଦରମା ମଧ୍ୟ ସେତିକି ଆଶ୍ଚର୍ଯ୍ୟଜନକ। ନିକଟରେ ସୋସିଆଲ ମିଡିଆରେ ଏମିତି ଏକ ଅଜବ ଚାକିରିର ବିଜ୍ଞାପନ ଭାଇରାଲ ହେବାରେ ଲାଗିଛି। ଲଣ୍ଡନରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ତାଙ୍କର ଡିଜାଇନର୍ ପୋଷାକଗୁଡ଼ିକ ଧୋଇବା ଏବଂ ସେଗୁଡ଼ିକ ସାଇତି ରଖିବା ପାଇଁ ବାର୍ଷିକ ପ୍ରାୟ ୯୦ ଲକ୍ଷ ଟଙ୍କାର ଚାକିରି ଅଫର୍ ଦେଇଛନ୍ତି। ବ୍ରିଟେନର 'ଦ ଲେଡି' ପତ୍ରିକାରେ ଏହି ଚାକିରିର ବିଜ୍ଞାପନ ପ୍ରକାଶ ପାଇଛି। ବିଜ୍ଞାପନ ଅନୁଯାୟୀ, ମନୋନୀତ ବ୍ୟକ୍ତିଙ୍କୁ କେବଳ ପୋଷାକ ଧୋଇବା ନୁହେଁ, ବରଂ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇବାକୁ ପଡ଼ିବ। ବ୍ୟବସାୟୀଙ୍କ ଦାମୀ ଡିଜାଇନର୍ ପୋଷାକଗୁଡ଼ିକୁ ଧୋଇବା ସହ ଯାତ୍ରା ସମୟରେ ତାକୁ ସୂଚାରୁରୂପେ ସଜାଡ଼ି ରଖିବାକୁ ହେବ। ମାଲିକଙ୍କ ପାଇଁ ଦାମୀ ବେଣ୍ଟଲେ କାର୍ ଚଲାଇବାକୁ ହେବ। ଏହାବାଦ୍ ଘରର ଛୋଟମୋଟ ଦୈନନ୍ଦିନ କାମ କରିବା ସହ ସ୍ନାକ୍ସ କିମ୍ବା କିଛି ସାଧାରଣ ଖାଦ୍ୟ ପ୍ରସ୍ତୁତ କରିବାକୁ ହେବ। ମାଲିକଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ପାର୍ଟିରେ ଅତିଥିମାନଙ୍କୁ ସେବା ଯୋଗାଇ ଦେବାକୁ ହେବ। ଏହି ସମସ୍ତ କାମ ଜଣେ ବ୍ୟକ୍ତିଙ୍କୁ ଏକାକୀ କରିବାକୁ ପଡ଼ିବ ନାହିଁ, ବରଂ ସେ ଆଉ ଜଣେ ସହଯୋଗୀଙ୍କ ସହ ମିଶି ଏହି ଦାୟିତ୍ୱଗୁଡ଼ିକ ବାଣ୍ଟିନେବେ। ମୋଟାମୋଟି କହିବାକୁ ଗଲେ, ଏହା କେବଳ ପର୍ସନାଲ ଆସିଷ୍ଟାଣ୍ଟର ଚାକିରି ନୁହେଁ, ବରଂ ଏଥିରେ ଡ୍ରାଇଭର, ହାଉସକିପର୍ ଏବଂ ୱାର୍ଡରୋବ୍ ମ୍ୟାନେଜରର ଭୂମିକା ମଧ୍ୟ ସାମିଲ ରହିଛି। ଏହି ବ୍ୟବସାୟୀ ଜଣକ ବର୍ଷ ସାରା ବିଭିନ୍ନ ଦେଶକୁ ବ୍ୟବସାୟିକ ଯାତ୍ରା କରୁଥିବାରୁ, ଲଣ୍ଡନରେ କେବଳ ୯୦ ଦିନ ହିଁ ରହନ୍ତି। ବାକି ସମୟ ସେ ବିଶ୍ୱ ଭ୍ରମଣରେ ଥାଆନ୍ତି, ତେଣୁ ଚୟନ ହେବାକୁ ଥିବା କର୍ମଚାରୀଙ୍କୁ ମଧ୍ୟ ତାଙ୍କ ସହ ବିଦେଶ ଯାତ୍ରା କରିବାକୁ ପ୍ରସ୍ତୁତ ରହିବାକୁ ହେବ। ଚାକିରି ପାଇଁ ଆବେଦନ କରୁଥିବା ବ୍ୟକ୍ତି ଜଣକ ଶାରୀରିକ ଭାବେ ଫିଟ୍ ଥିବା ଆବଶ୍ୟକ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ବ୍ୟବସାୟୀଙ୍କ ବ୍ୟକ୍ତିଗତ ଜୀବନ କିମ୍ବା ଘରର କୌଣସି ବି ତଥ୍ୟ ଯେପରି ବାହାରକୁ ନ ଯାଏ, ସେଥିପ୍ରତି କଡ଼ା ନଜର ରଖିବାକୁ ହେବ। ଏହି ଚାକିରିର ବିଜ୍ଞାପନ ବ୍ରିଟେନର ଏକ ପ୍ରସିଦ୍ଧ ନିଯୁକ୍ତି ସଂସ୍ଥା 'ବ୍ୟୁଚାମ୍ପ ପାର୍ଟନର୍ସ' ମାଧ୍ୟମରେ ପ୍ରକାଶ କରାଯାଇଛି। କୋଟିପତି ବ୍ୟବସାୟୀ ଜଣକ ନିଜର ପରିଚୟ ଗୋପନ ରଖିବା ପାଇଁ ଏହି ଏଜେନ୍ସିର ସହାୟତା ନେଇଛନ୍ତି। ଏହି ବିଜ୍ଞାପନକୁ ନେଇ ଲୋକେ ବେଶ୍ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି।

# କ୍ଷୀରରେ ୪୫ ବର୍ଷ



ରାଜସ୍ଥାନ, ରାଜସମନ୍ଦ ଜିଲ୍ଲା ଅନ୍ତର୍ଗତ ତକଡ଼ିୟୋଁ କା ଗୁଡ଼ା ଗାଁର ୪୫ ବର୍ଷୀୟ ପୁନମ ସିଂହ ତାଙ୍କର ଅଜବ ଖାଦ୍ୟାଭ୍ୟାସ ପାଇଁ ଚର୍ଚ୍ଚାରେ ରହିଛନ୍ତି। ସେ ଆଜିକୁ ୪୫ ବର୍ଷ ହେବ ଖାଦ୍ୟ ବଦଳରେ କେବଳ କ୍ଷୀର ପିଇ ବଞ୍ଚିଛନ୍ତି। ଏହି ଅଭ୍ୟାସ ତାଙ୍କର ପିଲାଦିନରୁ ରହିଛି। ପୁନମ ସକାଳେ ଏବଂ ସନ୍ଧ୍ୟାରେ କେବଳ ଗ୍ଲାସେ କ୍ଷୀର ପିଉଥିବାବେଳେ ଖରାଦିନେ କେବେ କେବେ ଆଖୁ ରସ ପିଇଥାନ୍ତି। ଆଶ୍ଚର୍ଯ୍ୟର କଥା ଏହା ଯେ, ସେ କେବଳ କ୍ଷୀର ପିଇ ବି ସମ୍ପୂର୍ଣ୍ଣ ସୁସ୍ଥ ରହିଛନ୍ତି। ପୁନମ୍‌ଙ୍କ କହିବା କଥା, ୨୦୦୦ ମସିହାରେ ଥରେ ସେ ଅସୁସ୍ଥ ହୋଇ ଯାଇଥିଲେ। ଏହି ସମୟରେ ଡାକ୍ତର ତାଙ୍କୁ ଖାଦ୍ୟ ଖାଇବାକୁ ଖାଇଥିଲେ। ହେଲେ ସେ ଖାଦ୍ୟ ଗ୍ରହଣ କରିବାକୁ ମନା କରି ଦେଇଥିଲେ। ଏହି ଘଟଣାକୁ ଏଯାବତ୍ ୨୬ ବର୍ଷ ବିତି ଯାଇଥିଲେ ବି ସେ କେବେ ଅସୁସ୍ଥ ହୋଇ ନ ଥିବା କହିଛନ୍ତି। କେବଳ ସେତିକି ନୁହେଁ, ପୁନମ୍ ନିୟମିତ ବାଇକ୍ ଓ ଟ୍ରାକ୍ଟର ମଧ୍ୟ ଚଳାନ୍ତି। ସେ ବିବାହ ଭୋଜିଗୁଡ଼ିକରେ ଯୋଗ ଦେଉଥିବାବେଳେ ଲୋକେ ତାଙ୍କୁ ଖାଦ୍ୟ ଖାଇବା ପାଇଁ ବାଧ କଲେ ସେ ଅଧା କପ୍ ଚା' ପିଇଥାନ୍ତି। ଏନେଇ ଡାକ୍ତରଙ୍କ କହିବା କଥା, , କେବଳ କ୍ଷୀର ପିଇ ଏତେ ଦିନ ଧରି ଜୀବନ ଜିଇଁବା ଏକ ଅସାମାନ୍ୟ ସ୍ଥିତି। କ୍ଷୀରରେ ଆବଶ୍ୟକୀୟ ପୋଷକତତ୍ତ୍ୱ ଥିଲେ ବି ଏଥିରେ କିଛି ଜରୁରି ତତ୍ତ୍ୱର ଅଭାବ ଥାଏ। ଅନେକ ଥର ପୁନମ୍‌ଙ୍କୁ ତାଙ୍କ ପରିବାର ଲୋକେ ଖାଦ୍ୟ ଖୁଆଇବା ପାଇଁ ଚେଷ୍ଟା କରି ବିଫଳ ହୋଇଛନ୍ତି। ପୁନମ୍‌ଙ୍କ ପରିବାରର ଅନ୍ୟ ସଦସ୍ୟମାନେ ସାଧାରଣ ଖାଦ୍ୟ ଖାଉଥିବାବେଳେ ସେ କିନ୍ତୁ କେବଳ କ୍ଷୀର ପିଇ ବଞ୍ଚିଛନ୍ତି।

---

## ରାକ୍ଷୀ: ଅତୁଟ ବନ୍ଧନ

ଭାଇ ଭଉଣୀର ଅତୁଟ ବନ୍ଧନ
ସ୍ନେହ ଶ୍ରଦ୍ଧା କଥା ମନରେ ହରଷ ଭରୁଛି
ରାକ୍ଷୀ ପୂର୍ଣ୍ଣିମାର ଆଗମନେ
ବଜାର ଉଚ୍ଛୁଳି ପଡୁଛି।
ରାକ୍ଷୀ ଦୋକାନରେ ଗହଳ ଚହଳ ଲାଗିଛି
ନାନା ରଙ୍ଗ ରାକ୍ଷୀ ଆଖି ତ ଝଲସି ଯାଉଛି
ନାନୀ ମନ ଖୁସିରେ ଉଚ୍ଛୁଳି ପଡୁଛି
ଦୂର ବିଦେଶରୁ ଭାଇ ତା'ର ପରା ଆସୁଛି।
ଚକ୍‌ଲେଟ୍, କ୍ଲିପ୍, ଡ୍ରେସ୍, ଟିକିଲି
କେତେ ଉପହାର ଆଣିଛି
ପ୍ରଜାପତି ପରି କଅଁଳ ମନଟା
ଆନନ୍ଦରେ ଖେଳି ଯାଉଛି।
ସକାଳୁ ସକାଳୁ ନିନି ଉଠି ପଡ଼ି
ଗାଧୁଆ ପାଧୁଆ ସାରିଛି
ସିନ୍ଦୂର, ଚନ୍ଦନ, ମିଠା ପୁଣି ଦୀପ
ରାକ୍ଷୀଟିଏ ଥାଳିରେ ସଜେଇ ରଖିଛି।
ମଙ୍ଗଳ ମନାସି ଭାଇର
ବନ୍ଦାପନା କରି ହାତରେ ରାକ୍ଷୀ ବାନ୍ଧିଛି
ଉପହାର ପାଇଁ ଭାଇ ପଛେ ପଛେ ଧାଉଁଛି
ପିଲାଙ୍କର ଖୁସି ଦେଖି ମାଆ ମନ ପୁରିଛି।
ଯୁଗ ଯୁଗ ଧରି ଭାଇ ଭଉଣୀର
ଭଉଣୀ ଭାଇର ଏମିତି ବନ୍ଧନ ଥାଉ
ଦୁଃଖରେ ସୁଖରେ ଭାବ ଅଭାବରେ
ଦୁହେଁ ଦୁହିଁଙ୍କର ସାହାରା ହେଉ।
ଗୋମାତାର ପୂଜା ଘରେ ଘରେ
ଖେଚଡ଼ି ଖିରିରେ ହେଉଛି
ସିନ୍ଦୁର ମଥାରେ ଦେଇ
ଗାଈର ସିଂଘରେ ରାକ୍ଷୀଟିଏ ବନ୍ଧାଯାଇଛି।
ଗେଲେହି ନାନୀ
ଗଛରେ ବି ରାକ୍ଷୀ ବାନ୍ଧିଛି
ପଚାରିଲେ କହେ ଗଛ ଅଟେ ପରା
ଭାଇଠୁ ଅଧିକ ସ୍କୁଲରେ ପଢ଼ା ଯାଉଛି।



ଅନସୂୟା ପଣ୍ଡା

ଭୁବନେଶ୍ୱର

## ଆମ ଗରବ ରାକ୍ଷୀ ପରବ



ସୁଜିତ କୁମାର ମିଶ୍ର

ଆମ ଗରବ ରାକ୍ଷୀ ପରବ
ଭାଇ ଓ ଭଉଣୀର,
ଆସିଛି ସିଏ ବାଣ୍ଟିବା ପାଇଁ
ଶରଧା ନିରନ୍ତର।
ସକାଳୁ ଉଠି ଗେହ୍ଲି ଭଉଣୀ
ସଜାଡ଼େ ପୂଜାଥାଳୀ,
ବାନ୍ଧିବା ପାଇଁ ଭାଇ ହାତରେ
ରାକ୍ଷୀଟେ ହୃଦଖୋଲି।
ରେଶମୀ ସୂତା ନୁହଁଇ ସିଏ
ସୁରକ୍ଷା ଶ୍ରଦ୍ଧା ଡୋରି,
ମଧୁର ଭାବ ବରଷା ପରି
ସେଠୁ ପଡ଼ଇ ଝରି।
ସୁଖଦୁଃଖରେ ସାଥୀ ହେବାକୁ
ରାକ୍ଷୀ ଜଣାଇ ଦିଏ,
ଏପରି ଦିବ୍ୟ ସନ୍ତକ ସହ
ଅଛି କି ସରି କିଏ ?
ପରଶି ଦିଏ ଆଦର ସିଏ
ପାଖକୁ ଡାକି ଡାକି,
ସବୁ ବିପଦ ଦୂରେଇ ଦେଇ
ରଖେ ସଭିଙ୍କୁ ସୁଖୀ।
ରାକ୍ଷୀ ବୁଝେନା ଏଇ ସଂସାରେ
କିଏ ଆପଣା ପର,
ହାତରେ ଥିଲେ ଭଉଣୀ ରାକ୍ଷୀ
ମନ ସରଗ ପୁର।
ସଭିଙ୍କ ହାତେ ପିନ୍ଧାଇ ରାକ୍ଷୀ
ଆସ ଜିଣିବା ମନ
ବଢ଼ିବ ତେବେ ଆମ ଭିତରେ
ରାକ୍ଷୀ ପରବ ମାନ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର

## ପ୍ରହେଳିକା

- ଶ୍ରାବଣ ମାସର ପୁନେଇଁ ଦିନ
ପର୍ବଟିଏ ଆସେ ଅତି ମହାନ
ସ୍ନେହ ମମତାର ପବିତ୍ର ଡୋରୀ
ଭାଇ ହାତେ ବାନ୍ଧେ ଗେହ୍ଲି ଭଉଣୀ
ବନ୍ଦାପନା ନୀତି ହୁଏ
ଭାଇ ଦେଇଥାଏ ଭଉଣୀକୁ ଭେଟି
କୁହତ ତା' ନାମ କିଏ।
ଉତ୍ତର-ରାକ୍ଷୀ ପୁନେଇଁ

- ଭାଇ ଭଉଣୀଙ୍କ ସ୍ନେହ ମମତା
ଯୋଡ଼ିଥାଏ ସେହି ରେଶମ ଫିତା
ଶ୍ରାବଣ ପୁନେଇଁ ଶୁଭ ମୁହୂର୍ତ୍ତେ
ଭଉଣୀ ବାନ୍ଧଇ ଭାଇର ହାତେ
ଦେଖିବାକୁ ଅନୁପମ
ଭାଇ ଭଉଣୀର ବନ୍ଧନକୁ ଯୋଡ଼େ
କୁହତ ସେ ଫିତା ନାମ।
ଉତ୍ତର-ରାକ୍ଷୀ



- ଶ୍ରାବଣ ପୁନେଇଁ ଯେବେ ଆସଇ
ସଭିଏଁ ଦିଅନ୍ତି ତାକୁ ଗାଧୋଇ
ସନ୍ଧ୍ୟାକାଳେ ତା'ର ହୁଅଇ ପୂଜା
ପୁଷ୍ପ ଚନ୍ଦନରେ ହୁଏ ସେ ସଜା
ସଭିଏଁ ମାନନ୍ତି ତାହାକୁ ମାତା
ପରିବାର ରକ୍ଷା କରଇ ସଦା
ତା'କ୍ଷୀର ଅମୃତ ସମ
ତାକୁ ପୂଜା କଲେ କୋଟି ପୂଣ୍ୟ ମିଳେ
କୁହତ ସେ ପୂଜା ନାମ।
ଉତ୍ତର-ଗୋମାତା ପୂଜା

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

# ସୁମନ



## ରାଗ ରୁଷା ଗଲା ଦୂରେଇ



ଡ. ରବିନାରାୟଣ ସାହୁ

ମୁନା ଆଉ ମାମୁନି ଦୁହେଁ ଭାଇ ଭଉଣୀ। ମୁନା ପ୍ରଥମ ଶ୍ରେଣୀରେ ପଢ଼େ ଆଉ ମାମୁନି ତୃତୀୟରେ। ଦୁହେଁ ଭାରି ଭଲ। ସାଙ୍ଗ ହୋଇ ଖେଳନ୍ତି, ବୁଲନ୍ତି, ପଢନ୍ତି। ସ୍କୁଲ୍ ବସ୍‌ରେ ବି ଦୁହେଁ ସାଥୀ ହୋଇ ସ୍କୁଲ୍ ଯାଆନ୍ତି। ସ୍କୁଲ୍‌ରେ ଖାଇବା ଛୁଟି ବେଳେ ସାଙ୍ଗ ହୋଇ ଦୁହେଁ ଖାଆନ୍ତି। ମୁନା ଖାଇ ନ ପାରିଲେ ମାମୁନି ତାକୁ ଖୋଇଦେଇ ମୁହଁ ହାତ ଧୋଇ ଦିଏ। ପକେଟ୍‌ରୁ ରୁମାଲ ବାହାର କରି ମୁହଁ ପୋଛି ଦିଏ, ଠିକ୍ ମାଆଟିଏ ପୁଅର ଯତ୍ନ ନେଲା ଭଳି। ଘରେ ବି ସାଙ୍ଗ ହୋଇ ଦୁହେଁ ଖେଳନ୍ତି, ଖାଆନ୍ତି, ପାଠ ପଢ଼ନ୍ତି। ସବୁ ଠିକ୍ ଠାକ୍ ଥିଲା ଭିତରେ ବେଳେବେଳେ ଦୁହେଁ ଝଗଡ଼ା ଲାଗି ଯାଆନ୍ତି। ଦୁଇ ଜଣଙ୍କ ଝଗଡ଼ା ଦେଖି ମାଆ ଦୌଡ଼ି ଆସନ୍ତି। ବଡ଼ ଭଉଣୀ ହୋଇ ସାନ ଭାଇ ସାଙ୍ଗରେ ଲାଗୁଛୁ କହି ଗାଳି କରନ୍ତି। ମାଆଙ୍କ ଗାଳି ଶୁଣି ମାମୁନି କାନ୍ଦି କାନ୍ଦି କହେ, "ତମେ ମତେ ସବୁବେଳେ ଗାଳି କରୁଛ। ମୁନାକୁ କେବେ କିଛି କହୁନ !" ଏତିକି କହି ସେ ଆହୁରି ଜୋର ଜୋର କରି କାନ୍ଦେ। ମାମୁନିର କାନ୍ଦ ଦେଖି 'ମୋର ସୁନା ଝିଅ' କହି ମାଆ କୋଳେଇ ନେଇ ଲଡୁଟିଏ ଖୋଇ ଦିଅନ୍ତି। ମାମୁନି ଚୁପ୍ ହୋଇଯାଏ। ଏଇମିତି ଭାଇ ଭଉଣୀଙ୍କ ରାଗ ରୁଷା ସବୁବେଳେ ଚାଲିଥାଏ। ଦିନେ ମୁନା ଓ ମାମୁନି ପାଇଁ ବାପା ଦୁଇଟା ଡ୍ରଇଂ ବହି ଆଣିଦେଲେ। ମାମୁନି ଖୁସି ହୋଇ ସୁନ୍ଦର ଚିତ୍ର ଦେଖି ରଙ୍ଗ ଭରିବା ଆରମ୍ଭ କରି ଦେଲା। ଏତିକି ବେଳେ ମୁନା ଦୌଡ଼ି ଆସି ମାମୁନିକୁ ତା' ସାଙ୍ଗରେ ଖେଳିବା ପାଇଁ କହିଲା। ରଙ୍ଗ ଭରିବାରେ ବ୍ୟସ୍ତ ଥିବାରୁ ମାମୁନି ଖେଳିବାକୁ ଯିବ ନାହିଁ ବୋଲି ରୋକ୍ ଠୋକ୍ ମନା କରିଦେଲା। ରାଗିଯାଇ ମୁନା, ମାମୁନି ପାଖରୁ ବହିଟିକୁ ଟାଣି ଆଣିବାରୁ ବହିଟି ଚିରିଗଲା। ଏହାଦେଖି ମାମୁନି ଜୋରରେ ରଡ଼ି କରି କାନ୍ଦିଲା। ମାମୁନିର କାନ୍ଦ ଶୁଣି ମାଆ ଦୌଡ଼ି ଆସିଲେ। ଦୁହିଁଙ୍କୁ ବୁଝେଇବା ଆରମ୍ଭ କରିଦେଲେ। ବାପାଙ୍କୁ କହି ଆଉ ଗୋଟିଏ ଭଲ ଡ୍ରଇଂ ବହି ଆଣି ଦେବାକୁ କହିବାରୁ ମାମୁନି ଚୁପ୍ ହେଲା। ତା' ପରଦିନ ଥାଏ ରାକ୍ଷୀ ପୂର୍ଣ୍ଣିମା। ସେଦିନ ସକାଳୁ ସକାଳୁ ଗାଧୋଇ ପଡ଼ି ନୂଆ ପୋଷାକ ପିନ୍ଧି ମୁନା ଠାକୁରଙ୍କ ପାଖରେ ମୁଣ୍ଡିଆ ମାରି ଜଳଖିଆ ଖାଇସାରି ବୁଲୁଥାଏ। ସକାଳ ଆଠଟାରୁ ଦଶଟା ହେଲା। ତା' ପରେ ଏଗାର। ହେଲେ ମାମୁନି ଦିଦି ରାକ୍ଷୀ ବାନ୍ଧି ଦେଉ ନ ଥାଏ। ମୁନା ଯାଇ କହିବାରୁ ମାଆ ମାମୁନିକୁ ଡାକି ଭାଇକୁ ରାକ୍ଷୀ ବାନ୍ଧିବା ପାଇଁ କହିଲେ। ମାମୁନି କହିଲା, "ନା, ମୁଁ ତାକୁ ଜମା ରାକ୍ଷୀ ବାନ୍ଧିବି ନାହିଁ। ମୋ ସହିତ ଲାଗିବ, ଝଗଡ଼ା କରିବ, ମୋ ବହି ଚିରିଦେବ ମୁଁ ତାକୁ ରାକ୍ଷୀ ବାନ୍ଧିଦେବି ? ଜମା ନୁହେଁ।" ଏତିକି କହି ସେ ପଳେଇଲା। ରାକ୍ଷୀ ନ ବାନ୍ଧି ମୁନା ମନ ମାରି ବସି ପଡ଼ିଲା। ମୁନାର ଅବସ୍ଥା ଦେଖି ମାଆ ମୁନା କାନରେ କ'ଣ ଟିକେ କହିଦେଲେ। ସଙ୍ଗେ ସଙ୍ଗେ ମୁନା ଡେରି ନ କରି ହାତରେ ଫୁଲ, ଚନ୍ଦନ, ରାକ୍ଷୀ, ମିଠାଥିବା ଥାଳିଟିଏ ନେଇ ମାମୁନି ପାଖରେ ପହଞ୍ଚିଗଲା। କହିଲା, "ଦିଦି, ମୁଁ କାନ ଧରୁଛି, ମୋର ଭୁଲ୍ ହୋଇ ଯାଇଛି, ମୁଁ ଆଉ ଜମା ଝଗଡ଼ା କରିବି ନାହିଁ। ମତେ କ୍ଷମା କରିଦେ ଦିଦି, ଏଇ ରାକ୍ଷୀ ନେଇ ମୋ ହାତରେ ପିନ୍ଧେଇ ଦେ। ମୁଁ ପରା ତୋ ସାନ ଗେହ୍ଲା ଭାଇ। ତୁ କ'ଣ ମତେ କ୍ଷମା କରିବୁନି।" ମୁନାକୁ ବହୁତ ଭଲ ପାଉଥିବା ମାମୁନି, ମୁନାର କଅଁଳ କଥାରେ ସବୁ ରାଗ ରୁଷା ସେ ଯେମିତି ନିମିଷକ ଭିତରେ ଭୁଲିଗଲା। ସ୍ନେହରେ ପାଖକୁ ଆଉଜେଇ ନେଇ ଫୁଲ ଚନ୍ଦନ ଲଗେଇ ଦେଇ ତା' ହାତରେ ରାକ୍ଷୀ ବାନ୍ଧି ଦେଲା, ମିଠା ଦୁଇଟା ଖୋଇ ଦେଲା। ଡେରି ନ କରି ମୁନା ରାକ୍ଷୀ ବନ୍ଧା ଉପହାର ଭାବରେ ମାମୁନି ହାତର ସୁନ୍ଦର ଡ୍ରଇଂ ବହି ସହିତ ଦୁଇଟି ଗପ ଓ କବିତା ବହି ଧରେଇ ଦେଲା। ଏତେ ସୁନ୍ଦର ଉପାଦେୟ ବହି ସବୁ ଉପହାର ପାଇ ମାମୁନି ଖୁସି ହେଲା। ଭାଇ ଭଉଣୀଙ୍କ ରାଗ ଅଭିମାନ ସବୁ ଦୂରେଇ ଗଲା। ସାଙ୍ଗ ହୋଇ ଦୁହେଁ ବାପା, ମାଆ, ଜେଜେ, ଜେଜି ମାଆଙ୍କ ପାଦ ଛୁଇଁ ପ୍ରଣାମ କରି ଆଶୀର୍ବାଦ ନେଲେ।

ସ୍ମୃତି ନଗର, ବରଗଡ଼





ସାଇ ନମ୍ରତା ମହାପାତ୍ର
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା, ପୁରୀ





ଅଦ୍ୱିତା ବିଶ୍ୱାଳ
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





ମାଇରା ମହାନ୍ତି
ପଞ୍ଚମ ଶ୍ରେଣୀ
ଡି.ଏ.ଭି ପବ୍ଲିକ୍ ସ୍କୁଲ
ୟୁନିଟ୍ ୮
ଭୁବନେଶ୍ୱର





ଶୁଭଶକ୍ତି ହାଁସଦା
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ

## ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍

# ଭାରତ-ନେଦରଲ୍ୟାଣ୍ଡସ ମୁକାବିଲା ଆଜି

ଆମଷ୍ଟଲଭିନ୍,୨୧।୮ (ଏଜେନ୍ସି)



ଏଠାରେ ଚାଲିଥିବା ପୁରୁଷ ହକି ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡ ବା କ୍ରସ୍ ଓଭର ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ। ପୁଲ୍-ଇ'ରେ ସ୍ଥାନ ପାଇଥିବା ନେଦରଲ୍ୟାଣ୍ଡସ ସହ ଆସନ୍ତାକାଲି ଭାରତୀୟ ପୁରୁଷ ଦଳ ପ୍ରଥମ ଓ ୨୪ ତାରିଖରେ ଆର୍ଜେଣ୍ଟିନାକୁ ଭେଟିବ। ଇଂଲଣ୍ଡ ତୃତୀୟ ଦଳ ଭାବେ ସ୍ଥାନ ପାଇଥିଲେ ମଧ୍ୟ ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ କ୍ରସ୍ ଓଭରରେ ଭାରତ ସହ ମୁକାବିଲା ହେବ ନାହିଁ। କିନ୍ତୁ ପୁଲ୍‌ରେ ବା ପ୍ରଥମ ରାଉଣ୍ଡରେ ଭାରତକୁ ହରାଇଥିବାରୁ ଇଂଲଣ୍ଡ ଓ ଆର୍ଜେଣ୍ଟିନାକୁ ହରାଇଥିବା ନେଦରଲ୍ୟାଣ୍ଡସ ୩ ପଏଣ୍ଟ ଲେଖାଏଁ ସହ ଖେଳିବେ। ଏଣୁ ଭାରତକୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ କ୍ରସ୍ ଓଭରରେ ଉଭୟ ନେଦରଲ୍ୟାଣ୍ଡସ ଓ ଆର୍ଜେଣ୍ଟିନାକୁ ହରାଇବାକୁ ପଡ଼ିବ। ଫର୍ମ ଓ ପରିସ୍ଥିତିକୁ ଦେଖିଲେ ଭାରତ ଲାଗି ଏହା ସବୁଠାରୁ ବଡ଼ ଚ୍ୟାଲେଞ୍ଜ ବୋଲି ବିବେଚନା କରାଯାଉଛି।

ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ସବୁଠାରୁ ବଡ଼ ଅସୁବିଧା ହେଉଛି, ଅଗଣୀତ୍ୱ ବଜାୟ ରଖି ନ ପାରିବା। ପୁଲ୍-ଡି'ରେ ଦଳ ପାକିସ୍ତାନ ବିପକ୍ଷରେ ୩-୦ ଏବଂ ୪-୧ରେ ଆଗୁଆ ଥିଲେ ମଧ୍ୟ ୨ଟି ଗୋଲ ବରଣ କରି ୫-୩ରେ ମ୍ୟାଚ୍ ଜିତିଥିଲା। ସେହିପରି ଇଂଲଣ୍ଡ ବିପକ୍ଷରେ ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୨-୧ରେ ଆଗୁଆ ରହିଥିଲା। କିନ୍ତୁ ଖେଳ ଶେଷରେ ଇଂଲଣ୍ଡ ୪-୨ ଗୋଲରେ ବିଜୟୀ ହୋଇଥିଲା। ଏହି ଅସୁବିଧାକୁ ଦଳ ଦୂର କରି ନ ପାରିଲେ ନେଦରଲ୍ୟାଣ୍ଡସ ଓ ଆର୍ଜେଣ୍ଟିନା ପରି ଶକ୍ତିଶାଳୀ ଦଳ ବିପକ୍ଷରେ ବିଜୟ ହାସଲ କରିବା କଷ୍ଟକର ହେବ।

ଅବଶ୍ୟ ନିକଟରେ ଖେଳାଯାଇଥିବା ପ୍ରୋ-ଲିଗ୍‌ରେ ନେଦରଲ୍ୟାଣ୍ଡସକୁ ଭାରତ ୩-୨ ଗୋଲରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଗୋଲ ସ୍କୋର କରିଥିବା ଅଭିଷେକ, ଜୁଗରାଜ ସିଂହ ଓ ରାଜିନ୍ଦର ସିଂହ ଏବେ ମଧ୍ୟ ଦଳରେ ଖେଳୁଛନ୍ତି। ଅଧିନାୟକ ତଥା ଡ୍ରାଗ୍ ଫ୍ଲିକର ହରମନ୍‌ପ୍ରୀତ୍ ସିଂହ ୫ଟି ଗୋଲ ସ୍କୋର କରି ଭଲ ଫର୍ମରେ ଅଛନ୍ତି। କିନ୍ତୁ ଏମାନେ ଜବରଦସ୍ତ ଫର୍ମରେ ଥିବା ଘରୋଇ ଦଳ ବିପକ୍ଷରେ କେମିତି ପ୍ରଦର୍ଶନ କରିବେ ତାହାକୁ ନେଇ ଆଶଙ୍କା ରହିଛି। ଚଳିତ ବିଶ୍ୱକପ୍‌ରେ ନେଦରଲ୍ୟାଣ୍ଡସ ୫-୧ରେ ନ୍ୟୁଜିଲାଣ୍ଡକୁ, ୩-୧ରେ ଆର୍ଜେଣ୍ଟିନାକୁ ଓ ୪-୧ରେ ଜାପାନକୁ ପରାସ୍ତ କରିଛି। ଏଭଳି ଫର୍ମରେ ଥିବା ଦଳ ବିପକ୍ଷରେ ସାମାନ୍ୟତମ ତ୍ରୁଟି ମହଙ୍ଗା ପଡ଼ିପାରେ। ଭାରତ ଏବେ ଆକ୍ରମଣ ଅପେକ୍ଷା ରକ୍ଷଣାତ୍ମକ ଖେଳରେ ଅଧିକ ଗୁରୁତ୍ୱ ଦେଉଥିଲେ ମଧ୍ୟ ହାଇଲେଭଲ ହକିରେ କିପରି ଖେଳିବ ତାହା ଉପରେ ଦଳର ସଫଳତା ନିର୍ଭର କରୁଛି।

### ଚୀନ୍-ଅଷ୍ଟ୍ରେଲିଆ ମ୍ୟାଚ୍ ଡ୍ର

ମହିଳା ବିଶ୍ୱକପ୍ କ୍ରସ୍ ଓଭରରେ ଚୀନ୍ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ପୁଲ୍-ଇ'ର ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ଖେଳର ୩୯ତମ ମିନିଟ୍‌ରେ ଚୀନ୍ ପକ୍ଷରୁ ଝାଙ୍ଗ ପ୍ରଥମ ଗୋଲ ଦେଇଥିଲେ। ୪୮ତମ ମିନିଟ୍‌ରେ ପେନାଲ୍ଟି ଷ୍ଟ୍ରୋକ୍‌ରୁ ୱିଲସନ ଗୋଲଟି ଶୁଝାଇଦେଇଥିଲେ। ଏହା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଏହି ପୁଲ୍‌ରେ ନେଦରଲ୍ୟାଣ୍ଡସ ସେମିଫାଇନାଲ ଖେଳିବାରେ ହଟ୍ ଫେବରାଇଟ୍ ରହିଛି। ଭାରତ ଚତୁର୍ଥ ଦଳ ଭାବେ ଏହି ପୁଲ୍‌ରେ ସ୍ଥାନ ପାଇଛି।

### କ୍ରସ୍ ଓଭରରେ ପ୍ରଥମ ପରାଜୟ

ନେଦରଲ୍ୟାଣ୍ଡସରେ ଚାଲିଥିବା ମହିଳା ହକି ବିଶ୍ୱକପ୍‌ର ଦ୍ୱିତୀୟ ରାଉଣ୍ଡ ତଥା କ୍ରସ୍ ଓଭର ପର୍ଯ୍ୟାୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିରେ ଭାରତୀୟ ମହିଳା ଦଳ ପ୍ରଥମ ମ୍ୟାଚରେ ପରାଜୟବରଣ କରିଛି। ପୁଲ-ଇ'ର ଏକ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିଅନ ଘରୋଇ ନେଦରଲ୍ୟାଣ୍ଡସ ୨-୦ ଗୋଲ୍‌ରେ ଭାରତକୁ ପରାସ୍ତ କରିଥିଲା। ମ୍ୟାଚର ଦ୍ୱତୀୟ ଓ ୩୮ତମ ମିନିଟରେ ଘରୋଇ ଦଳ ଏହି ଦୁଇଟି ଗୋଲ୍ ଦେଇଥିଲା। ସାଲିମା ଟେଟେଙ୍କ ନେତୃତ୍ୱାଧୀନ ଭାରତ ମ୍ୟାଚକୁ ଫେରିବାକୁ ଜୋର୍‌ଦାର ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ବିଜୟ ସହ ନେଦରଲ୍ୟାଣ୍ଡସ ସେମିଫାଇନାଲରେ ସ୍ଥାନ ପକ୍କା କରିସାରିଛି। ଅପରପକ୍ଷରେ ଭାରତ ଏହାର ଶେଷ କ୍ରସ୍ ଓଭର ମ୍ୟାଚରେ ଅଗଷ୍ଟ ୨୩ରେ ଅଷ୍ଟ୍ରେଲିଆକୁ ଭେଟିବ। ଏହି ଏହି ମ୍ୟାଚରେ ଭାରତ ବିଜୟୀ ହୁଏ ଏବଂ ଚାଇନା ଏହାର ଶେଷ ମ୍ୟାଚରେ ନେଦରଲ୍ୟାଣ୍ଡସ ନିକଟରୁ ହାରିଯାଏ ତେବେ ସାଲିମାଙ୍କ ଦଳ ଲାଗି ସେମିଫାଇନାଲରେ ପ୍ରବେଶ କରିବା ଆଶା ଉଜ୍ଜୀବିତ ରହିବ। ତେଣୁ ଭାରତ ପାଇଁ ଏବେ ଅଷ୍ଟ୍ରେଲିଆକୁ ହରାଇବା ପ୍ରମୁଖ ଲକ୍ଷ୍ୟ ରହିଛି।

■ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ରବିବାରରୁ

## ଭାରତର ଜୋର୍‌ଦାର୍ ଅଭ୍ୟାସ୍



କଲମ୍ବୋ,୨୧।୮ (ଏଜେନ୍ସି): ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ମୁକାବିଲା ସ୍ଥାନୀୟ ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍ ପରିସରରେ ରବିବାରଠାରୁ ଖେଳାଯିବ। ଗଲ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଜିତିଥିବା ଭାରତ କଲମ୍ବୋ ମୁକାବିଲା ଲାଗି ଆଜି ଜୋରଦାର ଅଭ୍ୟାସ କରିଛି। ଏଠାରେ ତାପମାତ୍ରା ୩୦ ଡିଗ୍ରୀରୁ ଅଧିକ ଥିବାରୁ ଖେଳାଳିଙ୍କୁ ଅଭ୍ୟାସ କରିବାରେ ଝାଳ ବୁହାଇବାକୁ ପଡ଼ିଥିଲା। ଦୁଇ ପ୍ରମୁଖ ଖେଳାଳି ଲୋକେଶ ରାହୁଲ ଓ କୁଲଦୀପ ଯାଦବ ଆଜି ଅଭ୍ୟାସ କରିବାକୁ ଆସି ନ ଥିଲେ। ସେମାନଙ୍କୁ ବିଶ୍ରାମ ଦିଆଯାଇଛି ବୋଲି ବୋଲିଂ କୋଚ୍ ସାଇରାଜ ବାହୁତୁଲେ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ହେଡ୍‌କୋଚ୍ ଗୌତମ ଗମ୍ଭୀର ଓ ଚିଫ୍ ସିଲେକ୍ଟର ଅଜିତ ଅଗରକରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ୟ ଖେଳାଳିମାନେ ଅଭ୍ୟାସ କରିଥିଲେ।

ପ୍ରଥମ ପର୍ଯ୍ୟାୟରେ ଯଶସ୍ୱୀ ଜୟସ୍ୱାଲ, ଦେବଦତ୍ତ ପାଡିକଲ, ଋଷଭ ପନ୍ତ ଓ ଅଧିନାୟକ ଶୁବମନ ଗିଲ୍ ଅଭ୍ୟାସ କରିଥିଲେ। ଆଜି ଗିଲ୍ ବଡ଼ ବଡ଼ ସଟ୍ ଖେଳିଥିବାର ଦେଖାଯାଇଥିଲା। ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ, ସର୍ଫରାଜ ଖାନ୍ ଓ ଅନ୍ୟମାନେ ପରେ ବ୍ୟାଟିଂ କରିଥିଲେ। ଆଜି କିନ୍ତୁ ଅଫ୍ ସ୍ପିନର ସାରାଂଶ ଜୈନ୍ ଦୀର୍ଘ ସମୟ ଧରି ବୋଲିଂ କରିଥିଲେ। ଅଭ୍ୟାସ ଆରମ୍ଭରୁ ଶେଷଯାଏ ବୋଲିଂ କୋଚ୍ ମୋର୍ଣ୍ଣି ମୋର୍କେଲ ପଡ଼ିଆରେ ଏପଟ ସେପଟ ହୋଇ ଖେଳାଳିଙ୍କ ସହ ରହିଥିଲେ।

## ଶ୍ରୀଲଙ୍କା ଦଳରେ କାମିଲ, ସାହାନ ସାମିଲ

କଲମ୍ବୋ,୨୧।୮ (ଏଜେନ୍ସି): ଭାରତ ବିପକ୍ଷ ଦ୍ୱିତୀୟ ଟେଷ୍ଟ ଲାଗି ଶ୍ରୀଲଙ୍କା ଦଳରେ ଦୁଇ ଉଦୀୟମାନ ବ୍ୟାଟର କାମିଲ ମିଶରା ଓ ସାହାନ ଆରାଚିଚାଗେଙ୍କୁ ସାମିଲ କରାଯାଇଛି। ଦଳର ପ୍ରମୁଖ ବ୍ୟାଟରଙ୍କ ଅନୁପସ୍ଥିତିରେ ଉଭୟ ଏହି ଟେଷ୍ଟ ଖେଳିବେ ବୋଲି ଆଶା କରାଯାଉଛି। ଆଘାତ ଜନିତ କାରଣରୁ କୁଶାଲ ମେଣ୍ଡିସ୍ ଓ ପାଥୁମ ନିଶାଙ୍କା ବାଦ୍ ପଡ଼ିଛନ୍ତି। ପ୍ରଥମ ଟେଷ୍ଟରେ ଆହତ ହୋଇଥିବା ଦିନେଶ ଚାଣ୍ଡିମଲ ଓ ଫର୍ମରେ ନ ଥିବା ନିଶାନ ମଦୁସ୍କାଙ୍କୁ ବାଦ୍ ଦିଆଯାଇଛି। ପ୍ରଥମ ଟେଷ୍ଟରେ ୧୬୫ ରନ୍‌ରେ ହାରି ଶ୍ରୀଲଙ୍କା ୦-୧ରେ ପଛୁଆ ରହିଛି।

ଶ୍ରୀଲଙ୍କା ଦଳ: ଲାହିରୁ ଉଦରା, କାମିଲ ମିଶରା, ପାସିନ୍ଦୁ ସୁରିଆବାନ୍ଦରା, କାମିନ୍ଦୁ ମେଣ୍ଡିସ୍, ଧନଞ୍ଜୟ ଡି ସିଲ୍‌ଭା (ଅଧିନାୟକ), ସାହାନ ଆରାଚାଚିଗେ, ସୋନାଲ ଦିନୁଶା, ନିରୋସନ ଡିକ୍‌ୱେଲା (ୱିକେଟରକ୍ଷକ), କେଶରା ନୁୱାନ୍ଥା, ପ୍ରବାତ ଜୟସୁରିୟା, ମିଲନ ରତନାୟକେ, ଲାହିରୁ କୁମାରା, ଅସିଥା ଫର୍ଣ୍ଣାଣ୍ଡୋ, ବିଶ୍ୱ ଫର୍ଣ୍ଣାଣ୍ଡୋ।

## ପୁଣି ବାତିଲ ହେବ ବାଂଲାଦେଶ ଟୁର୍

ନୂଆଦିଲ୍ଲୀ,୨୧।୮ (ଏଜେନ୍ସି): ସେପ୍ଟେମ୍ବର ୧୩ରୁ ୧୭ ତାରିଖ ମଧ୍ୟରେ ଆଫଗାନିସ୍ତାନ ସହ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାକୁ ଭାରତ ସ୍ୱୀକୃତି ଦେବା ପରେ ବାଂଲାଦେଶ ଟୁର୍ ପୁଣିଥରେ ବାତିଲ ହୋଇଯାଇଥିବା ଜଣାଯାଇଛି। ଭାରତ କିମ୍ବା ବାଂଲା କ୍ରିକେଟ ବୋର୍ଡ ପକ୍ଷରୁ ଏହା ଘୋଷଣା କରାଯାଇ ନ ଥିଲେ ମଧ୍ୟ ସେପ୍ଟେମ୍ବରରେ ବାଂଲାଦେଶ ଟୁର୍ ଆଉ ସମ୍ଭବ ନୁହେଁ। ନୂଆଦିଲ୍ଲୀରେ ଭାରତ-ଆଫଗାନିସ୍ତାନ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ସେପ୍ଟେମ୍ବର ୧୩, ୧୫ ଓ ୧୭ରେ ଖେଳାଯିବ ବୋଲି ଘୋଷଣା ହୋଇଥିଲା। କିନ୍ତୁ ଆଫଗାନିସ୍ତାନ କ୍ରିକେଟ ବୋର୍ଡର ଅନୁରୋଧକ୍ରମେ ଏହା ପୁଣିଥରେ ପରିବର୍ତ୍ତନ ହେବ ବୋଲି ଆଶା କରାଯାଉଛି। ବିଶେଷ କରି ସେପ୍ଟେମ୍ବର ୧୪ରେ ଗଣେଶ ଚତୁର୍ଥୀ ଦିନ ଏକ ମ୍ୟାଚ୍ ଆୟୋଜନ କରିବାକୁ ଆଫଗାନିସ୍ତାନ ଅନୁରୋଧ କରିଛି।

## ପାକିସ୍ତାନ ଇନିଂସ ପରାଜୟ



ଲିଡ୍ସ,୨୧।୮ (ଏଜେନ୍ସି): ଜୋଶ ଟଙ୍ଗ, ଓଲି ରବିନସନ ଓ ଜୋଫ୍ରା ଆର୍ଚରଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଶେଷ ହୋଇଥିବା ପ୍ରଥମ ଟେଷ୍ଟରେ ଇଂଲଣ୍ଡ ଏକ ଇନିଂସ ଓ ୧୦୩ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ୨୭ରୁ ଖେଳାଯିବ।

ଏହି ଟେଷ୍ଟର ପ୍ରଥମ ଇନିଂସରେ ପାକିସ୍ତାନର ୧୭୧ ରନ୍ ଜବାବରେ ଇଂଲଣ୍ଡ ୪୦୯ ରନ୍ କରି ୨୩୮ ରନ୍‌ରେ ଆଗୁଆ ରହିଥିଲା। ଦଳ ପକ୍ଷରୁ ହ୍ୟାରୀ ବ୍ରୁକ ସର୍ବାଧିକ ୯୧, ଜୋର୍ଡାନ କକ୍ସ ୭୩, ଜୋ ରୁଟ୍ ୬୬, ଡାନ ଲରେନ୍ସ ୫୧ ରନ୍ କରିଥିଲେ। ପାକିସ୍ତାନ ପକ୍ଷରୁ ବାମହାତୀ ସ୍ପିନର ଅଲି ଉସ୍‌ମାନ ସର୍ବାଧିକ ୫ଟି, ପେସର ଖୁରମ ଶାହଜାଦ ୩ଟି ୱିକେଟ ପାଇଥିଲେ। ପାକିସ୍ତାନ ଦ୍ୱିତୀୟ ଇନିଂସରେ ୩୭.୩ ଓଭର ଖେଳି ମାତ୍ର ୧୩୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ୪ଜଣ ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ମହମ୍ମଦ୍ ରିଜୱାନ ସର୍ବାଧିକ ୪୧ ଓ ସାନ ମାସୁଦ ୨୯ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ ଆର୍ଚର, ଟଙ୍ଗ୍ ଓ ରବିନସନ ୩ଟି ଲେଖାଏଁ ୱିକେଟ ନେଇ ଇଂଲଣ୍ଡକୁ ବୃହତ୍ ବିଜୟ ଭେଟିଦେଇଥିଲେ।

## କଳିଙ୍ଗରେ ଲନ୍ ବଲ୍ କୋର୍ଟ ଲାଗି ଦାବି



ଭୁବନେଶ୍ୱର,୨୧।୮ (ସମିସ): ରାଜ୍ୟରେ ଆଉ ଏକ ନୂଆ ଖେଳ ଭାବେ ପ୍ରସାର ଲାଭ କରିଥିବା ଲନ୍ ବଲ୍‌ରେ ଏକ ସ୍ଥାୟୀ କୋର୍ଟ କଳିଙ୍ଗ ଷ୍ଟାଡିୟମ୍‌ରେ ନିର୍ମାଣ କରିବାକୁ ଓଡ଼ିଶା ରାଜ୍ୟ ବୋଲିଂ ସଂଘ ପକ୍ଷରୁ ଦାବି କରାଯାଇଛି। ଭୁବନେଶ୍ୱର ଓ ବଲାଙ୍ଗିରରେ ଲନ୍‌ବଲ୍ କୋର୍ଟ ନିର୍ମାଣ କରିବା ଲାଗି ସରକାର ପ୍ରତିଶ୍ରୁତି ଦେଇଥିଲେ। ବଲାଙ୍ଗିରରେ ଏହି କୋର୍ଟକୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଛନ୍ତି। କିନ୍ତୁ ଭୁବନେଶ୍ୱରରେ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଏଣୁ ଭୁବନେଶ୍ୱରରେ ଏକ ଲନ୍ ବଲ କୋର୍ଟ ନିର୍ମାଣ କରିବାକୁ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିକଟରେ ସଂଘର ରାଜ୍ୟ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଓ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ସୁରେଶ ସ୍ୱାଇଁ ଦାବିପତ୍ର ଦେଇଛନ୍ତି।

■ ସିନ୍‌ସିନାଟି ଓପନ୍

## ପେଗୁଲା-ସ୍ୱିଆଟେକ ସେମି ଲଢ଼େଇ

ଓହିହୋ, ୨୧।୮ (ଏଜେନ୍ସି): ଦୁଇ ତାରକା ଖେଳାଳି ଜେସିକା ପେଗୁଲା ଓ ଇଗା ସ୍ୱିଆଟେକଙ୍କ ମଧ୍ୟରେ ଚଳିତ ସିନ୍‌ସିନାଟି ଓପନ୍‌ର ସେମିଫାଇନାଲ ଶନିବାର ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ଲଢ଼େଇରେ ୩ୟ ସିଡ୍ ଘରୋଇ ଆମେରିକାର ପେଗୁଲା ୬-୪, ୨-୬, ୭-୬ (୭/୪) ସେଟରେ ସାଥୀ ଖେଳାଳି ଆମଣ୍ଡା ଆନିସିମୋଭାଙ୍କୁ ହରାଇଥିଲେ। ସେହିଭଳି ୭ମ ସିଡ୍ ସ୍ୱିଆଟେକ ଓ କାଜାଖସ୍ତାନର ଏଲିନା ରିବାକିନାଙ୍କ ମଧ୍ୟରେ ଅନ୍ୟ ଏକ କ୍ୱାର୍ଟର ଖେଳାଯାଇଥିଲା। ତେବେ ପୋଲାଣ୍ଡ ତାରକା ସ୍ୱିଆଟେକ ଏହି ମ୍ୟାଚର ପ୍ରଥମ ସେଟରେ ୪-୧ରେ ଅଗ୍ରଣୀ ରହିଥିବାବେଳେ ରିବାକିନା ଗୋଇଠିରେ ଆଘାତ ଲାଗିଥିଲା। ଫଳରେ ସେ ରିଟାୟର୍ଡ ନେଇଥିଲେ।

## ବ୍ୟାଡ୍‌ମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍

# ପ୍ରଥମ ପଦକ ପକ୍କା କଲେ ତ୍ରିଶା-ଗାୟତ୍ରୀ



ନୂଆଦିଲ୍ଲୀ,୨୧।୮ (ଏଜେନ୍ସି): ଭାରତର ମହିଳା ଯୁଗଳ ଯୋଡି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡି ଏଠାରେ ଚାଲିଥିବା ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍‌ରେ ପ୍ରଥମ ପଦକ ଜିତିବା ସ୍ପଷ୍ଟ କରିଛନ୍ତି। ଆଜି ଖେଳାଯାଇଥିବା ମହିଳା ଯୁଗଳ କ୍ୱାର୍ଟର ଫାଇନାଲରେ ତ୍ରିଶା ଓ ଗାୟତ୍ରୀଙ୍କ ଯୋଡି ୨-୧ ସେଟ୍‌ରେ ବିଶ୍ୱର ୪ ନମ୍ବର ମାନ୍ୟତାପ୍ରାପ୍ତ ଚୀନ୍ ଯୋଡି ୟି ଫାନ୍ ଜିଆ ଓ ଶୁ ଜିଆନ୍ ଝାଙ୍ଗଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବ୍ୟାଡମିଣ୍ଟନ ବିଶ୍ୱଚାମ୍ପିଅସିପ୍‌ର ନିୟମ ଅନୁଯାୟୀ ସେମିଫାଇନାଲରେ ପ୍ରବେଶ କରିଥିବା ଯେ କୌଣସି ଖେଳାଳିଙ୍କୁ ପଦକ (ଅତିକମ୍‌ରେ କାଂସ୍ୟ) ମିଳିବ। ଏଣୁ ଭାରତୀୟ ଯୋଡି ତ୍ରିଶା-ଗାୟତ୍ରୀ ୧୫ ବର୍ଷ ପରେ ଭାରତ ଲାଗି ମହିଳା ଯୁଗଳ ବିଭାଗରେ ପଦକ ଜିତିବା ସ୍ପଷ୍ଟ କରିଛନ୍ତି। ୨୦୧୧ ବିଶ୍ୱଚାମ୍ପିଅନସିପ୍‌ରେ ଶେଷଥର ଲାଗି ଭାରତୀୟ ଯୋଡି ଏହି କାଟାଗୋରୀରେ ପଦକ ହାସଲ କରିଥିଲେ। ଏହି ବର୍ଷ ଜ୍ୱାଲା ଗୁଟ୍ଟା ଓ ଅଶ୍ୱିନ ପୋନ୍ନାପ୍ପାଙ୍କ ଯୋଡି ସେମିଫାଇନାଲରେ ପରାଜିତ ହେବା ସହ କାଂସ୍ୟ ପଦକ ହାସଲ କରିଥିଲେ।

ଭାରତର କିଂବଦନ୍ତୀ ବ୍ୟାଡମିଣ୍ଟନ ଖେଳାଳି ପୁଲେଲା ଗୋପୀଚାନ୍ଦଙ୍କ ଝିଅ ଗାୟତ୍ରୀ ଓ ତ୍ରିଶା ଜଲି ଯୁବ ଖେଳାଳି ହୋଇଥିଲେ ମଧ୍ୟ କ୍ୱାର୍ଟର ଫାଇନାଲରେ ଦୁଃସାହସିକ କ୍ରୀଡ଼ା ପ୍ରଦର୍ଶନ କରିଥିଲେ। ବିଶ୍ୱରେ ଏମାନଙ୍କ ମାନ୍ୟତର ୩୯ ଓ ପ୍ରଥମ ସେଟ୍‌ରେ ଆକ୍ରମଣ କରିବାକୁ ଯାଇ କିଛି ତ୍ରୁଟି କରିଥିଲେ ଓ ୧୬-୨୧ରେ ପ୍ରଥମ ସେଟ୍‌କୁ ପରାଜିତ ହୋଇଥିଲେ। ଦ୍ୱିତୀୟ ସେଟ୍‌ରେ କିନ୍ତୁ ଭାରତୀୟ ଯୋଡି ଆରମ୍ଭରୁ କୌଣସି ସୁଯୋଗ ଦେଇ ନ ଥିଲେ। ଅଭିଜ୍ଞ ଚୀନା ଯୋଡି କିନ୍ତୁ ଛାଡିବାର ନୁହଁନ୍ତି। ଦ୍ୱିତୀୟ ସେଟ୍ ୧୦-୧୦ ସମାନସ୍ତରରେ ଥିଲାବେଳେ ଚୀନ ଯୋଡିଙ୍କ ଏକ ତ୍ରୁଟିରୁ ଫାଇଦା ଉଠାଇ ଭାରତୀୟ ଯୋଡିଙ୍କ ସ୍କୋର ୧୧-୧୦ ହୋଇଥିଲା। ଏହା ପରେ କ୍ରମାଗତ ୫ ପଏଣ୍ଟ ହାସଲ କରିବା ସହ ୨୧-୧୬ରେ ଦ୍ୱିତୀୟ ସେଟ୍‌କୁ ଜିତିନେଇ ବରାବର ସ୍ଥିତିରେ ପହଞ୍ଚିଯାଇଥିଲେ। ଏହା ଫଳରେ ତୃତୀୟ ସେଟ୍‌ରେ ଯିଏ ବିଜୟୀ ହେବେ ସେମାନେ ସେମିଫାଇନାଲକୁ ଯିବେ। କଠିନ ପରିଶ୍ରମ ଓ ଶୃଙ୍ଖଳାର ସହ ଖେଳୁଥିବା ତ୍ରିଶା-ଗାୟତ୍ରୀଙ୍କ ଯୋଡି ତୃତୀୟ ସେଟ୍‌ରେ ମଧ୍ୟ ତାଙ୍କ ଚମକ ଦେଖାଇଥିଲେ। ତୃତୀୟ ତଥା ନିର୍ଣ୍ଣାୟକ ସେଟ୍‌କୁ ୨୧-୧୩ରେ ଜିତିବା ସହ ମ୍ୟାଚ୍‌କୁ କବ୍‌ଜା କରି ଇତିହାସ ସୃଷ୍ଟି କରିଥିଲେ। ଅପରପକ୍ଷରେ ଶୁକ୍ରବାର ଖେଳାଯାଇଥିବା ପୁରୁଷ ଡବଲ୍ସ ମ୍ୟାଚରେ ଭାରତକୁ ଜୋରଦାର ଝଟକା ଲାଗିଛି। ପ୍ରମୁଖ ପଦକ ଦାବିକାର ଭାରତର ସାତ୍ତ୍ୱିକସାଇରାଜ ରାନକୀରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି କ୍ୱାର୍ଟର ଫାଇନାଲରେ ହାରି ବିଦାୟ ନେଇଛନ୍ତି। ଏହି ଭାରତୀୟ ଯୋଡ଼ି ୧୮-୨୧, ୯-୨୧ ଗେମରେ ଚାଇନାର ଲିଆଙ୍ଗ ଓ ୱାଙ୍ଗ ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ।

ଜାତୀୟ ଜଳକ୍ରୀଡ଼ା

## ପଦକରେ କର୍ଣ୍ଣାଟକର ଅର୍ଦ୍ଧଶତକ

ଭୁବନେଶ୍ୱର, ୨୧।୮ (ସମିସ): କ୍ରମାଗତ ଚତୁର୍ଥ ଦିନ ଲାଗି କର୍ଣ୍ଣାଟକ ଓ ମହାରାଷ୍ଟ୍ରର ସନ୍ତରଣକାରୀମାନେ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୫୨ତମ ଜାତୀୟ ଜୁନିଅର ଜଳକ୍ରୀଡ଼ାରେ ସେମାନଙ୍କ ଦବ୍‌ଦବା ଜାରି ରଖିଛନ୍ତି। ଶୁକ୍ରବାର ଏଗାରଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିବାବେଳେ ମହାରାଷ୍ଟ୍ର ୩ ଓ କର୍ଣ୍ଣାଟକ ୨ଟି ସ୍ୱର୍ଣ୍ଣ ପଦକ ଜିତିଛି। ଫଳରେ କର୍ଣ୍ଣାଟକର ପଦକ ସଂଖ୍ୟା ଅର୍ଦ୍ଧଶତକ ଛୁଇଁଛି। କର୍ଣ୍ଣାଟକ ସନ୍ତରଣକାରୀମାନେ ବର୍ତ୍ତମାନ ସୁଦ୍ଧା ୫୨ଟି ପଦକ ହାସଲ କରିସାରିଛନ୍ତି। ଯେଉଁଥିରେ ୨୪ ସ୍ୱର୍ଣ୍ଣ, ୨୦ ରୌପ୍ୟ ଓ ୮ କାଂସ୍ୟ ପଦକ ରହିଛି। ସେହିଭଳି ମହାରାଷ୍ଟ୍ର ୧୨ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଓ ୧୬ଟି କାଂସ୍ୟ ସହ ମୋଟ୍ ୪୦ ପଦକ ଜିତିସାରିଛି। ଚାରୋଟି ସ୍ୱର୍ଣ୍ଣ ସହ ୨୨ ପଦକ ଜିତି ତାମିଲନାଡୁ ତାଲିକାର ତୃତୀୟ ସ୍ଥାନରେ ରହିଛି। ତେବେ ପ୍ରତିଯୋଗିତା ଆଉ ୨ ଦିନ ବାକି ରହିଥିବାବେଳେ ଆୟୋଜକ ଓଡ଼ିଶା ସନ୍ତରଣକାରୀମାନେ ପଦକ ଖାତା ଖୋଲି ନ ପାରିବା ନିରାଶ କରିଛି।

## ଗ୍ରାଣ୍ଡସ୍ଲାମ ଇତିହାସରେ ରେକର୍ଡ ପୁରସ୍କାର

# ଏଥର ୟୁଏସ୍ ଓପନ୍‌ରେ ଦିଆଯିବ ୧୦୩୩ କୋଟି

ନ୍ୟୁୟର୍କ, ୨୧।୮ (ଏଜେନ୍ସି): ଚଳିତ ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ୟୁଏସ୍ ଓପନ୍‌ର ୧୪୬ତମ ସଂସ୍କରଣ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ମେଗା ଇଭେଣ୍ଟରେ ଏଥର ରେକର୍ଡ ମୋଟ୍ ୧୦୮ ମିଲିୟନ ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବ। ଯାହାକି ଭାରତୀୟ ମୁଦ୍ରାରେ ୧୦୩୩ କୋଟି ୫୦ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ଟେନିସ କ୍ରୀଡ଼ା ଇତିହାସରେ ଏତେ ବିଶାଳ ପରିମାଣର ପୁରସ୍କାର ରାଶି ପ୍ରଦାନ କରାଯିବାରେ ଏହା ରେକର୍ଡ ହୋଇଛି। ଗତ ୨୦୨୫ ମସିହାରେ ଅନୁଷ୍ଠିତ ସଂସ୍କରଣଠାରୁ ଏଥର ମୋଟ୍ ପୁରସ୍କାର ରାଶିରେ ୨୦ ପ୍ରତିଶ୍ରତ ବୃଦ୍ଧି କରାଯାଇଛି। ଗତବର୍ଷ ମୋଟ୍ ପୁରସ୍କାର ବାବଦକୁ ୯୦ ମିଲିୟନ ଡଲାର ପ୍ରଦାନ କରାଯାଇଥିଲା।

ଏଥର ୟୁଏସ୍ ଓପନ୍‌ରେ ପୁରୁଷ ଓ ମହିଳା ସିଙ୍ଗଲ୍ସ ଚାମ୍ପିଅନ ହେବାକୁ ଥିବା ଖେଳାଳିଙ୍କୁ ୫.୫ ମିଲିୟନ ଡଲାର (୫୨ କୋଟି ୬୨ ଲକ୍ଷ ଟଙ୍କା) ଲେଖାଏ ଅର୍ଥରାଶି ଘରକୁ ନେଇଯିବେ। ଯାହା ଗତବର୍ଷଠାରୁ ୧୦ ପ୍ରତିଶତ ଅଧିକ। ସେହିଭଳି ଫାଇନାଲରେ ପରାସ୍ତ ହୋଇଥିବା ଖେଳାଳିଙ୍କୁ ୨.୮ ମିଲିୟନ ଡଲାର ତଥା ୨୬.୭୯ କୋଟି ଟଙ୍କା ମିଳିବ। ସେମିଫାଇନାଲରେ ପରାସ୍ତ ହୋଇଥିବା ଖେଳାଳି ୧୩.୮୭ କୋଟି, କ୍ୱାର୍ଟରରୁ ବିଦାୟ ନେଇଥିବା ଖେଳାଳି ୭.୪୬ କୋଟି, ରାଉଣ୍ଡ-୧୬ ଅର୍ଥାତ୍ ପ୍ରି-କ୍ୱାର୍ଟରରେ ହାରିଥିବା ଖେଳାଳିଙ୍କୁ ୪.୫୯ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ଶୁକ୍ରବାର ଆୟୋଜକ ୟୁଏସ୍ ଟେନିସ୍ ସଂଘ ପକ୍ଷରୁ କୁହାଯାଇଛି। ସେହିଭଳି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ରାଉଣ୍ଡରେ ହାରିଥିବା ଖେଳାଳିଙ୍କୁ ଯଥାକ୍ରମେ ୧.୩୩, ୧.୮୧ ଓ ୨.୭୭ କୋଟି ଟଙ୍କା ପ୍ରଦାନ କରାଯିବ।

ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍

# ଆଜି କଳିଙ୍ଗରେ ବିଶ୍ୱ କ୍ରୀଡ଼ାବିତ୍‌ଙ୍କ ମେଳି

ଭୁବନେଶ୍ୱର, ୨୧।୮ (ସମିସ)



ଶ୍ରାବଣୀ ନନ୍ଦ

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଶନିବାର ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ଲେଭଲ୍ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ। ବିଶ୍ୱ ଦୌଡ଼କୁଦ ମହାସଂଘର ଏହି ଏକଦିବସୀୟ ପ୍ରତିଯୋଗିତାରେ ବିଶ୍ୱର ୨୭ଟି ଦେଶର ୧୮୭ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ। ଫଳରେ କଳିଙ୍ଗରେ ବିଶ୍ୱ ଦୌଡ଼କୁଦ ଜଗତର କିଛି ଶ୍ରେଷ୍ଠ କ୍ରୀଡ଼ାବିତ୍‌ଙ୍କ ମେଳି ଶନିବାର ଓଡ଼ିଆ କ୍ରୀଡ଼ାପ୍ରେମୀ ଦେଖିବାକୁ ପାଇବେ। ଯେଉଁଥିରେ ଘରୋଇ ଭାରତର ୮୮ଜଣ ଆଥଲେଟ୍ ରହିଛନ୍ତି। ସେହିଭଳି ଆୟୋଜକ ଓଡ଼ିଶାର ୬ଜଣ କ୍ରୀଡ଼ାବିତ୍ ଘରୋଇ ମାଟିରେ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରି ପୋଡିୟମ ଫିନିଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେମାନେ ହେଲେ ତାରକା ସ୍ପ୍ରିଣ୍ଟର ଅନିମେଶ କୁଜୁର (ପୁରୁଷ ୧୦୦ମିଟର), କିଶୋର କୁମାର ଜେନା (ଜାଭେଲିନ ଥ୍ରୋ), ବାପି ହାଁସଦା (ପୁରୁଷ ୪୦୦ ମିଟର), ସ୍ୱାଧୀନ କୁମାର ମାଝୀ (ହାଇଜମ୍ପ) ଏବଂ ମହିଳାରେ ଶ୍ରାବଣୀ ନନ୍ଦ (୧୦୦ମିଟର) ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ (୧୦୦ମିଟର ହର୍ଡଲ୍ସ)। ଉଭୟ ପୁରୁଷ ଓ ମହିଳା ବିଭାଗରେ ୯ଟି ଲେଖାଏ ଇଭେଣ୍ଟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଭାରତୀୟ ଆଥଲେଟ୍‌ଙ୍କ ମଧ୍ୟରେ ସ୍ପ୍ରିଣ୍ଟର ଗୁରିନ୍ଦରବୀର ସିଂହ, ହର୍ଡଲ୍ସ ତାରକା ଜ୍ୟୋତି ୟାରାଜୀ, ସଟ୍ ପୁଟ୍‌ରେ ତାଜିନ୍ଦରପାଲ୍ ସିଂହ ତୁର, ପୁରୁଷ ଲଙ୍ଗଜମ୍ପରେ ମୁରଲୀ ଶ୍ରୀଶଙ୍କରଙ୍କ ଉପରେ ନଜର ରହିବ। ନିକଟରେ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଶ୍ରୀଶଙ୍କର ରୌପ୍ୟ ପଦକ ବିଜୟୀ ହୋଇଥିଲେ। ସେହିଭଳି ଗ୍ଲାସଗୋରେ ନିରାଶ କରିଥିବା ଗୁରିନ୍ଦରବୀର, ଅନିମେଶ, ତୁର ମଧ୍ୟ ଏଠାରେ ପୋଡିୟମ ଫିନିଶ କରି ଆଗାମୀ ଏସୀୟ କ୍ରୀଡ଼ା ପୂର୍ବରୁ ମନୋବଳ ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ଏଠାରେ ଆକର୍ଷଣରେ ରହିବେ ବ୍ରାଜିଲର ଶଟ୍ ପୁଟ ଥ୍ରୋୟର ଚୁକୁଏବୁକା କୋର୍ନେଲ୍ସ। ନିକଟରେ ସେ ଗ୍ଲାସଗୋରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଏହି ପ୍ରତିଯୋଗିତା ଲାଗି ପାଖାପାଖି ୭୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି।

### ପ୍ରମୁଖ କ୍ରୀଡ଼ା ଇଭେଣ୍ଟର ଆରମ୍ଭ ସମୟ

| ଇଭେଣ୍ଟ | ଆରମ୍ଭ |
|---|---|
| ପୁରୁଷ ୧୦୦ମିଟର ଫାଇନାଲ-ଏ | ସନ୍ଧ୍ୟା ୬ଟା ୨୦ |
| ପୁରୁଷ ୧୦୦ମି. ଫାଇନାଲ-ବି | ସନ୍ଧ୍ୟା ୬ଟା ୩୫ |
| ମହିଳା ୧୦୦ମିଟର ଫାଇନାଲ-ଏ | ସନ୍ଧ୍ୟା ୫ଟା ୫୦ |
| ପୁରୁଷ ୧୦୦ମିଟର ଫାଇନାଲ-ବି | ସନ୍ଧ୍ୟା ୬ଟା ୦୫ |
| ପୁରୁଷ ୪୦୦ମିଟର ଫାଇନାଲ-ଏ | ରାତି ୭ଟା ୧୫ |
| ପୁରୁଷ ୪୦୦ମିଟର ଫାଇନାଲ-ବି | ରାତି ୭ଟା ୩୦ |
| ମହିଳା ୪୦୦ ମିଟର ଫାଇନାଲ | ରାତି ୭ଟା |
| ପୁରୁଷ ୧୧୦ ମିଟର ହର୍ଡଲ୍ସ ଫାଇନାଲ | ଅପରାହ୍ଣ ୪ଟା ୩୫ |
| ମହିଳା ୧୦୦ମିଟର ହର୍ଡଲ୍ସ ଫାଇନାଲ | ଅପରାହ୍ଣ ୪ଟା ୫୫ |
| ପୁରୁଷ ୮୦୦ ମିଟର ଫାଇନାଲ | ସନ୍ଧ୍ୟା ୫ଟା ୧୦ |
| ମହିଳା ୧୫୦୦ମିଟର ଫାଇନାଲ | ସନ୍ଧ୍ୟା ୫ଟା ୨୫ |
| ମହିଳା ଜାଭେଲିନ ଥ୍ରୋ | ସନ୍ଧ୍ୟା ୫ଟା ୩୦ |
| ପୁରୁଷ ଜାଭେଲିନ ଥ୍ରୋ | ରାତି ୭ଟା ୧୦ |

**ଆରମ୍ଭ:** ଅପରାହ୍ଣ ୪ଟା
**ପ୍ରସାରଣ:** ଆଥ୍‌ଲେଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆର ୟୁ-ଟ୍ୟୁବ୍ ଚ୍ୟାନେଲ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS